# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୧/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, September 11/2025 | Page 14 | ₹ 7.00

୫୧ଶ ଭାଗ ୨୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 287 | ମୂଲ୍ୟ ₹୭/-




**ଲାରି ଏଲିସନ ସବୁଠୁ ଧନୀ ବ୍ୟକ୍ତି**

ବ୍ଲୁମବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁଯାୟୀ, ଓରାକଲ୍‌ର ସହ ପ୍ରତିଷ୍ଠାତା ଲାରି ଏଲିସନ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ହୋଇଛନ୍ତି। ସେ ଟେସ୍‌ଲା ସିଇଓ ଏଲନ୍ ମସ୍କଙ୍କୁ ପଛରେ ପକାଇଛନ୍ତି।

୦୨

୧୪

**ପଦକ ନିଶ୍ଚିତ କଲେ ନୂପୁର**

ଲିଭରପୁଲରେ ଅନୁଷ୍ଠିତ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତ ପାଇଁ ପ୍ରଥମ ପଦକ ନିଶ୍ଚିତ କରିଛନ୍ତି ହେଭିୱେଟ ବକ୍ସର ନୂପୁର ଶେଓରାନ।



## ସାର ପାଇଁ 'ଆଧାର' ଧାଡ଼ି





ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପାକ୍ସ ସମ୍ମୁଖରେ ୟୁରିଆ ସାର ନେବା ପାଇଁ ଚାଷୀମାନେ ବୁଧବାର ଭୋରରୁ ସେମାନଙ୍କର ଆଧାର କାର୍ଡକୁ ଲମ୍ବାଧାଡ଼ିରେ ରଖି ଅପେକ୍ଷା କରିଛନ୍ତି।

# ଭୁବନେଶ୍ୱର 'ନ୍ୟୁ ସିଟି'କୁ ଅନୁମୋଦନ

**ଭୁବନେଶ୍ୱରରେ 'ନ୍ୟୁ ସିଟି' ଉନ୍ନୟନ ଯୋଜନାକୁ ଅନୁମୋଦନ ସାଙ୍ଗକୁ ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା, ଆମ୍ବୁଲାନ୍ସ ସେବାକୁ ଅଧିକ ଗତିଶୀଳ କରିବା ଆଦି ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ରାଜ୍ୟ କ୍ୟାବିନେଟ୍ ବୁଧବାର ମୋହର ମାରିଛି।**

ଭୁବନେଶ୍ୱର,୧୦।୯ (ରବିନାରାୟଣ ଜେନା)

**ରାଜ୍ୟ କ୍ୟାବିନେଟ୍‌ରେ ୫ ପ୍ରସ୍ତାବକୁ ମୋହର**

ରାଜଧାନୀ ଭୁବନେଶ୍ୱରରେ ଗଢ଼ିଉଠିବ ଆଉ ଏକ ନୂଆ ସହର। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କିଛିଦିନ ତଳୁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବୁଧବାର ରାଜ୍ୟ କ୍ୟାବିନେଟ୍‌ର ମୋହର ବାଜିଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ଭୁବନେଶ୍ୱର ପାଇଁ 'ନୂଆ ସହର ଉନ୍ନୟନ'(ନ୍ୟୁ ସିଟି) ଯୋଜନାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହି ପ୍ରକଳ୍ପ ଗୋଠପାଟଣା, ମଲିପଡ଼ା ଓ ଦାଶପୁର ଅଞ୍ଚଳର ପ୍ରାୟ ୮୦୦ ଏକର ଜମିକୁ ନେଇ ହେବ। ଏହା ଏକ ବହୁ-ଅର୍ଥନୀତି ବୃଦ୍ଧି ଅଞ୍ଚଳ ରୂପେ ତିଆରିହେବ। 'ନୂଆ ସହର'ରେ ସମସ୍ତ ଆୟ ଶ୍ରେଣୀ ପାଇଁ ସାମର୍ଥ୍ୟ ଓ ଆବଶ୍ୟକତା ଅନୁସାରେ ବିଭିନ୍ନ ପ୍ରକାରର ଘର ଉପଲବ୍ଧ ହେବ। ଏହି ସହର ଆଧୁନିକ ସୁବିଧା ସୁଯୋଗ ସହ ତିଆରିହେବ, ଯେପରିକି ବୈଠକ, ପ୍ରୋତ୍ସାହନ, ସମ୍ମିଳନୀ ଓ ପ୍ରଦର୍ଶନୀ ପାଇଁ ସୁବିଧା, ନୂଆ ଆଇଡିଆ-ଆଧାରିତ କାର୍ଯ୍ୟକ୍ଷେତ୍ର ଓ ଡାଟା ପରିଚାଳନା କେନ୍ଦ୍ର। ଲୋକଙ୍କ ସାମାଜିକ ଆବଶ୍ୟକତା ପୂରଣ ପାଇଁ ସେଣ୍ଟ୍ରାଲ ଫରେଷ୍ଟ ପାର୍କ, ଗେଟ୍‌ୱେ ପ୍ଲାଜା ଓ ଅନେକ ଖୋଲା ସାର୍ବଜନୀନ ସ୍ଥାନ ତିଆରି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ପ୍ରକଳ୍ପ ଜଳବାୟୁ ସହନଶୀଳତା ଆଧାରିତ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନୋଡାଲ ଏଜେନ୍ସି ଭାବେ ନିଯୁକ୍ତ ହୋଇଛି। ୨୦୨୫ ଜାନୁଆରୀ ୧୭ରେ ସିଙ୍ଗାପୁର ରାଷ୍ଟ୍ରପତି ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଡିଏ ଓ ସିଙ୍ଗାପୁରର ସୁର୍ବାନା ଜୁରୋଙ୍ଗ ସଂସ୍ଥା (ଏସ୍‌ଜେଆଇ) ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ, ଏସ୍‌ଜେଆଇ ନୂଆ ସହର ବା 'ନ୍ୟୁ ସିଟି' ପାଇଁ ମାଷ୍ଟର ପ୍ଲାନ୍ ☞ପୃଷ୍ଠା-୪



ଭୁବନେଶ୍ୱର ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ୨୬ତମ ରାଜ୍ୟ କ୍ୟାବିନେଟ୍ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଧ୍ୟକ୍ଷତା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗତ ୨୫ଟି କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ୩୪ଟି ବିଭାଗର ୧୪୯ଟି ନିଷ୍ପତ୍ତିର ଅନୁପାଳନ ରିପୋର୍ଟକୁ ଉନ୍ମୋଚନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂଦେଓଙ୍କ ସମେତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା।

## ସରକାର କିଣିବେ ୪୨୮ ଆମ୍ବୁଲାନ୍ସ

**ଲାଗୁହେବ ପରୀକ୍ଷା ଫି'**

ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟତର କରିବା ଏବଂ ଯୋଗ୍ୟ ପ୍ରାର୍ଥୀଙ୍କୁ ପରୀକ୍ଷାରେ ସାମିଲ କରିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ୪୨୮ ଆମ୍ବୁଲାନ୍ସ କିଣିବା ସହିତ ଓଡ଼ିଶା ନିଯୁକ୍ତି ପରୀକ୍ଷା ଫି' ନିୟମରେ ପରିବର୍ତ୍ତନ ଲାଗି ନିଷ୍ପତ୍ତି ନେଇଛି। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ୮୬୬ ଆମ୍ବୁଲାନ୍ସ (୪୧୧ଟି ଏଏଲ୍‌ଏସ୍, ୪୪୯ଟି ବିଏଲ୍‌ଏସ୍ ଏବଂ ୬ଟି ବୋଟ୍ ଆମ୍ବୁଲାନ୍ସ) ରହିଛି। ☞ପୃଷ୍ଠା-୪

## ବିଡିଓ, ଯନ୍ତ୍ରୀଙ୍କ ଆର୍ଥିକ, ପ୍ରଶାସନିକ କ୍ଷମତା ବଢ଼ିଲା

ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଗ୍ରାମ ପଞ୍ଚାୟତ ସମିତିସ୍ତରରେ ବୃଦ୍ଧି ପାଇଥିବା ପାଣ୍ଠିର ପ୍ରବାହ ଓ ବିକାଶମୂଳକ କାର୍ଯ୍ୟର ପରିମାଣକୁ ଦୃଷ୍ଟିରେ ରଖି ଓଡ଼ିଶା ପଞ୍ଚାୟତ ସମିତି ହିସାବ ପ୍ରଣାଳୀ ନିୟମାବଳୀ-୨୦୦୨ ଅଧୀନରେ ନିର୍ଦ୍ଧାରିତ ବୈଷୟିକ ମଞ୍ଜୁରୀ ଓ ପ୍ରଶାସନିକ ଅନୁମୋଦନ କ୍ଷମତାକୁ ବୃଦ୍ଧି କରାଯାଇଛି। ଏଣିକି ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ)ମାନଙ୍କର ପଞ୍ଚାୟତସମିତି କାର୍ଯ୍ୟର ବିଲ୍ ପାସ୍ କରିବା ପାଇଁ ଆର୍ଥିକ କ୍ଷମତା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ମଇଁଷିର ସାଂସ୍କୃତିକ ମହତ୍ତ୍ୱ**


## ଅକ୍ଟୋବରରୁ ହୋଇପାରେ ଦେଶବ୍ୟାପୀ ଏସ୍‌ଆଇଆର୍

ନୂଆଦିଲ୍ଲୀ,୧୦।୯

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଦେଶବ୍ୟାପୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଆରମ୍ଭ ହୋଇପାରେ ବୋଲି ନିର୍ବାଚନ କମିଶନ (ଇସି)ଙ୍କ ସୂତ୍ରରୁ ଜଣାପଡ଼ିଛି। ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ମାନଙ୍କ ସହ ବୁଧବାର ଏସ୍‌ଆଇଆର୍ ପ୍ରକ୍ରିୟାର ପ୍ରସ୍ତୁତି ଆଲୋଚନା ବେଳେ ଏହି ପ୍ରସ୍ତାବକୁ କମିଶନ ସବୁଜ ସଙ୍କେତ ଦେଇଛନ୍ତି। ନିକଟରେ ନିର୍ବାଚନ କମିଶନ ବିହାର ବିଧାନସଭା ଭୋଟକୁ ଦୃଷ୍ଟିରେ ରଖି ଭୋଟର ତାଲିକାର ଏସ୍‌ଆଇଆର୍ ଆରମ୍ଭ କରିଥିଲେ। ସୂତ୍ରରୁ ଜଣାପଡ଼ିଛି, ବୁଧବାର ଅନୁଷ୍ଠିତ ସମ୍ମିଳନୀ-କର୍ମଶାଳାରେ ସିଇଓମାନଙ୍କୁ କେତେଶୀଘ୍ର ସେମାନେ ରିଭିଜନ୍ ପାଇଁ ପ୍ରସ୍ତୁତ ହୋଇପାରିବେ ବୋଲି ପ୍ରଶ୍ନ କରାଯାଇଥିଲା। ଅଧିକାଂଶ ଅଧିକାରୀ କହିଥିଲେ, ସେପ୍ଟେମ୍ବର ସୁଦ୍ଧା ମୌଳିକ କାର୍ଯ୍ୟ ସମ୍ପନ୍ନ ହେଲେ ଅକ୍ଟୋବରରେ ଏସ୍‌ଆଇଆର୍ ପାଇଁ ବାଟ ଫିଟିପାରେ। ସାଢ଼େ ୩ ଘଣ୍ଟା ଧରି ଚାଲିଥିବା ଆଲୋଚନା ବେଳେ ଏସ୍‌ଆଇଆର୍ ପାଇଁ ଲଜିଷ୍ଟିକ୍ ଓ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ରିଭିଜନ୍ ବେଳେ ମତଦାତାଙ୍କ କେଉଁସବୁ ଦସ୍ତାବିଜକୁ ଯାଞ୍ଚ ପାଇଁ ଗ୍ରହଣ କରାଯାଇପାରିବ ସେନେଇ ଏକ ତାଲିକା ପ୍ରସ୍ତୁତ କରିବାକୁ ସିଇଓମାନଙ୍କୁ ଇସି ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ତାଲିକାରେ ସଂଶୋଧନ କରି ମୃତ ବ୍ୟକ୍ତି, ସ୍ଥାୟୀ ଭାବେ ସ୍ଥାନାନ୍ତରିତ, ନକଲି ଭୋଟର, ଅଣନାଗରିକମାନଙ୍କ ନାମ ହଟାଇବା ଏବଂ ଯୋଗ୍ୟ ଭୋଟରଙ୍କୁ ତାଲିକାରେ ଯୋଡ଼ିବା ଏହି ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଇସି କହିଛନ୍ତି।

## ଚଳିତ ମାସରେ ଆସିବ ନୂଆ ଅବକାରୀ ନୀତି: ମନ୍ତ୍ରୀ

ଭୁବନେଶ୍ୱର, ୧୦।୯(ସୁନିତ୍ ମିଶ୍ର)

ଚଳିତ ମାସରେ ରାଜ୍ୟ ସରକାର ନୂଆ ଅବକାରୀ ନୀତି ଆଣିବେ। ନୂଆ ଅବକାରୀ ନୀତି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଦିନେ କିମ୍ବା ଦୁଇଦିନ ମଧ୍ୟରେ ଆଲୋଚନା ହେବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୃଥ୍ୱୀରାଜ କହିଛନ୍ତି, ନୂଆ ଅବକାରୀ ନୀତି ଲାଗୁ କରିବା ଲାଗି ରାଜ୍ୟ ସରକାର ସବୁ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବିଭାଗର ପ୍ରତିନିଧି ଦଳରେ କେତେଜଣ ଅଧିକାରୀ ଦୁଇଟି ରାଜ୍ୟକୁ ଯାଇ ସେମାନଙ୍କ ରାଜ୍ୟରେ ଲାଗୁ ହୋଇଥିବା ଅବକାରୀ ନୀତିକୁ ଅନୁଧ୍ୟାନକରି ଫେରିଛନ୍ତି। ଚଳିତ ମାସରେ ନୂଆ ଅବକାରୀ ନୀତି କାର୍ଯ୍ୟ ଶେଷ ହୋଇଯିବ। ନୂଆ ଅବକାରୀ ☞ପୃଷ୍ଠା-୪

# ଫ୍ରାନ୍ସରେ ତେଜିଲା ମାକ୍ରଁ ବିରୋଧୀ ଆନ୍ଦୋଳନ

**'ବ୍ଲକ୍ ଏଭ୍ରିଥିଙ୍ଗ୍': ୩୦୦ ଆନ୍ଦୋଳନକାରୀ ଗିରଫ**



ଫ୍ରାନ୍ସର ମାର୍ସିଲେରେ 'ବ୍ଲକ୍ ଏଭ୍ରିଥିଙ୍ଗ୍ ମୁଭ୍‌ମେଣ୍ଟ'ରେ ସାମିଲ ଆନ୍ଦୋଳନକାରୀ ବୁଧବାର ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି। (ଫଟୋ ସୌଜନ୍ୟ: ଏ.ପି.)

ପ୍ୟାରିସ୍,୧୦।୯

ସୋସିଆଲ ମିଡିଆ ନିଷିଦ୍ଧ ଭଳି କେତେକ ଜନବିରୋଧୀ ସରକାରୀ ପଦକ୍ଷେପ ପାଇଁ ନେପାଳରେ ଯୁବ, ଛାତ୍ର ଗୋଷ୍ଠୀ ଯେଭଳି ବ୍ୟାପକ ହିଂସା ଘଟାଇ ଶାସନ ପରିବର୍ତ୍ତନ ନିମନ୍ତେ ପରିବେଶ ସୃଷ୍ଟି କରିଛନ୍ତି, ସେଭଳି ସ୍ଥିତି ବୁଧବାର ୟୁରୋପୀୟ ଦେଶ ଫ୍ରାନ୍ସରେ ଘଟିଛି। ରାଜନୈତିକ ଅସ୍ଥିରତା ଏବଂ ଅର୍ଥନୀତି ଦୁଃସ୍ଥିତିରେ ଅତିଷ୍ଠ ଫ୍ରାନ୍ସବାସୀ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇ ହିଂସା ଘଟାଇଛନ୍ତି। 'ବ୍ଲକ୍ ଏଭ୍ରିଥିଙ୍ଗ୍' ମୁଭ୍‌ମେଣ୍ଟ ଚଳାଇ ଫ୍ରାନ୍ସ ନାଗରିକମାନେ ବ୍ୟାପକ ପୋଡ଼ାଜଳା କରିଛନ୍ତି। ସରକାରଙ୍କ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ଦମନ ପାଇଁ ବଳପ୍ରୟୋଗ ହୋଇଥିଲେ ମଧ୍ୟ ସ୍ଥିତି ନିୟନ୍ତ୍ରଣକୁ ଆସିପାରିନାହିଁ। ଏହି ଆନ୍ଦୋଳନ ପ୍ରତି ସ୍ୱତଃପ୍ରବୃତ୍ତ ଜନସମର୍ଥନ ଥିବାରୁ ମାକ୍ରଁ ସରକାର ପାଇଁ ବିପଦ ଘନେଇଛି।

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁଙ୍କ ବିରୋଧରେ ଦେଶରେ ପୁଣି ମୁଣ୍ଡ ଟେକିଛି ଆନ୍ଦୋଳନ। ମାକ୍ରଁ ନିଜ ଅନୁଗତ ତଥା ପ୍ରତିରକ୍ଷା ମନ୍ତ୍ରୀ ସେବାସ୍ତିଆନ୍ ଲେକୋର୍ନୁ(୩୯)ଙ୍କୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ବର୍ଷକ ମଧ୍ୟରେ ଦେଶରେ ଚତୁର୍ଥ ଥର ପ୍ରଧାନମନ୍ତ୍ରୀ ନିଯୁକ୍ତି, ରାଜନୈତିକ ଅସ୍ଥିରତା ଓ ଆର୍ଥିକ ନିଅଣ୍ଟ ସ୍ଥିତିକୁ ନେଇ କ୍ଷୁବ୍ଧ ଫରାସୀ ନାଗରିକମାନେ ବୁଧବାର ମାକ୍ରଁ ଏବଂ ତାଙ୍କ ☞ପୃଷ୍ଠା-୪




# ଗୁଜରାଟରେ ୨ ବର୍ଷରେ ୩୦୭ ଏସୀୟ ସିଂହଙ୍କ ମୃତ୍ୟୁ

**ଅହମଦାବାଦ, ୧୦।୯**

ଗତ ୨ ବର୍ଷ ମଧ୍ୟରେ ଗୁଜରାଟରେ ୩୦୭ ଏସୀୟ ସିଂହଙ୍କ ମୃତ୍ୟୁ ଘଟିଥିବା ନେଇ ବୁଧବାର ବିଧାନସଭାରେ ରାଜ୍ୟ ସରକାର ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ, ୨୦୨୩ ଅଗଷ୍ଟରୁ ୨୦୨୪ ଜୁଲାଇ ମଧ୍ୟରେ ରାଜ୍ୟରେ ୧୪୧ ସିଂହଙ୍କର ମୃତ୍ୟୁ ଘଟିଥିବାବେଳେ ୨୦୨୪ ଅଗଷ୍ଟରୁ ୨୦୨୫ ଜୁଲାଇ ମଧ୍ୟରେ ୧୬୬ ସିଂହଙ୍କର ମୃତ୍ୟୁ ଘଟିଛି। ଗିର୍ ଜାତୀୟ ଉଦ୍ୟାନ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରାକୃତିକ ମୃତ୍ୟୁ ସମେତ ରୋଗ, ଦୁର୍ଘଟଣା, ଆଭ୍ୟନ୍ତରୀଣ ଲଢ଼େଇ ଆଦି କାରଣ ଯୋଗୁ ମଧ୍ୟ ଅନେକ ସିଂହଙ୍କର ମୃତ୍ୟୁ ଘଟିଥିବା ଏହି ରିପୋର୍ଟରେ କୁହାଯାଇଛି। ସିଂହଙ୍କ ଅପ୍ରାକୃତ ମୃତ୍ୟୁକୁ ରୋକିବା ପାଇଁ ରାଜ୍ୟ ସରକାର ୩୭.୩୫ କୋଟି ଟଙ୍କା ଖର୍ଚ୍ଚ କରିଥିବା ସତ୍ତ୍ୱେ ଏତେ ସଂଖ୍ୟାରେ ସିଂହ ମୃତ୍ୟୁ ଗୁଜରାଟ ସରକାରଙ୍କ ସିଂହ ସଂରକ୍ଷଣ ରଣନୀତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମ୍ପ୍ରତି ଗୁଜରାଟର ୮ ଜିଲାରେ ୮୯୧ ସିଂହ ରହିଛନ୍ତି।



କାଠମାଣ୍ଡୁର ଏକ ଜେଲରୁ ଖସିଯାଇଥିବା କଏଦୀମାନଙ୍କୁ ଧରି ଜଣେ ନେପାଳୀ ସୈନ୍ୟ ଯାଉଛନ୍ତି।

# ଲାରି ଏଲିସନ ସବୁଠୁ ଧନୀ

**ନ୍ୟୁୟର୍କ, ୧୦।୯**



ସଫ୍ଟୱେର କମ୍ପାନୀ ଓରାକଲ୍‌ର ସହ ପ୍ରତିଷ୍ଠାତା ଲାରି ଏଲିସନ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ହୋଇଛନ୍ତି। ତାଙ୍କ ସମ୍ପତ୍ତି ଟେସ୍‌ଲା ସିଇଓ ଏଲନ ମସ୍କଙ୍କ ସମ୍ପତ୍ତିକୁ ଟପିଛି। ବୁଧବାର ପ୍ରକାଶିତ ବ୍ଲୁମବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁଯାୟୀ, ଏଲିସନଙ୍କ ସମ୍ପତ୍ତି ବଢ଼ି ୩୯୩ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି ମସ୍କଙ୍କ ସମ୍ପତ୍ତି ୩୮୫ ବିଲିୟନ ଡଲାର ରହିଛି। ଗତ ପ୍ରାୟ ବର୍ଷେ ଧରି ମସ୍କ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଥିଲେ। ସେ ୨୦୨୧ରେ ପ୍ରଥମ ଥର ପାଇଁ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ହୋଇଥିଲେ। ତେବେ ପରେ ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍ ଓ ଏଲ୍‌ଭିଏମ୍‌ଏଚ୍ ସିଇଓ ବର୍ନାଡ ଅର୍‌ନଲ୍ଟ କିଛି ସମୟ ପାଇଁ ମସ୍କଙ୍କୁ ପଛରେ ପକାଇ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ହୋଇଥିଲେ। ତେବେ ଗତ ବର୍ଷ ମସ୍କ ପୁଣିଥରେ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ହୋଇଥିଲେ। ଗତ ଜୁନ୍‌ରେ ବେଜୋସ୍ ଏବଂ ମାର୍କ ଜୁକରବର୍ଗଙ୍କୁ ପଛରେ ପକାଇ ଏଲିସନ ଧନୀ ତାଲିକାରେ ଦ୍ୱିତୀୟକୁ ଉନ୍ନୀତ ହୋଇଥିଲେ। ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଓରାକଲର ଶେୟାର ୪୫% ବଢ଼ିଥିବା ବେଳେ ଟେସ୍‌ଲାର ଶେୟାରରେ ୧୩% ହ୍ରାସ ଘଟିଛି। ୮୧ ବର୍ଷୀୟ ଏଲିସନ ସମ୍ପ୍ରତି ଓରାକଲର ଚେୟାରମ୍ୟାନ ଏବଂ ଚିଫ୍ ଟେକ୍ନୋଲୋଜି ଅଫିସର ଭାବେ କାର୍ଯ୍ୟ କରୁଛନ୍ତି।

# ଜେଲରୁ ୭ ହଜାର କଏଦୀ ଫେରାର

## ୫ ନେପାଳୀ କଏଦୀଙ୍କୁ ସୀମାରେ ଧରିଲା ଭାରତୀୟ ସଶସ୍ତ୍ର ବଳ

**କାଠମାଣ୍ଡୁ, ୧୦।୯ (ପି.ଟି.)**

ନେପାଳରେ ଜେନ୍‌ଜେଡ୍ ପକ୍ଷରୁ କରାଯାଉଥିବା ଆନ୍ଦୋଳନ ମଙ୍ଗଳବାର ହିଂସ୍ର ରୂପ ଧାରଣ କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଦେଶର ସେନା ପକ୍ଷରୁ ଦେଶବ୍ୟାପୀ କର୍ଫ୍ୟୁ ଏବଂ ବିଭିନ୍ନ କଟକଣା ଜାରି କରାଯାଇଛି। ବୁଧବାର ନେପାଳ ସେନା ପକ୍ଷରୁ ଏକ ବୟାନ ଜାରି କରି କୁହାଯାଇଛି, ଆନ୍ଦୋଳନ ହିଂସ୍ର ରୂପ ନେବାର ସୁଯୋଗ ନେଇ ବିଭିନ୍ନ ଅସାମାଜିକ ସଙ୍ଗଠନ ଏବଂ ବ୍ୟକ୍ତିମାନେ ଦେଶର ଅନେକ ସ୍ଥାନରେ ପୋଡ଼ାଜଳା, ଲୁଟ୍‌ପାଟ୍, ମହିଳାଙ୍କୁ ନିର୍ଯାତନା ଆଦିରେ ଲିପ୍ତ ରହୁଛନ୍ତି। ଏହା ଉପରେ ନେପାଳ ସେନାର କଡ଼ା ନଜର ରହିଛି। ଏହି ଘଟଣାଗୁଡ଼ିକୁ ରୋକିବା ପାଇଁ ଦେଶର ନାଗରିକମାନଙ୍କ ସହଯୋଗ ଆବଶ୍ୟକ। ତେଣୁ ଶାନ୍ତି ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ସ୍ଥାନରେ କର୍ଫ୍ୟୁ ଜାରି କରାଯାଇଛି। ସ୍ଥିତିର ଆକଳନକରି ବିଭିନ୍ନ ସ୍ଥାନରେ ଲାଗିଥିବା କର୍ଫ୍ୟୁକୁ ହଟାଯିବା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ସେନା କହିଛି। ଯେଉଁ ବ୍ୟକ୍ତିମାନେ ହିଂସା ସମୟରେ ବିଭିନ୍ନ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଆଦି ଲୁଟ୍ କରିଥିଲେ, ସେମାନେ ସେଗୁଡ଼ିକୁ ତୁରନ୍ତ ନିକଟସ୍ଥ ସୁରକ୍ଷା ସଂସ୍ଥାକୁ ହସ୍ତାନ୍ତର କରନ୍ତୁ। ସେହିପରି ସୁରକ୍ଷା ବଳର ପୋଷାକ ନ ପିନ୍ଧିବାକୁ ନାଗରିକମାନଙ୍କୁ ନେପାଳ ସେନା ଅନୁରୋଧ କରିଛି। ତେବେ ମଙ୍ଗଳବାର ହିଂସା ସମୟରେ ଦେଶର ବିଭିନ୍ନ ଜେଲରୁ ୭ ହଜାରରୁ ଅଧିକ କଏଦୀ ଖସି ପଳାଇଥିବା ନେଇ ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ କରିଛି। ପଶ୍ଚିମ ନେପାଳର ଏକ ଜେଲରେ ମଙ୍ଗଳବାର ସୁରକ୍ଷା କର୍ମୀଙ୍କ ସହ କଏଦୀଙ୍କ ସଂଘର୍ଷ ବେଳେ ୫ ଜଣ ନାବାଳକ କଏଦୀଙ୍କ ମୃତ୍ୟୁ ଘଟିଛି। ନେପାଳର ବିଭିନ୍ନ ଜେଲରୁ ଖସିଆସି ଭାରତରେ ପ୍ରବେଶ ପାଇଁ ଉଦ୍ୟମ କରୁଥିବା ବେଳେ ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ୫ ଜଣ କଏଦୀଙ୍କୁ ଗିରଫ କରିଛି। ନେପାଳରେ ଗତ ୨ ଦିନ ମଧ୍ୟରେ ଦେଖାଦେଇଥିବା ହିଂସାରେ ୩ ପୋଲିସଙ୍କୁ ମିଶାଇ ସମୁଦାୟ ୨୫ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ୬୩୩ ଜଣ ଆହତ ହୋଇଛନ୍ତି ବୋଲି ବୁଧବାର ନେପାଳ ଗୃହ ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ଦେଶବ୍ୟାପୀ ନେପାଳ ସେନାର କର୍ଫ୍ୟୁ

# ଅନ୍ତରୀଣ ପ୍ରଧାନମନ୍ତ୍ରୀ: ସୁଶୀଳା କାର୍କି ଜେନ୍-ଜେଡ୍‌ର ପସନ୍ଦ

**ନେପାଳରେ** ରାଜନୈତିକ ଅସ୍ଥିରତା ମଧ୍ୟରେ ବୁଧବାର ଜେନ୍-ଜେଡ୍ ବିକ୍ଷୋଭକାରୀଙ୍କ ପକ୍ଷରୁ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୫ ହଜାରରୁ ଅଧିକ ଯୁବତୀଯୁବକ ଯୋଗଦେଇଥିଲେ। ସାମ୍ପ୍ରତିକ ସ୍ଥିତି ଓ ଚ୍ୟାଲେଞ୍ଜଗୁଡ଼ିକ ବିଷୟରେ ବୈଠକରେ ଚର୍ଚ୍ଚା ହୋଇଥିଲା। ଦେଶର ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ନେପାଳ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କି(୭୩)ଙ୍କୁ ଏହି ବୈଠକରେ ସର୍ବାଧିକ ସମର୍ଥନ ମିଳିଛି। କାଠମାଣ୍ଡୁର ମେୟର ବାଲେନ୍ ଶାହଙ୍କ ନାମକୁ ନେଇ ମଧ୍ୟ ଏହି ବୈଠକରେ ଆଲୋଚନା ହୋଇଥିଲା। ତେବେ ସେ ଜେନ୍-ଜେଡ୍ ପକ୍ଷରୁ କରାଯାଇଥିବା କଲ୍‌କୁ ନ ଉଠାଇବାରୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ସୁଶୀଳାଙ୍କୁ ସର୍ବାଧିକ ସମର୍ଥନ ରହିଥିବା ଜଣାପଡ଼ିଛି। ସ୍ଥାନୀୟ ଗଣମାଧ୍ୟମର ସୂଚନା ମୁତାବକ, ସୁଶୀଳାଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ କରିବା ପାଇଁ ଜେନ୍-ଜେଡ୍‌ର ସମର୍ଥନ ପତ୍ରରେ ୨,୫୦୦ରୁ ଅଧିକ ଯୁବପିଢ଼ି ସ୍ୱାକ୍ଷର କରିସାରିଲେଣି। ଖୁବ୍‌ଶୀଘ୍ର ଜେନ୍-ଜେଡ୍‌ର ଏକ ଦଳ ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ସୁଶୀଳାଙ୍କ ନାମର ପ୍ରସ୍ତାବ ନେଇ ନେପାଳର ସେନାମୁଖ୍ୟଙ୍କ ସହ ଆଲୋଚନା କରିବ ବୋଲି ଜଣାପଡ଼ିଛି।



ନେପାଳ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କି।

ଅନ୍ତରୀଣ ପ୍ରଧାନମନ୍ତ୍ରୀ ପାଇଁ ଜେନ୍‌ଜେଡ୍‌ର ଏହି ପ୍ରସ୍ତାବକୁ ସୁଶୀଳା ସ୍ୱୀକାର କରିଛନ୍ତି। ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି, ଅନ୍ତରୀଣ ସରକାରର ନେତୃତ୍ୱ ନେବା ପାଇଁ ଦେଶର ଯୁବପିଢ଼ି ତାଙ୍କ ଉପରେ ବିଶ୍ୱାସ କରିଛନ୍ତି। ଏହି ଦାୟିତ୍ୱ ନିଭାଇବା ପାଇଁ ସେ ପ୍ରସ୍ତୁତ। ବିକ୍ଷୋଭରେ ପ୍ରଭାବିତ ପରିବାରକୁ ସହଯୋଗ ଯୋଗାଇବା ଏବେ ନେପାଳରେ ଶାନ୍ତି ଫେରାଇ ଆଣିବା ତାଙ୍କର ପ୍ରଥମ ପ୍ରାଥମିକତା ହେବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ସୁଶୀଳା ହେଉଛନ୍ତି ନେପାଳର ପ୍ରଥମ ମହିଳା ପ୍ରଧାନ ବିଚାରପତି। ସେ ୨୦୧୬ରେ ନେପାଳ ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତି ଭାବେ ଶପଥ ନେଇଥିଲେ।

# ଭାରତୀୟ ସମ୍ବିଧାନକୁ ନେଇ ଆମେ ଗର୍ବିତ

## ନେପାଳ ହିଂସାର ଦୃଷ୍ଟାନ୍ତ ଦେଲେ ସିଜେଆଇ

**ନୂଆଦିଲ୍ଲୀ, ୧୦।୯ (ପି.ଟି.)**

ପଡ଼ୋଶୀ ନେପାଳର ସଦ୍ୟ ଓ ଗତବର୍ଷ ବାଂଲାଦେଶରେ ଘଟିଥିବା ସାମ୍ବିଧାନିକ ଅଚଳାବସ୍ଥା ବୁଧବାର ସୁପ୍ରିମକୋର୍ଟ ଶୁଣାଣି ବେଳେ ସ୍ଥାନ ପାଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠରେ ଦୀର୍ଘ ସମୟ ଧରି ପ୍ରେସିଡେନ୍ସିଆଲ ରେଫରେନ୍ସ ଉପରେ ଶୁଣାଣି ଚାଲିଥିଲା। ବିଧାନସଭାରେ ପାରିତ ବିଧେୟକଗୁଡ଼ିକ ଉପରେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ସମ୍ମତି ନେଇ ସମୟସୀମା ସୁପ୍ରିମକୋର୍ଟ ଧାର୍ଯ୍ୟ କରିପାରିବେ କି ନାହିଁ ସେନେଇ ବିଚାର ଚାଲିଥିବାବେଳେ ସିଜେଆଇ ଗବଇ କହିଥିଲେ, ଆମେ ଆମ ସମ୍ବିଧାନକୁ ନେଇ ଗର୍ବିତ। ପଡ଼ୋଶୀ ଦେଶଗୁଡ଼ିକରେ କ'ଣ ସବୁ ଚାଲିଛି ଦେଖନ୍ତୁ। ନେପାଳକୁ ଆମେ ଦେଖିଲେ। ଏହା ଶୁଣି ପୀଠରେ ସାମିଲ ଥିବା ଜଷ୍ଟିସ୍ ବିକ୍ରମ ନାଥ କହିଥିଲେ, ହଁ ବାଂଲାଦେଶକୁ ମଧ୍ୟ ଆମେ ଦେଖିଛେ।

# ଭାରତକୁ ଆତଙ୍କ ରପ୍ତାନିକାରୀ ପାଠ ପଢ଼ାଇବା ଅନାବଶ୍ୟକ

**ନୂଆଦିଲ୍ଲୀ, ୧୦।୯ (ପି.ଟି.)**

ଆତଙ୍କବାଦ ପ୍ରସଙ୍ଗରେ ଭାରତ ଜାତିସଂଘ ମାନବ ଅଧିକାର ପରିଷଦରେ ପାକିସ୍ତାନକୁ ପୁଣି ଘେରିଛି। ବୈଶ୍ୱିକ ନିରାପତ୍ତା ପ୍ରତି ବିପଦ ସୃଷ୍ଟିକାରୀ ଆତଙ୍କବାଦୀଙ୍କୁ ତାଲିମ, ଆର୍ଥିକ ପ୍ରୋତ୍ସାହନ ଓ ଶରଣ ଦେଉଥିବା ଦେଶଠାରୁ ଭାରତ ଶିକ୍ଷାଲାଭ କରିବା ଆବଶ୍ୟକ ନୁହେଁ ବୋଲି ନୂଆଦିଲ୍ଲୀ ପକ୍ଷରୁ ପାକିସ୍ତାନ ଉଦ୍ଦେଶ୍ୟରେ କୁହାଯାଇଛି। ଜେନେଭାରେ ମଙ୍ଗଳବାର ମାନବାଧିକାର ପରିଷଦର ୬୦ତମ ଅଧିବେଶନରେ ଭାରତର ସ୍ଥାୟୀ ମିଶନ କାଉନ୍‌ସେଲର କ୍ଷୀତିଜ୍ ତ୍ୟାଗୀ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏପ୍ରିଲରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀମାନେ ପହଲଗାମ୍‌ରେ ପର୍ଯ୍ୟଟକଙ୍କ ଗଣହତ୍ୟାକୁ ତ୍ୟାଗୀ ସ୍ମରଣ କରାଇଦେଇଥିଲେ।

# ଲୁହଭରା ଆଖିରେ ନାଚିପାରିବୁନି

## ପ୍ରଧାନମନ୍ତ୍ରୀଙ୍କ ମଣିପୁର ଗସ୍ତକୁ କୁକି-ଜୁଙ୍କ ବିରୋଧ

**ଇମ୍ଫାଲ, ୧୦।୯**

୨୦୨୩ ମେ' ପରଠୁ ଜାତିଆଣ ହିଂସାରେ ଜଳୁଥିବା ମଣିପୁରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୩ରେ ପ୍ରଥମ ଥର ପାଇଁ ଗସ୍ତ କରିବେ। ତାଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଏକ ନୃତ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏହାକୁ କୁକି-ଜୁ ସମୁଦାୟର ଅନେକ ସଙ୍ଗଠନ ବିରୋଧ କରିଛନ୍ତି। ଅଶ୍ରୁପୂର୍ଣ୍ଣ ଆଖିରେ ଆମେ ନାଚିପାରିବୁ ନାହିଁ ବୋଲି ସେମାନେ କହିଛନ୍ତି। ଇମ୍ଫାଲ ହମର ଡିସ୍‌ପ୍ଲେସ୍‌ଡ କମିଟି କହିଛି, ପ୍ରଧାନମନ୍ତ୍ରୀ ସ୍ୱାଗତ ଉତ୍ସବରେ ଯୋଗଦେବା ପରିବର୍ତ୍ତେ ବିସ୍ଥାପିତ ଶିବିରକୁ ଯାଇ ହିଂସା ପ୍ରଭାବିତ ଲୋକଙ୍କ ସହ କଥା ହେବା ଉଚିତ। ସେହିପରି ଚୁରାଚାନ୍ଦପୁର ଜିଲାରେ ଗଙ୍ଗ୍‌ଟେ ଷ୍ଟୁଡେଣ୍ଟ୍ସ ଅର୍ଗାନାଇଜେଶନ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି, ଆମ ଦୁଃଖ ସରିନାହିଁ, କ୍ଷତ ବି ଶୁଖିନାହିଁ। ଆଖିରେ ଲୁହ ଧରି ଆମେ ଖୁସିରେ ନୃତ୍ୟ କରିପାରିବୁ ନାହିଁ। ତେବେ ଆଉ କେତେକ ସଙ୍ଗଠନ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ସ୍ୱାଗତ କରିଛନ୍ତି। ପ୍ରକାଶ ଯେ, ମଣିପୁର ହିଂସାରେ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଥିବା ସରକାରୀ ଭାବେ କୁହାଯାଉଥିଲେ ମଧ୍ୟ ମୃତକଙ୍କ ପ୍ରକୃତ ସଂଖ୍ୟା ଆହୁରି ଅଧିକ ହୋଇପାରେ। ଏହି ହିଂସା ନିୟନ୍ତ୍ରଣକୁ ଆଣିବାରେ ବିଫଳ ଏନ୍. ବୀରେନ୍ ସିଂ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରଠାରୁ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ରହିଛି।

# ଭାରତ-ଆମେରିକା ଟ୍ରେଡ୍ ଡିଲ୍: ପୁଣି ଚାଲିବ ଆଲୋଚନା

**ୱାଶିଂଟନ/ନୂଆଦିଲ୍ଲୀ, ୧୦।୯ (ପି.ଟି./ରଏଟର୍ସ)**

ଭାରତ ସହ ଆମେରିକା ବାଣିଜ୍ୟ ଚୁକ୍ତି କରିବା ପାଇଁ ତାଙ୍କ ପ୍ରଶାସନ ଆଲୋଚନା ଜାରି ରଖିଥିବା ନେଇ ମଙ୍ଗଳବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୂଚନା ଦେଇଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସେ ଏ ସମ୍ପର୍କରେ ଆଲୋଚନା କରିବେ ବୋଲି କହିଛନ୍ତି। ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଟ୍ରମ୍ପ ୫୦% ଟାରିଫ୍ କଷିବା ପରଠୁ ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଥିବାବେଳେ ଦୁଇ ମହାନ୍ ଦେଶ ପାଇଁ ଏକ ସଫଳ ନିଷ୍କର୍ଷରେ ପହଞ୍ଚିବା କଠିନ ହେବନାହିଁ ବୋଲି ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବୁଧବାର Xରେ ଏହାର ସକାରାତ୍ମକ ଉତ୍ତର ଦେଇ କହିଛନ୍ତି, ୱାଶିଂଟନ୍ ଓ ନୂଆଦିଲ୍ଲୀ ଘନିଷ୍ଠ ବନ୍ଧୁ ତଥା ସ୍ୱାଭାବିକ ସହଯୋଗୀ। ଉଭୟ ଦେଶ ଯଥାଶୀଘ୍ର ସମ୍ଭବ ବାଣିଜ୍ୟ ଆଲୋଚନା ସମ୍ପୂର୍ଣ୍ଣ କରିବା ଦିଗରେ କାର୍ଯ୍ୟରତ। ସେ ମଧ୍ୟ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ କଥା ହେବା ପାଇଁ ଆଗ୍ରହୀ ଥିବା ମୋଦି ସୂଚନା ଦେଇଛନ୍ତି।

# କଞ୍ଜରଭେଟିଭ୍ ଇନ୍‌ଫ୍ଲୁଏନ୍ସର ଚାର୍ଲି କିର୍କଙ୍କୁ ଗୁଳି

**ୱାଶିଂଟନ୍, ୧୦।୯ (ରଏଟର୍ସ)**

ଦକ୍ଷିଣପନ୍ଥୀ କଞ୍ଜରଭେଟିଭ୍ ଇନ୍‌ଫ୍ଲୁଏନ୍ସର ତଥା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଭାବଶାଳୀ ସହଯୋଗୀ ଚାର୍ଲି କିର୍କଙ୍କୁ ବୁଧବାର ହତ୍ୟା ଉଦ୍ୟମ କରାଯାଇଛି। ଓରେମ୍‌ସ୍ଥିତ ଉଟାହ ଭ୍ୟାଲି ୟୁନିଭର୍ସିଟିରେ ଏକ କାର୍ଯ୍ୟକ୍ରମ ବେଳେ ତାଙ୍କ ଉପରକୁ ଗୁଳିମାଡ଼ କରାଯାଇଛି। ଗୁଳିମାଡ଼ରେ ଆହତ

## ସହଯୋଗୀଙ୍କ ପାଇଁ ପ୍ରାର୍ଥନା କଲେ ଟ୍ରମ୍ପ

କିର୍କଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କିଛି ସୂଚନା ମିଳିପାରି ନାହିଁ।

ଆମେରିକାର ସବୁଠୁ ବଡ଼ ରକ୍ଷଣଶୀଳ ଯୁବ ସଙ୍ଗଠନ 'ଟର୍ନି ପଏଣ୍ଟ ୟୁଏସ୍‌ଏ'ର ସହପ୍ରତିଷ୍ଠାତା ୩୧ ବର୍ଷୀୟ କିର୍କ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକ୍ରମକୁ ସମ୍ବୋଧନ କରୁଥିବାବେଳେ ହଠାତ୍ ଗୁଳିର ପ୍ରଚଣ୍ଡ ଶବ୍ଦରେ ସମସ୍ତେ ଥରିଉଠିଥିଲେ। କିର୍କ ନିଜ ହାତକୁ



ବେକକୁ ଧରିବାବେଳେ ଚେୟାରରୁ ଖସିପଡ଼ିଥିଲେ। ଉପସ୍ଥିତ ଲୋକେ ପ୍ରାଣବିକଳରେ ଧାଇଁବାରେ ଲାଗିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ନିକଟସ୍ଥ ଏକ କୋଠାରୁ ଗୁଳି କରାଯାଇଥିଲା। ଆକ୍ରମଣକାରୀ ବନ୍ଧୁକଧାରୀ ସନ୍ଦିଗ୍ଧଙ୍କୁ ଧରାଯାଇଛି ବୋଲି ୟୁନିଭର୍ସିଟି ମୁଖପାତ୍ର ରଏଟର୍ସକୁ ଏକ ଇ-ମେଲ୍ ଯୋଗେ ଜଣାଇଛନ୍ତି। ଆକ୍ରମଣ ପରେ ନୀଳରଙ୍ଗର ଶାର୍ଟ ପିନ୍ଧିଥିବା ଜଣେ ବୟସ୍କ ବ୍ୟକ୍ତିଙ୍କୁ ପୋଲିସ ଧରିନେଉଥିବା ବେଳର ଦୃଶ୍ୟ ସ୍ଥାନୀୟ ଚ୍ୟାନେଲ କେଏସ୍‌ଏଲ୍-ଟିଭିରେ ଦେଖିବାକୁ ମିଳିଛି। କିର୍କଙ୍କୁ ଗୁଳିମାଡ଼ ହୋଇଛି। ସବୁ ଦୃଷ୍ଟିରୁ ସେ ଜଣେ ମହାନ୍ ବ୍ୟକ୍ତି। ଆମେ ସମସ୍ତେ ତାଙ୍କ ପାଇଁ ପ୍ରାର୍ଥନା କରିବା। ଭଗବାନ କିର୍କଙ୍କୁ ଆଶୀର୍ବାଦ କରନ୍ତୁ ବୋଲି ରାଷ୍ଟ୍ରପତି ଟ୍ରମ୍ପ Xରେ ଉଲ୍ଲେଖ କରିଛନ୍ତି। ଆକ୍ରମଣସ୍ଥଳରେ ଏଫ୍‌ବିଆଇ ଏଜେଣ୍ଟଙ୍କଠାରୁ ନେଇ ବ୍ୟୁରୋ ଅଫ୍ ଆଲ୍‌କୋହଲ, ଟବାକୋ, ଫାୟାରଆର୍ମ୍ସ ଆଣ୍ଡ୍ ଏକ୍ସପ୍ଲୋସିଭ୍ ଏଜେଣ୍ଟମାନେ ଉପସ୍ଥିତ ଥିଲେ ବୋଲି ଆର୍ଟର୍ନି ଜେନେରାଲ ପାମ୍ ବୋଣ୍ଡି କହିଛନ୍ତି। ଆକ୍ରମଣକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଆମେରିକାରେ କଞ୍ଜର୍ଭେଟିଭ୍ ମୁଭ୍‌ମେଣ୍ଟ ପାଇଁ କିର୍କ ପ୍ରଭାବଶାଳୀ ଢଙ୍ଗରେ ସ୍ୱର ଉତ୍ତୋଳନ କରିଆସୁଛନ୍ତି। Xରେ ତାଙ୍କର ୫.୨ ନିୟୁତ ଫଲୋଅର୍ସ ଅଛନ୍ତି। ସେ ଲୋକପ୍ରିୟ ପୋଡ୍‌କାଷ୍ଟ ତଥା ରେଡିଓ ପ୍ରୋଗ୍ରାମ୍ 'ଦି ଚାର୍ଲି କିର୍କ ଶୋ'କୁ ହୋଷ୍ଟ କରନ୍ତି। କିଛିବର୍ଷ ମଧ୍ୟରେ ଆମେରିକାରେ ରାଜନୈତିକ ହିଂସା ବଢ଼ିଥିବାବେଳେ କିର୍କଙ୍କ ଉପରକୁ ଗୁଳିମାଡ଼ କରାଯାଇଛି। ଟ୍ରମ୍ପଙ୍କୁ ମଧ୍ୟ ୨ ଥର ମରଣାନ୍ତକ ଆକ୍ରମଣ ହୋଇସାରିଛି।

# ବିଜେଡିକୁ ମିଳିଛି ୨୯୭.୮୧ କୋଟି ଚାନ୍ଦା

## ୨୦୨୩-୨୪ରେ ୪୦ ଆଞ୍ଚଳିକ ଦଳର ଆୟ ୨,୫୩୨ କୋଟି

**ନୂଆଦିଲ୍ଲୀ, ୧୦।୯ (ପି.ଟି.)**

୨୦୨୩-୨୪ ଆର୍ଥିକବର୍ଷରେ ପ୍ରାୟ ୪୦ଟି ଆଞ୍ଚଳିକ ଦଳକୁ ୨,୫୩୨.୦୯ କୋଟି ଟଙ୍କାର ଚାନ୍ଦା ମିଳିଛି। ସେଥିରୁ ଓଡ଼ିଶାର ବିଜୁ ଜନତା ଦଳ (ବିଜେଡି)ର ଆୟ ହେଉଛି ୨୯୭.୮୧ କୋଟି ଟଙ୍କା। ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ କରାଯାଇଥିବା ଏକ ବିଶ୍ଳେଷଣରୁ ବୁଧବାର ଏହି ବିଷୟ ଜଣାପଡ଼ିଛି।

ଏଡିଆର୍ ଉକ୍ତ ରିପୋର୍ଟରେ ଦର୍ଶାଇଛି ଯେ, ୪୦ ଅଞ୍ଚଳିକ ଦଳ ୨୦୨୩-୨୪ ଆର୍ଥିକବର୍ଷରେ କରିଥିବା ନିଜ ଆୟ ସମ୍ପର୍କରେ ଘୋଷଣା କରିଛନ୍ତି। ଆଲୋଚ୍ୟ ବର୍ଷରେ ଏହି ଦଳଗୁଡ଼ିକ ମୋଟ ୨,୫୩୨.୦୯ କୋଟି ଟଙ୍କା ଚାନ୍ଦା ପାଇଛନ୍ତି, ଯହିଁରୁ ୭୦%ରୁ ଅଧିକ ପାଣ୍ଠି ଇଲେକ୍ଟୋରାଲ ବଣ୍ଡ ଜରିଆରେ ମିଳିଥିଲା। କେ. ଚନ୍ଦ୍ରଶେଖର ରାଓଙ୍କ ଦଳ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ସର୍ବାଧିକ ୬୮୫.୫୧ କୋଟି ଟଙ୍କା ପାଇଥିବାବେଳେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ୬୪୬.୩୯ କୋଟି, ନବୀନ ପଟ୍ଟନାୟକଙ୍କ ବିଜେଡି ୨୯୭.୮୧ କୋଟି, ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ୧୮୫.୦୭ କୋଟି ଏବଂ ଜଗନ୍‌ମୋହନ୍ ରେଡ୍ଡୀଙ୍କ ନେତୃତ୍ୱାଧୀନ ୱାଇଏସ୍‌ଆର୍ କଂଗ୍ରେସ ୧୯୧.୦୪ କୋଟି ଟଙ୍କା ଚାନ୍ଦା ପାଇଥିଲା। ଏହି ଶୀର୍ଷ ୫ ଦଳର ଆୟ ହେଉଛି ୪୦ ଆଞ୍ଚଳିକ ଦଳ ପାଇଥିବା ଚାନ୍ଦାର ୮୩.୧୭ ପ୍ରତିଶତ। ମୋଟ ଆୟର ୭୦%ରୁ ଅଧିକ ଇଲେକ୍ଟୋରାଲ ବଣ୍ଡ ଜରିଆରେ ଆସିଥିଲା। ଅନ୍ୟପକ୍ଷେ ଆୟ ସମ୍ପର୍କିତ ରିପୋର୍ଟ ଦାଖଲ ପାଇଁ ରହିଥିବା ଶେଷ ତାରିଖର ୩୧୩ ଦିନ ପରେ ମଧ୍ୟ ୨୦ଟି ଆଞ୍ଚଳିକ ଦଳର ଅଡିଟ୍ ରିପୋର୍ଟ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇନାହିଁ।

୨୭ ଆଞ୍ଚଳିକ ଦଳ ସେମାନଙ୍କ ଆୟର ଏକ ଅଂଶ ଖର୍ଚ୍ଚ ହୋଇ ନ ଥିବା ଦର୍ଶାଇଥିବାବେଳେ ୧୨ ରାଜନୈତିକ ଦଳ ଆଲୋଚ୍ୟ ବର୍ଷରେ ପାଇଥିବା ଟଙ୍କାରୁ ଅଧିକ ଖର୍ଚ୍ଚ କରିଥିବା ଜଣାଇଛନ୍ତି। ବିଆର୍‌ଏସ୍ ନିଜ ଆୟରୁ ୪୩୦.୬୦ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଟିଏମ୍‌ସି ୪୧୪.୯୨ କୋଟି ଏବଂ ବିଜେଡି ୨୫୩.୭୯ କୋଟି ଟଙ୍କା ପାଇଥିବା ଦର୍ଶାଇଛି। ଅନ୍ୟପକ୍ଷେ ୱାଇଏସ୍‌ଆର୍ କଂଗ୍ରେସ, ଦ୍ରାବିଡ ମୁନେତ୍ରା କାଝାଗାମ୍ (ଡିଏମ୍‌କେ), ସମାଜବାଦୀ ପାର୍ଟି (ଏସ୍‌ପି) ଓ ସଂଯୁକ୍ତ ଜନତା ଦଳ (ଜେଡିୟୁ) ସେମାନଙ୍କ ଆୟରୁ ଅଧିକ ଖର୍ଚ୍ଚ କରିଥିବା ଜଣାଇଛନ୍ତି।

# ଲିଙ୍ଗ ବିଷୟରେ ପଢ଼ାଇ ପ୍ରଫେସର ବହିଷ୍କୃତ

**ଟେକ୍ସାସ୍, ୧୦।୯**

ଟେକ୍ସାସ୍ ଏଆଣ୍ଡଏମ୍ ୟୁନିଭର୍ସିଟିରେ ଶିଶୁ ସାହିତ୍ୟର ଜଣେ ପ୍ରଫେସରଙ୍କୁ ମଙ୍ଗଳବାର ଚାକିରିରୁ ବହିଷ୍କାର କରାଯାଇଛି। ଲିଙ୍ଗ ପରିଚୟ ଏବଂ ଯୌନ ସମ୍ବନ୍ଧୀୟ ପାଠ୍ୟକ୍ରମକୁ ନେଇ ସେ ପଢ଼ାଉଥିବା ସମୟରେ ଜଣେ ଛାତ୍ର ଆପତ୍ତି ପ୍ରକାଶ କରୁଥିବାର ଏକ ଭିଡିଓ ଭାଇରାଲ ହେବା ପରେ ବିଶ୍ୱବିଦ୍ୟାଳୟ ପ୍ରଶାସନ ପକ୍ଷରୁ ତାଙ୍କୁ ବହିଷ୍କାର କରାଯାଇଛି। ଏନେଇ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ମାର୍କ ୱେଲେସ୍ ତୃତୀୟ ଏକ ବିବୃତି ଜାରିକରି ସୂଚନା ଦେଇଛନ୍ତି। ଏହି ଘଟଣା ପାଇଁ ବିଶ୍ୱବିଦ୍ୟାଳୟର କଲେଜ ଅଫ୍ ଆର୍ଟ୍ସ ଆଣ୍ଡ ସାଇନ୍ସର ଡିନ୍ ଏବଂ ଇଂରାଜୀ ବିଭାଗର ମୁଖ୍ୟଙ୍କୁ ମଧ୍ୟ ପଦରୁ ହଟାଯାଇଥିବା ସେ ସୂଚନା ଦେଇଛନ୍ତି।

# ଋଷିଆ ଛାଡ଼ିଲା ଡ୍ରୋନ୍, ଖସାଇଲା ପୋଲାଣ୍ଡ

**ୱାର୍ସ, ୧୦।୯ (ଏ.ପି./ରଏଟର୍ସ)**

୨୦୨୨ରୁ ୟୁକ୍ରେନ୍ ସହ ଯୁଦ୍ଧରତ ଋଷିଆ ବୁଧବାର ପୋଲାଣ୍ଡ ବାୟୁସୀମା ଉଲ୍ଲଂଘନ କରି ସେଠାକୁ ଡ୍ରୋନ୍ ଛାଡ଼ିଛି। ତେବେ ସେଥିରୁ ଅଧିକାଂଶ ଡ୍ରୋନ୍‌କୁ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେନ୍ (ନାଟୋ) ସହଯୋଗୀ ପୋଲାଣ୍ଡ ଖସାଇଦେଇଥିବା କହିଛି। ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି, ମଙ୍ଗଳବାର ବିଳମ୍ବିତ ରାତି ଓ ବୁଧବାର ଭୋର ସମୟ ମଧ୍ୟରେ ବହୁସଂଖ୍ୟକ ଋଷୀୟ ଡ୍ରୋନ୍ ତାଙ୍କ ଦେଶର ବାୟୁସୀମା ଉଲ୍ଲଂଘନ କରିଥିଲା। ପୋଲାଣ୍ଡ ନାଗରିକଙ୍କ ନିରାପତ୍ତା ପ୍ରତି ପ୍ରତ୍ୟକ୍ଷ ଭାବେ ବିପଦ ସୃଷ୍ଟିକାରୀ ଡ୍ରୋନ୍‌ଗୁଡ଼ିକୁ ସେନା ଖସାଇଦେଇଛି। ଏନେଇ ସେ



ଡ୍ରୋନ୍ ଆକ୍ରମଣରେ କ୍ଷତିଗ୍ରସ୍ତ ପୋଲାଣ୍ଡର ୱିରିକିସ୍ଥିତ ଏକ ଘର।

ପାର୍ଲାମେଣ୍ଟକୁ ମଧ୍ୟ ଅବଗତ କରାଇଛନ୍ତି। ପୋଲାଣ୍ଡ ଉପରେ ଏହା ହେଉଛି ଋଷିଆର ପ୍ରଥମ ଡ୍ରୋନ୍ ମାଡ଼। ଏହା ପରେ ପୋଲାଣ୍ଡ ସଶସ୍ତ୍ର ବଳକୁ ହାଇଆଲର୍ଟରେ ରଖାଯାଇଛି। ସାମରିକ ଅପରେଶନ୍ ଯୋଗୁ ଏୟାରସ୍ପେସକୁ ବନ୍ଦ କରାଯାଇଥିବାରୁ ୱାର୍ସ'ର ଚୋପିନ୍ ଏୟାରପୋର୍ଟରେ ବିମାନ ଚଳାଚଳକୁ ଅନେକ ଘଣ୍ଟା ପାଇଁ ସ୍ଥଗିତ ରଖାଯାଇଛି। ଋଷୀୟ ସୈନ୍ୟଙ୍କ ଏହି କାର୍ଯ୍ୟକୁ ପୋଲାଣ୍ଡ ସେନା ଏକ ଅତିକ୍ରମଣ ବୋଲି ଅଭିହିତ କରିଛି।

# ୩୫ ଦିନିଆ ଅନଶନରେ ସୋନମ୍ ୱାଙ୍ଗଚୁକ୍

**ନୂଆଦିଲ୍ଲୀ, ୧୦।୯ (ପି.ଟି.)**

ଲଦାଖକୁ ରାଜ୍ୟ ମାନ୍ୟତା ପ୍ରଦାନ ସହ ସମ୍ବିଧାନର ଷଷ୍ଠ ପରିଚ୍ଛେଦରେ ସାମିଲ ଦାବିରେ ପରିବେଶ କର୍ମୀ ସୋନମ୍ ୱାଙ୍ଗଚୁକ୍ ଲେହରେ ୩୫ ଦିନିଆ ଅନଶନରେ ବସିଛନ୍ତି। ଦାବି ସମ୍ପର୍କରେ ଆଲୋଚନା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ଗତ ୨ ମାସ ହେଲା ଆଲୋଚନା ହୋଇପାରି ନାହିଁ। ତେଣୁ ବୁଧବାରଠାରୁ ସେ ଅନଶନରେ ବସିଥିବା ମାଗସେସେ ପୁରସ୍କାର ବିଜେତା ତଥା ଶିକ୍ଷାବିତ୍ ୱାଙ୍ଗଚୁକ୍ କହିଛନ୍ତି।

**ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ**

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ପରଜଙ୍ଗ ବ୍ଲକ ବାରିହାପୁର ଗ୍ରାମର ପ୍ରସନ୍ନ ନାୟକ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଇଜିଏସ୍ ସେଣ୍ଟରରେ ନିଯୁକ୍ତି ନପାଇ ନିରାଶ ହୋଇ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା କହିଛନ୍ତି। ଟାଉନ ଥାନା ପୋଲିସ ପହଞ୍ଚି ବିଷ ବୋତଲ ଜବତ କରିବା ସହ ଯୁବକଙ୍କୁ ଅଟକ ରଖିଛି। ଯୁବକଙ୍କ ଅଭିଯୋଗରୁ ଜଣାପଡିଛି ଯେ, ୨୦୦୧ରେ ପରଜଙ୍ଗ ବ୍ଲକ ବାରିହାପୁର ଦଳିତ ବସ୍ତିରେ ଏକ ଇଜିଏସ୍ ସେଣ୍ଟର କରିବା ପାଇଁ ପ୍ରସ୍ତାବ ରହିଥିଲା। ପ୍ରସନ୍ନ ଉକ୍ତ ସେଣ୍ଟରରେ ଇଜିଏସ୍ ଟିଚର ପାଇଁ ଆବେଦନ କରିଥିଲେ। ମାତ୍ର ତାଙ୍କୁ ସେଠାରେ ନିଯୁକ୍ତି ଦିଆ ନ ଯାଇ ଅନ୍ୟଜଣେ ଝିଅଙ୍କୁ ନିଯୁକ୍ତି ଦିଆଯାଇଥିଲା।




# ନୂଆ ଭାବେ ଗଢ଼ିଉଠିବ ବିଜେଡି: ଅମର

**ଭୁବନେଶ୍ୱର, ୧୦।୯(ସୁନିତ୍ ମିଶ୍ର)**

ନୂଆ ନାମ,ରୂପ ଓ ଆକାରରେ ବିଜେଡି ଆସିବା ସମ୍ଭାବନା ରହିଛି। ସେହିଦଳର ଲୋକମାନେ ହିଁ ନୂଆ ବିଜେଡି ଗଠନ କରିବେ। ଲୋକ ଓ କର୍ମୀଙ୍କଠାରୁ ବର୍ତ୍ତମାନର ବିଜେଡି ଦୂରେଇଯାଉଛି ବୋଲି ଦଳର ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ କହିଛନ୍ତି । ଏବେ ବିଜେଡିରେ ଯାହା ଘଟୁଛି, ନିର୍ଦ୍ଦିଷ୍ଟ ନୀତି ଓ ବିଚାରଧାରାରେ ଦଳ ନ ଚାଲିଲେ ଆଗକୁ ଆହୁରି ନେତା ଓ କର୍ମୀ ଦୂରେଇଯିବେ। ବିଜେଡିରେ ଏକନାଥ ସିନ୍ଦେ କିଏ ହେବେ ବୋଲି ଗଣମାଧ୍ୟମ ପକ୍ଷରୁ ତାଙ୍କୁ ପ୍ରଶ୍ନ କରାଯାଇଥିବା ବେଳେ ସେ କହିଛନ୍ତି, ସେ ଗୋପରେ ବଢୁଛି କି ମଥୁରାକୁ ଆସିଗଲେଣି ତାହା ପରବର୍ତ୍ତୀ କଥା। ଭାସ୍କର ରାଓଙ୍କ ଭଳି ଜଣେ ଟାଣୁଆ ନେତା ଯେଉଁ ନିଷ୍ପତ୍ତି ନେଇଛନ୍ତି ତାଙ୍କୁ ଦଳର ଜଣେ ପୂର୍ବତନ ଏମ୍‌ପି ଶୁଭେଚ୍ଛା ଜଣାଇବା ସହ ବିଜେଡିରେ ଆଭ୍ୟନ୍ତରୀଣ ସଂଘର୍ଷ ବଢ଼ିବାର ଆଶଙ୍କା ଭବିଷ୍ୟତରେ ଥିବା ସେ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ନବୀନ ପଟ୍ଟନାୟକ ଗତ କିଛିବର୍ଷ ଧରି ଭାଜପା ପାଖରେ ଆତ୍ମସମର୍ପଣ କରିଦେଇଛନ୍ତି। ଗତ ଉପରାଷ୍ଟ୍ରପତି ନିର୍ବାଚନରେ ଏହା ସ୍ପଷ୍ଟ ବି ହୋଇଗଲା। ବିଜେଡିର କେତେଜଣ ଯୁବକ ଆସିଥିଲେ,ସେମାନେ ମୋ ଠାରୁ ବିଜେଡିର ସମ୍ବିଧାନର ଜେରକ୍ସ କପି ନେଇକି ଯାଇଛନ୍ତି। ସେମାନେ ନୂଆ ଆଞ୍ଚଳିକ ଦଳ ଗଢ଼ିବା ସମ୍ଭାବନା ରହିଛି। ତେବେ ଏହି ନୂଆ ଦଳ ଗଠନ ହେଲେ କଂଗ୍ରେସକୁ ଫରକ ପଡ଼ିବ ନାହିଁ। ବରଂ ଭାଜପା ଓ ବିଜେଡି ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି କାନୁନ୍‌ଗୋ କହିଛନ୍ତି।




# ତୀର୍ଥଯାତ୍ରା ମଙ୍ଗଳମୟ ହେଉ: ପ୍ରଭାତୀ

## ପ୍ରଥମ ଟ୍ରେନ୍‌ରେ ଅଯୋଧା- ବାରାଣସୀକୁ ଯାତ୍ରା କଲେ ୭୭୫ ବରିଷ୍ଠ ନାଗରିକ

**ଭୁବନେଶ୍ୱର,୧୦।୯ (ସୁଚିସ୍ମିତା ସାହୁ)**



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକ ବର୍ଦ୍ଧନ ସିଂଦେଓଙ୍କ ସହ ଅନ୍ୟମାନେ ଭୁବନେଶ୍ୱର ରେଳ ଷ୍ଟେଶନରେ ତୀର୍ଥଯାତ୍ରୀ ଟ୍ରେନ୍‌ର ଶୁଭାରମ୍ଭ ଅବସରରେ ଜଣେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କୁ ଟିକେଟ ପ୍ରଦାନ କରୁଛନ୍ତି।

ରାଜ୍ୟ ପର୍ଯ୍ୟଟନ ବିଭାଗ, ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ୍ ଟୁରିଜମ୍ କର୍ପୋରେଶନ ଓ ଖୋର୍ଦ୍ଧା ଜିଲା ପ୍ରଶାସନର ସହଭାଗିତାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନ୍ ବୁଧବାର ଭୁବନେଶ୍ୱର ରେଳ ଷ୍ଟେଶନରୁ ଅଯୋଧ୍ୟା, ବାରାଣସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଏହି ଯାତ୍ରାରେ ଖୋର୍ଦ୍ଧା ଜିଲାରୁ ୧୬୯ଜଣ, ପୁରୀରୁ ୧୨୭, କଟକରୁ ୧୯୭, ଜଗତ୍‌ସିଂହପୁରରୁ ୮୫, କେନ୍ଦ୍ରାପଡ଼ାରୁ ୮୯, ଢେଙ୍କାନାଳରୁ ୧୦୮ଜଣ ବରିଷ୍ଠ ନାଗରିକଙ୍କ ସହ ୨୫ଜଣ ସହାୟକ (ଏସ୍କର୍ଟ) ଅଧିକାରୀ ରହିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାର ଶୁଭାରମ୍ଭ କରିବା ସହ ତୀର୍ଥଯାତ୍ରୀମାନଙ୍କୁ ଟ୍ରେନ୍ ଟିକେଟ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ କ୍ଷେତ୍ରରୁ କାଶୀ ବିଶ୍ୱନାଥ ଧାମକୁ ପ୍ରଥମ ଟ୍ରେନ୍‌ରେ ଯାଉଥିବା ତୀର୍ଥଯାତ୍ରୀଙ୍କ ଯାତ୍ରା ମଙ୍ଗଳମୟ ହେଉ। ଏହି ତୀର୍ଥଯାତ୍ରାରେ ୬ ଜିଲାରୁ ୭୭୫ ଜଣ ବରିଷ୍ଠ ନାଗରିକମାନେ ଅଯୋଧ୍ୟାରେ ଥିବା ପ୍ରଭୁ ଶ୍ରୀ ରାମଲାଲଙ୍କୁ ଦର୍ଶନ କରିବାର ସୁଯୋଗ ପାଇପାରିବେ। ଏହାସହ ଭାରତର ପ୍ରସିଦ୍ଧ ଶୈବପୀଠ କାଶୀ ବିଶ୍ୱନାଥ ମନ୍ଦିର ସହ ପବିତ୍ର ଗଙ୍ଗା ଆଳତି ଓ ଗଙ୍ଗା ଘାଟରେ ଥିବା ମନ୍ଦିରଗୁଡ଼ିକୁ ପରିଦର୍ଶନ କରିପାରିବେ। ଏବର୍ଷ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ୧୦ଟି ପର୍ଯ୍ୟାୟରେ ପ୍ରାୟ ୮ହଜାର ବରିଷ୍ଠ ନାଗରିକଙ୍କୁ ଭାରତର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ ସମସ୍ତ ନାଗରିକଙ୍କୁ ଶୁଭକାମନା ଜଣାଇଛନ୍ତି। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ମାଧ୍ୟମରେ ଭାରତର ବିଭିନ୍ନ ସଂସ୍କୃତିକୁ ଯୋଡିବାର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି।

ଶୁଭାରମ୍ଭ କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ, ପୁରୀ ବିଧାୟକ ସୁନୀଲ ମହାନ୍ତି, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଖୋର୍ଦ୍ଧା ଜିଲାପାଳ ଅମୃତ ଋତୁରାଜ ପ୍ରମୁଖ ଯୋଗଦେଇ ପ୍ରଥମ ଟ୍ରେନ୍ ଯାତ୍ରା ପାଇଁ ବରିଷ୍ଠ ନାଗରିକଙ୍କୁ ଶୁଭକାମନା ଜଣାଇଥିଲେ। ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ରୁଦ୍ରନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ସରକାରଙ୍କୁ ୨ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ

**ଡିକ୍ରି ହୋଲ୍ଡରଙ୍କ ସପକ୍ଷରେ କୋର୍ଟଙ୍କ ଆଦେଶକୁ ଅବମାନନା ମାମଲା**

**କଟକ,୧୦।୯(କାର୍ତ୍ତିକ ସାହୁ)**

ପ୍ରାୟ ୩ ଦଶନ୍ଧି ତଳର ଏକ ଦେୱାନି ମାମଲାରେ କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଅନୁପାଳନଢ଼ କରିବାରେ ସରକାରୀ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ଏବେ ସରକାରଙ୍କୁ ଦଣ୍ଡିତ ହେବାକୁ ପଡ଼ିଛି। ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ୨ଲକ୍ଷ ଟଙ୍କାର ଦୃଷ୍ଟାନ୍ତମୂଳକ ଜରିମାନା କରିଛନ୍ତି। ଏହି ଜରିମାନା ଅର୍ଥ ମାମଲାର ଡିକ୍ରି ହୋଲ୍‌ଡର(ଧାରକ)ଙ୍କୁ ପ୍ରଦାନ କରାଯିବାକୁ କୁହାଯାଇଛି। ଏପରି କି ଅଦାଲତଙ୍କ ଆଦେଶ ଅନୁପାଳନ କରିବାରେ ବିଳମ୍ବ କରିଥିବା ଅଧିକାରୀଙ୍କଠାରୁ ଏହି ଜରିମାନା ଅର୍ଥ ସଂଗ୍ରହ କରିବାକୁ ବିଚାରପତି ଦୀକ୍ଷିତ କ୍ରୀଷ୍ଣା ଶ୍ରୀପଦ ୧୯୯୭ ମସିହାର ଏକ ଏକ୍‌ଜିକ୍ୟୁଶନ ମାମଲାର ରାୟରେ ଉଲ୍ଲେଖ କରିଛନ୍ତି। ଗୋଟେ ଛୋଟ ବିବାଦ ସମାଧାନ କରିବାରେ ଅଧିକାରୀଙ୍କ ଖାମଖିଆଲ ନୀତି ପାଇଁ ଆବେଦନକାରୀଙ୍କୁ ୩ ଦଶନ୍ଧି ଧରି ମାମଲାର ଜାଲରେ ଛନ୍ଦି ହୋଇ ରହିବାକୁ ପଡ଼ିଲା ବୋଲି ଅଦାଲତ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ୧୯୭୦ ମସିହାରେ ଉଦୟ ନାଥ ସାହୁ ଏବଂ ଆର୍.ଏସ୍ ଭାଟିଆଙ୍କ ମଧ୍ୟରେ ଏକ ଜଙ୍ଗଲ ଜମି ଚୁକ୍ତିକୁ ନେଇ ବିବାଦ ହୋଇଥିଲା। ସୁପ୍ରିମ୍‌କୋର୍ଟ ୧୯୯୦ ମସିହାରେ ଉକ୍ତ ମାମଲାର ବିଚାର କରି ୨ପକ୍ଷଙ୍କ ମଧ୍ୟରେ ଥିବା ବିବାଦ ସମାଧାନ କରିଥିଲେ। ଏଥିସହିତ ଉକ୍ତ ଜଙ୍ଗଲ ଜମି ଉପରେ ଥିବା ଗଛଗୁଡ଼ିକୁ ଚିହ୍ନଟ କରି ଉଭୟ ପକ୍ଷଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟି ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସର୍ବୋଚ୍ଚ ରାୟଙ୍କ ଉକ୍ତ ଆଦେଶକୁ କାର୍ଯ୍ୟକାରୀ କରାଯାଇ ନ ଥିଲା।




# ଶିକ୍ଷୟିତ୍ରୀ ସ୍ତ୍ରୀ, ପୁରୁଷ ବନ୍ଧୁଙ୍କୁ ମାଡ଼ମାରି ରାସ୍ତାରେ ଚଲାଇଲେ ଅଧାପକ ସ୍ୱାମୀ

**ଆକ୍ରମଣକାରୀ ସ୍ୱାମୀ, ତାଙ୍କ ସହଯୋଗୀଙ୍କୁ ବାନ୍ଧିଲା ପୋଲିସ**

**ନିମାପଡ଼ା, ୧୦।୯(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଥାନା ଅଞ୍ଚଳରେ ପରକୀୟା ପ୍ରୀତିକୁ କେନ୍ଦ୍ରକରି ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଶିକ୍ଷୟିତ୍ରୀଙ୍କ ସହ ଅନ୍ୟ ଜଣେ ଶିକ୍ଷକଙ୍କ ପରକୀୟା ପ୍ରୀତି ଧରାପଡ଼ିଯିବା ପରେ ଉଭୟଙ୍କୁ ଲଜ୍ଜିତହେବାକୁ ପଡ଼ିଛି। ଏପରିକି ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଏହି ଘଟଣା ଜାଣିବା ପରେ ସ୍ତ୍ରୀ ଏବଂ ତାଙ୍କ ପୁରୁଷ ବନ୍ଧୁଙ୍କୁ ହାତୁଡ଼ିରେ ନିସ୍ତୁକ ମାଡ଼ ମାରିବା ସହ ବେକରେ ମାଳ ପକାଇ ନିମାପଡ଼ା ଅମଲାପଡ଼ାରେ ବୁଲାଇବା ପରେ ଥାନାରେ ଜିମା ଦେଇଥିବା ଘଟଣାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣା ମଙ୍ଗଳବାର ଘଟିଥିବାବେଳେ ଏବେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷରେ ଏହି ଘଟଣାରେ ପୋଲିସ ଆକ୍ରମଣକାରୀ ସ୍ୱାମୀ ଏବଂ ତାଙ୍କର ଜଣେ ସହଯୋଗୀଙ୍କ ବିରୋଧରେ ଏକ ମାମଲା(ନଂ. ୨୮୧/୨୫) ରୁଜୁ କରି ବୁଧବାର ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନା ଅନୁସାରେ, ନିଆଳି ବ୍ଲକ ଅଞ୍ଚଳର ଏକ ସ୍କୁଲ୍‌ର ଜଣେ ଶିକ୍ଷୟିତ୍ରୀ ନିମାପଡ଼ାରେ ଦୀର୍ଘଦିନ ଧରି ଭଡ଼ାରେ ରହୁଥିଲେ। ତାଙ୍କ ସ୍ୱାମୀ ମଧ ଜଗତ୍‌ସିଂହପୁର ଜିଲା ନାଉଁଗା ଅଞ୍ଚଳର ଏକ କଲେଜରେ ଅଧାପକ ଅଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସ୍ୱାମୀ ଘରେ ନ ଥିବାବେଳେ ଶିକ୍ଷୟିତ୍ରୀଙ୍କ ନିକଟକୁ ତାଙ୍କ ପୁରୁଷବନ୍ଧୁ (ଯିଏକି ଜଣେ ଶିକ୍ଷକ) ଆସିଥିଲେ। ଘର ଭିତରେ ଉଭୟେ ଶିକ୍ଷୟିତ୍ରୀ ଏବଂ ତାଙ୍କ ପୁରୁଷ ବନ୍ଧୁ ଥିବାବେଳେ ହଠାତ୍ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଏବଂ ତାଙ୍କ ଜଣେ ସହଯୋଗୀ ଘରକୁ ଆସି କବାଟ ବାଡ଼େଇଥିଲେ। ହେଲେ ଶିକ୍ଷୟିତ୍ରୀ କିଛି ସମୟ ପାଇଁ କବାଟ ଖୋଲି ନ ଥିଲେ। ପରେ କବାଟ ଠେଲି ଘରେ ପଶିବାବେଳକୁ ସ୍ତ୍ରୀ ଖଟ ଉପରେ ବସିଥିବାବେଳେ ତାଙ୍କ ପୁରୁଷବନ୍ଧୁ ଖଟ ପାର୍ଶ୍ୱରେ ଲୁଚିଥିବା ଦେଖିବାକୁ ପାଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଏକ ହାତୁଡ଼ିରେ ଉଭୟଙ୍କୁ ଆକ୍ରମଣ କରି ନିସ୍ତୁକ ମାଡ଼ ମାରିଥିଲେ। ଆକ୍ରମଣରେ ଶିକ୍ଷୟିତ୍ରୀ ଏବଂ ତାଙ୍କ ପୁରୁଷବନ୍ଧୁ ଆହତ ହୋଇଥିବାବେଳେ ତାଙ୍କ ସ୍ୱାମୀ ଏବଂ ଜଣେ ସହଯୋଗୀ ଅମାନବୀୟ ଭାବେ ଉଭୟଙ୍କୁ ରାସ୍ତାରେ ଫୁଲମାଳ ପକାଇ ଚଲାଇ ଚଲାଇ ଥାନାକୁ ନେଇଥିଲେ। ସ୍ୱାମୀ ଏବଂ ତାଙ୍କ ସହଯୋଗୀଙ୍କ ଏଭଳି ବର୍ବର ଆକ୍ରମଣ ବିରୋଧରେ ଶିକ୍ଷୟିତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଶିକ୍ଷୟିତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଏନେଇ ଏକ ମାମଲା ରୁଜୁକରି ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଏବଂ ସହଯୋଗୀଙ୍କୁ ଗିରଫ କରିଥିଲା। ଏଥିସହ ଆକ୍ରମଣରେ ବ୍ୟବହୃତ ହାତୁଡ଼ି ଏବଂ ଏକ ମୋଟର ସାଇକେଲ ଜବତ କରିଛି।

# ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ ଯୁବକ

**ବ୍ରହ୍ମପୁର,୧୦।୯(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ଅଞ୍ଚଳର ଜଣେ ଯୁବକ ବୁଧବାର ରାତିରେ ମେଣ୍ଟୁ ଛକଠାରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ସେ ହେଲେ ପୁରୁଣା ବ୍ରହ୍ମପୁର ରାଧାକୃଷ୍ଣ ସାହିର ସୂରଜ ସାହୁ(୨୧)। ତାଙ୍କ ଶରୀରର ୯୦ ଭାଗରୁ ଅଧିକ ପୋଡ଼ିଯାଇଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଏମ୍‌କେସିଜି ମେଡିକାଲକୁ ପଠାଇଛନ୍ତି। ସୂରଜ କୌଣସି କାରଣକୁ ନେଇ ରାତି ସାଢ଼େ ୯ଟାରେ ମେଣ୍ଟୁ ଛକରେ ପହଞ୍ଚି ପାଖରେ ରଖିଥିବା ପେଟ୍ରୋଲ ନିଜ ଉପରେ ଢାଳି ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକେ ନିଆଁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ। ପରେ ଆମ୍ବୁଲାନ୍ସ ଡକାଇ ମେଡିକାଲ ପଠାଇଥିଲେ। ସୂରଜ କାହିଁକି ଏପରି କଲେ ତାହା ଜଣାପଡିନାହିଁ। ତାଙ୍କୁ କଟକ ସ୍ଥାନାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ଭୁବନ ଏନ୍‌ଏସି ଅଧ୍ୟକ୍ଷ ବହିଷ୍କୃତ

**ଭୁବନ, ୧୦।୯ (ବିପିନ ବିହାରୀ ସେଠୀ):** ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁ ପଦ ମର୍ଯ୍ୟାଦାର ଅପବ୍ୟବହାର କରିବା ଅଭିଯୋଗରେ ବୁଧବାର ବହିଷ୍କୃତ ହୋଇଛନ୍ତି। ଢେଙ୍କାନାଳ ଜିଲାପାଳଙ୍କ ନିକଟରେ ଅଧ୍ୟକ୍ଷଙ୍କ ବିରୋଧରେ ହୋଇଥିବା ଅଭିଯୋଗର ଓଡ଼ିଶା ମ୍ୟୁନିସିପାଲ ଆଇନ ୧୯୫୦ (୧୯୫୦ରେ ଓଡ଼ିଶା ଆଇନ ୨୩)ର ଧାରା ୫୩ର ଉପଧାରା (୧) ଅନୁଯାୟୀ ତଦନ୍ତ କରାଯାଇଥିଲା। ତେବେ ଅଧ୍ୟକ୍ଷଙ୍କୁ ରାଜ୍ୟ ସରକାର କାହିଁକି ବହିଷ୍କାର କରିବେ ନାହିଁ ବୋଲି ଜବାବ ରଖିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୧୮ ଜୁନ ୨୦୨୫ରେ ନୋଟିସ୍ କରାଯାଇଥିଲା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ହିନ୍ଦୀ ଶିକ୍ଷକ ସଂଘ ଏବଂ ଉତ୍କଳ ପ୍ରଶିକ୍ଷିତ ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ଗଣଧାରଣା, ସ୍ଥାନ: ଲୋୟର୍ ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଜୟକିରଣ ସମ୍ମାନ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ଗୋପବନ୍ଧୁ ଶିକ୍ଷା ମନ୍ଦିର ଲେନ୍, ଜଗତପୁର, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ
- ଟି୨୦ ସଫ୍ଟବଲ କ୍ରିକେଟ୍ ମ୍ୟାଚ, ସ୍ଥାନ: କ୍ରିକେଟ ଷ୍ଟାଡିୟମ, ପେଣ୍ଠକଟା, ସମୟ: ସକାଳ ୮ଟା।
- ବିନୋବା ଭାବେଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ବିନୋବା ପାର୍କ, ସର୍ବୋଦୟନଗର, ସମୟ: ସକାଳ ୮ଟା।
- କଂଗ୍ରେସ ପକ୍ଷରୁ ସଭାପତି ଚୟନ ବୈଠକ, ସ୍ଥାନ: ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା।
- ଇଣ୍ଡିଆ ଟି -ଟେନ୍ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିୟନ୍‌ଶିପ୍, ସ୍ଥାନ: ଶ୍ରୀଜଗନ୍ନାଥ ଷ୍ଟାଡିୟମ୍, ପେଣ୍ଠକଟା, ପୁରୀ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା
- ଶରଧାପୁର ଫୁଟବଲ ଲିଗ୍, ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଜିଲାସ୍ତରୀୟ ସାମାଜିକ-ଆର୍ଥିକ ଓ ଜୀବିକା ସର୍ଭେ କାର୍ଯ୍ୟକ୍ରମର ତୃତୀୟ ଦିବସ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ବାବା ଗଜାନନ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ନାୟକ କଲୋନୀ, କଦମବେଡ଼ା,ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- କଳା ପରିଷଦ ଢେଙ୍କାନାଳ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ଯାହା କହିବି ସତ କହିବି',ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ସନ୍ଧ୍ୟା ୬ଟା ୩୦।
- ନାଟ୍ୟଶ୍ରୀ ବରହମପୁର ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ଜରାୟୁ', ସ୍ଥାନ:ସ୍ମୃତି ଭବନ, ବାରିପଦା,ସମୟ: ରାତି ୮ଟା ୩୦।

## ବ୍ରହ୍ମପୁର
- ଜିଲାସ୍ତରୀୟ ସ୍କେଟିଂ ଚାମ୍ପିୟନଶିପ୍, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୭ଟା ୩୦।

## ଜଗତ୍‌ସିଂହପୁର
- ମାସିକିଆ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜଗତ୍‌ସିଂହପୁର ଜିଲା ଟ୍ରକ୍ ମାଲିକ ସଂଘର ସାଧାରଣ ବୈଠକ ଓ ଖବରଦାତା ସମ୍ମିଳନୀ, ସ୍ଥାନ: ଜିରୋ ପଏଣ୍ଟ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ, ସ୍ଥାନ: ସୁନାଇଲୋ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା।

## ଯାଜପୁର
- ଗୋ-ଗ୍ରାମଶକ୍ତି ପରିବାରର ସ୍ୱଦେଶୀ ଉତ୍ସବ, ସ୍ଥାନ: ବରୀ ବ୍ଲକ୍ ଅଧୀନ ରତଳାଙ୍ଗ ରତ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।

## ନୟାଗଡ଼
- ସାରର ଅଭାବ ପ୍ରତିବାଦରେ କଂଗ୍ରେସର ଚାଷୀ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନୟାଗଡ଼, ସମୟ: ଅପରାହ୍ନ ୩ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ବାଦିପାଲାର ତୃତୀୟ ଦିବସ,ସ୍ଥାନ: ନୟାଗଡ଼ ବ୍ଲକ ବଡପଣ୍ଡୁସର ଗଡ ଭିତରସାହି, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ବ୍ଲକ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଗୁଣପୁର, ସମୟ: ସକାଳ ୭ ଟା।
- ବ୍ଲକ୍‌ସ୍ତରୀୟ କ୍ରୀଡା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଚନ୍ଦ୍ରପୁର, ସମୟ: ଅପରାହ୍ନ ୪ ଟା ।

## ନବରଙ୍ଗପୁର
- ଜିଲା ପରିଷଦ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲାସ୍ତରୀୟ ଭିଜିଲାନ୍ସ ମନିଟରିଙ୍ଗ କମିଟି ବୈଠକ, ସ୍ଥାନ : ସଦ୍‌ଭାବନା ସଭାଗୃହ, କୋରାପୁଟ
- ସମୟ : ଅପରାହ୍ନ ୪ଟା।

## ମାଲକାନଗିରି
- ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି, ସ୍ଥାନ: କାଲିକେଲା ବ୍ଲକ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର
- ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ ସଂଘ ବୈଠକ, ସ୍ଥାନ : ବୁର୍ଲା ବିଦ୍ୟାଳୟ ପରିସରସ୍ଥ ସଭାକକ୍ଷ, ସକାଳ : ସକାଳ ୫ଟା ୩୦ ।
- ୨୪ତମ ସୈରେନ୍ଦ୍ରି ନାୟକ ଟ୍ରଫି ଫୁଟ୍‌ବଲ ମ୍ୟାଚ, ସ୍ଥାନ : ସିଂହପାଲି-କାଇଁଶିର ଫୁଟ୍‌ବଲ ପଡିଆ, ସମୟ : ଅପରାହ୍ନ ୩ଟା ।
- .ଓଡ଼ଶା ସାଂସ୍କୃତିକ ସମାଜ ପକ୍ଷରୁ ପଞ୍ଚସଖା ଦିବସ, ସ୍ଥାନ : ଶାସନ ପାବପାଲି, ସମୟ : ଅପରାହ୍ନ ୩ଟା ।

## ରାଉରକେଲା
- ଜୟହିନ୍ଦ କ୍ଲବ ପକ୍ଷରୁ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବାସପାଲୀ, ସମୟ: ପୂର୍ବାହ୍ନ ୧୦ଟା।
- ଘରୋଇକରଣ ବିରୋଧରେ ଶ୍ରମିକ ସଙ୍ଗଠନର ବୈଠକ, ସ୍ଥାନ: ସେକ୍ଟର--୧୮, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ସୁନ୍ଦରଗଡ କ୍ଲବ ପକ୍ଷରୁ ନୂଆଁଖାଇ ଭେଟଘାଟ,ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ:ଅଞ୍ଚଳ ଉଚ୍ଚ ବିଦ୍ୟାଳୟ ଗୌଡ଼ମାଲ, ଝାରବନ୍ଧ,ସମୟ : ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଆଦି କର୍ମଯୋଗୀ ଅଭିଯାନ ଉପରେ ଜିଲାସ୍ତରୀୟ ତାଲିମ ଶିବିର ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଭାରତ ପ୍ୟାଲେସ, ସମୟ: ପୂର୍ବାହ୍ନ ୧୦ଟା।
- କୃଷି, ଉଦ୍ୟାନ ଓ ପ୍ରାଣୀଧନ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ତରଭା ବ୍ଲକ ଚୂଡାଖାଇ ଡଙ୍ଗର ମହୋତ୍ସବ ୨୦୨୫ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଡଙ୍ଗର ମହୋତ୍ସବ ମଞ୍ଚ, ସମୟ: ଅପରାହ୍ନ ୪ଟା ୩୦।

## ନୂଆପଡ଼ା
- ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା, ସ୍ଥାନ: ଜୈନ ଭବନ ଖରିଆର ରୋଡ, ସମୟ: ଅପରାହ୍ନ ୩ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମାରମ୍ଭ, ଯାତ୍ରା, ବାଣିଜ୍ୟ, ଶେୟାର ବଜାର, ପାଇଁ ଅନୁକୂଳ ରହିବ। ସାଧାରଣ ବ୍ୟତିକ୍ରମକୁ ବାଦ୍ ଦେଲେ ପାରିବାରିକ ଓ ପାରିପାର୍ଶ୍ୱିକ ପରିସ୍ଥିତି ଉନ୍ନତ ହେବ। ଅବୁଝା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ସାହିତ୍ୟ, କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ସତର୍କତା ଅଭାବରୁ ଧନହାନି, ଧାରକରଜ, ଆଇନ ଅଦାଲତ, ସ୍ଥଗିତ କାର୍ଯ୍ୟ ସକାଶେ ଚିନ୍ତିତ କରାଇବ। କର୍ମକ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟ ଲାଭକରି ଅଭିଳାଷ ପୂରଣ ପାଇଁ ଆଶା କରିପାରନ୍ତି। ଆନୁଷ୍ଠାନିକ କାମରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି।

**ମିଥୁନ** ପରିବାରରେ ଅର୍ଥ ସମ୍ବନ୍ଧୀୟ ଆଲୋଚନାକୁ କେନ୍ଦ୍ରକରି ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ତ ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଆଜି ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ ହେବେ। ସମ୍ପର୍କୀୟଙ୍କ ଦ୍ୱାରା ଭୋଗ ବିଳାସର ମଉକା ପାଇବେ।

**କର୍କଟ** ଯେ କୌଣସି ପରିସ୍ଥିତି ହେଉନା କାହିଁକି, ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଦୂରରେ ରହୁଥିବା ବନ୍ଧୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବାର ସୂଚନା ରହିଛି। ବନ୍ଧୁମିଳନ ସାଙ୍ଗକୁ କର୍ମସାଫଲ୍ୟର ପ୍ରଶଂସା ଓ ଆର୍ଥିକ ଅନୁଦାନ ପ୍ରାପ୍ତିର ଆଶା କରାଯାଇପାରେ। ତଥାପି ଈର୍ଷାପରାୟଣ ଗୁପ୍ତ ଶତ୍ରୁମାନଙ୍କ ପ୍ରତି ସତର୍କତାର ଆବଶ୍ୟକତା ରହିଛି।

**ସିଂହ** ଆପଣଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ସାଙ୍ଗକୁ ଯୁକ୍ତିସଙ୍ଗତ ମଧୁର କଥା ପ୍ରତ୍ୟେକ ପରିସ୍ଥିତିକୁ ସାବଲୀଳ କରିଦେବ। ଆର୍ଥିକ ସ୍ଥିତିରେ ଉନ୍ନତି ସାଙ୍ଗକୁ ବନ୍ଧୁଙ୍କ ସହ ସୁସମ୍ପର୍କରୁ ପ୍ରଶଂସିତ ମଧ୍ୟ ହେବେ। ପାରିବାରିକ ଜୀବନରେ ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତବୁଦ୍ଧି ପ୍ରୟୋଗ କରି ସୁଧାରି ନେଇପାରିବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା** ଆଜି ଯାହାକୁ ଯାହା କହିବେ କିମ୍ବା କରିବାକୁ ଯିବେ ତାହାର ପୁନର୍ବିଚାର କରିବା ଭଲ ହେବ। ଜମିଜମା, ଯାନ୍ତ୍ରିକ ଜିନିଷ, ଯାନବାହନ ସମ୍ପର୍କିତ କାମକୁ ସତର୍କତାର ସହ କରନ୍ତୁ। ସନ୍ତାନ ହେତୁକ କିଛି ନିଷ୍ପତ୍ତି ନେବା କ୍ଷେତ୍ରରେ ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି। ପାରିବାରିକ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ।

**ତୁଳା** ଆଜି କର୍ମକ୍ଷେତ୍ରରେ ବିଜାତୀୟବ୍ୟକ୍ତିଙ୍କ ହସ୍ତକ୍ଷେପ ସମସ୍ୟାର କାରଣ ହେବ। ପଛ କଥା ମନକୁ ନ ଆଣି ଯାହା କରିବା କଥା ଶୀଘ୍ର କରିବା ମନ୍ଦ ହେବନି। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାକୁ ପଛେଇ ଯିବେ। ସାଧାରଣ କଥାରେ ପାରିବାରିକ ଅଶାନ୍ତି ହେତୁକ ଅବସାଦ ଦେଖାଦେଇପାରେ।

**ବିଛା** ଅତୀତ ଘଟଣା କିମ୍ବା ବିଭିନ୍ନ ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ବନ୍ଧୁଙ୍କୁ ଅନୁନୟ ବିନୟ ହୋଇ ଧାର କରଜ କରି ଆବଶ୍ୟକତା ଚଳାଇ ନେଇପାରନ୍ତି। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ଶାନ୍ତି ଫେରି ଆସିବ ଓ ସମସ୍ୟା ସମାଧାନ ହେବ। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ବୈଦ୍ୟୁତିକ ଗଣମାଧ୍ୟମ, ଚଳଚ୍ଚିତ୍ର ପାଇଁ ସ୍ୱତନ୍ତ୍ର ଗୌରବ ଆଣିଦେବ। କଠୋର କଥା କହିବାରୁ ଅଶାନ୍ତି ଦେଖାଦେଇପାରେ।

**ମକର** ସ୍ୱାସ୍ଥ୍ୟସମସ୍ୟା ନିମ୍ନାଭିମୁଖୀ ହେଉଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପରିସ୍ଥିତିବିଶତଃ ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବାର ସୌଭାଗ୍ୟ ପ୍ରାପ୍ତ ହେବ। ମାତ୍ର ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କୁମ୍ଭ** ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ପୂର୍ଣ୍ଣ ମାତ୍ରାରେ ଉପଶମ ନ ହେଲେ ମଧ୍ୟ ପୂର୍ବାପେକ୍ଷା ନିୟନ୍ତ୍ରଣରେ ରହିବ। ଆର୍ଥିକ ସ୍ଥିତି ଦୁର୍ବଳ ରହିବା କାରଣରୁ ଚିନ୍ତା କରିବାକୁ ପଡିବ। ବନ୍ଧୁଙ୍କ ସହାୟତାରେ ଆଜି ସହଜ ଓ ସୁବିଧାରେ ହାତକୁ ନେଇଥିବା କାମ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମୀନ** କେଉଁ କାମ ଅଟକିବ ନାହିଁ ସିନା ସହଜ ଓ ସୁବିଧାରେ ସମ୍ପନ୍ନ ବି ହେବ ନାହିଁ। ସମ୍ପର୍କୀୟା ମହିଳାଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ଜିଦ୍‌ଖୋର ପ୍ରବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି। ଆଜିର ଯାତ୍ରା, ବ୍ୟବସାୟ ଓ ବନ୍ଧୁଙ୍କ ଆଲୋଚନାରୁ ଖୁସି ରହିବେ।

ଆଜି ସେପ୍ଟେମ୍ବର ୧୧ ତାରିଖ, ବିଶ୍ୱ ଭ୍ରାତୃତ୍ୱ ଦିବସ, (ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଭାଷଣ, ୧୧।୦୯।୧୮୯୩), ଆଶ୍ୱିନ କୃଷ୍ଣପକ୍ଷର ଚତୁର୍ଥୀ ଯୁକ୍ତ ଅଶ୍ୱ ପଞ୍ଚମୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର- ଦିବା ଘ. ୦୧.୫୮ ମି. ପର୍ଯ୍ୟନ୍ତ ଅଶ୍ୱିନୀ/ମେଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ। ସକାଳ ଘ.୦୫.୩୬ ଗତେ, ଘ.୦୭.୧୪ ମଧ୍ୟେ, ଘ.୧୦.୨୯ ଗତେ ଘ.୧୨.୫୬ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୧୪ ଗତେ ଘ.୦୨.୪୬ ମଧ୍ୟେ ରାହୁ କାଳ ।

## ପ୍ରଥମ ପୃଷ୍ଠାରୁ...

### ଭୁବନେଶ୍ୱର 'ନ୍ୟୁ ସିଟି'କୁ ...

ତିଆରି ଓ ଭିତ୍ତିଭୂମି ବିକାଶ ଲାଗି ପରାମର୍ଶ ଦେବ। ପୂରା ପ୍ରକଳ୍ପ ଲାଗି ବିଡିଏ ଆଗାମୀ ୧୫ ବର୍ଷରେ ୮,୧୭୯ କୋଟି ଟଙ୍କା ଖର୍ଚ୍ଚ କରିବାର ଯୋଜନା ରଖିଛି, ଯେଉଁଥିରେ ସରକାରୀ ଓ ଘରୋଇ ଅର୍ଥ ମିଶିବ। ପ୍ରଥମ ୫ ବର୍ଷ(୨୦୨୫-୨୬ରୁ ୨୦୨୯-୩୦)ରେ ରାଜ୍ୟ ବଜେଟ୍‌ରୁ ୧,୩୪୨ କୋଟି ଟଙ୍କା ଦେବାକୁ ପ୍ରସ୍ତାବ ରହିଛି, ଯେଉଁ ଅର୍ଥ ଜମିକିଣା ସହିତ ରାସ୍ତା ତିଆରି, ମୌଳିକ ସୁବିଧା, ସାର୍ବଜନୀନ ସୁବିଧା ଓ ପ୍ରଶାସନିକ ଖର୍ଚ୍ଚ ପାଇଁ ବ୍ୟବହୃତ ହେବ ବୋଲି ମୁଖ୍ୟ ଶାସନ ସଚିବ ଆହୁଜା କହିଛନ୍ତି।

### ସରକାର କିଣିବେ...

୮୬୦ ଇଏମ୍‌ଏସ୍ ଆମ୍ବୁଲାନ୍ସ ମଧ୍ୟରୁ ୪୨୧ଟି ୫ ବର୍ଷରୁ ଅଧିକ ପୁରୁଣା ହୋଇଥିବା ବେଳେ ନିର୍ଦ୍ଧାରିତ ୨,୫୦,୦୦୦ କିମିରୁ ଊର୍ଦ୍ଧ୍ୱ ଚାଲିସାରିଲାଣି। ରାଜ୍ୟବାସୀଙ୍କୁ ଉନ୍ନତମାନର ସେବା ପ୍ରଦାନ କରିବା ସହିତ ଝାରସୁଗୁଡ଼ାଠାରେ କାର୍ଡିଆକ୍ କେୟାର ହସ୍ପିଟାଲରେ ୨ଟି ଏଏଲ୍‌ଏସ୍ ଆମ୍ବୁଲାନ୍ସ ଏବଂ ବିମାନବନ୍ଦର ପାଇଁ ୫ଟି ଏଏଲ୍‌ଏସ୍ ଆମ୍ବୁଲାନ୍ସ କିଣିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ମୋଟ ୪୨୮ ଆମ୍ବୁଲାନ୍ସ ଆନୁମାନିକ ୧୧୮.୯୮ କୋଟି ଟଙ୍କାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ କ୍ରୟ କରାଯିବ। ଏଥିମଧ୍ୟରୁ ୧୧୮,୦୬ କୋଟି ରାଜ୍ୟ ବଜେଟ୍‌ରୁ ଖର୍ଚ୍ଚହେବ ଏବଂ ୦.୯୨ କୋଟି ଟଙ୍କା ଏମ୍‌ସିଏଲ୍ ଯୋଗାଇଦେବ। ମୁଖ୍ୟ ଶାସନ ସଚିବ କହିଛନ୍ତି, ଓଡ଼ିଶା ନିଯୁକ୍ତି ପରୀକ୍ଷା ଫି' ପ୍ରଦାନ ଏବଂ ଫେରସ୍ତ ନିୟମାବଳୀରେ କେତେକ ପରିବର୍ତ୍ତନ ନିଷ୍ପତ୍ତିକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ପୂର୍ବରୁ ବିଭିନ୍ନ ସରକାରୀ ପଦବୀ ଏବଂ ସେବାରେ ନିଯୁକ୍ତି ପାଇଁ ଆବେଦନ ଏବଂ ପରୀକ୍ଷା ଫି' ନିଆଯାଉ ନ ଥିଲା। ଫଳରେ ପ୍ରଶାସନିକ ବୋଝ ବୃଦ୍ଧିହେବା ସହିତ ପରୀକ୍ଷା ପରିଚାଳନା ଖର୍ଚ୍ଚ ଅଧିକ ହେଉଛି ଏବଂ ସର୍ବସାଧାରଣ ସମ୍ବଳର ଅପଚୟ ହେଉଛି। ଏଣିକି ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଭିନ୍ନକ୍ଷମ ବର୍ଗ ବ୍ୟତୀତ ଅନ୍ୟ ସମସ୍ତ ଆବେଦନକାରୀଙ୍କଠାରୁ ନିଯୁକ୍ତି ସଂସ୍ଥାଗୁଡ଼ିକ ଦ୍ୱାରା ସ୍ଥିରୀକୃତ ପରୀକ୍ଷା ଫି' ସଂଗ୍ରହ କରିବା ପାଇଁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଏହାସହିତ ଆବେଦନ ସମୟରେ ସଂଗୃହୀତ ପରୀକ୍ଷା ଫି' ନିଯୁକ୍ତି ପ୍ରକ୍ରିୟାରେ ଯୋଗଦେଉଥିବା ପ୍ରାର୍ଥୀମାନଙ୍କୁ ନିଯୁକ୍ତି ସଂସ୍ଥାଗୁଡ଼ିକ ମାଧ୍ୟମରେ ସମ୍ପୂର୍ଣ୍ଣ ଫେରସ୍ତ କରାଯିବା ପାଇଁ ମଧ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟ ଶାସନ ସଚିବ ଆହୁଜା କହିଛନ୍ତି।

### ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଟରେ ଦେଖିଲେ କମାର**
**ଲୁହା ପଜେଇଦେ ଆମର ।**

ଯାହାଠାରୁ କିଛି ସାହାଯ୍ୟ ପାଇବାର ଆଶାଥାଏ ତାଙ୍କୁ ଦେଖିବା ମାତ୍ରେ କେତେଜଣ ବ୍ୟକ୍ତି ନିଜର ଫାଇଦା କଥା ଭାବି ଉତ୍‌ଫୁଲିତ ହୋଇଉଠନ୍ତି। ସ୍ଥାନ କାଳ ପାତ୍ର ଭୁଲି ନିଜର ଈପ୍‌ସିତ କାର୍ଯ୍ୟ କରାଇଦେବା ଲାଗି ଜିଗର କରିଥାନ୍ତି। କରିବା ଲୋକ ତ ହାବୁଡ଼େ ପଡିଗଲା, କାମଟା କରେଇନେବା ଚକ୍କରରେ ରହିଥାନ୍ତି। ସୁବିଧାବାଦୀ ଲୋକଙ୍କ ଏତାଦୃଶ ପ୍ରକୃତି ବା ଚରିତ୍ର ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଳ ପାଚିଲେ ବୋଲନ୍ତି ମଉସା**
**ପଙ୍କ ଚିପିଲେ ମିଳନ୍ତି ଗଡ଼ିଶା ।**

ବୟସ ବଢ଼ିଗଲେ ଏହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଦେହ ହାତ ଶିଥିଳ ପଡ଼ିଯିବା ସହ ଆଖିକୁ ଭଲ ଦିଶି ନ ଥାଏ ଓ କେଶ ମଧ ପାଚିଯାଇଥାଏ। ଏପରି କେଶ ପାଚିଯାଇଥିବା ବ୍ୟକ୍ତିଙ୍କୁ ପିତୃସ୍ଥାନୀୟ ମାନ୍ୟତା ଦିଆଯାଇଥାଏ। ସେହିପରି ଗଡ଼ିଶା ମାଛ ପଙ୍କ ମଧରେ ରହିଥାଏ। ତାକୁ ଧରିବାକୁ ହେଲେ ପଙ୍କ ଘାଣ୍ଟିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ବିଡିଓ, ଯନ୍ତ୍ରୀଙ୍କ ଆର୍ଥିକ, ...

ପଞ୍ଚାୟତ ସମିତି ପ୍ରକଳ୍ପଗୁଡ଼ିକର ଯୋଜନା ଏବଂ ଆକଳନର ପ୍ରଶାସନିକ ଅନୁମୋଦନ ପ୍ରଦାନ କରିବାର କ୍ଷମତା ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କୁ ମଧ ନ୍ୟସ୍ତ କରାଯାଇଛି। ମୁଖ୍ୟ ସଚିବ କହିଛନ୍ତି, ସାଧାରଣ ବିକାଶମୂଳକ କାର୍ଯ୍ୟଗୁଡ଼ିକ ପାଇଁ ବୈଷୟିକ ମଞ୍ଜୁରୀ ଏବଂ ପ୍ରଶାସନିକ ଅନୁମୋଦନ ପୂର୍ବରୁ ଯାହା ଥିଲା, ତାହାକୁ ବୃଦ୍ଧି କରାଯାଇଛି। କନିଷ୍ଠ ତଥା ସହକାରୀ ଯନ୍ତ୍ରୀମାନେ ଏବେ ୫ ଲକ୍ଷ ପର୍ଯ୍ୟନ୍ତ ବୈଷୟିକ ମଞ୍ଜୁରୀ ପ୍ରଦାନ କରିପାରିବେ। ସହକାରୀ ନିର୍ବାହୀ ଯନ୍ତ୍ରୀମାନଙ୍କୁ ୫ ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ କ୍ଷମତା ମିଳିଥିବାବେଳେ ନିର୍ବାହୀ ଯନ୍ତ୍ରୀମାନେ ୨୦ ଲକ୍ଷରୁ ୧ କୋଟି, ଅଧୀକ୍ଷଣ ଯନ୍ତ୍ରୀମାନେ ୧ କୋଟିରୁ ୪ କୋଟି ପର୍ଯ୍ୟନ୍ତ ଏବଂ ୪ କୋଟିରୁ ଅଧିକ ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀଙ୍କ ଦ୍ୱାରା ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯିବ। ଅନ୍ୟପକ୍ଷେ ଏମ୍‌ଜିଏନ୍‌ଆରଇଜିଏସ୍ ଅଧୀନରେ ବିକାଶମୂଳକ କାର୍ଯ୍ୟ ପାଇଁ କନିଷ୍ଠ/ସହାୟକ ଯନ୍ତ୍ରୀ/ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକମାନେ ଏବେ ୫ ଲକ୍ଷ ପର୍ଯ୍ୟନ୍ତ ବୈଷୟିକ ମଞ୍ଜୁରୀ ପ୍ରଦାନ କରିପାରିବେ। ଯେତେବେଳେ କି ସହକାରୀ ନିର୍ବାହୀ ଯନ୍ତ୍ରୀମାନଙ୍କୁ ୫ ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷମତା ଦିଆଯାଇଛି। ଅନୁରୂପ ଭାବେ ନିର୍ବାହୀ ଯନ୍ତ୍ରୀ/ଅତିରିକ୍ତ ନିର୍ବାହୀ ଅଧିକାରୀ(ବୈଷୟିକ)ମାନେ ୨୦ ଲକ୍ଷରୁ ୧ କୋଟି, ଅଧୀକ୍ଷଣ ଯନ୍ତ୍ରୀମାନେ ୧ କୋଟିରୁ ୪ କୋଟି ଏବଂ ୪ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀଙ୍କ ଦ୍ୱାରା ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯାଇପାରିବ। ସେହିପରି ସାଧାରଣ ବିକାଶମୂଳକ ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବ୍ୟତୀତ)ରେ ପ୍ରଶାସନିକ ଅନୁମୋଦନ କ୍ଷମତା ମଧ ବୃଦ୍ଧି କରାଯାଇଛି। ବିଡିଓ ୨୦ ଲକ୍ଷ ପର୍ଯ୍ୟନ୍ତ, ପଞ୍ଚାୟତ ସମିତି ଅଧକ୍ଷ ୨୦ ଲକ୍ଷରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ ୫୦ ଲକ୍ଷରୁ ଅଧିକ ଟଙ୍କାର ପ୍ରକଳ୍ପରେ ଅନୁମୋଦନ ପ୍ରଦାନ କରିପାରିବେ। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ଅଧୀନରେ ବିକାଶମୂଳକ କାର୍ଯ୍ୟ ପାଇଁ ପ୍ରଶାସନିକ ଅନୁମୋଦନ କ୍ଷମତା ମଧ ବୃଦ୍ଧି କରାଯାଇଛି। ବିଡିଓମାନେ ୨୦ ଲକ୍ଷ ପର୍ଯ୍ୟନ୍ତ, ପଞ୍ଚାୟତ ସମିତି ଅଧକ୍ଷ ୨୦ ଲକ୍ଷରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ଜିଲାପାଳ ୫୦ ଲକ୍ଷ ଟଙ୍କାରୁ ଅଧିକ ପ୍ରକଳ୍ପ ନିମନ୍ତେ ଅନୁମୋଦନ ପ୍ରଦାନ କରିପାରିବେ। ଏହି ସଂଶୋଧନଗୁଡ଼ିକ ବିଲ୍ ପାସ୍ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ଏବଂ ସମସ୍ତ ପଞ୍ଚାୟତ ସମିତିରେ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ ସହାୟକହେବବୋଲିମୁଖ୍ୟଶାସନସଚିବକହିଛନ୍ତି।

### ଚଳିତ ମାସରେ ଆସିବ ...

ନୀତିରେ ଚୋରା ମାଦକ ଦ୍ରବ୍ୟର ବିକ୍ରି ଉପରେ ରୋକ୍ ଲଗାଯିବ। ଚୋରା ମାଦକଦ୍ରବ୍ୟ ବିକ୍ରି ଉପରେ ଚଢ଼ାଉ ଜୋରଦାର କରାଯାଉଛି। ଯେଉଁମାନେ ଏଥିରେ ଦୋଷୀ ହୋଇଥିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ମଧ ନିଆଯିବ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ସଚେତନତା କାର୍ଯ୍ୟକ୍ରମ କରାଯିବ। ମାସବ୍ୟାପୀ 'ନିଶା ନୁହେଁ ଜୀବନ' କାର୍ଯ୍ୟକ୍ରମ ହେବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାର ନୂଆ ଅବକାରୀ ନୀତି ଆଣିବାରେ ବହୁ ଦିନ ବିଳମ୍ବ କରିସାରିଲେଣି। ୨୦୨୫ ଜାନୁଆରୀରୁ ନୂଆ ଅବକାରୀ ନୀତି ଆଣିବେ ବୋଲି ବିଭିନ୍ନ ସମୟରେ ଅନେକ ତାରିଖ ଦିଆଯାଇଥିଲା। ହେଲେ ସରକାର ଏହା ଆଣିବାରେ ସମୟ ଗଡ଼ାଇ ଚାଲିଛନ୍ତି। ପରବର୍ତ୍ତୀ ସମୟରେ ନୂଆ ଅବକାରୀ ନୀତି ଆଣିବା ଆଗରୁ ଦେଶର ଅନ୍ୟ କେତେକ ରାଜ୍ୟ କେଉଁ ନିୟମ ରଖିଛନ୍ତି ତାକୁ ଦେଖିବା ପରେ ପ୍ରସ୍ତୁତ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ସେହି କ୍ରମରେ ୨ଟି ରାଜ୍ୟରୁ ତଥ୍ୟ ସଂଗ୍ରହ ପରେ ସରକାର ନୂଆ ଅବକାରୀ ନୀତି ଆଣିବାକୁ ଯାଉଛନ୍ତି ବୋଲି ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

### ଫ୍ରାନ୍ସରେ ତେଜିଲା ...

ସରକାର ବିରୋଧରେ ବଡ଼ଧରଣର ବିକ୍ଷୋଭ କରିଛନ୍ତି। 'ବ୍ଲକ୍ ଏଭ୍ରିଥିଙ୍ଗ୍ ମୁଭ୍‌ମେଣ୍ଟ' ବ୍ୟାନରରେ ରାଜଧାନୀ ପ୍ୟାରିସ୍ ସମେତ ଦେଶର ବିଭିନ୍ନ ଭାଗରେ ରାସ୍ତା ଅବରୋଧ କରି ଯାନବାହନଗୁଡ଼ିକୁ ଜଳାପୋଡ଼ା କରିଛନ୍ତି। ଆନ୍ଦୋଳନକାରୀଙ୍କ ଜଳାପୋଡ଼ା ଓ ଭଙ୍ଗାରୁଜା ଭିତରେ ଏହି ୟୁରୋପୀୟ ରାଷ୍ଟ୍ର ଅଶାନ୍ତ ହୋଇପଡ଼ିଛି। ପରିବହନ ଓ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ବିକ୍ଷୋଭକାରୀମାନେ ବିଦ୍ରୋହର ପରିବେଶ ସୃଷ୍ଟି କରୁଥିବା ଦର୍ଶାଇ ପ୍ରାୟ ୩୦୦ ଜଣଙ୍କୁ ଗିରଫ କରାଯାଇଥିବା ଗୃହମନ୍ତ୍ରୀ ବ୍ରୁର୍ନୋ ରିଟାଇଲ୍ଲେଉ କହିଛନ୍ତି। ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଅଭୂତପୂର୍ବ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ସାରା ଦେଶରେ ୮୦,୦୦୦ ପୋଲିସ ଅଧିକାରୀଙ୍କୁ ମୁତୟନ କରାଯାଇଛି। ଏହାସତ୍ତ୍ୱେ ବିକ୍ଷୋଭକାରୀମାନେ ବ୍ୟାରିକେଡ୍ ଭାଙ୍ଗି, ଟାୟାର ଜାଳି ବିଭିନ୍ନ ଅଞ୍ଚଳରେ ଆନ୍ଦୋଳନ ଜାରି ରଖିଛନ୍ତି। ପ୍ୟାରିସ୍‌ରେ ଅଳିଆଗଦାଗୁଡ଼ିକରେ ସେମାନେ ନିଆଁ ଲଗାଇଦେବାରୁ ରାଜଧାନୀର ପ୍ରମୁଖ ଅଞ୍ଚଳରେ ଲୋକେ ଯାତାୟାତ କରିପାରିନାହାନ୍ତି। ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଫ୍ରାଙ୍କୋଇସ୍ ବେରୌ ସୋମବାର ପାର୍ଲାମେଣ୍ଟରେ ଆସ୍ଥା ହରାଇବା ପରେ ନିଜ ପଦରୁ ବିଦା ହୋଇଛନ୍ତି। ମାତ୍ର ୯ ମାସ ପ୍ରଧାନମନ୍ତ୍ରୀ ରହିଥିବା ୭୪ ବର୍ଷୀୟ ବେରୌଙ୍କ ପ୍ରତି ଏମ୍‌ପିମାନେ ଅନାସ୍ଥା ପ୍ରକଟ କରିବା ପରେ ସମ୍ବିଧାନର ଅନୁଚ୍ଛେଦ ୫୦ ଅନୁଯାୟୀ ସେ ଇସ୍ତଫା ଦେବାକୁ ବାଧ ହୋଇଥିଲେ। ଏହି ଘଟଣାକ୍ରମ ୟୁରୋପର ଦ୍ୱିତୀୟ ସର୍ବବୃହତ୍ ଅର୍ଥନୀତି ପାଇଁ ନୂଆ ସଙ୍କଟକୁ ଡାକିଆଣିଛି। ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁ କାଳବିଳମ୍ବ ନ କରି ମଙ୍ଗଳବାର ପ୍ରତିରକ୍ଷାମନ୍ତ୍ରୀ ସେବାସ୍ତିଆନ୍ ଲେକୋର୍ନୁଙ୍କୁ ବେରୌଙ୍କ ନୂଆ ଉତ୍ତରାଧିକାରୀ ଚୟନ କରିଛନ୍ତି। ୧୨ ମାସ ମଧ୍ୟରେ ଚତୁର୍ଥ ଥର ପ୍ରଧାନମନ୍ତ୍ରୀ ପରିବର୍ତ୍ତନକୁ ଦେଶବାସୀ ଗ୍ରହଣ କରିପାରି ନାହାନ୍ତି। ଦେଶରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇ ଅର୍ଥନୀତି ଖରାପ ଆଡ଼କୁ ଗତି କରୁଥିବାବେଳେ ମାକ୍ରଁ ସେଥିପ୍ରତି ଅଣଦେଖା କରୁଥିବାରୁ ଦେଶରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦେଖିବାକୁ ଗଲେ ଫ୍ରାନ୍ସରେ ରାଜନୈତିକ ସ୍ତରରେ ଭୁଲ୍ ପଦକ୍ଷେପ ଯୋଗୁ ସଙ୍କଟ ସୃଷ୍ଟି ହୋଇଛି। ୟୁରୋପୀୟ ପାର୍ଲାମେଣ୍ଟରେ ମାକ୍ରଁଙ୍କ ଦଳର ଦୁର୍ବଳ ପ୍ରଦର୍ଶନ ପରେ ସାନି ନିର୍ବାଚନ କରାଇବା ନେଇ ନିଷ୍ପତ୍ତି ତାଙ୍କ ସରକାରକୁ ଆହୁରି ଅସ୍ଥିର କରିଦେଇଥିଲା। ନୂଆ ନ୍ୟାଶନାଲ ଆସେମ୍ବ୍ଲି ବାମପନ୍ଥୀ ବ୍ଲକ୍, ମାରିନ୍ ଲି ପେନ୍‌ଙ୍କ ନ୍ୟାଶନାଲ ପାର୍ଟି ଓ ସେଣ୍ଟ୍ରିଷ୍ଟଙ୍କୁ ନେଇ ଭାଗଭାଗ ହୋଇଯାଇଛି। ଏଥିଯୋଗୁ ପୂର୍ବରୁ ୩ ଜଣ ପ୍ରଧାନମନ୍ତ୍ରୀ ଗାବ୍ରିଏଲ୍ ଅଟ୍ଟଲ, ମିଶେଲ ବର୍ନିଏ ଓ ଫ୍ରାଙ୍କୋଇସ୍ ବେରୌଙ୍କୁ ପଦ ହରାଇବାକୁ ପଡ଼ିଛି। ଅର୍ଥନୀତିଜ୍ଞମାନେ କହିଛନ୍ତି, ଫ୍ରାନ୍ସରେ ସ୍ଥିରତା ଆଣିବାକୁ ହେଲେ ଟିକସ ବୃଦ୍ଧି ଓ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୫% ଖର୍ଚ୍ଚ କାଟ୍ ପାଇଁ ପଦକ୍ଷେପ ନେବାକୁ ପଡ଼ିବ। ଏହି ସବୁ ପ୍ରସଙ୍ଗରେ ମାକ୍ରଁଙ୍କ ଉଦାସୀନତାକୁ ଦେଶବାସୀ ନାପସନ୍ଦ କରି 'ବ୍ଲକ୍ ଏଭ୍ରିଥିଙ୍ଗ୍ ମୁଭ୍‌ମେଣ୍ଟ' ଚଳାଇଛନ୍ତି। ବିଶେଷକରି ଟିକ୍‌ଟକ୍, X ଓ ଏନ୍‌କ୍ରିପ୍ଟେଡ୍ ମେସେଜିଂ ଚ୍ୟାନେଲଗୁଡ଼ିକରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ସମ୍ପ୍ରତି ଦାନା ବାନ୍ଧିବାରେ ଲାଗିଛି। ଷ୍ଟ୍ରାଇକ୍, ବର୍ଜନ, ରାସ୍ତାରେ ବିକ୍ଷୋଭ ସହ ଶ୍ରମିକ, ଛାତ୍ରୀଛାତ୍ର ଓ ଅଧିକାର କର୍ମୀମାନେ ମାକ୍ରଁଙ୍କ ଅସମାନତା ନୀତିକୁ ଜୋରଦାର ବିରୋଧ କରୁଛନ୍ତି। ଏହି ଆନ୍ଦୋଳନର କେହି କେନ୍ଦ୍ରୀୟ ନେତୃତ୍ୱ ନାହାନ୍ତି। ଏହାସତ୍ତ୍ୱେ ରାସ୍ତା ଅବରୋଧ, ବ୍ୟାଙ୍କରୁ ଅର୍ଥ ଉଠାଣ ଓ ବଡ଼ ସଂସ୍ଥାଗୁଡ଼ିକୁ ବର୍ଜନ କରିବା ୨୦୧୮-୧୯ର 'ୟେଲୋ ଭେଷ୍ଟ' ପ୍ରୋଟେଷ୍ଟର ସ୍ମୃତିକୁ ଉଜ୍ଜୀବିତ କରିଛି। ପୋଲିସ ବୁଧବାର ସକାଳେ ୭୫ ଜଣଙ୍କୁ ଅଟକ ରଖିଥିବାବେଳେ ଅପରାହ୍ନ ହେଲାବେଳକୁ ଗିରଫ ଆନ୍ଦୋଳନକାରୀଙ୍କ ସଂଖ୍ୟା ୩୦୦ ଛୁଇଁଛି। ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ନିସ୍, ମାର୍ସିଲେ, ବସ୍ତିଆ, ଆଜାକ୍ସିଓ ଓ ଅନ୍ୟ ସହରଗୁଡ଼ିକରେ ବିମାନବନ୍ଦର ପାଇ ସତର୍କତା ଜାରି କରିଛନ୍ତି। ଯାତ୍ରୀମାନେ ସେମାନଙ୍କ ବିମାନ ଚଳାଚଳରେ ବିଳମ୍ବ ଓ ରଦ୍ଦ ନେଇ ଯାଞ୍ଚ କରିନିଅନ୍ତୁ ବୋଲି ପରାମର୍ଶ ଦିଆଯାଇଛି। ଏସବୁ ଭିତରେ ନୂତନ ପ୍ରଧାନମନ୍ତ୍ରୀ ନିଯୁକ୍ତି ସହ ମାକ୍ରଁଙ୍କ ପାଇଁ ନୂଆ ଚ୍ୟାଲେଞ୍ଜ ଉଭା ହୋଇଛି। ରାଷ୍ଟ୍ରପତି ଭୋଟରଙ୍କ ନୈରାଶ୍ୟକୁ ଅଣଦେଖା କରି ନିଜ ଅନୁଗତଙ୍କୁ ଥଇଥାନ କରିବାକୁ ଉଦ୍ୟମ କରିଥିବା ସୋସିଆଲିଷ୍ଟ ପାର୍ଟି ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି।

## ଶିଳ୍ପ, ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ୫୩୩.୬୨ କୋଟି ଜଳକର ବାକି

ବ୍ରହ୍ମପୁର,୧୦।୯(ଅଶୋକ କୁମାର ସାହୁ)

ଚଳିତ ଆର୍ଥିକ ବର୍ଷ ଜୁନ୍ ସୁଦ୍ଧା ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାର ବିଭିନ୍ନ ଶିଳ୍ପ ଓ ବ୍ୟବସାୟିକ ସଂସ୍ଥା ନିକଟରେ ଜଳକର ବାବଦକୁ ୫୩୩.୬୨କୋଟି ଟଙ୍କା ବାକି ପଡିଛି। ୨ମାସ ଭିତରେ ଏହା ଆଦାୟ କରିବାକୁ ରାଜ୍ୟ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଗତ ୧ ତାରିଖ ଚିଠି ନଂ. ୨୫୭୩୬ରେ ବ୍ରହ୍ମପୁର ଜଳସେଚନ ବିଭାଜନ, ଭଞ୍ଜନଗର ଜଳସେଚନ ବିଭାଜନ ଓ ହରଭଙ୍ଗୀ ଜଳସେଚନ ବିଭାଜନ ନଂ.୩କୁ ଜଣାଇ ଦିଆଯାଇଛି। ଉପରୋକ୍ତ ୩ ଜିଲାର ୧୧୯ ଶିଳ୍ପ ଓ ବ୍ୟବସାୟିକ ସଂସ୍ଥା ଉପରେ ଉପରୋକ୍ତ ପରିମାଣର ଜଳକର ଦେବାକୁ ଅଛି। ସମ୍ପୃକ୍ତ ଶିଳ୍ପ ସଂସ୍ଥାଗୁଡିକ ଏକକାଳୀନ ସମାଧାନ ବା ୱାନ ଟାଇମ୍ ସେଟେଲମେଣ୍ଟ(ଓଟିଏସ୍) କରିନାହାନ୍ତି କି କର ପୈଠ କରିନାହାନ୍ତି। ତେଣୁ ସମ୍ପୃକ୍ତ ସଂସ୍ଥାଗୁଡିକୁ ତୁରନ୍ତ କର ପୈଠ କରିବା ପାଇଁ ନୋଟିସ ଦେବାକୁ ଜଳ ସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ପ୍ଲାନିଂ ଆଣ୍ଡ ଡିଜାଇନଙ୍କ ପକ୍ଷରୁ କୁହାଯାଇଛି। ହରିଭଙ୍ଗୀ ଜଳସେଚନ ବିଭାଜନ ଅଧୀନରେ ଅଧିକ ଜଳକର ବାକି ପଡିଥିବାବେଳେ ଦ୍ୱିତୀୟରେ ବ୍ରହ୍ମପୁର ଓ ତୃତୀୟରେ ଭଞ୍ଜନଗର ରହିଛି। ବିଶେଷକରି ମଦ ଓ ଇଟା ତିଆରି ଶିଳ୍ପ ଉପରେ ଅଧିକ କର ବାକି ପଡିଛି। ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ନୈରାଶ୍ୟଜନକ ଥିବାବେଳେ ଶିଳ୍ପ ସଂସ୍ଥାକୁ ପାଣି ଦେବାରେ ସରକାର ଆଗଭର ବୋଲି ଚର୍ଚ୍ଚା ହେଉଛି। ରାଜ୍ୟର ବିଭିନ୍ନ ନଦୀନାଳରୁ ଉଚ୍ଚ କ୍ଷମତା ସମ୍ପନ୍ନ ପମ୍ପ ମାଧମରେ ଶିଳ୍ପ ସଂସ୍ଥାଗୁଡିକ ପରିଚାଳନା ପାଇଁ ହଜାର ହଜାର କ୍ୟୁସେକ ପାଣି ଉତ୍ତୋଳନ କରୁଛନ୍ତି। ଦୀର୍ଘଦିନରୁ ଏତେ ଟଙ୍କା ବାକି ଥିଲେ ବି ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନମାନେ କର ପୈଠ କରିବାକୁ କାହିଁକି ପଛଘୁଞ୍ଚା ଦେଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରିପୋର୍ଟ ଅନୁସାରେ ବ୍ରହ୍ମପୁର ଜଳସେଚନ ବିଭାଜନରୁ ଜଳ ଶୋଷୁଥିବା ପ୍ରାୟ ୬୮ଟି ଛୋଟ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ ୧୧୨୨.୮୮ ଲକ୍ଷ ଟଙ୍କା କର ପୈଠ କରିବାକୁ ଅଛନ୍ତି। ସେଥିମଧ୍ୟରେ ବ୍ରହ୍ମପୁର ୱାଟ୍‌କୋ ୧୮.୯୫୯ ଲକ୍ଷ, ଆଇଆରଇଏଲକୁ ଜଳ ଯୋଗାଉଥିବା ବ୍ରହ୍ମପୁର ଜନସ୍ୱାସ୍ଥ୍ୟ ବିଭାଗ ୨୭୫.୭୧୩ ଲକ୍ଷ, ପୂର୍ବତଟ ରେଲୱେ ବାଲୁଗାଁ ଓ ବ୍ରହ୍ମପୁର ୬୯.୨୪୧ ଲକ୍ଷ, ପୂର୍ବତଟ ରେଲୱେ ଛତ୍ରପୁର, ଜଗନ୍ନାଥପୁର ଓ ବ୍ରହ୍ମପୁର ୬୭୨.୭୫୮ ଲକ୍ଷ ଟଙ୍କା ପୈଠ କରିନାହିଁ। ସେହିପରି ଭଞ୍ଜନଗର ଜଳସେଚନ ବିଭାଜନରୁ ପାଣି ନେଉଥିବା ୨ଟି ସଂସ୍ଥା ୧୮୮.୨୩୦ ଲକ୍ଷ ଟଙ୍କା ବାକି ରଖିଥିବା ବେଳେ ହରଭଙ୍ଗୀ ଜଳସେଚନ ବିଭାଜନରୁ ପାଣି ନେଉଥିବା ୪୯ ଶିଳ୍ପ, ଅନୁଷ୍ଠାନ ଓ ବ୍ୟବସାୟିକ ସଂସ୍ଥା ପାଖରେ ୫୨୦୫୧.୪୯ ଲକ୍ଷ ଟଙ୍କା ବାକି ପଡିଛି। ତେବେ ଏମାନଙ୍କ ମଧ୍ୟରେ ରାୟଗଡାର ଜେ.କେ.ପେପର ଲିମିଟେଡ ସିଂହଭାଗ ବାକି ରଖିଛି। ସେ ୫୧୯୦୬.୯୬୭୧୧ ଲକ୍ଷ ଟଙ୍କା କର ଦେବାକୁ ଅଛି। ସେହିପରି ଜେ.କେ.ଆକ୍ୱା ପ୍ରଡକ୍ଟ ୨.୧୬୪୩୧ ଲକ୍ଷ ଟଙ୍କା, ରାୟଗଡାର ତେଜସ୍ୱୀ ହୋଟେଲ ୫.୫୧୦୯୭ ଲକ୍ଷ, ରାୟଗଡା ବାସୁଦେବ ଲଜ୍ ୨.୨୩୫୭୨ ଲକ୍ଷ, ପାରଳାଖେମୁଣ୍ଡି ସହରକୁ ଜଳଯୋଗାଣ କରୁଥିବା ବ୍ରହ୍ମପୁର ଜନସ୍ୱାସ୍ଥ୍ୟ ବିଭାଗ ୧୦.୪୧୨୪ ଲକ୍ଷ, ରାୟଗଡା ଜନସ୍ୱାସ୍ଥ୍ୟ ବିଭାଗ ୬.୨୮ ଲକ୍ଷ, ରାୟଗଡା ରେଲୱେ ବିଭାଗ ୫୮.୫୨୬୨୯ ଲକ୍ଷ, ମିଟସ୍ ଇଞ୍ଜିନିୟରିଂ କଲେଜ ୧୨.୩୨ ଲକ୍ଷ ଟଙ୍କା ବାକି ରଖିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ବିଭିନ୍ନ ନଦୀ, ନାଳ ଜରିଆରେ ପମ୍ପ ସାହାଯ୍ୟରେ ଏମାନେ ପାଣି ନେଉଥିବାବେଳେ ଜଳକର ଦେବାକୁ ପଛଘୁଞ୍ଚା ଦେଉଥିବାରୁ ସରକାରଙ୍କ ରାଜସ୍ୱ ହାନୀ ହେଉଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ଜଳ ସମ୍ପଦ ବିଭାଗ ଋଷିକୁଲ୍ୟା, ବାହୁଦା, ବଂଶଧାରା ଓ ନାଗାବଳୀ ଅବବାହିକାର ମୁଖ୍ୟଯନ୍ତ୍ରୀ ନିର୍ବିଘ୍ନ ଭୋଇଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଚିଠି ଆସିନାହିଁ। ଚିଠି ଆସିଲେ ତୁରନ୍ତ ପଦକ୍ଷେପ ନିଆଯିବ।

# ଆନ୍ତଃ ଜିଲା ବାଇକ୍ ଚୋରି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ

**■ ମୁଖ୍ୟ ଅଭିଯୁକ୍ତଙ୍କ ସହ ୪ ଗିରଫ**

**■ ବିଭିନ୍ନ ସ୍ଥାନରୁ ଚୋରି ୧୩ ବାଇକ୍ ଜବତ**

**ଖୁଣ୍ଟୁଣୀ,୧୦।୯(ସଚ୍ଚିଦାନନ୍ଦ ପଣ୍ଡା)**

କଟକ ଜିଲା ଖୁଣ୍ଟୁଣୀ ପୋଲିସ ଏକ ଆନ୍ତଃ ଜିଲା ବାଇକ୍ ଚୋର ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କଟକ ଜିଲା ବାରଙ୍ଗ ଥାନା ବିଦ୍ୟାଧରପୁର ଗ୍ରାମର ମୁଖ୍ୟ ଅଭିଯୁକ୍ତ ରାଜା ଓରଫ ଲୁଲୁ ମହନ୍ତ, ଖୁଣ୍ଟୁଣୀ ଥାନା ଡାଲୁଆ ଗ୍ରାମର ମନ ଓରଫ ମନୋଜ ଦେହୁରୀ, ଖୁଣ୍ଟୁଣୀ ଥାନା ମାଣିତ୍ରୀ ଗ୍ରାମର ବିଜୁ ଦେହୁରୀ, ଗୁରୁଡ଼ିଝାଟିଆ ଥାନା କୁଷ୍ପଙ୍ଗି ଗ୍ରାମର ସତ୍ୟନାରାୟଣ ବେହେରା। ସମସ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଅପରାହ୍ନରେ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଓ ଖୁଣ୍ଟୁଣୀ ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଉପରୋକ୍ତ ଅଭିଯୁକ୍ତମାନେ ଜିଲାର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରି ଆଣି ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ ଓ କୁଷ୍ପଙ୍ଗିଠାରେ ରଖିଥିଲେ। ଗତ ୭ ତାରିଖରେ ଖୁଣ୍ଟୁଣୀ ଥାନା ସାବିତ୍ରୀପୁର ଗ୍ରାମର କାଳନ୍ଦୀ ବେହେରାଙ୍କ ଏକ ବାଇକ୍ ଚୋରି ହୋଇଥିବା ଖୁଣ୍ଟୁଣୀ ଥାନାରେ ସେ ଅଭିଯୋଗ କରିଥିଲେ। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପ୍ରିୟଦର୍ଶନ ସେଠୀ ଓ ଆଇଆଇସି ରଞ୍ଜନ କୁମାର ପ୍ରଧାନ ଘଟଣାର ତଦନ୍ତ କରି ଡ଼ାଲୁଆ ଗ୍ରାମର ମନୋଜଙ୍କଠାରୁ ବାଇକ୍ ଜବତ କରିଥିଲା। ପରେ ମନୋଜଙ୍କ ବୟାନକୁ ଭିତ୍ତିକରି ପୋଲିସ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଲୁଲୁଙ୍କୁ ପଚରାଉଚରା କରିଥିଲା। ସେମାନେ ବାଇକ୍ ଚୋରି କରି ଖୁଣ୍ଟୁଣୀ ଷ୍ଟେଶନ ରୋଡ ବିଜୁ ଦେହୁରୀଙ୍କ ବାଇକ୍ ଦୋକାନରେ ନମ୍ବର ପ୍ଲେଟ ଆଦି ଅଦଳବଦଳ କରି ଏହାକୁ ବିଭିନ୍ନ ସ୍ଥାନରେ ବିକ୍ରି କରୁଥିଲେ। ଏହି ଡକାୟତ ଗ୍ୟାଙ୍ଗକୁ ଧରିବା ପାଇଁ ଚୌଦ୍ୱାର ଏସ୍‌ଡିପିଓ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଆଇଆଇସି ପ୍ରଧାନଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରିୟଦର୍ଶନ ସେଠୀ, ଏସ୍‌ଆଇ ପ୍ରୀତି ରାୟ ଓ ୨ କନଷ୍ଟେବଲଙ୍କ ସହିତ ଏକ ଟିମ୍ ଗଠିତ ହୋଇଥିଲା। ଉପରୋକ୍ତ ଅଭିଯୁକ୍ତମାନଙ୍କ ବୟାନକୁ ଭିତ୍ତିକରି ବିଭିନ୍ନ ସ୍ଥାନରୁ ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କଠାରୁ ୧୩ଟି ବାଇକ୍ ପୋଲିସ୍ ଜବତ କରିଥିଲା। ଏହି ଘଟଣାରେ ଆହୁରି ଅନେକଙ୍କ ସମ୍ପୃକ୍ତି ଥିବା ଓ ଅଧିକ ଚୋରା ବାଇକ୍ ଜବତ ହେବା ସମ୍ଭାବନା ଥିବାରୁ ପୋଲିସ ଅଧିକ କିଛି କହିବାକୁ ମନା କରିଥିଲା। ଏ ନେଇ ଖୁଣ୍ଟୁଣୀ ଥାନାରେ ଏକ ମାମଲା (ନଂ.୧୮୪/୨୫) ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ସେଠୀ ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ ଓ ଜବତ ଚୋରି ବାଇକ୍।

# ସାର କଳାବଜାର: କିର୍ମିରା ପାକ୍ସ ସମ୍ପାଦକ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ସାର।

**ଝାରସୁଗୁଡ଼ା, ୧୦।୯(ଆଶିଷ ରଞ୍ଜନ ଦାଶ)**

ସାର ଅଭାବ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀମାନେ ଧାରଣା ସହ ରାସ୍ତାରୋକା କରୁଛନ୍ତି। ହେଲେ ସାର କଳାବଜାର ବଢ଼ିବାରେ ଲାଗିଛି। ସାର କଳାବଜାର ଅଭିଯୋଗରେ ଝାରସୁଗୁଡ଼ା ଜିଲା କିର୍ମିରା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ସମ୍ପାଦକ ବୁଦ୍ଧଦେବ ସାହୁଙ୍କୁ ଲଇକେରା ପୋଲିସ ଗିରଫ କରିଛି। ମଙ୍ଗଳବାର ରାତିରେ ଉକ୍ତ ସମିତିରୁ ସାର କଳାବଜାର କରାଯିବା ସହ ୨୬ ବସ୍ତା ସାର ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଲୋଡିଂ କରାଯାଇଥିଲା। ଖବରପାଇ ଗ୍ରାମବାସୀ ସେଠାରେ ପହଞ୍ଚି ଉକ୍ତ ଗାଡ଼ି ଜବତ କରିଥିଲେ। ଜିଲା କୃଷି ଅଧିକାରୀ ପ୍ରଦୀପ ନନ୍ଦ, ଲଇକେରା ତହସିଲଦାର ସଞ୍ଜୀବ କୁଲୁ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଏହି ସାର କଳାବଜାରରେ ପାକ୍ସ ସମ୍ପାଦକ ବୁଦ୍ଧଦେବଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ତହସିଲଦାରଙ୍କ ଉପସ୍ଥିତିରେ ତାଙ୍କ ବିରୋଧରେ ଲଇକେରା ଥାନାରେ ଏତଲା ଦିଆଯାଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୩୦୩/୨୫) ରୁଜୁ କରିବା ସହ ବୁଦ୍ଧଦେବଙ୍କୁ ଗିରଫ କରିଥିଲା।

# ବନ୍ଧୁକ ଦେଖାଇ ଏଇଇଙ୍କୁ ହତ୍ୟା ଧମକ

**ଭବାନୀପାଟଣା,୧୦।୯ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଏମ୍. ରାମପୁର ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ଅନନ୍ତ ପ୍ରଧାନଙ୍କୁ ମିଥ୍ୟା ବିଲ ପାସ୍ କରିବା ପାଇଁ ବୁଧବାର କଣ୍ଟାବାଞ୍ଜିର ଜଣେ ଠିକାଦାରଙ୍କ ଭାଇ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଏଇଇ ପ୍ରଧାନ ଏମ୍. ରାମପୁର ଥାନାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରିଛି। ଘଟଣା ସମ୍ପର୍କରେ ଏମ. ରାମପୁର ଆଇଆଇସି ବୀରବର ଭଗତଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ପରେ ଯିଏ ଦୋଷୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଧରାପଡ଼ିଲା କ୍ଷୀର ଅପମିଶ୍ରଣ

**■ ଟ୍ୟାଙ୍କର ଜବତ, ଡ୍ରାଇଭର ଫେରାର**

**■ ରାସାୟନିକ ଦ୍ରବ୍ୟ, ଅପମିଶ୍ରିତ ପାଣି ନମୁନା ପରୀକ୍ଷାଗାରକୁ ପଠାଗଲା**



ଜବତ କ୍ଷୀର ବୋଝେଇ ଟ୍ୟାଙ୍କର ଓ ଏକ ଟାଟା ଏସି ଗାଡ଼ି।

**ଖୁଣ୍ଟୁଣୀ,୧୦।୯(ସଚ୍ଚିଦାନନ୍ଦ ପଣ୍ଡା)**

ବଢ଼ିଚାଲିଛି ଅପମିଶ୍ରଣ କାରବାର। ଲୋକଙ୍କ ଜୀବନ ସହିତ ଖେଳୁଛନ୍ତି ଅସାଧୁ ବ୍ୟବସାୟୀ। ଅଧିକ ଲୋଭର ବଶଃବର୍ତ୍ତୀ ହୋଇ ମାନବିକତା ଭୁଲି ଯାଉଛନ୍ତି। କ୍ଷୀର ଭଳି ପଦାର୍ଥକୁ ଅପମିଶ୍ରଣ କରି ମାଲାମାଲ୍ ହେବାକୁ ଚେଷ୍ଟା କରୁଥିବା ଏକ ଗ୍ୟାଙ୍ଗ ପୋଲିସ ହାତରେ ଧରାପଡ଼ିଛି। ସମ୍ବଲପୁରରୁ କଟକ ଆସୁଥିବା କ୍ଷୀର ଭ୍ୟାନ୍‌ରୁ ଭଲ କ୍ଷୀର ବାହାର କରି ସେଥିରେ ସମପରିମାଣର ପାଣିରେ କେମିକାଲ ଓ ପାଉଡର ମିଶ୍ରିତ କ୍ଷୀର ମିଶାଯାଉଛି। ବୁଧବାର ଭୋର ସମୟରେ କଟକ ଜିଲା ଗୁରୁଡ଼ିଝାଟିଆ ପୋଲିସ ଅପମିଶ୍ରଣ କରୁଥିବା କ୍ଷୀର ବୋଝେଇ ଟ୍ୟାଙ୍କର ଓ ଏକ ଟାଟା ଏସିଇ ଗାଡ଼ିରେ ବୋଝେଇ ହୋଇଥିବା ୫ଟି କ୍ଷୀର କେନ୍ ଏବଂ ଅପମିଶ୍ରଣ ପାଇଁ ଗଚ୍ଛିତ ରାସାୟନିକ ପଦାର୍ଥ ମିଶା ପାଣି ଡ୍ରମ୍ ଜବତ କରିବା ପରେ ଘଟଣା ସାମ୍ନାକୁ ଆସିଛି। ଅପମିଶ୍ରିତ ପାଣି, ପାଉଡର ଓ ରାସାୟନିକ ପଦାର୍ଥମିଶା ପାଣି ଜବତ କରି ଏହାକୁ ପରୀକ୍ଷାଗାରକୁ ପଠାଇଥିବା ଆଇଆଇସି ତପନ କୁମାର ପତ୍ରୀ କହିଛନ୍ତି। ଘଟଣାସ୍ଥଳରୁ ଅପମିଶ୍ରଣକାରୀ ଅଭିଯୁକ୍ତ ଓ କ୍ଷୀର ବୋଝେଇ ଟ୍ୟାଙ୍କର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଜବତ ଟ୍ୟାଙ୍କର ଭିତରେ ପ୍ରାୟ ୨୫ ହଜାର ଲିଟର କ୍ଷୀର ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନା ଯେ, ସମ୍ବଲପୁର ଜିଲାରୁ କ୍ଷୀର ବୋଝେଇ ଟ୍ୟାଙ୍କର କଟକ ଆସୁଥିଲା। ବାଟରେ ଗୁରୁଡିଝାଟିଆ ଥାନା କୁଷ୍ପଙ୍ଗି ନିକଟସ୍ଥ ୫୫ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଏକ ଢାବା ପଛପଟରେ କ୍ଷୀର ବୋଝେଇ ଟ୍ୟାଙ୍କର ଅପମିଶ୍ରଣ କରାଯାଉଥିଲା। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଗୁରୁଡିଝାଟିଆ ଥାନା ପୋଲିସ ଉପ ନିରୀକ୍ଷକ ତନୁଶ୍ରୀ ସାହୁ ଭୋରରେ ସେଠାରେ ଚଢ଼ାଉ କରିଥିଲା। କ୍ଷୀର ବୋଝେଇ ଟ୍ୟାଙ୍କର ଓମ୍‌ଫେଡ ସଂସ୍ଥାର କି ନାହିଁ ପୋଲିସ ଯୋଗାଯୋଗ କରିଥିଲେ ମଧ୍ୟ ଓମ୍‌ଫେଡ କର୍ତ୍ତୃପକ୍ଷ ଏହା ତାଙ୍କର ନୁହେଁ ବୋଲି କହିଥିବା ଜଣାଯାଇଛି। ପୋଲିସ ଅଧିକ ତଦନ୍ତ ଜାରି ରହିଛି। ଏହି କାରବାର ପଛରେ ସ୍ଥାନୀୟ ଅଞ୍ଚଳର କାହାର ସମ୍ପୃକ୍ତି ରହିଛି କି ନାହିଁ ଓ କେବେଠାରୁ ଏହି କାରବାର ଚାଲୁ ରହିଥିଲା ଏବଂ ଏହି କ୍ଷୀର ବୋଝେଇ ଗାଡ଼ି କ୍ଷୀର ନେଇ କେଉଁ କମ୍ପାନୀକୁ ଯାଉଥିଲା, ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ଛେଣ୍ଡିପଦା,୧୦।୯ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ବୃଦ୍ଧ ଜନୈକା ମୂକ, ବଧିର ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ଏବେ ୮ ମାସର ଗର୍ଭବତୀ ଅଛନ୍ତି। ଅଭିଯୋଗ ଅନୁଯାୟୀ, ନାକିଁଦେଉଳ ଥାନା ଅଞ୍ଚଳର ସମ୍ପୃକ୍ତା ଯୁବତୀ ଛେଣ୍ଡିପଦା ଥାନା ଅଞ୍ଚଳର ସମ୍ପର୍କୀୟଙ୍କ ଘରେ ୫ବର୍ଷ ହେବ ରହୁଛନ୍ତି। ସେ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବାବେଳେ ଅଭିଯୁକ୍ତ ବୃଦ୍ଧ ଜଣଙ୍କ ତାଙ୍କୁ ବଳାତ୍କାର କରିଥିଲେ। ମୂକ, ବଧିର ହୋଇଥିବାରୁ ଯୁବତୀ ଜଣଙ୍କ ଘଟଣା ସମ୍ପର୍କରେ କାହାକୁ ଜଣାଇପାରି ନ ଥିଲେ। ହେଲେ ସେ ୮ ମାସର ଗର୍ଭବତୀ ହେବା ପରେ ସମ୍ପର୍କୀୟମାନଙ୍କ ନଜରକୁ ଘଟଣା ଆସିଥିଲା। ଏହାପରେ ଯୁବତୀଙ୍କ ମା' ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୪୫/୨୫ରେ ମାମାଲା ରୁଜୁ କରିବା ସହ ଯୁବତୀଙ୍କ ଭାଷା ବୁଝି ପାରୁଥିବା ଏକ୍ସପର୍ଟଙ୍କ ଦ୍ୱାରା ବୟାନ ରେକର୍ଡ କରିଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ପୋଲିସ ସୂଚନା ଦେଇଛି।

## BUSINESS

# ଲକ୍ଷ୍ୟଠାରୁ ୨୪.୩୬% ଅଧିକ ଟଙ୍କା ହାସଲ କରିଛନ୍ତି ବ୍ୟାଙ୍କ

**୧୮୦ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି ବୈଠକ**





**ଭୁବନେଶ୍ୱର,୧୦।୯(ଅନୁରାଧା ମହାରଣା)**

୧୮୦ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି ବୈଠକ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏସ୍‌ଏଲ୍‌ବିସି ଓଡ଼ିଶାର ଅଧକ୍ଷ ଅଶ୍ୱିନୀ କୁମାର ସୂଚନା ଦେଇ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏସିପି ଅଧୀନରେ ବାର୍ଷିକ ଲକ୍ଷ୍ୟ ୨,୫୨,୦୯୫.୬୬ କୋଟି ଟଙ୍କା ରଖାଯାଇଥିବାବେଳେ ସମସ୍ତ ବ୍ୟାଙ୍କଗୁଡିକ ୨୦୨୫ ଜୁନ୍ ଶେଷ ସୁଦ୍ଧା ୬୧,୪୧୨.୭୬ କୋଟି ଟଙ୍କା ହାସଲ କରିଛନ୍ତି। ଏହା ଲକ୍ଷ୍ୟର ୨୪.୩୬ ପ୍ରତିଶତ। ରାଜ୍ୟର ବ୍ୟାଙ୍କଗୁଡିକ କୃଷି କ୍ଷେତ୍ରରେ ୨୦.୯୩% ଏବଂ ଏମ୍‌ଏସ୍‌ଏମ୍‌ଇ ଲକ୍ଷ୍ୟ ଅନୁଯାୟୀ ୩୦.୪୧% ହାସଲ କରିଛନ୍ତି। ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଅଭିବୃଦ୍ଧି ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏସିପି ସଫଳତା ଓ ରାଜ୍ୟର ଜିଏସ୍‌ଡିପି ଅନୁପାତକୁ ଋଣ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର ବ୍ୟାଙ୍କଗୁଡିକୁ ଜିଏସ୍‌ଡିପି ଅନୁପାତରେ ବୃଦ୍ଧି ହୋଇଥିବା ଋଣ, ଶିକ୍ଷା ଋଣ ଅଧିନରେ ସବ୍‌ଭେନ୍‌ସନ ଯୋଜନା ସମ୍ପର୍କରେ ସୂଚନା ଦେଇଛନ୍ତି। ଆର୍‌ବିଆଇର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ଏଫ୍‌ଆଇ ସାଚୁରେଶନ କ୍ୟାମ୍ପରେ ରି-କେୱାଇସି କରିବାରେ ଓଡ଼ିଶା ଦେଶରେ ପ୍ରଥମ ହୋଇଥିବା କହିଥିଲେ। କୃଷି ଏବଂ କୃଷକ ସଶକ୍ତୀକରଣ ପ୍ରମୁଖ ସଚିବ ଅରବିନ୍ଦ କୁମାର ପାଢ଼ୀ କୃଷି ଉଦ୍ୟୋଗୀଙ୍କ ପ୍ରୋତ୍ସାହନ, କୃଷି ଭିତ୍ତିଭୂମି ଓ ଏମ୍‌ଆଇଡିଏଚ୍ ଆଦି ଯୋଜନା ଉପରେ କହିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗର ମୁଖ୍ୟ ଉଷା ପାଢ଼ୀ ସାମଗ୍ରିକ ବିକାଶ ଓ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ପିଏମ୍ ସ୍ୱନିଧି, ଆମ ସୁବାହାକ ଯୋଜନାର ଶୁଭାରମ୍ଭ ବିଷୟରେ ସୂଚନା ଦେଇଥିଲେ। ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ଶାଳିନୀ ପଣ୍ଡିତ ମହିଳା ଏସ୍‌ଏଚ୍‌ଜିଙ୍କୁ ଅଧିକ ଋଣ ପ୍ରଦାନ କରିବା, ଋଣ ଟିକଟ ପରିମାଣ ବଢ଼ାଇବା ସମ୍ପର୍କରେ କହିଥିଲେ। ଏମ୍‌ଏସ୍‌ଏମ୍‌ଇ ବିଭାଗର କମିଶନର ତଥା ସଚିବ ପ୍ରଶାନ୍ତ କୁମାର ରେଡ୍ଡୀ ବିଭିନ୍ନ ଯୋଜନା ପାଇଁ ସଂଶୋଧିତ ମାନଦଣ୍ଡ ଅନୁଯାୟୀ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଆର୍ଥିକ ସହାୟତା ପ୍ରଦାନ କରିବା ଉପରେ ଧ୍ୟାନଦେବାକୁ କହିଥିଲେ। ୟୁକୋ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଏବଂ ଏସ୍‌ଏଲ୍‌ବିସି ଓଡ଼ିଶାର ସଂଯୋଜକ ଗୌତମ ପାତ୍ର ୨୦୨୫ ଜୁନ୍‌ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ସମସ୍ତ ବ୍ୟାଙ୍କର ଆଚିଭମେଣ୍ଟ ବିଷୟରେ ଆଲୋଚନା କରିଥିଲେ। ଏସ୍‌ବିଆଇ, ପିଏନ୍‌ବି, ୟୁବିଆଇ, ୟୁକୋ, ବିଓଆଇ ଏବଂ ବିଓବିର ପ୍ରତିନିଧି ଯୋଗଦେଇଥିଲେ। ଶେଷରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଓଡ଼ିଶା ପ୍ରଭାରୀ ଲିଙ୍ଗରାଜ ନାୟକ ଧନ୍ୟବାଦ ଦେଇଥିଲେ।

# ଥମୁନି ସୁନା ଦର ବୃଦ୍ଧି

**ଭୁବନେଶ୍ୱର,୧୦।୯**

ପାର୍ବଣ ଋତୁ ଓ ବିବାହ ଋତୁରେ ଅଳଙ୍କାର କିଣିବାକୁ ଗ୍ରାହକ ପସନ୍ଦ କରୁଥିବାବେଳେ ନିୟମିତ ଭାବେ ସୁନା ଦର ବଢ଼ିଚାଲିଛି। ମଙ୍ଗଳବାର ୨୨ କ୍ୟାରେଟ ସୁନା ଦାମ ୧ ଲକ୍ଷ ଟଙ୍କା ଅତିକ୍ରମ କରିଥିବା ବେଳେ ବୁଧବାର ପୁଣି ଦର ବଢ଼ିଛି ଯାହାକି ଗ୍ରାହକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ୨୪ କ୍ୟାରେଟ୍ ୧୦ ଗ୍ରାମ ସୁନା ଦାମ ୧,୧୦,୫୦୯ ଟଙ୍କାରେ ପହଞ୍ଚିଛି। ମଙ୍ଗଳବାର ଏହା ୧,୧୦,୨୯୦ ଟଙ୍କା ଥିଲା । ଏଥିରେ ୨୧୯ ଟଙ୍କା ବୃଦ୍ଧି ହୋଇଛି । ସେହିପରି ୨୨ କ୍ୟାରେଟ୍ ୧୦ ଗ୍ରାମ ସୁନା ଦର ୧,୦୧,୩୦୦ ଟଙ୍କା ରହିଛି । ମଙ୍ଗଳବାର ୧,୦୧,୧୦୦ ଟଙ୍କା ଥିଲା । ଏଥିରେ ୨୦୦ ଟଙ୍କା ବୃଦ୍ଧି ହୋଇଛି। ୧୮ କ୍ୟାରେଟ୍ ୧୦ ଗ୍ରାମ ସୁନା ଦର ୮୨,୭୨୦ ଟଙ୍କାରୁ ୧୬୦ ଟଙ୍କା ବଢ଼ି ୮୨,୮୮୦ ଟଙ୍କା ରହିଛି । ତେବେ ରୁପା ଦରରେ ୨ଦିନ କୌଣସି ପରିବର୍ତ୍ତନ ହୋଇ ନାହିଁ । ୧୦୦ ଗ୍ରାମ ରୁପା ଦାମ୍ ୧୪,୦୦୦ ଟଙ୍କା ରହିଛି ।

# ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବ ପରିବର୍ତ୍ତିତ ଜିଏସ୍‌ଟି

**ଭୁବନେଶ୍ୱର,୧୦।୯**

ଜେସିବି ଇଣ୍ଡିଆ ଲିମିଟେଡ୍‌ର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଦୀପକ ସେଟ୍ଟୀ, ପରିବର୍ତ୍ତିତ ଜିଏସ୍‌ଟି ଉପରେ ନିଜର ମତ ଦେଇଛନ୍ତି। ପାର୍ବଣ ଋତୁ ପୂର୍ବରୁ ଟ୍ରାକ୍ଟର, କୃଷି ଯନ୍ତ୍ରପାତି ଏବଂ ଜଳସେଚନ ବ୍ୟବସ୍ଥା ଭଳି କୃଷି ଉପକରଣ ଉପରେ କମ୍ ଜିଏସ୍‌ଟି ଖର୍ଚ୍ଚ ହ୍ରାସକରି ଗ୍ରାମୀଣ ଗ୍ରାହକଙ୍କୁ ଉପକୃତ କରିବ ଏବଂ ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବ ବୋଲି ସେ କହିଛନ୍ତି। ଏହି ସଂସ୍କାରଗୁଡ଼ିକ ଗ୍ରାମୀଣ ଅର୍ଥନୀତିରେ ଭିତ୍ତିଭୂମି ବିକାଶ ଏବଂ ଅଭିବୃଦ୍ଧି ଉପରେ ଭାରତ ସରକାରଙ୍କ ଗୁରୁତ୍ୱ ସହ ସମନ୍ୱିତ। ଉଭୟ କ୍ଷେତ୍ରରେ ଜେସିବି ମେଶିନର ବହୁ ଅବଦାନ ରହିଛି।

# ବାରିପଦାରେ ହାଇଟେକ୍‌ର ୩ ଦିନିଆ ସ୍ୱାସ୍ଥ୍ୟ ଶିବିର





**ଭୁବନେଶ୍ୱର,୧୦।୯(ଅନୁରାଧା ମହାରଣା)**

ମୟୂରଭଞ୍ଜ ଜିଲା ବାରିପଦାଠାରେ ଭାରତୀୟ ସେନା ବାଲେଶ୍ୱର ମୁଖ୍ୟାଳୟ ଓ ଜିଲା ପ୍ରଶାସନ ବାରିପଦା ସହଯୋଗରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। କନ୍‌ଭେଣ୍ଟ ରୋଡ୍, ଷ୍ଟେଶନ ବଜାର ଆଶୀର୍ବାଦ ଛକ ନିକଟସ୍ଥ ବିବାହ ମଣ୍ଡପଠାରେ ୩ ଦିନ ଧରି ଆୟୋଜିତ ହୋଇଛି। ଏହି ଶିବିରରେ ବିଭିନ୍ନ ବିଭାଗର ସୁଦକ୍ଷ ଚିକିତ୍ସକଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ସହ ସ୍ୱତନ୍ତ୍ର ଭାବେ ଚକ୍ଷୁ ଓ ଦନ୍ତ ପରୀକ୍ଷା ନିମନ୍ତେ ମୋବାଇଲ ଭ୍ୟାନ୍‌ର ବ୍ୟବସ୍ଥା କରାଯାଇଥିଲା। ଶିବିରକୁ ମୁଖ୍ୟ ଅତିଥି ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମୀ ରାଜଲକ୍ଷ୍ମୀ ଭଞ୍ଜଦେଓ ଏବଂ ହାଇଟେକ୍ ଗ୍ରୁପ୍‌ର ସିଇଓ ତଥା ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରିଥିବା ବେଳେ ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଶିବିର ପରିଦର୍ଶନ କରିଥିଲେ। ଏହି ଶିବିରରେ ୫୫୦୦ରୁ ଊର୍ଦ୍ଧ୍ୱ ଲୋକ ନିଜର ଚିକିତ୍ସା କରାଇଛନ୍ତି। ସ୍ୱତନ୍ତ୍ର ଅତିଥି ଲ୍ୟୁଟ୍‌ନାଣ୍ଟ ଜେନେରାଲ ପି.ଏସ୍. ଶେଖାୱତଙ୍କ ସମେତ ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲାବେଳେ ଶତାଧିକ ସେନା ଅଧିକାରୀ ଓ ସେମାନଙ୍କ ପରିବାରରେ ସ୍ୱାସ୍ଥ୍ୟ ଚିକିତ୍ସା କରାଇଥିଲେ। ପରବର୍ତ୍ତୀ ସମୟରେ ଆଶାୟୀ ରୋଗୀମାନଙ୍କର ହାଇଟେକ୍ ମେଡିକାଲରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ସେବା ଯୋଗାଇଦେବେ ବୋଲି ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଓ ସିଇଓ ସୁରେଶ କୁମାର ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଛନ୍ତି।

# ବଜାରରେ ହିରୋ ଗ୍ଲାମର ଏକ୍ସ୧୨୫



କଟକ କନିକା ଛକସ୍ଥିତ ସନି ମୋଟର୍ସ ପରିଚାଳନା ନିର୍ଦ୍ଦେଶକ ଉମରଜିତ ସିଂହ ଗ୍ଲାମର ଏକ୍ସ ୧୨୫ର ଉନ୍ମୋଚନ କରୁଛନ୍ତି।





ଭୁବନେଶ୍ୱରରେ ରୋହନ ହିରୋ ପକ୍ଷରୁ ଆୟୋଜିତ ଉନ୍ମୋଚନ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ରୋହନ ଦୁବେ, ସେଲ୍ସ ମ୍ୟାନେଜର ଜ୍ୟୋତି ରଞ୍ଜନ ପାତ୍ର ଏବଂ ମ୍ୟାନେଜର(ଲଜିଷ୍ଟିକ୍) ଜ୍ଞାନ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

**ଭୁବନେଶ୍ୱର,୧୦।୯**

ସ୍କୁଟର କମ୍ପାନୀ ହିରୋ ମୋଟରକର୍ପ ପକ୍ଷରୁ ନୂଆ ଗ୍ଲାମର ଏକ୍ସ ୧୨୫ ଉନ୍ମୋଚନ କରାଯାଇଛି। ଏହା ଭାରତରୁ ସବୁଠାରୁ ଅତ୍ୟାଧୁନିକ ୧୨୫ ସିସି ମୋଟରସାଇକେଲ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଆକର୍ଷଣୀୟ ଡିଜାଇନ, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଅତୁଳନୀୟ ପରଫରମାନ୍ସ ଏବଂ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ସହ ପ୍ରସ୍ତୁତ ଏହି ବାଇକ୍ ଦୁଇଟି ଭାରିଆଣ୍ଟରେ ଉପଲବ୍ଧ ହେଉଛି। ଡ୍ରମର ମୂଲ୍ୟ ୮୯,୯୯୯ ଟଙ୍କା ରହିଥିବାବେଳେ ଡିସ୍କର ମୂଲ୍ୟ ୯୯,୯୯୯(ଏକ୍ସ ଶୋ' ରୁମ୍) ମୂଲ୍ୟ ରହିଛି। ଏହାର ସିଗ୍ନେଚର 'ଏଚ୍' ଫୁଲ୍ ଏଲ୍‌ଇଡି ଲାଇଟିଂ ପ୍ୟାକେଜ ମଧ୍ୟରେ ହାଇ ଡେନ୍‌ସିଟି ହେଡ୍ ଲ୍ୟାମ୍ପ, ଇଣ୍ଟିଗ୍ରେଟେଡ୍ ପୋଜିସନ ଲାଇଟ୍ସ ଓ ଷ୍ଟାଇଲିଶ ଏଲ୍‌ଇଡି ଟେଲ୍ ଲ୍ୟାମ୍ପ ରହିଛି। ଏହା ସହ ବ୍ଲୁ ଟୁଥ୍ କନେକ୍ଟିଭିଟି, ଟର୍ନ ବାଇ ଟର୍ନ ନେଭିଗେଶନ, ଡିଷ୍ଟାନ୍ସ ଟୁ ଏମ୍ପଟି ଗିୟର ପୋଜିସନ ଆଡଭାଇଜରି ଓ ଆମ୍ବିଏଣ୍ଟ ଲାଇଟ୍ ସେନ୍ସର ସହ ଆଡଭାନ୍ସଡ୍ ମଲ୍ଟି କଲର ଏଲ୍‌ସିଡି ଇନ୍‌ଷ୍ଟ୍ରୁମେଣ୍ଟ ଆଦି ବୈଶିଷ୍ଟ୍ୟ ରହିଛି। ଗ୍ଲାମର ଏକ୍ସରେ ଅତ୍ୟାଧୁନିକ ସ୍ପ୍ରିଣ୍ଟ-ଇବିଟି ଇଞ୍ଜିନ୍ ରହିଛି। କମ୍ପାନୀ ଦାବି କରିଛି, ଏହା ବିଶ୍ୱର ପ୍ରଥମ ୧୨୫ ସିସି ମୋଟର ସାଇକେଲ ଯେଉଁଥିରେ ଲୋ ବ୍ୟାଟେରି କିକ୍ ଷ୍ଟାର୍ଟ ଅଛି। ଆକର୍ଷଣୀୟ ଲୁକ୍ ସହ ସମ୍ପୂର୍ଣ୍ଣ ନୂତନ ଟେକଟାଇଲ ସୁଇଚ୍ ଗିୟର ଅଛି। ଏଥିରେ ୪ଟି ସ୍ୱତନ୍ତ୍ର ବୈଶିଷ୍ଟ୍ୟ ମଧ ରହିଛି। ହାଇୱେରେ ଚଳାଇବା ପାଇଁ କ୍ରୁଜ୍ କଣ୍ଟ୍ରୋଲ ବ୍ୟବସ୍ଥା ରହିଥିବାବେଳେ ଭିନ୍ନ ଭିନ୍ନ ଧରଣର ରାସ୍ତା ଓ ପାଣିପାଗରେ ଚଳାଇବା ପାଇଁ ଇକୋ, ରୋଡ୍ ଏବଂ ପାୱାର ଭଳି ୩ଟି ମୋଡ୍ ରହିଛି।

> କୌଣସି କୌଣସି ଯୁଗରେ ଆମର ଏହି ପୃଥିବୀର ଜୀବନ ଅଲୌକିକ ଭାବେ ଅନେକ ସୋପାନ ପାରି ହୋଇ ଅଳ୍ପସମୟରେ ବହୁ ଊର୍ଦ୍ଧ୍ୱକୁ ଉଠିଯାଏ। କିନ୍ତୁ ଅନ୍ୟ ସବୁ ସମୟରେ ସେତିକି ପଥ ଯିବାକୁ ତାକୁ ହଜାର ହଜାର ବର୍ଷ ଲାଗିଯାଏ। -ଶ୍ରୀମା



# ମଇଁଷିର ସାଂସ୍କୃତିକ ମହତ୍ତ୍ୱ



ଦେବଦତ୍ତ ପଟ୍ଟନାୟକ

ମଇଁଷି ନଦୀ, ନାଳ, ପୋଖରୀ, ପଙ୍କୁଆ ଜାଗା ଓ ଆର୍ଦ୍ରଭୂମିରେ ଦେଖିବାକୁ ମିଳନ୍ତି। ଅନ୍ୟପଟେ ଗୋରୁ ଶୁଷ୍କ ବନାଞ୍ଚଳକୁ ବେଶି ପସନ୍ଦ କରନ୍ତି। ଭାରତରେ ଉଭୟ ଶୁଷ୍କ ଜଙ୍ଗଲ ଓ ନଦୀ ଅବବାହିକାର ଆର୍ଦ୍ରାଞ୍ଚଳ ରହିଛି। ଶୁଷ୍କ ଅଞ୍ଚଳରେ ଗହମ ଓ ବାଜରା ଜାତୀୟ ଶସ୍ୟ ଚାଷ କରାଯାଉଥିବାବେଳେ ଆର୍ଦ୍ରାଞ୍ଚଳ ଧାନଚାଷ ପାଇଁ ଉପଯୋଗୀ। ଏଣୁ ଦେଖିବାକୁ ଗଲେ ମଇଁଷି ଓ ଗୋସମ୍ପଦ ଭାରତର ଦୁଇଟି ପରିବେଶ (ଆର୍ଦ୍ର ଓ ଶୁଷ୍କ ଅଞ୍ଚଳ)ର ପ୍ରତୀକ। ତେବେ ଅଧିକାଂଶ ଭାରତୀୟ ଗୋସମ୍ପଦ ଉପରେ ଧ୍ୟାନଦେଉଥିବା ବେଳେ ଭାରତର ଆର୍ଥିକ ବ୍ୟବସ୍ଥାରେ ମଇଁଷିର ଗୁରୁତ୍ୱକୁ ବହୁ ସମୟରେ ଅଣଦେଖା କରାଯାଇଥାଏ। ସେମାନଙ୍କର କଳା, ସଂସ୍କୃତି ଓ ରୀତିନୀତିରେ କେତେ ମହତ୍ତ୍ୱ ରହିଛି ତାହା ଉପରେ ଧ୍ୟାନ ଦିଆଯାଏ ନାହିଁ।

ହରପ୍ପା ସଭ୍ୟତାର ପ୍ରାଚୀନ ସିଲ୍‌ବା ମୋହରରେ ମଇଁଷି ଛବି ରହିଛି। ଏହା ସୂଚିତ କରୁଛି, ସେତେବେଳେ ମଇଁଷି ପାଳନ କରାଯାଉଥିଲା। ୪,୫୦୦ ବର୍ଷ ପୂର୍ବେ ହରପ୍ପା ସଭ୍ୟତାର ସହ ମଇଁଷି ଯୋଡ଼ିହୋଇ ରହିଥିଲା। ସେତେବେଳେ ଲୋକେ ମଇଁଷି ମାଂସ ଖାଉଥିଲେ (ଏବେ ଭାରତ ହେଉଛି ମଇଁଷି ମାଂସ ରପ୍ତାନିର ଏକ ପ୍ରମୁଖ ଦେଶ) ଏବଂ ସେମାନଙ୍କ ହାଡ଼ରୁ ବିଭିନ୍ନ ଜିନିଷ ତିଆରି କରାଯାଉଥିଲା। ମଇଁଷି ମଧ୍ୟ ପଶୁପତି ସିଲ୍‌ରେ ଦେଖିବାକୁ ମିଳେ, ଯେଉଁଥିରେ ଜଣେ ସନ୍ନ୍ୟାସୀ ମଇଁଷି ଶିଙ୍ଗର ମୁକୁଟ ପିନ୍ଧିଥିବା ଦେଖାଯାଏ। ମଇଁଷି ଶିଙ୍ଗ ମଧ୍ୟ ଅନ୍ୟ କେତେକ ସିଲ୍‌ରେ ଦେଖିବାକୁ ମିଳେ, ଯାହା ଶକ୍ତି ଏବଂ ପୌରୁଷକୁ ସୂଚିତକରେ।

ପ୍ରାୟ ୩,୫୦୦ ବର୍ଷ ପୂର୍ବେ, ଋଗ୍‌ବେଦ (୪.୧୮.୧୩)ରେ ବର୍ଣ୍ଣନା ରହିଛି ଯେ, ପରାକ୍ରମୀ ଇନ୍ଦ୍ର ଶକ୍ତି ବୃଦ୍ଧି କରିବା ସକାଶେ ସୋମରସ ପାନ କରୁଥିଲେ ଏବଂ ତାହା ଗୋଟିଏ ହିଂସ୍ର ମଇଁଷିର ଶକ୍ତି ସହ ସମାନ ଥିଲା। ପ୍ରାୟ ୨୦୦୦ ବର୍ଷ ପୂର୍ବେ ତାମିଲ ସଙ୍ଗମ କାବ୍ୟ



କୁରୁନ୍ତୋକାଇ ୬୫ରେ ବର୍ଣ୍ଣନା ରହିଛି, ଏକ ପଦ୍ମ ପୁଷ୍କରିଣୀରେ ଥିବା ମଇଁଷି ଜଣେ ଅସଭ୍ୟ ବ୍ୟକ୍ତି ସହ ସମାନ। ଭାରତର ଉତ୍ତରରୁ ଆରମ୍ଭକରି ଦକ୍ଷିଣ ଯାଏ, ସାଂସ୍କୃତିକ ଭାବନା ସହ ମଇଁଷି କିଭଳି ଜଡ଼ିତ ରହିଥିଲା ତାହା ଏଥିରୁ ଜଣାପଡ଼େ। ଅଜନ୍ତାର କାନ୍ଥରେ ଥିବା ବୌଦ୍ଧଧର୍ମର ମହିଷା ଜାଟକାରେ ମଇଁଷି ସମ୍ପର୍କରେ ବର୍ଣ୍ଣନା ରହିଛି। ଗୋଟିଏ ଶାନ୍ତ ସ୍ୱଭାବର ମଇଁଷି ଗୋଟିଏ ମାଙ୍କଡ଼ର ଥଟ୍ଟା ପରିହାସକୁ କିଭଳି ସହିଛି ସେସମ୍ପର୍କରେ ସେଥିରେ ଦର୍ଶାଯାଇଛି। ଚିଡ଼େଇବା ଓ ଖରାପ ପ୍ରକୃତି ପାଇଁ ମାଙ୍କଡ଼କୁ ଦଣ୍ଡଦେବା ଲାଗି ମଇଁଷି ମନା କରିଦେଇଛି। ଅଲୌକିକ ବୃକ୍ଷଦେବୀ କିମ୍ବା ଯକ୍ଷ ମଇଁଷିକୁ ଏଭଳି କରିବା ସକାଶେ ପରାମର୍ଶ ଦେଇଛନ୍ତି। ଦିନେ ଶାନ୍ତ ମଇଁଷିଟିଏ ଦୂରକୁ ପଳାଇଯାଇଛି ଓ ତା' ସ୍ଥାନରେ ଆଉ ଏକ ମଇଁଷି ରହିଯାଇଛି। ନୂଆ ମଇଁଷିଟିକୁ ମାଙ୍କଡ଼ ଜାଣିପାରିନାହିଁ ଏବଂ ତା' ସହ ମଧ୍ୟ ପୂର୍ବଭଳି ବ୍ୟବହାର କଲା ଏବଂ ଶେଷରେ ମଇଁଷିଟି ତାକୁ ଖୁରାରେ ଦଳି ମାରିଦେଲା।

ଜୈନ ପୁରାଣରେ ମଧ୍ୟ ଦ୍ୱାଦଶ ତୀର୍ଥଙ୍କର ବସୁପୂଜ୍ୟଙ୍କର ପ୍ରତୀକ ହେଉଛି ମଇଁଷି। ଜୈନ ଯକ୍ଷୀ ଜ୍ୱାଳାମାଳିନୀ ମଇଁଷି ଉପରେ ବସିଥିବା ଦେଖାଯାଏ। ଅନ୍ୟ ଏକ କାହାଣୀରେ କୁହାଯାଇଛି, ଯକ୍ଷୀ ତାଙ୍କ ପୂର୍ବଜନ୍ମରେ ଜଣେ ଜୈନ ଭକ୍ତ ଥିଲେ ଓ ଜୈନ ସନ୍ନ୍ୟାସୀଙ୍କୁ ଖାଇବାକୁ ଦେଉଥିଲେ ଏବଂ ତାଙ୍କ ସ୍ୱାମୀ ତାଙ୍କୁ ନିର୍ଯାତନା ଦେଇଥିଲେ। ଏଣୁ ସେ ଯକ୍ଷୀ ଭାବେ ଓ ତାଙ୍କ ସ୍ୱାମୀ ମଇଁଷି ରୂପରେ ପୁନର୍ଜନ୍ମ ଲାଭ କରିଥିଲେ, ଯାହା ଉପରେ ଯକ୍ଷୀ ବସି ବୁଲୁଥିଲେ।

ହିନ୍ଦୁ ପୁରାଣରେ ମଇଁଷିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏହା ମୃତ୍ୟୁଦେବ ଯମଙ୍କ ବାହନ। ମା' ଦୁର୍ଗା ବଧକରିଥିବା ମହିଷାସୁରଙ୍କ ମଇଁଷି ଅତି ପ୍ରିୟ ଥିଲା। ଦେବୀ ମହିଷାସୁରକୁ ବଧ କରୁଥିବା ପୁରାତନ ମୂର୍ତ୍ତି (ଖ୍ରୀଷ୍ଟପୂର୍ବ ୧୦୦ର) ରାଜସ୍ଥାନରେ ଦେଖାଯାଏ। କୁଶାଣ ଶାସନ ସମୟର ଦେବୀ ଖାଲି ହାତରେ ମଇଁଷିକୁ ହତ୍ୟା କରୁଥିବା ମୂର୍ତ୍ତି ବି ଦେଖିବାକୁ ମିଳେ। ପରେ ମୂର୍ତ୍ତିକୁ ଅଧିକ ପରିବର୍ତ୍ତନ କରାଯାଇଛି। ଦେବୀଙ୍କ ସିଂହ ଉପରେ ବସିଥିବା ଏବଂ ତାଙ୍କ ପାଦରେ ମଇଁଷିକୁ ଚାପି ମାରିଦେଇଥିବା ମୂର୍ତ୍ତି ସାମ୍ନାକୁ ଆସିଛି। ଏଭଳି ସବୁ ମୂର୍ତ୍ତି ଗୁପ୍ତ, ଚାଲୁକ୍ୟ ଓ ପଲ୍ଲବ ଶାସନ ସମୟର ମନ୍ଦିରଗୁଡ଼ିକରେ ଦେଖାଯାଏ। ସେସବୁ ଏବେ ସାରା ଭାରତରେ ନବରାତ୍ର ଉତ୍ସବର ଅଂଶ ପାଲଟିଯାଇଛି।

ଡେକାନ୍ ବା ଗୋଦାବରୀ ଅବବାହିକା ଅଞ୍ଚଳରେ ସ୍ଥାନୀୟ ପର୍ବଗୁଡ଼ିକରେ ଦେବୀଙ୍କୁ ସନ୍ତୁଷ୍ଟ କରିବାକୁ ଏକ ଅଣ୍ଡିରା ମଇଁଷିକୁ ବଳି ଦିଆଯାଏ। ଏହାଦ୍ୱାରା ସେମାନଙ୍କ ପିଲାମାନେ ବାଘ ଆକ୍ରମଣରୁ ରକ୍ଷାପାଇବେ ବୋଲି ବିଶ୍ୱାସ ରହିଛି। ଏହି ପ୍ରକାର ପରମ୍ପରା ନେପାଳରେ ମଧ୍ୟ ରହିଛି। ଗୋଟିଏ ନୂଆ ଅଣ୍ଡିରା ମଇଁଷି ଛୁଆକୁ ପୂରା ଗୋଟିଏ ବର୍ଷ ପାଳିପୋଷି ବଡ଼ କରାଯାଇ ପର ବର୍ଷରେ ବଳି ଦିଆଯାଏ। ଏହିସବୁ ପରମ୍ପରା ବୟସ୍କ ବଦଳରେ ନୂଆ ଜୀବନକୁ ସମର୍ପଣକରି ପୃଥିବୀର ଉର୍ବରତାକୁ ନିଶ୍ଚିତ କରିଥାଏ।

କେରଳରେ ହର ଏବଂ ହରି(ବିଷ୍ଣୁଙ୍କ ମୋହିନୀ ଅବତାର)ଙ୍କ ପୁତ୍ର ଆୟାପ୍ପା ମହିଷାଙ୍କ ଭଉଣୀ ମହିଷୀକୁ ପରାସ୍ତ କରିଥିବା ବର୍ଣ୍ଣନା ରହିଛି। ମହାରାଷ୍ଟ୍ରରେ, ଗ୍ରାମଦେବୀଙ୍କ ସ୍ୱାମୀ ମହାସୋବା (ମଇଁଷି ଦେବତା)ଙ୍କୁ ପୂଜା କରାଯାଏ। ଏଥିରୁ ମନେହେଉଛି, ଦେବୀଙ୍କ ପ୍ରିୟ ମଇଁଷିଦେବଙ୍କୁ ହତ୍ୟା କରାଯିବା ହେତୁ ସେ ଷଣ୍ଢବାହାନ ଥିବା ଶିବଙ୍କୁ ସ୍ୱାମୀ ରୂପରେ ବାଛିଥିଲେ। ଡେକାନ୍ ଅଞ୍ଚଳରେ ବହୁ ସ୍ଥାନୀୟ ଦେବୀଙ୍କର ଅନେକ ଯୁବ ପୂଜକ ରହିଛନ୍ତି, ଯାହାଙ୍କୁ ପଟରାଜ ବା ମଇଁଷି ରାଜା କୁହାଯାଏ। ସେମାନେ ଆଗରେ ରହି ଦେବୀଙ୍କ ଶୋଭାଯାତ୍ରାକୁ ପରିଚାଳନା କରିଥାନ୍ତି। ଭୟଙ୍କର ଦେଖାଯାଉଥିବା ପୋଷାକ ପିନ୍ଧିଥିବା ଜଣେ ବ୍ୟକ୍ତି ଚାବୁକ ଧରି ଆଗରେ ଚାଲନ୍ତି। ଏହା ତେଲଙ୍ଗାନା ଅଞ୍ଚଳରେ ପାଳନ କରାଯାଉଥିବା ବୋନାଉଲ ଶୋଭାଯାତ୍ରାରେ ଦେଖିବାକୁ ମିଳେ। ଏଭଳି ରୂପକୁ ବହୁ ସମୟରେ କାଳୀଙ୍କ ପୁତ୍ର ବୋଲି କୁହାଯାଏ ଏବଂ ବେଳେବେଳେ ମଧ୍ୟ ତାଙ୍କ ସ୍ୱାମୀ ଭାବେ ଦର୍ଶାଯାଏ, କିନ୍ତୁ ସେ କହନ୍ତି, ମୁଁ ହେଉଛି ଦେବୀଙ୍କ ସେବକ।

-devduttofficial@gmail.com

# ମୋହନ ଭାଗବତ ଜୀଙ୍କୁ ଅଭିନନ୍ଦନ



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆଜି ସେପ୍ଟେମ୍ବର ୧୧। ଏହି ଦିନ ଦୁଇଟି ବିପରୀତ ସ୍ମୃତିକୁ ମନେପକାଏ। ପ୍ରଥମଟି ହେଉଛି ୧୮୯୩ ମସିହାର, ଯେତେବେଳେ ସ୍ୱାମୀ ବିବେକାନନ୍ଦ ଚିକାଗୋର ବିଶ୍ୱ ଧର୍ମ ସମ୍ମିଳନୀରେ ତାଙ୍କର ପ୍ରତୀକାତ୍ମକ ଭାଷଣ ଦେଇଥିଲେ। 'ଆମେରିକାର ଭଉଣୀ ଓ ଭାଇମାନେ...' ଏହି କିଛି ଶବ୍ଦରେ ସେ ପ୍ରେକ୍ଷାଳୟର ହଜାର ହଜାର ଶ୍ରୋତାଙ୍କ ହୃଦୟକୁ ଜିତି, ଭାରତର ଆଧ୍ୟାତ୍ମିକ ଐତିହ୍ୟ ଏବଂ ବିଶ୍ୱ ଭ୍ରାତୃତ୍ୱର ସନ୍ଦେଶକୁ ବିଶ୍ୱସ୍ତରରେ ପରିଚିତ କରାଇଥିଲେ। ଦ୍ୱିତୀୟଟି ହେଉଛି ୯/୧୧ ଆତଙ୍କବାଦୀ ଆକ୍ରମଣ, ଯେତେବେଳେ ମୌଳବାଦ ଓ ଆତଙ୍କବାଦର ବିପଦ ଯୋଗୁ ଏହି ନୀତି ଆକ୍ରମଣର ଶିକାର ହୋଇଥିଲା।

ଆଜିର ଦିନଟି ଆଉ ଏକ ବିଶେଷ ସ୍ମୃତି ସହ ମଧ୍ୟ ଜଡ଼ିତ। ଏହା ହେଉଛି ଶ୍ରୀ ମୋହନ ଭାଗବତ ଜୀଙ୍କ ୭୫ତମ ଜନ୍ମଦିନ। 'ବସୁଧୈବ କୁଟୁମ୍ବକମ୍'ର ଆଦର୍ଶରୁ ଅନୁପ୍ରାଣିତ ହୋଇ ସେ ସାମାଜିକ ପରିବର୍ତ୍ତନ, ସଦ୍ଭାବ ଏବଂ ଭାଇଚାରାର ଭାବନାକୁ ମଜଭୁତ କରିବା ପାଇଁ ସମଗ୍ର ଜୀବନକୁ ଉତ୍ସର୍ଗ କରିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡ଼ିତ ଲକ୍ଷ ଲକ୍ଷ ସଦସ୍ୟଙ୍କ ପାଇଁ ସେ 'ପରମପୂଜ୍ୟ ସରସଂଘଚାଳକ' ଭାବେ ସମ୍ମାନିତ। ତାଙ୍କ ୭୫ତମ ଜନ୍ମଦିନ, ଆକସ୍ମିକ ଭାବରେ, ସେହି ବର୍ଷ ପଡ଼ୁଛି, ଯେତେବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ଶତବାର୍ଷିକୀ ପାଳନ କରୁଛି। ଏହି ଅବସରରେ ମୁଁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ତାଙ୍କ ଦୀର୍ଘ, ସୁସ୍ଥ ଓ ସକ୍ରିୟ ଜୀବନ ପାଇଁ ପ୍ରାର୍ଥନା କରୁଛି।

ମୋହନ ଜୀଙ୍କ ପରିବାର ସହିତ ମୋର ସମ୍ପର୍କ ଗଭୀର। ମୁଁ ତାଙ୍କ ପିତା ସ୍ୱର୍ଗତ ମଧୁକରରାଓ ଭାଗବତ ଜୀଙ୍କ ସହ କାମ କରିବାର ସୌଭାଗ୍ୟ ପାଇଛି ଏବଂ ମୋର ପୁସ୍ତକ 'ଜ୍ୟୋତିପୁଞ୍ଜ'ରେ ମଧ୍ୟ ତାଙ୍କର ଜୀବନ ଏବଂ କାର୍ଯ୍ୟ ବିସ୍ତୃତ ଭାବେ ଉଲ୍ଲେଖ କରିଛି। ଆଇନ ଜଗତରେ ତାଙ୍କର ଯୋଗଦାନ ସହିତ ରାଷ୍ଟ୍ର ନିର୍ମାଣ ପ୍ରତି ତାଙ୍କର ଉତ୍ସର୍ଗ ଅସାଧାରଣ। ସମଗ୍ର ଗୁଜରାଟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘକୁ ଶକ୍ତିଶାଳୀ କରିବାରେ ସେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରାଷ୍ଟ୍ର ପ୍ରତି ଏହି ଅଗାଧ ସମର୍ପଣ ତାଙ୍କ ପୁଅ ମୋହନରାଓଙ୍କୁ ମଧ୍ୟ ପ୍ରେରଣା ଦେଇଥିଲା, ଯାହା ତାଙ୍କୁ ଭାରତର ପୁନର୍ଜନ୍ମ ପାଇଁ ନିଷ୍ଠାପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ଅନୁପ୍ରାଣିତ କଲା। ଜଣେ ପରସମଣି ମଧୁକରରାଓ, ମୋହନରାଓଙ୍କ ମାଧ୍ୟମରେ ଆଉ ଏକ ପରସମଣିଙ୍କୁ ପ୍ରସ୍ତୁତ କରିଥିଲେ।

ମୋହନ ଜୀ ୧୯୭୦ ଦଶକର ମଧ୍ୟଭାଗରେ ଆର୍‌ଏସ୍‌ଏସ୍‌ର ଜଣେ ପ୍ରଚାରକ ହୋଇଥିଲେ। 'ପ୍ରଚାରକ' ଶବ୍ଦଟି ଶୁଣିବା ପରେ କେହି ଭୁଲ୍‌ରେ ଭାବିପାରନ୍ତି ଯେ, ଏହା ଏପରି ବ୍ୟକ୍ତିଙ୍କୁ ବୁଝାଏ, ଯିଏ କେବଳ ପ୍ରଚାର କରନ୍ତି କିମ୍ବା ପ୍ରଚାର କରୁଛନ୍ତି। କିନ୍ତୁ ଯେଉଁମାନେ ଆର୍‌ଏସ୍‌ଏସ୍‌ର କାର୍ଯ୍ୟ ସହିତ ଉତ୍ତମରୂପେ ପରିଚିତ ସେମାନେ ଅବଶ୍ୟ ବୁଝନ୍ତି ଯେ, ପ୍ରଚାରକ ପରମ୍ପରା ସଙ୍ଗଠନର କାର୍ଯ୍ୟର ମୂଳଦୁଆରେ ରହିଛି। ଗତ ଶହେବର୍ଷ ଧରି ଦେଶପ୍ରେମ ଉତ୍ସାହରେ ଅନୁପ୍ରାଣିତ ହଜାର ହଜାର ଯୁବକ 'ଭାରତ ପ୍ରଥମ'ର ଚିନ୍ତାଧାରା ଓ ଆଦର୍ଶକୁ ସାକାର କରିବା ନିମନ୍ତେ ନିଜର ଜୀବନ ଉତ୍ସର୍ଗ କରିବା ପାଇଁ ନିଜର ଘର ଏବଂ ପରିବାର ଛାଡ଼ିଛନ୍ତି।

ଆର୍‌ଏସ୍‌ଏସ୍‌ରେ ତାଙ୍କର ପ୍ରାରମ୍ଭିକ ବର୍ଷଗୁଡ଼ିକ ଭାରତୀୟ ଇତିହାସର ଏକ ଅତ୍ୟନ୍ତ ଅନ୍ଧକାର ସମୟ ସହିତ ସମାନ ଭାବରେ ରହିଥିଲା। ଏହି ସେହି ସମୟ ଥିଲା, ଯେତେବେଳେ ତତ୍କାଳୀନ କଂଗ୍ରେସ ସରକାର ଦ୍ୱାରା ଦେଶରେ କଠୋର ଜରୁରିକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା। ପ୍ରତ୍ୟେକ ବ୍ୟକ୍ତି, ଯେଉଁମାନେ ଗଣତାନ୍ତ୍ରିକ ନୀତିକୁ ଆଦର କରୁଥିଲେ ଏବଂ ଭାରତକୁ ସମୃଦ୍ଧ କରିବାକୁ ଚାହୁଁଥିଲେ, ସେମାନଙ୍କ ପାଇଁ ଜରୁରିକାଳୀନ ବିରୋଧୀ ଆନ୍ଦୋଳନକୁ ମଜଭୁତ କରିବା ସ୍ୱାଭାବିକ ଥିଲା। ମୋହନ ଜୀ ଏବଂ ଅଗଣିତ ଆର୍‌ଏସ୍‌ଏସ୍ ସ୍ୱୟଂସେବକମାନେ ଏହା ହିଁ କରିଥିଲେ। ସେ ମହାରାଷ୍ଟ୍ରର ଗ୍ରାମୀଣ ଏବଂ ପଛୁଆ ଅଞ୍ଚଳ,



ବିଶେଷକରି ବିଦର୍ଭରେ ବ୍ୟାପକ ଭାବରେ କାର୍ଯ୍ୟ କରିଥିଲେ। ଏହା ଗରିବ ଏବଂ ଦଳିତ ଲୋକଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଆହ୍ୱାନ ବିଷୟରେ ତାଙ୍କର ବୁଝାମଣାକୁ ଆକାର ପ୍ରଦାନ କରିଥିଲା।

ବର୍ଷ ବର୍ଷ ଧରି ଭାଗବତ ଜୀ ଆର୍‌ଏସ୍‌ଏସ୍‌ର ବିଭିନ୍ନ ପଦବୀରେ ରହିଥିଲେ। ସେ ପ୍ରତ୍ୟେକ କର୍ତ୍ତବ୍ୟକୁ ଅତ୍ୟନ୍ତ ଦକ୍ଷତାର ସହ ସମ୍ପାଦନ କରିଥିଲେ। ୧୯୯୦ ଦଶକରେ ଅଖିଳ ଭାରତୀୟ ଶାରୀରିକ ବ୍ୟାୟାମ ପ୍ରମୁଖର ମୁଖ୍ୟ ଭାବରେ ମୋହନ ଜୀଙ୍କ ବର୍ଷଗୁଡ଼ିକୁ ଏବେ ବି ଅନେକ ସ୍ୱୟଂସେବକ ସ୍ମରଣ କରନ୍ତି। ଏହି ସମୟ ମଧ୍ୟରେ ସେ ବିହାରର ଅସଂଖ୍ୟ ଗ୍ରାମରେ କାର୍ଯ୍ୟକରି ସମୟ ବିତାଇଥିଲେ। ଏହି ଅଭିଜ୍ଞତା ତୃଣମୂଳ ସ୍ତରର ସମସ୍ୟାଗୁଡ଼ିକ ସହିତ ତାଙ୍କର ସମ୍ପର୍କକୁ ଆହୁରି ଗଭୀର କରିଥିଲା। ୨୦୦୦ ମସିହାରେ ସେ ସାଧାରଣ ସମ୍ପାଦକ ହୋଇଥିଲେ ଏବଂ ସେଥିରେ ମଧ୍ୟ ସେ ତାଙ୍କର ଅନନ୍ୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିଲେ। ଅନେକ ଜଟିଳ ପରିସ୍ଥିତିକୁ ସହଜ ଏବଂ ସଠିକତାର ସହିତ ପରିଚାଳନା କରୁଥିଲେ। ୨୦୦୯ ମସିହାରେ ସେ ସରସଂଘଚାଳକ ହୋଇଥିଲେ ଏବଂ ଅତ୍ୟନ୍ତ ଦକ୍ଷତାର ସହ କାମ କରିଚାଲିଥିଲେ।

ସରସଂଘଚାଳକ ହେବା ଏକ ସାଂଗଠନିକ ଦାୟିତ୍ୱ ଅପେକ୍ଷା ଅଧିକ। ଅସାଧାରଣ ବ୍ୟକ୍ତିବିଶେଷ ବ୍ୟକ୍ତିଗତ ତ୍ୟାଗ, ଉଦ୍ଦେଶ୍ୟର ସ୍ପଷ୍ଟତା ଏବଂ ମା' ଭାରତୀଙ୍କ ପ୍ରତି ଅଟଳ ପ୍ରତିବଦ୍ଧତା ମାଧ୍ୟମରେ ଏହି ଭୂମିକାକୁ ପରିଭାଷିତ କରିଛନ୍ତି। ମୋହନ ଜୀ ଦାୟିତ୍ୱର ବିଶାଳତାକୁ ପୂର୍ଣ୍ଣ ନ୍ୟାୟ ଦେବା ସହିତ ଏଥିରେ ନିଜର ଶକ୍ତି, ବୌଦ୍ଧିକ ଗଭୀରତା ଏବଂ ସହାନୁଭୂତିଶୀଳ ନେତୃତ୍ୱକୁ ମଧ୍ୟ ଆଣିଥିଲେ, ଯାହା ରାଷ୍ଟ୍ର ସର୍ବୋପରି ନୀତି ଦ୍ୱାରା ଅନୁପ୍ରାଣିତ।

ମୁଁ ମୋହନ ଜୀଙ୍କ ବ୍ୟକ୍ତିତ୍ୱକୁ ଯେତିକି ନିକଟରୁ ଜାଣିଛି, ତାଙ୍କ କାର୍ଯ୍ୟଶୈଳୀର ମୂଳରେ ଥିବା ଦୁଇଟି ଗୁଣକୁ ମୁଁ ଚିହ୍ନଟ କରିପାରେ, ତାହା ହେଉଛି – ନିରନ୍ତରତା ଏବଂ ଅନୁକୂଳନ। ସେ ସଦାସର୍ବଦା ସଂଗଠନକୁ ସବୁଠୁ କଠିନ ପରିସ୍ଥିତି ମଧ୍ୟରେ ଅଗ୍ରସର କରାଇଛନ୍ତି, କିନ୍ତୁ ମୂଳ ବିଚାରଧାରା ସହ କେବେ ମଧ୍ୟ ସାଲିସ୍ କରିନାହାନ୍ତି। ଅନୁରୂପ ଭାବରେ ସେ ସମାଜର ବିକଶିତ ଆବଶ୍ୟକତାକୁ ପୂରଣ କରୁଛନ୍ତି। ଯୁବପିଢ଼ି ସହିତ ତାଙ୍କର ସ୍ୱାଭାବିକ ଏବଂ ନିବିଡ଼ ସମ୍ପର୍କ, ସର୍ବଦା ନୂଆ ପିଢ଼ିକୁ ସଂଘ ପରିବାର ସହିତ ଯୋଡ଼ିବା ପ୍ରତି ତାଙ୍କର ପ୍ରଚେଷ୍ଟା ଆଜିର ଗତିଶୀଳ ଏବଂ ଡିଜିଟାଲ ବିଶ୍ୱରେ ଅଧିକ ଲାଭଦାୟକ ହୋଇଛି। ସାଧାରଣ ଆଲୋଚନା, ସମ୍ବାଦ ଓ ପାରସ୍ପରିକ କାର୍ଯ୍ୟରେ ସେ ଯେଭଳି ନିୟମିତ ଭାବେ ଯୋଡ଼ିହୁଅନ୍ତି, ତାହା ତାଙ୍କୁ ସର୍ବଦା ପ୍ରେରଣାଦାୟୀ ନେତୃତ୍ୱ ଭାବରେ ପ୍ରତିଷ୍ଠିତ କରେ।

ସାମଗ୍ରିକ ଭାବରେ କହିବାକୁ ଗଲେ, ଭାଗବତ ଜୀଙ୍କ କାର୍ଯ୍ୟକାଳକୁ ଆର୍‌ଏସ୍‌ଏସ୍‌ର ୧୦୦ ବର୍ଷର ଯାତ୍ରାରେ ସବୁଠାରୁ ପରିବର୍ତ୍ତନକାରୀ ଅବଧି ଭାବରେ ବିବେଚନା କରାଯିବ। ୟୁନିଫର୍ମ ପରିବର୍ତ୍ତନଠାରୁ ଆରମ୍ଭକରି ଶିକ୍ଷା ବର୍ଗ(ପ୍ରଶିକ୍ଷଣ ଶିବିର)ରେ ସଂସ୍କାର ପର୍ଯ୍ୟନ୍ତ ତାଙ୍କ ନେତୃତ୍ୱରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି।

ମୁଁ ବିଶେଷ ଭାବରେ କୋଭିଡ୍ ସମୟରେ ମୋହନ ଜୀଙ୍କ ପ୍ରୟାସକୁ ସ୍ମରଣ ରଖିଛି, ଯେତେବେଳେ ମାନବଜାତି ଜୀବଦ୍ଦଶାରେ ଥରେ ଦେଖାଦେଇଥିବା ଭୟଙ୍କର ମହାମାରୀ ସହିତ ଲଢୁଥିଲା। ସେହି ସମୟରେ ପାରମ୍ପରିକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କାର୍ଯ୍ୟକଳାପ ଜାରି ରଖିବା ସବୁଠୁ ବଡ଼ ଆହ୍ୱାନ ସାଜିଥିଲା। ମୋହନ ଜୀଙ୍କ ପରାମର୍ଶ ଥିଲା ଯେ, ପ୍ରଯୁକ୍ତିର ବ୍ୟବହାର ବୃଦ୍ଧି କରାଯାଉ। ବିଶ୍ୱସ୍ତରୀୟ ଆହ୍ୱାନ ପରିପ୍ରେକ୍ଷୀରେ ସେ ସଂସ୍ଥାଗତ ଢାଞ୍ଚାର ବିକାଶ କରିବା ସହିତ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହ ଜଡ଼ିତ ରହିଥିଲେ।

ସେହି ସମୟରେ ସମସ୍ତ ସ୍ୱୟଂସେବକ ନିଜର ଏବଂ ଅନ୍ୟମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ସହିତ ଦୁର୍ଦ୍ଦଶା ମଧ୍ୟରେ ଥିବା ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଯଥାସମ୍ଭବ ପ୍ରୟାସ କରିଥିଲେ। ଅନେକ ସ୍ଥାନରେ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ଆମେ ଆମର ଅନେକ ଶ୍ରମନିଷ୍ଠ ସ୍ୱୟଂସେବକଙ୍କୁ ମଧ୍ୟ ହରାଇଥିଲୁ, କିନ୍ତୁ ମୋହନ ଜୀଙ୍କ ପ୍ରେରଣା ଏପରି ଥିଲା ଯେ ସେମାନଙ୍କର ଦୃଢ଼ ନିଷ୍ପତ୍ତି କେବେ ବି ବିଚଳିତ ହୋଇ ନ ଥିଲା।

ଚଳିତ ବର୍ଷ ଆରମ୍ଭରେ ନାଗପୁରରେ ମାଧବ ନେତ୍ର ଚିକିତ୍ସାଳୟର ଉଦ୍‌ଘାଟନ ସମୟରେ ମୁଁ ମତ ଦେଇଥିଲି ଯେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏକ ଅକ୍ଷୟବଟ ସଦୃଶ। ଏହା ଏକ ଅନନ୍ତ ବଟବୃକ୍ଷ, ଯାହା ଆମ ଦେଶର ଜାତୀୟ ସଂସ୍କୃତି ଏବଂ ସାମୂହିକ ଚେତନାକୁ ଶକ୍ତି ପ୍ରଦାନ କରେ। ଏହି ଅକ୍ଷୟବଟର ମୂଳ ଗଭୀର ଏବଂ ଦୃଢ଼; କାରଣ ସେଗୁଡ଼ିକ ମୂଲ୍ୟବୋଧରେ ପରିପୂର୍ଣ୍ଣ। ମୋହନ ଭାଗବତ ଜୀ ଏହି ମୂଲ୍ୟବୋଧଗୁଡ଼ିକୁ ପୋଷଣ ଯୋଗାଇଛନ୍ତି ଏବଂ ଆଗକୁ ବଢ଼ାଇବା ପାଇଁ ଯେଉଁ ସମର୍ପଣ ସହିତ ନିଜକୁ ପ୍ରତିବଦ୍ଧ କରିଛନ୍ତି, ତାହା ବାସ୍ତବରେ ପ୍ରେରଣାଦାୟକ।

ମୋହନ ଜୀଙ୍କ ବ୍ୟକ୍ତିତ୍ୱର ଅତ୍ୟନ୍ତ ପ୍ରଶଂସନୀୟ ଗୁଣ ହେଉଛି ତାଙ୍କର ମୃଦୁଭାଷୀ ସ୍ୱଭାବ। ସେ କେବଳ କହିବାରେ ନୁହେଁ, ଶୁଣିବାରେ ମଧ୍ୟ ଅସାଧାରଣ। ଏହି ଗୁଣ ଏକ ଗଭୀର ଦୃଷ୍ଟିକୋଣ ସୁନିଶ୍ଚିତ କରେ ଏବଂ ତାଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱ ପାଇଁ ସମ୍ବେଦନଶୀଳତା ଏବଂ ମର୍ଯ୍ୟାଦାର ଭାବନା ମଧ୍ୟ ଜାଗ୍ରତ କରେ।

ଏଠାରେ ମୁଁ ବିଭିନ୍ନ ଜନ ଆନ୍ଦୋଳନ ପ୍ରତି ତାଙ୍କର ସର୍ବଦା ଦେଖାଯାଇଥିବା ଆଗ୍ରହ ବିଷୟରେ ମଧ୍ୟ ଉଲ୍ଲେଖ କରିବାକୁ ଚାହୁଁଛି। 'ସ୍ୱଚ୍ଛ ଭାରତ ମିଶନ'ଠାରୁ 'ବେଟୀ ବଚାଓ ବେଟୀ ପଢ଼ାଓ' ପର୍ଯ୍ୟନ୍ତ ମୋହନ ଜୀ ସର୍ବଦା ସମଗ୍ର ଆର୍‌ଏସ୍‌ଏସ୍ ପରିବାରକୁ ଏହି ଆନ୍ଦୋଳନଗୁଡ଼ିକ ମାଧ୍ୟମରେ ଶକ୍ତି ସଂଯୋଗ କରିବାକୁ ଅନୁରୋଧ କରିଥାଆନ୍ତି। ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ଆଗେଇନେବା ନିମନ୍ତେ ମୋହନ ଜୀ 'ପଞ୍ଚ ପରିବର୍ତ୍ତନ' ପରାମର୍ଶ ଦେଇଛନ୍ତି, ଯେଉଁଥିରେ ସାମାଜିକ ସମନ୍ୱୟ, ପାରିବାରିକ ମୂଲ୍ୟବୋଧ, ପରିବେଶଗତ ସଚେତନତା, ଜାତୀୟ ସ୍ୱାଭିମାନ ଏବଂ ନାଗରିକ କର୍ତ୍ତବ୍ୟ ଅନ୍ତର୍ଭୁକ୍ତ। ଏହା ଜୀବନର ସମସ୍ତ କ୍ଷେତ୍ରର ଭାରତୀୟମାନଙ୍କୁ ପ୍ରେରଣା ଯୋଗାଇପାରିବ। ପ୍ରତ୍ୟେକ ସ୍ୱୟଂସେବକ ଏକ ଶକ୍ତିଶାଳୀ ଏବଂ ସମୃଦ୍ଧ ରାଷ୍ଟ୍ର ଗଢ଼ିବାର ସ୍ୱପ୍ନ ଦେଖନ୍ତି। ଏହି ସ୍ୱପ୍ନକୁ ସାକାର କରିବା ନିମନ୍ତେ ସ୍ପଷ୍ଟ ଦୃଷ୍ଟିକୋଣ ଏବଂ ନିର୍ଣ୍ଣାୟକ କାର୍ଯ୍ୟ ଉଭୟ ଆବଶ୍ୟକ। ମୋହନ ଜୀ ଏହି ଦୁଇଟି ଗୁଣକୁ ବିପୁଳ ମାତ୍ରାରେ ପ୍ରତିପାଦନ କରନ୍ତି।

ଭାଗବତ ଜୀ ସଦାସର୍ବଦା 'ଏକ୍ ଭାରତ ଶ୍ରେଷ୍ଠ ଭାରତ'ର ଜଣେ ଦୃଢ଼ ଅନୁଗାମୀ। ଭାରତର ବିବିଧତା ଏବଂ ଆମ ଭୂମିର ଏକ ଅଂଶ ଥିବା ଅସଂଖ୍ୟ ଭିନ୍ନ ସଂସ୍କୃତି ଏବଂ ପରମ୍ପରା ପାଳନରେ ଦୃଢ଼ବିଶ୍ୱାସୀ।

ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ବ୍ୟତୀତ ମୋହନ ଜୀ ସର୍ବଦା ସଙ୍ଗୀତ ଏବଂ ଗୀତ ଗାଇବା ଭଳି ଆଗ୍ରହକୁ ଅନୁସରଣ କରିବା ପାଇଁ ସମୟ ପାଇଛନ୍ତି। ବହୁତ କମ୍ ଲୋକ ଜାଣନ୍ତି ଯେ, ସେ ବିଭିନ୍ନ ଭାରତୀୟ ବାଦ୍ୟଯନ୍ତ୍ରରେ ମଧ୍ୟ ପାରଙ୍ଗମ। ପାଠପଢ଼ା ପ୍ରତି ଆଗ୍ରହ ତାଙ୍କର ଅନେକ ଭାଷଣ ଏବଂ ଆଲୋଚନାରେ ଦେଖାଯାଇପାରେ।

ଚଳିତ ବର୍ଷ ଆଉ ମାତ୍ର ଅଳ୍ପଦିନ ପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ୧୦୦ ବର୍ଷ ପୂରଣ କରିବାକୁ ଯାଉଛି। ଏହା ମଧ୍ୟ ଏକ ସୁଖଦ ସଂଯୋଗ ଯେ ଚଳିତ ବର୍ଷ ବିଜୟାଦଶମୀ, ଗାନ୍ଧୀ ଜୟନ୍ତୀ, ଲାଲ୍ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ଏବଂ ଆର୍‌ଏସ୍‌ଏସ୍ ଶତବାର୍ଷିକୀ ପାଳନ ଗୋଟିଏ ଦିନରେ ହେଉଛି। ଏହା ଭାରତ ଏବଂ ବିଶ୍ୱରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡ଼ିତ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ହେବ। ମୋହନ ଜୀଙ୍କ ରୂପରେ ଆମର ଜଣେ ଅତ୍ୟନ୍ତ ଜ୍ଞାନୀ ଏବଂ ପରିଶ୍ରମୀ ସରସଂଘଚାଳକ ଅଛନ୍ତି, ଯିଏ ବର୍ତ୍ତମାନ ସମୟରେ ସଂଗଠନକୁ ପରିଚାଳନା କରୁଛନ୍ତି। ମୁଁ ଏହା କହି ଶେଷ କରିବି ଯେ, ମୋହନ ଜୀ ହେଉଛନ୍ତି 'ବସୁଧୈବ କୁଟୁମ୍ବକମ୍'ର ଏକ ଜୀବନ୍ତ ଉଦାହରଣ, ଯାହା ଦର୍ଶାଏ ଯେ ଯେତେବେଳେ ଆମେ ସ୍ୱାର୍ଥର ସୀମାରୁ ଉପରକୁ ଉଠି ସମସ୍ତଙ୍କୁ ନିଜର ବୋଲି ବିବେଚନା କରୁ; ଏହା ସମାଜରେ ବିଶ୍ୱାସ, ଭ୍ରାତୃତ୍ୱ ଏବଂ ସମାନତାକୁ ଦୃଢ଼ କରେ। ମୁଁ ପୁଣି ଥରେ ମା' ଭାରତୀଙ୍କ ସେବାରେ ମୋହନ ଜୀଙ୍କ ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରୁଛି।

## ଏଇ ଭାରତରେ

ପଞ୍ଜାବର ଜଣେ କୃଷକ ଫୁମାନ୍ ସିଂ କାଉରା ଗାଜର ଚାଷକରି ବର୍ଷକୁ ୧ କୋଟି ଟଙ୍କା ରୋଜଗାର କରୁଛନ୍ତି। ୩୦ ବର୍ଷ ପୂର୍ବେ ସେ ଏହି ଚାଷ ଆରମ୍ଭ କରିଥିଲେ। ଏବେ କପୁରତାଲାର ପରମ୍‌ଜିତପୁର ଗାଁରେ ସେ ୮୦ ଏକର ଜମିରେ ଏହି ଚାଷ କରୁଛନ୍ତି। ଏହାବ୍ୟତୀତ ସେ ଏକ ସିଡ୍ ବ୍ୟାଙ୍କ ଖୋଲିଛନ୍ତି। ସେ ଅନ୍ୟ ଚାଷୀଙ୍କୁ ରିହାତି ମୂଲ୍ୟରେ ବିହନ ଯୋଗାଉଛନ୍ତି। ପ୍ରଥମେ ସେ ଗହମ, ଧାନ ଚାଷ କରୁଥିଲେ ଏବଂ ପରେ ୪ ଏକର ଜମିରେ ଗାଜର ଚାଷ ଆରମ୍ଭ କଲେ। ଏବେ ତାହାକୁ ସେ ୮୦ ଏକରରେ ପହଞ୍ଚାଇପାରିଛନ୍ତି।

# ଅନନ୍ୟ ଭୂମିରୂପ ପାହାଡ଼-ପର୍ବତ



ଡ. ଅଜୟ କୁମାର ପାତ୍ର

ପାହାଡ଼-ପର୍ବତ ହିମବାହଠାରୁ ଆରମ୍ଭ କରି ଝରଣା, ଔଷଧୀୟ ଗୁଳ୍ମ, ବିବିଧ ପ୍ରକାର ଜୀବଜନ୍ତୁଙ୍କ ଜୈବ ବିବିଧତା ଧାରଣ କରି ଆଦିମ ଯୁଗରୁ ଜୀବ ସେବା କରିଆସୁଅଛି। ମାତ୍ର ପର୍ଯ୍ୟଟକଙ୍କ ନକାରାତ୍ମକ ପ୍ରଭାବ ସହ ପ୍ଲାଷ୍ଟିକ ଉତ୍ପୀଡ଼ନ ସୁନ୍ଦର ଶୈଳ ପରିବେଶକୁ ଦିନକୁ ଦିନ କଳୁଷିତ କରିବାରେ ଲାଗିଛି। ପୃଥିବୀରେ ପ୍ରାୟ ୨୨ ପ୍ରତିଶତ ଭାଗରେ ପାହାଡ଼-ପର୍ବତ ରହିଛି। ୧୯୯୨ରେ ହୋଇଥିବା ଜାତିସଂଘ ସମ୍ମିଳନୀରେ ପରିବେଶ ସହ ପର୍ବତର ବିକାଶ ଓ ସଂରକ୍ଷଣ ଦିଗରେ ସମଗ୍ର ବିଶ୍ୱର ଦୃଷ୍ଟିଆକର୍ଷଣ କରାଯାଇଥିଲା। ପାହାଡ଼-ପର୍ବତରୁ ଜଳ, ଖାଦ୍ୟ, ଚିକିତ୍ସା, ଶକ୍ତି ରୂପରେ ବହୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ମିଳିଥାଏ। ତେବେ ବର୍ଦ୍ଧିଷ୍ଣୁ ପର୍ଯ୍ୟଟନ ଏବଂ ବିକାଶଧାରା ପଥୁରିଆ ପରିବେଶର ପବିତ୍ରଧାରାରେ ଘୋର ବ୍ୟାଘାତ ସୃଷ୍ଟିକରୁଛି। ପାହାଡ଼-ପର୍ବତର ସଂରକ୍ଷଣ କେବଳ ମଣିଷ ପାଇଁ ନୁହେଁ, ସମଗ୍ର ବିଶ୍ୱର ପରିବେଶ ଚକ୍ର ଲାଗି ବିଶେଷ ଗୁରୁତ୍ୱପୂର୍ଣ୍ଣ। ଚଳିତବର୍ଷ ପାହାଡ଼ ଓ ପର୍ବତରୁ ସଂଗୃହୀତ ପ୍ଲାଷ୍ଟିକର ୮୪.୨ ପ୍ରତିଶତ ଖାଦ୍ୟ ପ୍ୟାକେଜିଂରୁ ଆସିଥିଲା ଏବଂ ଏଥିରୁ ପ୍ରାୟ ୭୧ ପ୍ରତିଶତ ପୁନଃଚକ୍ରଣଯୁକ୍ତ ନ ଥିଲା। ପୁନଶ୍ଚ ପର୍ବତାରୋହୀମାନେ ସାଙ୍ଗରେ ନେଇଯାଉଥିବା ବିଭିନ୍ନ ସାମଗ୍ରୀର ଆବର୍ଜନା ଯଥା: ତମ୍ବୁ, ଅମ୍ଳଜାନ ଟାଙ୍କି, ଦଉଡ଼ି, ବିଭିନ୍ନ ମାନବୀୟ ଅବଶେଷ ମଧ୍ୟ ଛାଡ଼ିଦେଇ ଆସୁଛନ୍ତି। ଆକଳନ କରାଯାଇଛି ଯେ ଜଣେ ପର୍ବତାରୋହୀ ଅତି କମ୍‌ରେ ଆଠରୁ ଦଶକିଲୋ ଓଜନର ଆବର୍ଜନା ଛାଡ଼ି ଆସନ୍ତି। ଏପରି ସ୍ଥିତିରେ ହିମାଳୟ ଭଳି ପର୍ବତଶ୍ରେଣୀ ଓ ତା' ସହିତ ପାହାଡ଼ିଆ ଅଞ୍ଚଳକୁ ଆବର୍ଜନାମୁକ୍ତ କରିବା ଲାଗି ସରକାର ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ



ତୁରନ୍ତ ପଦକ୍ଷେପ ନେବା ଉଚିତ। ସେହିପରି କ୍ଷୁଦ୍ର ଓ ବୃହତ୍ ପର୍ଯ୍ୟଟନ ସ୍ଥଳ ପର୍ଯ୍ୟଟକଙ୍କ ଖାମଖିଆଲ ମନୋଭାବ ଯୋଗୁ ଯେପରିକି ବଣଭୋଜି ପରେ ଫିଙ୍ଗା ଯାଇଥିବା ପଲିଥିନ୍, ବଳକା ଖାଦ୍ୟ, ପ୍ଲାଷ୍ଟିକ ଖାଦ୍ୟ ଥାଳି, ପ୍ଲାଷ୍ଟିକ ବୋତଲ, ଦରପୋଡ଼ା ବିଡ଼ି, ସିଗାରେଟ ଏପରିକି ଖାଲି ମଦବୋତଲ ପ୍ରଦୂଷଣର ମୁଖ୍ୟ କାରଣ ପାଲଟିଛି। ପ୍ଲାଷ୍ଟିକ୍‌ର ମନମୁଖି ବ୍ୟବହାର ଫଳରେ ବିଶ୍ୱ ତାପମାତ୍ରା ଓ ରୋଗ ବଢ଼ିବା ସହିତ ବିଭିନ୍ନ ପ୍ରକାରର ପ୍ରାକୃତିକ ଦୁର୍ବିପାକ ଦେଖିବାକୁ ମିଳୁଛି। ଏପରି ଅବସ୍ଥା ହେଲାଣି ଯେ ନାନୋ ପ୍ଲାଷ୍ଟିକର ସୂକ୍ଷ୍ମ କଣିକା ବାଦଲରେ ଦେଖିବାକୁ ମିଳିଲାଣି। ଏମିତି ଦିନ ଆସିପାରେ ଯେ ଏହା ଚନ୍ଦ୍ରପୃଷ୍ଠରେ ବି ମିଳିପାରେ।

ପାହାଡ଼-ପର୍ବତକୁ ପ୍ରଦୂଷଣମୁକ୍ତ କରିବା ପାଇଁ ହିମାଳୟ ପାଦଦେଶରେ ଧୀରେ ଧୀରେ ଏକ ଆନ୍ଦୋଳନ ମୁଣ୍ଡ ଟେକିଛି। ୨୦୧୮ ରୁ ପ୍ରତିବର୍ଷ ହିମାଳୟ କ୍ଲିନ୍‌ଅପ୍‌ର ଆହ୍ୱାନରେ ପାର୍ବତୀୟ ରାଜ୍ୟଗୁଡ଼ିକର ସ୍ୱେଚ୍ଛାସେବୀମାନେ ଶତାଧିକ ସ୍ଥାନରେ ସଫେଇ କାର୍ଯ୍ୟ ଲାଗି ଏକଜୁଟ ହେଉଛନ୍ତି। ଏଥିରେ ସିକିମ ଏବଂ ଦାର୍ଜିଲିଂ ହିମାଳୟରେ ସର୍ବାଧିକ ସ୍ଥାନରେ ସଫେଇ କରାଯାଇଛି। ପାହାଡ଼ିଆ ଅଞ୍ଚଳରେ ବ୍ୟାପୁଥିବା ଆବର୍ଜନାର ସୁପରିଚାଳନା ପାଇଁ ଜନଜାଗରଣ ବିଶେଷଭାବରେ ସଚେତନ ବୁଦ୍ଧିଜୀବୀ ଆପଣା ସ୍ୱାର୍ଥର ଊର୍ଦ୍ଧ୍ୱକୁ ଉଠି ପରିବର୍ତ୍ତନର ସ୍ୱର ଉତ୍ତୋଳନ କରିବାର ସମୟ ଉପନୀତ। ଏହି ସମସ୍ୟା କେବଳ ଭାରତରେ ନୁହେଁ, ବିଶ୍ୱର ବିଭିନ୍ନ ପର୍ବତାଞ୍ଚଳରେ ଦେଖାଯାଉଛି। ପାହାଡ଼-ପର୍ବତ ପର୍ଯ୍ୟଟନ ଯେପରି ଆନନ୍ଦଦାୟକ ହେଉଛି, ସେହିପରି ପ୍ରକୃତି ଅନୁକୂଳ ହେବା ଉଚିତ।

**ପରିବେଶ ବିଜ୍ଞାନୀ**
**ମୋ:୯୪୩୮୬୨୧୩୯୧**

## ୫୦ ବର୍ଷ ତଳର ଧରିତ୍ରୀ

୧୧ ସେପ୍ଟେମ୍ବର ୧୯୭୬

- କେନ୍ଦ୍ର ସରକାର ୧୧ଟି ପାନ୍ତିକ କମ୍ପୋଷ୍ଟ କାରଖାନା ସ୍ଥାପନ ପାଇଁ ୧୦୦ ନିୟୁତ ଟଙ୍କା ମଞ୍ଜୁର କରିଛନ୍ତି।
- ଭିଏତ୍‌ନାମରୁ ଦୁଇଟି ଦଳରେ ମୋଟ ୪୪୭ ଜଣ ଭାରତୀୟ ଆନ୍ତର୍ଜାତିକ ରେଡକ୍ରସ ସଂସ୍ଥାର ବିମାନ ଯୋଗେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 7 | 9 | 5 | | | | | |
| 6 | 2 | | 3 | | | | | 1 |
| | | | | | | | | |
| 4 | | 1 | | 5 | | | | 9 |
| | | 8 | 4 | | | | 7 | 5 |
| 9 | | | | | | | | 8 |
| | | | | 3 | | | | |
| | | 4 | 6 | | | | 8 | |
| | | | | 9 | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 4 | 3 | 1 | 7 | 8 | 2 | 5 |
| 7 | 5 | 8 | 4 | 6 | 2 | 3 | 1 | 9 |
| 3 | 1 | 2 | 8 | 5 | 9 | 4 | 7 | 6 |
| 8 | 2 | 6 | 1 | 4 | 3 | 5 | 9 | 7 |
| 1 | 9 | 3 | 5 | 7 | 6 | 2 | 8 | 4 |
| 5 | 4 | 7 | 9 | 2 | 8 | 6 | 3 | 1 |
| 2 | 7 | 9 | 6 | 8 | 4 | 1 | 5 | 3 |
| 4 | 8 | 5 | 7 | 3 | 1 | 9 | 6 | 2 |
| 6 | 3 | 1 | 2 | 9 | 5 | 7 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତାର ପୁନଃ ନାମିତ ହେଉ

ମହାଶୟ,

ବିଗତ ବିଜେଡି ସରକାର ଶାସନ ସମୟରେ ଭୁବନେଶ୍ୱରର ଏକ ପ୍ରମୁଖ ରାସ୍ତାକୁ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ନାମରେ ନାମିତ କରାଯାଇଥିଲା। ମାତ୍ର ଦୁଃଖର ବିଷୟ, କିଛିଦିନ ପରେ ଏହି ରାସ୍ତାର ନାମ ବଦଳାଯାଇ ଜଣେ ବିଦେଶିନୀଙ୍କ ନାମରେ ନାମିତ କରାଗଲା। ଏଥିପାଇଁ ବହୁ ପ୍ରତିବାଦ କରାଯାଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରି ନ ଥିଲେ। ବର୍ତ୍ତମାନର ସରକାର ଏଥିପ୍ରତି ଦୃଷ୍ଟି ଦେବା ଦରକାର। ସରକାର ଏ ଦିଗରେ ବିହିତ ପଦକ୍ଷେପସ୍ୱରୂପ ପୂର୍ବରୁ ଅଭିମନ୍ୟୁଙ୍କ ନାମରେ ନାମିତ ହୋଇଥିବା ରାସ୍ତାକୁ ପୁନଶ୍ଚ ତାଙ୍କ ନାମରେ ନାମିତ କରି ଓଡ଼ିଆ ଅସ୍ମିତା ରକ୍ଷା କରନ୍ତୁ।

**-ଡ. ନିରଞ୍ଜନ ସାହୁ, ସାହୁପଡ଼ା, ବରୀ, ଯାଜପୁର**

## ଚିରନ୍ତନୀ

ସବୁ ଜୀବ-ଗ୍ରାମ
ପଥ ଛାଡ଼ି ଗୃହେ ଏବେ ଲୋଡ଼ଇ ବିଶ୍ରାମ
କ୍ଷୀଣସ୍ରୋତେ ଶୁଭ୍ର ବାଲି ପରେ
ସୁକୋମଳ ସାନ୍ଧ୍ୟ ଛାୟା ମୃଦୁ ମୃଦୁ ଝରେ।
-(ଚକ୍ରବାକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଯାଜ୍ଞସେନୀ



@ ବୁବୁ



@ ଶ୍ରୀକାନ୍ତ



@ ମଞ୍ଜୁଲତା



@ ପ୍ରଦୀପ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରତ୍ୟେକଟି ଜୀବନ ମୂଲ୍ୟବାନ୍

## ସକାରାତ୍ମକ ଭାବନା, ଆତ୍ମବିଶ୍ୱାସର ମନ୍ତ୍ର 'ଜୀବନ ଜିନ୍ଦାବାଦ୍'

ଭୁବନେଶ୍ୱର,୧୦।୯(ସୁଚିସ୍ମିତା ସାହୁ)

ପ୍ରତ୍ୟେକଟି ଜୀବନ ମୂଲ୍ୟବାନ୍। ଜୀବନରେ କୌଣସି ଏକ ଦୁର୍ବଳ ମୁହୂର୍ତ୍ତରେ ଯଦି ଦୃଢ଼ତାର ସହ ନିଜକୁ ବୁଝାଇ ପାରିବା, ପ୍ରତ୍ୟେକ ସମସ୍ୟାକୁ ସମାଧାନ କରିବା ଭଳି ଭାବନା ଆଣିବା, ତେବେ ସମାଜରୁ ଆତ୍ମହତ୍ୟା ଭଳି ବ୍ୟାଧିକୁ ଦୂରୀଭୂତ କରିପାରିବା ବୋଲି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଅବସରରେ ବୁଧବାର ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ପୋଲିସର ମିଳିତ ଆନୁକୂଲ୍ୟରେ ନମନ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ 'ଜୀବନ ଜିନ୍ଦାବାଦ୍' କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, କେବଳ ନିଜ ପାଇଁ ନୁହେଁ, ଆମ ଚତୁଃପାର୍ଶ୍ୱରେ ଥିବା ଲୋକଙ୍କୁ ସହଯୋଗ କରିବାକୁ ଆଗେଇ ଆସିବା ଉଚିତ। ସକାରାତ୍ମକ ମାନସିକତା ପୋଷଣ କରିବା ନିମନ୍ତେ ପ୍ରୋତ୍ସାହିତ କରିବା ସହିତ ଆତ୍ମହତ୍ୟା ନିରୋଧ ଦିଗରେ ସମସ୍ତଙ୍କୁ ସଚେତନ କରିବା। ଆମେମାନେ ଜଣେ ଜଣେ ଜୀବନରକ୍ଷକ ଭାବେ କାର୍ଯ୍ୟ କରିବାକୁ ଶପଥ ନେବାକୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ନମନ ଫାଉଣ୍ଡେଶନ ଉପସଭାପତି ତଥା ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଙ୍ଗୀତ ନାଟକ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସଚେତନତାଧର୍ମୀ କ୍ଷୁଦ୍ର ନାଟକ 'ଜୀବନ ଜିନ୍ଦାବାଦ' ଏବଂ ନୃତ୍ୟନାଟିକା 'ଆତ୍ମହତ୍ୟା କର ନାହିଁ' ପରିବେଷଣ କରିଥିଲେ। ଏହି ଅବସରରେ ଫାଉଣ୍ଡେଶନ ସଭାପତି ତଥା ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରେମ ଆନନ୍ଦଙ୍କ ଦ୍ୱାରା ପ୍ରସ୍ତୁତ 'ଜୀବନ ଜିନ୍ଦାବାଦ୍' ଥିମ ସଙ୍ଗ ଉନ୍ମୋଚିତ ହୋଇଥିଲା। ଏଥିସହ ଏକ ଶପଥପାଠ ଏବଂ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଭାବ ବିନିମୟ କାର୍ଯ୍ୟକ୍ରମରେ ପାରା ଆଥ୍‌ଲେଟ କମଳାକାନ୍ତ ନାୟକ ଯୋଗଦେଇ ତାଙ୍କ ସଂଘର୍ଷମୟ ଜୀବନର ସଫଳତମ ସୋପାନ ସମ୍ପର୍କରେ କହିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ପୋଲିସ କମିଶନର ଏସ୍.ଦେବଦତ୍ତ ସିଂହ, କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡ. ୟେଦୁଲା ବିଜୟ, ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ସିଇଓ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅଭିନେତା ସବ୍ୟସାଚୀ ମିଶ୍ରଙ୍କ ସହ ଅନ୍ୟମାନେ।

# ଆଜିଠୁ ସର୍ବଭାରତୀୟ ଟି-୧୦ ଟେନିସ୍ ବଲ୍ ଚାମ୍ପିୟନଶିପ୍

## ଭାଗନେବେ ୨୫ ରାଜ୍ୟର ୩୨ ଟିମ୍

ପୁରୀ,୧୦।୯(ଅଜିତ୍ କୁମାର ମହାନ୍ତି)

ତୃତୀୟ ସର୍ବଭାରତୀୟ ଟି-୧୦ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିୟନଶିପ୍ ଗୁରୁବାରଠାରୁ ଆରମ୍ଭ ହେବ। ଏହି ଚାମ୍ପିୟନଶିପ୍ ୧୪ ତାରିଖ ପର୍ଯ୍ୟନ୍ତ ପେଣ୍ଟକଟାସ୍ଥିତ ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟର ୨୫ଟି ପୁରୁଷ ଦଳ ଏବଂ ୬ଟି ମହିଳା ଦଳ ଅଂଶଗ୍ରହଣ କରିବେ। ପ୍ରତିଦିନ ସକାଳ ୮ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଦିବାରାତ୍ର ମ୍ୟାଚ୍ ଅନୁଷ୍ଠିତ ହେବ। ୧୧ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟନୀ ମହୋତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆକର୍ଷଣୀୟ ପ୍ରତିଭାମାନେ ଭାଗନେବେ। ୧୪ ତାରିଖ ସନ୍ଧ୍ୟାରେ ଉଭୟ ପୁରୁଷ ଓ ମହିଳା ଫାଇନାଲ ମ୍ୟାଚ ଖେଳାଯିବ। ବିଜେତା, ଉପବିଜେତା, ମ୍ୟାନ୍ ଅଫ୍ ଦି ମ୍ୟାଚ୍, ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ, ବେଷ୍ଟ ବୋଲର୍, ବେଷ୍ଟ ବ୍ୟାଟ୍ସମ୍ୟାନ, ବେଷ୍ଟ ଫିଲ୍ଡରଙ୍କୁ ଟ୍ରଫି ସହ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଯାପନୀ ଉତ୍ସବରେ ଭାରତୀୟସ୍ତରର ବିଭିନ୍ନ ପ୍ରତିଭା ଯୋଗଦାନ କରି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ। ଟୁର୍ନାମେଣ୍ଟରେ ଅତିଥି ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କ୍ରୀଡ଼ା, ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶକ୍ତିମନ୍ତ୍ରୀ ସମ୍ପଦ ସ୍ୱାଇଁ, ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପୁରୀ ଏମ୍‌ପି ସମ୍ବିତ୍ ପାତ୍ର, ପିପିଲି ବିଧାୟକ ଅଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୁରୀ ବିଧାୟକ ସୁନୀଲ ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଓଡ଼ିଶା ତଥା ଭାରତର ପୂର୍ବତନ କ୍ରିକେଟ୍ ଖେଳାଳି ଦେବାଶିଷ ମହାନ୍ତି ଏହି ଟୁର୍ନାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ଭାବେ ପ୍ରତିଦିନ ଉପସ୍ଥିତ ରହିବେ ବୋଲି ଟିବିସିଏଆଇ ସଭାପତି ଦଇତାପତି ଭବାନୀ ପ୍ରସାଦ ଦାସମହାପାତ୍ର ସୂଚନା ପ୍ରଦାନକରି କହିଛନ୍ତି।



କଟକ ଜିଲା ବଡ଼ମ୍ବା, ନରସିଂହପୁରକୁ ଏନ୍‌ଏସି ଘୋଷଣା କରାଯାଇଥିବାରୁ ଅଞ୍ଚଳବାସୀ ବୁଧବାର ରାଜ୍ୟ ଅତିଥିଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧନା ପୂର୍ବକ କୃତଜ୍ଞତା ଜଣାଉଛନ୍ତି।

# ସୋଆ ଯୁବ ସାହିତ୍ୟ ପୁରସ୍କାର ପାଇଁ ପୁସ୍ତକ ଆମନ୍ତ୍ରଣ

ଭୁବନେଶ୍ୱର,୧୦।୯ (ଅନୁରାଧା ମହାରଣା)

ଓଡ଼ିଶା ସାହିତ୍ୟର ପ୍ରତିଶ୍ରୁତି ସମ୍ପନ୍ନ ଯୁବ ସାହିତ୍ୟିକଙ୍କୁ ସମ୍ମାନ ଓ ସ୍ୱୀକୃତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଚଳିତବର୍ଷରୁ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ(ସୋଆ) ପକ୍ଷରୁ 'ସୋଆ ଯୁବ ସାହିତ୍ୟ ପୁରସ୍କାର' ପ୍ରଦାନ କରାଯିବ। ୪୦ ବର୍ଷ ବୟସ ମଧ୍ୟରେ ସାହିତ୍ୟ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିଥିବା ଲେଖକ ଲେଖିକାଙ୍କ କବିତା, କଥା ସାହିତ୍ୟ, ନାଟକ ଓ ସାହିତ୍ୟ ସମାଲୋଚନା ଭଳି ସାହିତ୍ୟର ବିଭିନ୍ନ ବିଭାଗରେ ରଚିତ ସ୍ୱତନ୍ତ୍ର ସୃଜନଶୀଳ କାର୍ଯ୍ୟକୁ ସମ୍ମାନିତ କରାଯିବ। ପୁରସ୍କାର ସ୍ୱରୂପ ୧ ଲକ୍ଷ ଟଙ୍କାର ଅର୍ଥ ରାଶି, ଉତ୍ତରୀୟ ସହ ମାନପତ୍ର ପ୍ରଦାନ କରାଯିବ। ଏଥିନିମନ୍ତେ ଗତ ୨୦୨୦ରୁ ୨୦୨୪ ମଧ୍ୟରେ ପ୍ରକାଶିତ ମୌଳିକ ଏବଂ ଶ୍ରେଷ୍ଠ ପୁସ୍ତକକୁ ବିଚାରକୁ ନିଆଯିବ। ୨୦୨୫ ଜାନୁଆରୀ ୧ ସୁଦ୍ଧା ଯେଉଁମାନଙ୍କ ବୟସ ୪୦ ବର୍ଷ ବା ତା' ଠାରୁ କମ୍ ହୋଇଥିବ ସେମାନେ ଆବେଦନ କରିପାରିବେ। ଲେଖକ କିମ୍ବା ପ୍ରକାଶକ ପୁସ୍ତକର ଦୁଇଟି ପ୍ରତିଲିପି ସହିତ ଲେଖକଙ୍କ ସଂକ୍ଷିପ୍ତ ପରିଚୟ, ଜନ୍ମ ତାରିଖର ସ୍ୱ-ସ୍ୱାକ୍ଷରିତ ପ୍ରମାଣପତ୍ର ପଠାଇବା ଆବଶ୍ୟକ। ପ୍ରକାଶକଙ୍କ ପକ୍ଷରୁ ପଠାଗଲେ ଲେଖକଙ୍କ ବୟସ ସଂକ୍ରାନ୍ତ ଶପଥପତ୍ର ଅକ୍ଟୋବର ୭ ସୁଦ୍ଧା ପଠାଇବାକୁ ଆହ୍ୱାନ କରାଯାଇଛି।

# ଆଜି ୪ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ

ପୁରୀ,୧୦।୯ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ବନକ ଲାଗି ନୀତି ଗୁରୁବାର ଅନୁଷ୍ଠିତ ହେବ। ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଗୁରୁବାର ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।


EXPRESSION OF INTEREST

STATE INSTITUTE OF HOTEL MANAGEMENT
TITILAGARH ROAD,BALANGIR - 767001 (ODISHA)

No. 578 /SIHM/2025-26/E-Tender — Date: 10.09.2025

E-tender invited by SIHM, Balangir from established firms/shops for Supply/Contract of the folowing items for a period of 07 months (1st November 2025 to 31st May 2026):

1. Sec-A:- Groceries, Tins and Bottle Products etc.
2. Sec-B:- Vegetables, Fruits, Milk and Milk Products etc.
3. Sec-C:- Mutton, Chicken, Fish, Egg and other Non-veg items etc.
4. Sec-D:- Cleaning Material

Interested parties may kindly visit the below mentioned website for further details:

www.tenderwizard.com/SIHM or www.sihmbalangir.org

Sd/-
Principal







# ଅଭୟାରଣ୍ୟରେ ବର୍ଜ୍ୟ ପ୍ଲାଷ୍ଟିକ୍‌ରେ ରାସ୍ତା ନିର୍ମାଣ

## ପ୍ରଭାବିତ ହେବେ ବନ୍ୟପ୍ରାଣୀ, ତଦନ୍ତ ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ

କୋଣାର୍କ ୧୦।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ବନବିଭାଗ ଅଧୀନସ୍ଥ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ ଜଙ୍ଗଲ ସୁରକ୍ଷା ଆଇନର ଖୋଲା ଉଲ୍ଲଂଘନ କରାଯାଇଛି। କୋଣାର୍କ-ପୁରୀ ଜାତୀୟ ରାଜପଥ ରାସ୍ତାର ଖାଲକଟାପାଟଣା ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପାର୍ଶ୍ୱଦେଇ ବାଲୁଖଣ୍ଡ ଅଭୟାରଣ୍ୟକୁ ବର୍ଜ୍ୟ ପ୍ଲାଷ୍ଟିକ ମାଧ୍ୟମରେ ରାସ୍ତା ନିର୍ମାଣ କରାଯାଇଛି। ବର୍ଜ୍ୟ ପ୍ଲାଷ୍ଟିକରେ ରାସ୍ତା ନିର୍ମାଣ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ ବନ୍ୟପ୍ରାଣୀ ଓ ଜୀବଜନ୍ତୁଙ୍କ ପାଇଁ ଘାତକ ସାଜିବାର ଆଶଙ୍କା ସୃଷ୍ଟି କରିଛି। ଏହି ଘଟଣାକୁ ବୁଦ୍ଧିଜୀବୀ ଓ ପରିବେଶବିତ୍ ମହଲରେ ନାପସନ୍ଦ କରାଯାଇଛି।

ପ୍ରକାଶ ଯେ, ଅଭୟାରଣ୍ୟ ମଧ୍ୟରେ ବର୍ଜ୍ୟ ପ୍ଲାଷ୍ଟିକ୍‌ରେ ରାସ୍ତା ନିର୍ମାଣ କରିବା ଜଙ୍ଗଲ ସୁରକ୍ଷା ଆଇନର ଉଲ୍ଲଂଘନ ସହ ଜୀବଜନ୍ତୁଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ପରିବେଶବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ଖବରପାଇ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ, ରାମଚଣ୍ଡୀ ବନପାଳ ତପନ କୁମାର ନାୟକ, ବନରକ୍ଷୀ ପ୍ରିୟଙ୍କା ପ୍ରିୟଦର୍ଶନୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବେଆଇନ ରାସ୍ତା ନିର୍ମାଣ ସମ୍ପର୍କରେ ତଦନ୍ତ କରିଥିଲେ। ପରେ ସୁତନ ରାଜସ୍ୱ ନିରୀକ୍ଷକଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛି। ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲର ଅତି ସମ୍ବେଦନଶୀଳ ଅଞ୍ଚଳରେ ବର୍ଜ୍ୟବସ୍ତୁରେ ରାସ୍ତା ନିର୍ମାଣ କରାଯାଇଥିବା ଜଣାପଡ଼ିଛି। ଏହି ବର୍ଜ୍ୟ ପ୍ଲାଷ୍ଟିକ ଖାଇବା ଦ୍ୱାରା ବିଭିନ୍ନ ପ୍ରଜାତିର ହରିଣ ଓ ବନ୍ୟଜନ୍ତୁମାନେ ମୃତ୍ୟୁବରଣ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ତଦନ୍ତକାରୀ ଅଧିକାରୀ ଦେହୁରୀ ପ୍ରକାଶ କରିଛନ୍ତି। ତୁରନ୍ତ ଏଭଳି ବେଆଇନ କାର୍ଯ୍ୟ ଉପରେ ରୋକ ଲଗାଇବା ସହ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୁରୀ ଜିଲା ବନ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି କୋଣାର୍କ ବନାଞ୍ଚଳ ଅଧିକାରୀ ଦେହୁରୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗୋପ ତହସିଲ୍‌ଦାର ଅନିଲ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କୁହନ୍ତି, ସୁତନ ରାଜସ୍ୱ ନିରୀକ୍ଷକଙ୍କୁ ଘଟଣାର ତଦନ୍ତ ପାଇଁ ପଠାଇଛି। ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରୁ ରିପୋର୍ଟ ଆସିଲେ ବର୍ଜ୍ୟ ପ୍ଲାଷ୍ଟିକରେ ବେଆଇନ ଭାବେ ରାସ୍ତା ନିର୍ମାଣ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ବର୍ଜ୍ୟ ପ୍ଲାଷ୍ଟିକ୍‌ରେ ରାସ୍ତା ନିର୍ମାଣ କରାଯାଉଛି।

## ଶ୍ରୀମନ୍ଦିର ହुଣ୍ଡିରୁ ଆୟ



୧୦।୦୯।୨୦୨୫

| | |
|---|---|
| ୫, ୫୯,୧୭୮ ଟଙ୍କା | |
| ସୁନା | ୧.୬୫୦ ଗ୍ରାମ୍ |
| ରୁପା | ୧୨୩.୪୦୦ ଗ୍ରାମ୍ |

# ସମିତି ବୈଠକରେ ଏମ୍‌ପିଙ୍କ ୨ ପ୍ରତିନିଧିଙ୍କୁ ନେଇ ବିବାଦ

- ଆରମ୍ଭରୁ ୨୦ ମିନିଟ୍ ଧରି ବୈଠକ ବନ୍ଦ
- ଅଧିକାରୀମାନେ ବ୍ଲକ ଆସୁ ନ ଥିବା ଅଭିଯୋଗ

ଗୋପ,୧୦।୯(ଭାରତୀ ଭୂଷଣ ଉପାଧ୍ୟାୟ)



ଗୋପ ବ୍ଲକ ସମିତି ବୈଠକରେ ଉପସ୍ଥିତ ବିଧାୟକଙ୍କ ସହିତ ଲୋକ ପ୍ରତିନିଧି ଏବଂ ଅନ୍ୟ ଅଧିକାରୀମାନେ।

ଗୋପ ବ୍ଲକ ବୈଠକ ଗୃହରେ ବୁଧବାର ଅନୁଷ୍ଠିତ ସମିତି ବୈଠକ ବିବାଦରୁ ଆରମ୍ଭ ହୋଇଥିଲା। କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଜଣେ ଏମ୍‌ପିଙ୍କ କେତେଜଣ ପ୍ରତିନିଧି ଉପସ୍ଥିତ ରହିବେ ସେନେଇ ନିୟମ କ'ଣ ରହିଛି ବୋଲି ବିଡିଓଙ୍କୁ ପ୍ରଶ୍ନର ଉତ୍ତର ମାଗିବା ସହ ଉତ୍ତର ଦେଲେ ବୈଠକ ଚାଲିବ ବୋଲି କହିଥିଲେ। ବିଡିଓ ଛବିରାଣୀ ସାହୁ ଦୀର୍ଘ ୨୦ ମିନିଟ୍ ଧରି ଉତ୍ତର ଦେଇ ନ ପାରିବାରୁ ପରବର୍ତ୍ତୀ ବୈଠକରେ ଉତ୍ତର ଦେବେ ବୋଲି ବିଧାୟକ ବେହେରା କହିବା ପରେ ବୈଠକ ଆରମ୍ଭ ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆରମ୍ଭରୁ ବିବାଦ ଦେଖାଦେଇଥିଲା। ଏହି ୮ମ ସମିତି ବୈଠକରେ କୃଷି ଓ ଉଦ୍ୟାନ ବିଭାଗ, ଶିଶୁ ମହିଳା ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ପଶୁପାଳନ, ପାନୀୟଜଳ, ଗ୍ରାମୀଣ ଗୃହ ନିର୍ମାଣ, ଯୋଗାଣ ବିଭାଗ, ସାମାଜିକ ସୁରକ୍ଷା ଆଦି ବିଭିନ୍ନ ବିଭାଗର ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା।

ଗୋପ ବ୍ଲକ ଅଞ୍ଚଳରେ ସାରର ଅଭାବ ଓ ଚଢ଼ାଦରରେ ସାର ବିକ୍ରିକୁ ନେଇ କେତେଜଣ ଜନପ୍ରତିନିଧି ପ୍ରଶ୍ନ କରିଥିବା ବେଳେ ବୈଠକରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ବିଶେଷକରି ଯୋଗାଣ ବିଭାଗରେ ବ୍ୟାପକ ଦୁର୍ନୀତି ସାଙ୍ଗକୁ ବାରମ୍ବାର ରାଶନ କାର୍ଡରେ ନାମ ସଂଯୋଗ କରିବାକୁ ହଜାର ହଜାର ହିତାଧିକାରୀ ଆବେଦନ କରୁଥିଲେ ମଧ୍ୟ ଏହା କେବଳ ଆବେଦନରେ ସୀମିତ ରହୁଛି ବୋଲି ଜନପ୍ରତିନିଧିମାନେ ଅଭିଯୋଗ କରିଥିବା ବେଳେ ଗତ ସୋସିଆଲ ଅଡିଟି ସମୟରେ ମୃତ ବ୍ୟକ୍ତିଙ୍କ ନାମରେ ଚାଉଳ ଉଠାଣ ହେଉଥିବା ଭଳି ଅଭିଯୋଗ ସହିତ ୨୧ ଜଣ ଡିଲରଙ୍କଠାରୁ ଅର୍ଥ ଆଦାୟ ହୋଇଥିଲା। ବିଡିଓ ଛବିରାଣୀ ମୋତେ ଲିଖିତ ଅଭିଯୋଗ ଦିଅନ୍ତୁ, ମୁଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବି ବୋଲି କହିଥିଲେ। ଶେଷ ପର୍ଯ୍ୟାୟରେ କେତେକ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗକୁ ନେଇ ଅଧ୍ୟକ୍ଷା ଝୁନୁ ମଲ୍ଲିକ ଓ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକଙ୍କ ସହ ଆଉ କେତେଜଣ ଲୋକ ପ୍ରତିନିଧିଙ୍କ ମଧ୍ୟରେ କଥା କଟାକଟି ହୋଇଥିବା ବେଳେ ବ୍ଲକ ପରିସରରେ ପାଇଖାନା ନ ଥିବା ଅଭିଯୋଗ ହୋଇଥିଲା। ବୈଠକରେ ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ପୁଷ୍ପାରାଣୀ ସ୍ୱାଇଁ, ନୀହାରିକା ନାୟକ, ଅତିରିକ୍ତ ବିଡିଓ ଦୀପକ କୁମାର ଜେନାଙ୍କ ସମେତ ଏମ୍‌ପିଙ୍କ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଜୟଦେବ ମିଶ୍ରଙ୍କ ସହିତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ୯ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ବ୍ୟବସାୟୀ ଗିରଫ

ନିମାପଡ଼ା,୧୦।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ସର୍କଲ ଅଧୀନ କାକଟପୁର ଥାନା ଅନ୍ତର୍ଗତ ବେଲବାରି କଲେଜ ପଛପଟ ଅଞ୍ଚଳରେ ନିମାପଡ଼ା ଅବକାରୀ ରେଞ୍ଜ୍ ପକ୍ଷରୁ ବୁଧବାର ଅଚାନକ ଚଢ଼ାଉ କରାଯାଇ ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ବ୍ୟବସାୟୀ ଜଣଙ୍କ ହେଲେ ବିଜୟ ବେହେରା। ବ୍ୟବସାୟୀଙ୍କଠାରୁ ପୋଲିସ ୮୭ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୯ ଲକ୍ଷ ଟଙ୍କା ହେବବୋଲି ଅବକାରୀ ରେଞ୍ଜ୍ ଅଫିସର ଇନ୍ସପେକ୍ଟର ପ୍ରଭାକର ସେଠୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବ୍ୟବସାୟୀଙ୍କ ବିରୋଧରେ ଅବକାରୀ ରେଞ୍ଜ୍ ଅଫିସ ପକ୍ଷରୁ କେସ୍ ନଂ.୫୧/୨୫-୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ରେଞ୍ଜ୍ ଅଧିକାରୀ ଇନ୍ସପେକ୍ଟର ପ୍ରଭାକର ସେଠୀ, ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସିଦ୍ଧେଶ୍ୱର ମଲ୍ଲିକ, ଏଏସ୍‌ଆଇ ସନ୍ତୋଷ କୁମାର ମହାରଣା, ଏସ.କେ. ୱାରିସ୍, ତପନ ପ୍ରଧାନ, ସବିତା ସାହୁ ପ୍ରମୁଖ ସଦଳବଳ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

## ଜିଲାରେ ୨୬,୭୨୮ ମେଟ୍ରିକ ଟନ୍ ସାର ଚାଷୀଙ୍କୁ ଦିଆଯାଇଛି

ପୁରୀ,୧୦।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ଖରିଫ୍ ଚାଷ ପାଇଁ କୃଷକମାନଙ୍କୁ ୨୬,୭୨୮ ମେଟ୍ରିକ୍ ଟନ୍ ବିଭିନ୍ନ ସାର ଯୋଗାଇ ଦିଆଯାଇଛି। ପୂର୍ବରୁ ବକେୟା ରହିଥିବା ୨୦,୧୬୩ ମେଟ୍ରିକ୍ ଟନ୍ ସହ ଚଳିତ ସିଜନ ପାଇଁ ମିଳିଥିବା ୧୭,୪୮୧ ମେଟ୍ରିକ୍ ଟନ୍ ଏହିଭଳି ମୋଟ୍ ୩୭,୬୪୪ ମେଟ୍ରିକ ଟନ୍ ସାର ଜିଲାରେ ଉପଲବ୍ଧ ହୋଇଥିଲା। ସେଥିରୁ ୨୬,୭୨୮ ମେଟ୍ରିକ୍ ଟନ୍ କୃଷକମାନେ କ୍ରୟ କରିଛନ୍ତି। ୧୧ ବ୍ଲକର ୪୧ଟି ପ୍ୟାକ୍ସ ମାଧ୍ୟମରେ ଓ ବିଭିନ୍ନ ଦୋକାନରେ ଏହି ସାର ବିକ୍ରି ହେଉଛି। ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଭାସୀ ମାଧ୍ୟମରେ କୃଷି ଅଧିକାରୀ ଓ ସମବାୟ ଅଧିକାରୀଙ୍କ ସହ ଆଲୋଚନାକରି ଚାଷୀମାନଙ୍କୁ ଆବଶ୍ୟକ ଅନୁସାରେ ସାର ଯୋଗାଣ ପାଇଁ ପରାମର୍ଶ ଦେଇଥିଲେ। ସେହିପରି କୃଷି ବିଭାଗ ପ୍ରମୁଖ ସଚିବ, ନିର୍ଦ୍ଦେଶକ ଓ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ମଧ୍ୟ ଅଧିକାରୀମାନଙ୍କୁ ସାର ଯୋଗାଣ ସମ୍ପର୍କରେ ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ଆଉ ୨୦୦୦ ମେଟ୍ରିକ୍ ଟନ୍ ୟୁରିଆ ସାର ପୁରୀ ଜିଲାକୁ ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି। ଚାଷୀଙ୍କ ଆବଶ୍ୟକତା ଅନୁସାରେ ସାର ଯୋଗାଇ ଦିଆଯାଉଛି ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### 'ବୌଦ୍ଧ ଦର୍ଶନ ହିଁ ଶାନ୍ତିର ମାର୍ଗ'

ପୁରୀ,୧୦।୯(ଅଜିତ୍ କୁମାର ମହାନ୍ତି): ପୁରୀ ବୋଧିଚକ୍ର ପକ୍ଷରୁ ଏକ ଆଲୋଚନାଚକ୍ର 'ବୌଦ୍ଧ ଦର୍ଶନ ହିଁ ଶାନ୍ତିର ମାର୍ଗ' ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟାପକ ଡ. ବଳରାମ ଦାଶ ଅଧ୍ୟକ୍ଷତା କରି ବୁଦ୍ଧଙ୍କ ଦର୍ଶନ, ତ୍ୟାଗ, ଅହିଂସା, ପରୋପକାର ଓ ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ତଥା ସମାଜକୁ ସଦାଚାର ଶିକ୍ଷା ପ୍ରଦାନ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥିରୂପେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ଅଧ୍ୟାପକ ଦୟାନିଧି ପଣ୍ଡା, ଡ. କୃଷ୍ଣଚନ୍ଦ୍ର କବି, ଡ. ପ୍ରଦୀପ କୁମାର ଆଚାର୍ଯ୍ୟ, ଡ. ଶଶିକାନ୍ତ ରଥ, ଡ. ଶଙ୍କର୍ଷଣ ପ୍ରଧାନ ଯୋଗଦେଇ ସମାଜରେ ଶାନ୍ତି ପାଇଁ ବୌଦ୍ଧ ଦର୍ଶନ ଏକମାତ୍ର ମାର୍ଗ ବୋଲି କହିଥିଲେ। ଆଲୋଚନାରେ ସୁଜାତା ମହାପାତ୍ର, ଐଶ୍ୱର୍ଯ୍ୟା କର, ରାଜକିଶୋର ମହାପାତ୍ର, ସୌମ୍ୟାଶ୍ରୀ ଦାଶ, କବିତାରାଣୀ ଆଚାର୍ଯ୍ୟ, ଲାଡ଼ଲି ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉମେଶ ଚନ୍ଦ୍ର ଦାସ ବୁଦ୍ଧ ବନ୍ଦନା ଗାନ କରିଥିବାବେଳେ ଶେଷରେ ଧନ୍ୟବାଦ ଦେଇଥିଲେ।

### ବଟି ଆଦାୟ ଅଭିଯୋଗରେ ୩ ଗିରଫ

ଅସ୍ତରଙ୍ଗ,୧୦।୯(ମମତା ଜେନା): ବଟି ଆଦାୟ ଅଭିଯୋଗରେ କାକଟପୁର ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଦହିଖିଆ ଗ୍ରାମର ଶିବ ପ୍ରସାଦ ପରିଡ଼ା, ନୀଳକଣ୍ଠପୁର ଗ୍ରାମର ଦୁଷ୍ମନ୍ତ ସାହୁ, ଆଶିଷ କୁମାର ଖୁଣ୍ଟିଆ। ପୋଲିସ୍ ସେମାନଙ୍କ ଠାରୁ ମାରଣାସ୍ତ୍ର, ଲୁହାରଡ୍, ଭୁଜାଲି ଜବତ କରିଛି। କାକଟପୁର ବ୍ଲକ ଛକ ଦେଇ ଯାଉଥିବା ଲୋକମାନଙ୍କୁ ଗାଳିଗୁଲଜ କରି ବଟି ଆଦାୟ କରୁଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଛି। ଏନେଇ ପୋଲିସ ୨୬୫/୨୫ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଛି।

### ସାମାଜିକ କର୍ମୀଙ୍କ ପରଲୋକ

ଅସ୍ତରଙ୍ଗ,୧୦।୯(ମମତା ଜେନା): ତାଳଦା କୁଳସାହିର ସାମାଜିକ କର୍ମୀ ବିଷ୍ଣୁ ଚରଣ ବିଶ୍ୱାଳଙ୍କର (୭୧) ମଙ୍ଗଳବାର ବିଳମ୍ବିତ ରାତିରେ ନିଜ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଛି। ସେ ଜଣେ ସରଳ, ନିଷ୍କପଟ, ପରୋପକାରୀ, ଅମାୟିକ ଓ ଆଦର୍ଶ ବ୍ୟକ୍ତି ଥଲେ। ତାଙ୍କ ବିୟୋଗରେ ଅସ୍ତରଙ୍ଗ ପ୍ରେସ କ୍ଲବ ପକ୍ଷରୁ ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡ଼ା, ସଭାପତି ଶରତ ପରିଡ଼ା ଓ ଅନ୍ୟ ସଭ୍ୟମାନେ ଗଭୀର ଶୋକ ପ୍ରକାଶ କରିବା ସହ କୁଳସାହିସ୍ଥିତ ବାସଭବନରେ ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ଗ୍ରାମବାସୀ ଶ୍ମଶାନରେ ମରଶରୀରକୁ ଦାହ କରିଥିଲେ।

# ପୁସ୍ତକ 'ବାପା' ର ସମୀକ୍ଷା ଆସର



କବିତା ପୁସ୍ତକ 'ବାପା'ର ସମୀକ୍ଷା ଆସରରେ ଉପସ୍ଥିତ ଅତିଥିମାନେ।

ପୁରୀ,୧୦।୯(ଅଜିତ୍ କୁମାର ମହାନ୍ତି)

ଅଭିନନ୍ଦନିକାର ପ୍ରତିଷ୍ଠାତା ସମ୍ପାଦକ ତଥା କବି ଶ୍ୟାମ ପ୍ରକାଶ ସେନାପତିଙ୍କର କବିତା ପୁସ୍ତକ 'ବାପା'ର ସମୀକ୍ଷା ଆସର ବଡ଼ଦାଣ୍ଡସ୍ଥିତ ସେନାପତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ସାହିତ୍ୟିକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସ୍ୱନାମଧନ୍ୟ ବେତାର କଣ୍ଠଶିଳ୍ପୀ ଜୀବନାନନ୍ଦ ଅଧିକାରୀ, 'ଅନନ୍ତ ନିର୍ଝର' ପତ୍ରିକାର ସମ୍ପାଦିକା ସରୋଜିନୀ ମିଶ୍ର, ବରିଷ୍ଠ ନାଟ୍ୟକାର ହେମନ୍ତ କୁମାର ଛୋଟରାୟ ଏବଂ ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ ପ୍ରମୁଖ ଯୋଗଦେଇ ପୁସ୍ତକର ସମୀକ୍ଷା କରିଥିଲେ। 'ବାପା' ହେଉଛନ୍ତି ଅନୁଶାସନର ପ୍ରତୀକ। ମୁଠାଏ ମାଟିକୁ ଚନ୍ଦନ କରିବାର ମନ୍ତ୍ର ଶିଖାନ୍ତି। ସ୍ନେହ ଓ ଶାସନର ସେ ମହାଦ୍ରୁମ, ଯାହାଙ୍କର ଆଦର୍ଶକୁ ପ୍ରକାଶ କରିହୁଏ ନା ଭାଷାରେ, ଭାବରେ ଆଉ ଜ୍ଞାନରେ ସେ ହେଉଛନ୍ତି ବାପା ଓ ମା' ଘରର ଗୌରବ ହେଲେ ବାପା ହିଁ ଏହାର ଅସ୍ତିତ୍ୱ ଓ ମା' ପାଖରେ ଅଶ୍ରୁଧାର ଥିବାବେଳେ ବାପାଙ୍କ ଆଖିରେ ଥାଏ ସଙ୍ଗୀମ। ମା'ର ଆଖିରେ ପ୍ରଚୁର ମମତା ଭରି ରହିଥିବାବେଳେ ବାପାଙ୍କ ଆଖିରେ ଥାଏ କର୍ତ୍ତବ୍ୟବୋଧ ଓ ସମୀକ୍ଷକମାନେ ଏହା ପ୍ରକାଶ କରିବା ସହିତ 'ବାପା' ଏକ ସାର୍ଥକ କବିତା ସଂକଳନ ବୋଲି ମତବ୍ୟକ୍ତ କରିଥିଲେ। କବି ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚପଲ ପିନ୍ଧି ଶ୍ରୀମନ୍ଦିର ପ୍ରବେଶ ଉଦ୍ୟମ

ପୁରୀ,୧୦।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାରଠାରେ ବୁଧବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ଯୁବକ ଶ୍ରୀମନ୍ଦିର ଭିତରକୁ ଚପଲ ପିନ୍ଧି ପ୍ରବେଶ ପାଇଁ ଉଦ୍ୟମ କରିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ, ବୁଧବାର ଭୋର୍ ସମୟରେ ଶ୍ରୀମନ୍ଦିର ସିଂହଦ୍ୱାର ବନ୍ଦଥିବା ସମୟରେ ଜଣେ ଯୁବକ ଚପଲ ପିନ୍ଧି ଶ୍ରୀମନ୍ଦିର ଭିତରକୁ ପଶିବାକୁ ଚେଷ୍ଟା କରିଥିଲେ। ତେବେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଓ ଜେଟିପି କର୍ମଚାରୀ ତାଙ୍କୁ ଅଟକାଇଥିଲେ। ଅଟକାଇବା ବେଳେ ପୋଲିସ ସହ ସେ ଯୁକ୍ତିତର୍କ କରି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଶେଷରେ ସୁରକ୍ଷା ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀ ଓ ଜେଟିପି ସମ୍ପୃକ୍ତ ଯୁବକଙ୍କୁ ସିଂହଦ୍ୱାର ଥାନା ଜିମା ଦେଇଥିଲେ। ଯୁବକ ଜଣଙ୍କ ଢେଙ୍କାନାଳ ଗଁଦିଆ ଗ୍ରାମର ଲାଲୁପ୍ରସାଦ ସାହୁ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଯୁବକ ଜଣକ କ'ଣ ପାଇଁ ଚପଲ ପିନ୍ଧି ଶ୍ରୀମନ୍ଦିର ଭିତରକୁ ପ୍ରବେଶ ଉଦ୍ୟମ କରୁଥିଲେ ସେନେଇ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ସିଂହଦ୍ୱାର ଥାନା ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷରେ ପୋଲିସ ପକ୍ଷରୁ ଯୁବକଙ୍କୁ ପଚରାଉଚରା ପରେ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି।

## ବଟି ଆଦାୟ: ୪ ଗିରଫ



ଗିରଫ ହୋଇଥିବା ୪ ଅଭିଯୁକ୍ତ।

ପୁରୀ,୧୦।୯(ଅଜିତ୍ କୁମାର ମହାନ୍ତି)

ଚନ୍ଦନପୁର ଥାନା ଅଧୀନ ବାଲିପଡ଼ା ପଞ୍ଚାୟତର ଗୋପୀନାଥପୁର ନିକଟରେ ପାନୀୟଜଳ ପ୍ରକଳ୍ପ ବସୁଧା ନିକଟରେ ବୋମା, ଖଣ୍ଡା ଏବଂ ଛୁରି ଦେଖାଇ ଭୟଭୀତ କରି ବଟି ଆଦାୟ କରିବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଚନ୍ଦନପୁର ଥାନା ଅଧୀନ ବାଲିପଡ଼ାର ସଞ୍ଜୟ ବେହେରା(୩୨), ନୃସିଂହ ସୁବୁଦ୍ଧି(୨୭), ବାଲିବେହେରାସାହିର ମନୋଜ କୁମାର ବେହେରା(୩୫) ଏବଂ ବଳଙ୍ଗା ଥାନା ଅଧୀନ କାହାଳପଡ଼ାର ରାକେଶ ବେହେରା(୨୪)। ସୂଚନା ମୁତାବକ, ଚନ୍ଦନପୁର ଥାନା ଅଞ୍ଚଳରେ ପୋଲିସ ପଇଁତରା ମାରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବାଲିପଡ଼ା ପଞ୍ଚାୟତ ଗୋପୀନାଥପୁର ଅଞ୍ଚଳରେ ଥିବା ବସୁଧା ପ୍ରକଳ୍ପ ନିକଟରେ କେତେଜଣ ଯୁବକ ବୋମା ଏବଂ ବିଭିନ୍ନ ମାରଣାସ୍ତ୍ରରେ ସଜ୍ଜିତ ହୋଇ ଲୋକଙ୍କୁ ଭୟଭୀତ କରାଇ ବଟି ଆଦାୟ କରୁଛନ୍ତି। ପୋଲିସ ସଦଳବଳ ଉକ୍ତ ଅଞ୍ଚଳରେ ଚଢ଼ାଉକରି ଅଭିଯୁକ୍ତମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ପୋଲିସ ସାକ୍ଷୀଙ୍କ ଉପସ୍ଥିତିରେ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ କାର, ୨ଟି ବୋମା, ୨ଟି ମୋବାଇଲ ଏବଂ କିଛି ଟଙ୍କା ଜବତ କରିଛି।

## ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟରେ ଖୋଲିଲା ପିଜି ଡିଏନ୍‌ବି ପାଠ୍ୟକ୍ରମ

ପୁରୀ,୧୦।୯(ଅଜିତ୍ କୁମାର ମହାନ୍ତି)

ସ୍ନାତକୋତ୍ତର ଭେଷଜ ବିଜ୍ଞାନ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ସ୍ୱରୂପ ଚଳିତବର୍ଷ ଠାରୁ ପୁରୀ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଡି. ଏନ୍.ବି (ପି.ଜି.) କୋର୍ସ ଆରମ୍ଭ ହୋଇଛି। ୨୦୨୫ରୁ ୨୯ ଶିକ୍ଷାବର୍ଷ ପର୍ଯ୍ୟନ୍ତ ମେଡିସିନ୍ ବିଭାଗରେରେ ୪ଟି, ସର୍ଜରୀରେ ୪ଟି, ଗାଏନାକୋଲୋଜିରେ ୩ଟି, ପେଡିଆଟ୍ରିକ୍‌ରେ ୪ଟି, ଅପଥାଲମୋଲୋଜିରେ ୩ଟି, ଆନେସ୍ଥେସିଓଲୋଜିରେ ୫ଟି ଏବଂ ରେଲିରେଟୋରି ମେଡିସିନ୍‌ରେ ୨ଟି ଏହିପରି ସାତଟି ପ୍ରମୁଖ ବିଭାଗରେ ମୋଟ ୨୫ଟି ସିଟ୍ ପାଇଁ ଆୟୁର୍ବିଜ୍ଞାନ ରାଷ୍ଟ୍ରୀୟ ପରୀକ୍ଷା ବୋର୍ଡ ସ୍ୱୀକୃତି ପ୍ରଦାନ କରିଛି। ତନ୍ମଧ୍ୟରୁ ୫୦ପ୍ରତିଶତ ସିଟ୍ ସର୍ବଭାରତୀୟ ଛାତ୍ରୀଛାତ୍ର ଓ ୫୦ ପ୍ରତିଶତ ସିଟ୍ ଓଡ଼ିଶାର ଛାତ୍ରୀଛାତ୍ର (ଚାକିରିଆ) ଙ୍କ ପାଇଁ ସଂରକ୍ଷିତ ରହିଛି। ଚଳିତବର୍ଷ ଠାରୁ ଏମ୍.ବି.ବି.ଏସ୍. ପାସ୍ କରିଥିବା ଛାତ୍ରୀଛାତ୍ରମାନେ ଏହି ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ। ଡି.ଏନ୍.ବି. ପାଠ୍ୟକ୍ରମ ଦ୍ୱାରା ଭେଷଜ ବିଜ୍ଞାନର ବିଭିନ୍ନ ବିଭାଗରେ ବିଶେଷଜ୍ଞ ଡାକ୍ତରମାନଙ୍କ ସଂଖ୍ୟା ବୃଦ୍ଧି ସହ ରାଜ୍ୟରେ ଚିକିତ୍ସା ଭିତ୍ତିଭୂମିକୁ ସୁଦୃଢ଼ କରାଯାଇପାରିବ। ପୁରୀ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଏହି ପାଠ୍ୟକ୍ରମ ଖୋଲିବା ଦ୍ୱାରା ସ୍ଥାନୀୟ ଛାତ୍ରୀଛାତ୍ରଙ୍କୁ ଆଉ ବାହାର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ। ଆଗ୍ରହୀ ଛାତ୍ରୀଛାତ୍ରମାନେ ଏବେ ନିଜ ରାଜ୍ୟରେ ଏହି କୋର୍ସ ପଢ଼ିବାର ସୁଯୋଗ ପାଇପାରିବେ। କିଛି ମାସ ତଳେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପକ୍ଷରୁ ଏଥିପାଇଁ ଆବେଦନ କରାଯାଇଥିବା ବେଳେ ଆୟୁର୍ବିଜ୍ଞାନ ରାଷ୍ଟ୍ରୀୟ ପରୀକ୍ଷା ବୋର୍ଡର ବରିଷ୍ଠ ଅଧିକାରୀମାନେ କଲେଜ ପରିଦର୍ଶନରେ ଆସି ଭିତ୍ତିଭୂମିର ଯାତ୍ରା କରି ସନ୍ତୋଷ ପ୍ରକାଶ କରିଥିଲେ। ସର୍ଜରୀ ବିଭାଗର ଆସୋଶିଏଟ୍ ପ୍ରଫେସର ଡା. ସ୍ୱରୂପାନନ୍ଦ ମଲ୍ଲିକ ନୋଡାଲ ଅଫିସର ଭାବେ ଏହି ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଇଥିଲେ। ସ୍ୱୀକୃତି ପାଇବା ପରେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ନିଜ ଉତ୍କର୍ଷତାକୁ ନେଇ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିବା ସହ ରାଜ୍ୟର ଅନ୍ୟତମ ଅଗ୍ରଣୀ ଭେଷଜ ବିଜ୍ଞାନ ଶିକ୍ଷାନୁଷ୍ଠାନ ଭାବେ ପରିଗଣିତ ହୋଇଛି। ଏହି ସଫଳତା ପାଇଁ ସମସ୍ତ ସହଯୋଗ ନିମନ୍ତେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଭେଷଜ ବିଜ୍ଞାନ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟଙ୍କୁ କଲେଜ କର୍ତ୍ତୃପକ୍ଷ କୃତଜ୍ଞତା ଜ୍ଞାପନ କରିଛନ୍ତି। ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଡି. ଏନ୍.ବି. କୋର୍ସ ଆରମ୍ଭ ହେବା ଗୌରବର ବିଷୟ ଏବଂ ଏହାଦ୍ୱାରା ଶୈକ୍ଷିକ ବାତାବରଣରେ ଅଭିବୃଦ୍ଧି ସହିତ ଉନ୍ନତ ଗବେଷଣା ଓ ପ୍ରଶିକ୍ଷଣ ଦ୍ୱାରା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ଉନ୍ନତି ହୋଇପାରିବ ବୋଲି କଲେଜ୍ ଅଧ୍ୟକ୍ଷା ସବିତା ମହାପାତ୍ର, ଅଧୀକ୍ଷକ ପ୍ରଫେସର କୌଶିକ ମିଶ୍ର ଓ ଉପାଧ୍ୟକ୍ଷ ପ୍ରଫେସର ଲଳାଟେନ୍ଦୁ ସ୍ୱାଇଁ ପ୍ରକାଶ କରିଛନ୍ତି।

## ଶିଶୁଙ୍କୁ ଶୀର୍ଷରେ ପହଞ୍ଚାଇପାରେ ପ୍ରତିଯୋଗିତା ମନୋଭାବ

ପୁରୀ,୧୦।୯(ଅଜିତ୍ କୁମାର ମହାନ୍ତି)

ପ୍ରତିଯୋଗିତା ମନୋଭାବ ହିଁ ଶିଶୁଙ୍କୁ ଶୀର୍ଷରେ ପହଞ୍ଚାଇପାରେ। ତେଣୁ ଭଲ ପାଠ ପଢ଼ିବା ସହ କ୍ରୀଡ଼ା, ସଂସ୍କୃତି ଓ ତର୍କ-ଜ୍ଞାନରେ ସାମିଲ ହେବା ଆବଶ୍ୟକ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କହିଛନ୍ତି। ସେବା ଓ ସଂସ୍କାର ପକ୍ଷରୁ ସମାଜ ସଂଗଠକ ଓମ୍‌ପ୍ରସାଦ ମହାନ୍ତିଙ୍କ ପରିଚାଳନାରେ ପୁରୀ ଝାଡ଼େଶ୍ୱରୀ କ୍ଲବରେ ଅନୁଷ୍ଠିତ ଉତ୍କର୍ଷ-୨୦୨୫ କାର୍ଯ୍ୟକ୍ରମରେ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା ପ୍ରକାଶ କରିଛନ୍ତି। ମୁଖ୍ୟବକ୍ତା ଭାବେ ବଦ୍ରି ମିଶ୍ର ଯୋଗଦେଇ କହିଥିଲେ, ଲକ୍ଷ୍ୟହୀନ ଜୀବନ ଜୀବନ ନୁହେଁ। ସେ ପାଠ ହେଉ ବା ଶାଠ, ସବୁଥିରେ ଉତ୍କର୍ଷତା ହାସଲ କରିବା ଶିଶୁ-କିଶୋରଙ୍କ ଲକ୍ଷ୍ୟ ହେବା ଉଚିତ। ଏହି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଭାଗବତ ଯୁବପିଢ଼ିଙ୍କ ପାଇଁ ମାର୍ଗଦର୍ଶକ

ପୁରୀ,୧୦।୯(ଅଜିତ୍ କୁମାର ମହାନ୍ତି)

ପତିତପାବନ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଅନ୍ନପୂର୍ଣ୍ଣା ଭବନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ବଳରାମ ଦାଶ ଏହି ସଭାରେ ଅଧ୍ୟକ୍ଷତା କରି କହିଥିଲେ, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଜାତୀୟ ଜନଜୀବନର ଆଧାର ଓ ଏହା ଯୁବପିଢ଼ି ପାଇଁ ମାର୍ଗଦର୍ଶକ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସଦାଶିବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପୁରାଣ ଇତିହାସ ବିଭାଗର ପ୍ରଫେସର ଡ. କୃଷ୍ଣଚନ୍ଦ୍ର କବି ଯୋଗଦେଇ ବ୍ୟାସକୃତ ମହାଭାରତର ଜନ୍ମ ବୃତ୍ତାନ୍ତ ସହ ବିଶ୍ୱ ପୁରାଣ ସାହିତ୍ୟ ଜଗତକୁ ଭାଗବତର ଅବଦାନ ଅନନ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ଅଧ୍ୟାପକ ଡ. ଶଙ୍କର୍ଷଣ ପ୍ରଧାନ, ସମ୍ମାନିତ ଅତିଥି ରୂପେ ଶିଶୁ ସାହିତ୍ୟ ସମାଚାର ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, ଡ. ଶଶିକାନ୍ତ ରଥ, ଡ. ପ୍ରଦୀପ କୁମାର ଆଚାର୍ଯ୍ୟ ଏବଂ ଡ. ଗୋପାଳକୃଷ୍ଣ କର ଯୋଗଦେଇ ଭାଗବତରେ ତାତ୍ତ୍ୱିକ ଓ ସାମାଜିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଅଧ୍ୟାପକ ଦୟାନିଧି ପଣ୍ଡା ଧନ୍ୟବାଦ ଦେଇଥିଲେ। ଏଥିରେ ରାଜକିଶୋର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଅନ୍ନପୂର୍ଣ୍ଣା କର, ଉମେଶଚନ୍ଦ୍ର ଦାସ, ଜାନକୀରାଣୀ ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଫଟୋରେ ଖବର




ନେପାଳରେ ଶାନ୍ତି ପ୍ରତିଷ୍ଠା କାମନା କରି ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।



ପାର୍ଲାମେଣ୍ଟାରି ସବ୍‌କମିଟିର ସଦସ୍ୟମାନେ ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି।



ପୁରୀ ସର୍କିଟ ହାଉସ ପରିସରରେ ମହିଳାଙ୍କ ସୁରକ୍ଷା ଓ ଯୌନ ନିର୍ଯାତନା ସମ୍ପର୍କିତ ସଚେତନତା କର୍ମଶାଳା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

### ନନ୍ଦନକାନନରେ ମଣିପୁରୀ ହରିଣ ଛୁଆ ଜନ୍ମ

ତ୍ରିଶୂଳିଆ,(ତୁଷାରକାନ୍ତ ବେହେରା): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୬ ନମ୍ବର(ଖ) ଖୁଆଡ଼ରେ ରହୁଥିବା ମଣିପୁରୀ ହରିଣର ଗୋଟିଏ ଛୁଆ ବୁଧବାର ଜନ୍ମ ହୋଇଛି। ଉଭୟ ସୁସ୍ଥ ଥିବା ଜଣାପଡ଼ିଛି। ସାଧାରଣତଃ ଏହି ପ୍ରଜାତିର ହରିଣ ମଣିପୁର, ବର୍ମା ଓ ଥାଇଲାଣ୍ଡର ସରସତିଆ ଅଞ୍ଚଳରେ ଦେଖିବାକୁ ମିଳେ। ସେମାନଙ୍କର ଉଚ୍ଚତା ପ୍ରାୟ ୧୨୦ ସେ.ମି। ଏହି ପ୍ରଜାତିର ହରିଣ ୨୪୫ ରୁ ୨୭୩ ଦିନ ପର୍ଯ୍ୟନ୍ତ ଗର୍ଭଧାରଣ କରିବା ସହ ଅକ୍ଟୋବରରୁ ନଭେମ୍ବର ମଧରେ ଛୁଆ ଜନ୍ମ କରିଥାନ୍ତି। ଏହା ଏକ ବିପଦଗ୍ରସ୍ତ ପ୍ରାଣୀ। ଆଖିର ଭୁଲତା ପାଖରୁ ଏକ ଯୋଡା ଶିଙ୍ଘ ବାହାରିଥାଏ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ କହିଛନ୍ତି।

# ଯୁବପିଢ଼ି ହିଁ ସୁସ୍ଥ ପରିବେଶ ଗଢ଼ିପାରିବେ

## ରାଜ୍ୟସ୍ତରୀୟ ଏଚ୍ଆଇଭି/ଏଡ୍ସ ସଚେତନତା ମାରାଥନ ପ୍ରତିଯୋଗିତା

ଭୁବନେଶ୍ୱର,୧୦।୯(ସୁଚିସ୍ମିତା ସାହୁ)

ଯୁବବର୍ଗଙ୍କ ମଧ୍ୟରେ ଏଚ୍ଆଇଭି ତଥା ଏଡ୍ସ ସମ୍ବନ୍ଧରେ ସଚେତନତା ବୃଦ୍ଧି ପାଇଁ ଓଡିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି (ଓସାକ୍ସ) ପକ୍ଷରୁ ଏକ ରାଜ୍ୟସ୍ତରୀୟ ଗଣଦୌଡ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଟିଆସ୍ଥିତ ମଧୁସୂଦନ ଦେବ ଡିଗ୍ରୀ କଲେଜ ସମ୍ମୁଖରେ ଖୋର୍ଦ୍ଧା ସିଡିଏମ୍ଓ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଓ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସିଡିଏମ୍ଓ ଡା. ରାୟ କହିଲେ, ଏଚ୍ଆଇଭି/ ଏଡ୍ସ ସଂକ୍ରମଣର ମାଧ୍ୟମ, ନିୟନ୍ତ୍ରଣ ଓ ନିରାକରଣ ବିଷୟରେ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି। ଯେଉଁ ସଂକ୍ରମଣର ସମ୍ପୂର୍ଣ୍ଣ ନିରାକରଣ ନାହିଁ, ସେଥିପ୍ରତି ଆମେ ସମସ୍ତେ ସଚେତନ ହେବା ଦରକାର। ଯୁବପିଢ଼ିମାନେ ସଚେତନ ହେଲେ ହିଁ ଦେଶରେ ସୁସ୍ଥ ପରିବେଶ ଗଢ଼ି ହେବ ବୋଲି ସେ କହିଛନ୍ତି। ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସ୍ୱାଇଁ କହିଲେ, ଯୁବପିଢ଼ିଙ୍କ ମଧ୍ୟରେ ଏଚ୍ଆଇଭି ସଂକ୍ରମଣ ଦେଖିବାକୁ ମିଳୁଛି। ଏ କ୍ଷେତ୍ରରେ ଯୁବବର୍ଗଙ୍କର ସମାଜ ପ୍ରତି ଥିବା ଦାୟିତ୍ୱବୋଧତା, ସଚେତନତା ଏବଂ ସୁସ୍ଥ ଜୀବନଯାପନର ପ୍ରାଧାନ୍ୟ ଉପଲବ୍ଧି କରାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କରାଯାଉଛି। ଜିଲା ଓ ରାଜ୍ୟସ୍ତରରେ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କୁ ଗଣଦୌଡ ଓ କୁଇଜ୍ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। କଲେଜର ପ୍ରିନ୍ସିପାଲ ଡ. ପ୍ରଶାନ୍ତ କୁମାର ରାଉତ କହିଲେ, ରାଜ୍ୟ ଓ ଦେଶର ଭବିଷ୍ୟତ ହେଉଛନ୍ତି ଯୁବବର୍ଗ। ଯୁବପିଢ଼ିଙ୍କ ମାଧ୍ୟମରେ ଯେକୌଣସି କ୍ଷେତ୍ରର ପରିବର୍ତ୍ତନ କରିହେବ। ସେମାନେ ସଚେତନ ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ। ପ୍ରତିଯୋଗିତାରେ ପୁରୁଷ ବର୍ଗରେ କୋରାପୁଟର ରବି ମୁଦୁଲି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଖୋର୍ଦ୍ଧା ଜିଲାର ଶୁଭମ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ମହିଳା ବର୍ଗରେ ଖୋର୍ଦ୍ଧାର ପୂଜା ବେହେରା ପ୍ରଥମ ଓ ସାନିଆ ପିଙ୍ଗୁଆ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଓସାକ୍ସର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଡି.ଏସ. ଅରବିନ୍ଦ ମଞ୍ଚ ପରିଚାଳନା କରିଥିଲେ। ଓସାକ୍ସର ସହ ନିର୍ଦ୍ଦେଶକ ସ୍ମୃତି ସାଗରିକା କାନୁନ୍‌ଗୋଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ବେଳେ ଡିପିଏମ୍ ଖୋର୍ଦ୍ଧା ବିଧାନ ଚନ୍ଦ୍ର ନାୟକ ସହଯୋଗ କରିଥିଲେ।



ରାଜ୍ୟସ୍ତରୀୟ ଗଣଦୌଡ ପ୍ରତିଯୋଗିତାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ୟୁରୋକିଡ୍‌ସର 'ହ୍ୟୁରେକା' ପାଠ୍ୟକ୍ରମ ଶୁଭାରମ୍ଭ




ଭୁବନେଶ୍ୱର,୧୦।୯(ଅନୁରାଧା ମହାରଣା)

ପ୍ରି-ସ୍କୁଲ ବିଶେଷଜ୍ଞ ୟୁରୋକିଡ୍‌ସ ଏହାର ୮ମ ସଂସ୍କରଣର ପାଠ୍ୟକ୍ରମ 'ହ୍ୟୁରେକା – ଭିଜିବ୍‌ଲ ଥିଙ୍କ କରିକୁଲମ' ଉନ୍ମୋଚନ କରିଛି। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର 'ପ୍ରୋଜେକ୍ଟ ଜିରୋ' ଏବଂ ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦ର ସର୍ବାଙ୍ଗୀନ ବିକାଶର ଲକ୍ଷ୍ୟ ଅନୁଯାୟୀ ପରିକଳ୍ପିତ 'ହ୍ୟୁରେକା' ଶିଶୁ ଶିକ୍ଷାର୍ଥୀଙ୍କ ସାମ୍ପ୍ରତିକ ତଥା ସୃଜନଶୀଳ ଚିନ୍ତନ କୌଶଳ ବୃଦ୍ଧି କରିବାକୁ ପ୍ରସ୍ତୁତ କରାଯାଇଛି। ବର୍ତ୍ତମାନ ୟୁରୋକିଡ୍‌ସର ଭୁବନେଶ୍ୱରରେ ୧୩, କଟକରେ ୫ ଓ ପୁରୀରେ ୩ ଶାଖା ସହ ମୋଟ ୧୦ ସହରରେ ୪୨ ଶାଖା ରହିଛି। ଆଗାମୀ ୫ ବର୍ଷରେ ରାଜ୍ୟରେ ୩୨ଟି ନୂଆ କେନ୍ଦ୍ର ଖୋଲିବାକୁ ୟୁରୋକିଡ୍‌ସ ଯୋଜନା ରଖିଛି। ଉଚ୍ଚ ଗୁଣବତ୍ତାଯୁକ୍ତ ପ୍ରାରମ୍ଭିକ ଶିକ୍ଷାକୁ ଗୁରୁତ୍ୱ ଦେଉଥିବା ୟୁରୋକିଡ୍‌ସ ନିୟମିତ ଭାବେ ଏହାର ପାଠ୍ୟକ୍ରମକୁ ଅପ୍‌ଡେଟ କରୁଛି। 'ହ୍ୟୁରେକା' ପିଲାମାନଙ୍କୁ କ'ଣ ଚିନ୍ତା କରିବାକୁ ହେବ ଶିଖାଇବା ପରିବର୍ତ୍ତେ ସେମାନଙ୍କୁ 'କିପରି' ଚିନ୍ତା କରିବେ, ସେହି ଦିଗରେ ସଶକ୍ତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ଏହି ପାଠ୍ୟକ୍ରମରେ ୨୦ଟି ଗଠନମୂଳକ ବିଷୟ ରହିଛି। ଏହା ପିଲାଙ୍କ ମଧ୍ୟରେ କୌତୂହଳ ଜାଗ୍ରତ, କଳ୍ପନାଶକ୍ତି ବୃଦ୍ଧି ଏବଂ ଶିଶୁମାନଙ୍କର ସାମ୍ପ୍ରତିକ ଚିନ୍ତନ ଶକ୍ତିକୁ ପ୍ରୋତ୍ସାହିତ କରିବ। ୧୮ ମାସର କଠୋର ଗବେଷଣା, ପାଇଲଟ ପରୀକ୍ଷଣ ଏବଂ ଉନ୍ନତୀକରଣ ପରେ ବିକଶିତ ହ୍ୟୁରେକା ଶିକ୍ଷା ବ୍ୟବସ୍ଥାରେ ବାରମ୍ବାର ଅଣଦେଖା କରାଯାଇଥିବା ବିକାଶର ପାଞ୍ଚଟି ମୂଳ କ୍ଷେତ୍ରକୁ ସାମିଲ କରିବ। ଲାଇଟ୍‌ହାଉସ ଲର୍ନିଂର ପ୍ରି-କେ ଡିଭିଜନ (ୟୁରୋକିଡସ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେଭିଏସ ଶେଶାଶାୟୀ କହିଛନ୍ତି, ୟୁରୋକିଡ୍‌ସରେ ଆମେ ଦୁଇ ବର୍ଷ ବୟସରୁ ହିଁ ମାନସିକ ଏବଂ ସାମ୍ପ୍ରତିକ ଚିନ୍ତନକୁ ପ୍ରୋତ୍ସାହିତ କରି ଜୀବନବ୍ୟାପୀ ଶିକ୍ଷାର ଭିତ୍ତିଭୂମି ପ୍ରସ୍ତୁତ କରିବାରେ ବିଶ୍ୱାସ କରୁଛୁ। ୟୁରୋକିଡ୍‌ସର ପାଠ୍ୟକ୍ରମ ବିକାଶ ମୁଖ୍ୟ ଡ. ଅନିତା ମଦାନ କହିଛନ୍ତି, ଆମେ ଚାହୁଁଛୁ ଯେ ପିଲାମାନେ କେବଳ ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ଉତ୍ତରକୁ ପ୍ରଶ୍ନ ସହିତ ଯୋଡ଼ି ପରିବର୍ତ୍ତନଶୀଳ ମାନସିକ, ସାମ୍ପ୍ରତିକ ବିଶ୍ଳେଷଣ ଏବଂ ପୃଥିବୀ ସହିତ ଏକ ଗଭୀର ସଂଯୋଗ ସୃଷ୍ଟି କରନ୍ତୁ।

# ଚାରାରୋପଣ ଅଭିଯାନର ସଫଳତା ପାଇଁ ସହଯୋଗ ଲୋଡ଼ିଲେ ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର,୧୦।୯(ସୁଚିସ୍ମିତା ସାହୁ)

କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଦେଶବ୍ୟାପୀ 'ଏକ୍ ପେଡ୍ ମା କେ ନାମ୍ ୨.୦' ଚାରାରୋପଣ ଅଭିଯାନ ଆରମ୍ଭ କରାଯାଉଛି। ଚାରାରୋପଣଠାରୁ ବୃକ୍ଷରେ ରୂପାନ୍ତରିତ ହେବା ପର୍ଯ୍ୟନ୍ତ ତା'ର ଯତ୍ନ ନେବାକୁ ଆହ୍ୱାନ ଦିଆଯିବ। ଚଳିତବର୍ଷ ଏହି କାଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡିଛନ୍ତି ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ। ଏହି କାର୍ଯ୍ୟକ୍ରମରେ ଉତ୍ସାହର ସହ ଅଂଶଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ଜୁନ ୫ ବିଶ୍ୱ ପରିବେଶ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ବର୍ଷରେ ରାଜ୍ୟ ସରକାର ୭.୫ କୋଟି ଚାରାରୋପଣ କରିବାକୁ ଲକ୍ଷ୍ୟ ରଖିଥିବା କହିଥିଲେ। ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ପାଳନ ଉପଲକ୍ଷେ ସାରା ଓଡ଼ିଶାରେ ୭୫ ଲକ୍ଷ ଚାରାରୋପଣ ନିମନ୍ତେ ଏକ ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ ବୋଲି ଘୋଷଣା କରିଥିଲେ। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ନେତୃତ୍ୱରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ, ଶିଳ୍ପ ବିଭାଗ, ସୂଚନା ଓ ଲୋକସମ୍ପର୍କ ଏବଂ ଅନ୍ୟ ବିଭାଗର ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ସମାପନ ହେବ ମନ୍ତ୍ରୀ କହିଛନ୍ତି।




ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଘରେ ଘରେ ତ୍ରିରଙ୍ଗା ସମ୍ବର୍ଦ୍ଧନା ସମାରୋହ ଅବସରରେ ଆୟୋଜିତ 'ମୋ ସ୍ୱପ୍ନର ଓଡ଼ିଶା-୨୦୩୬' ଚିତ୍ରକଳା ପ୍ରତିଯୋଗିତାର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

# ଏକାଡେମୀ ପାଇଁ ୩ ସ୍ୱତନ୍ତ୍ର ୱେବ୍‌ସାଇଟ ଉନ୍ମୋଚିତ

ଭୁବନେଶ୍ୱର,୧୦।୯(ସୁଚିସ୍ମିତା ସାହୁ)

**ଅନ୍‌ଲାଇନରେ ମିଳିବ ମଣ୍ଡପ ବୁକିଂର ସମସ୍ତ ତଥ୍ୟ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ 'ମୋ ସ୍ୱପ୍ନର ଓଡ଼ିଶା-୨୦୨୬' ଚିତ୍ରମେଳା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ବୁଧବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ଲଳିତ କଳା ଏକାଡେମୀ ପାଇଁ ୩ଗୋଟି ସ୍ୱତନ୍ତ୍ର ୱେବ୍‌ସାଇଟକୁ ଉନ୍ମୋଚିତ କରାଯାଇଛି। ଏଥିସହ ସଂସ୍କୃତି ବିଭାଗ ଅଧୀନ ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପ ଏବଂ ଉତ୍କଳ ମଣ୍ଡପର ଅନ୍‌ଲାଇନ ବୁକିଂ ପାଇଁ ମଧ ଗୋଟିଏ ସ୍ୱତନ୍ତ୍ର 'ମଣ୍ଡପ ୱେବ୍‌ସାଇଟ'କୁ ଉନ୍ମୋଚିତ କରାଯାଇଛି। ଏହିସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୪ଗୋଟି ୱେବ୍‌ସାଇଟକୁ ଉନ୍ମୋଚିତ କରାଯାଇଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ଲଳିତ କଳା ଏକାଡେମୀ ପାଇଁ ଉନ୍ମୋଚିତ ହୋଇଥିବା ୩ ଗୋଟି ୱେବ୍‌ସାଇଟ ମାଧ୍ୟମରେ ଏକାଡେମୀ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ବିଭିନ୍ନ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ଅବଗତି ସମ୍ବନ୍ଧରେ ଉପଲବ୍ଧ କରାଯାଇପାରିବ। ଏଥିସହ 'ମଣ୍ଡପ ୱେବ୍‌ସାଇଟ' ମାଧ୍ୟମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପ ଏବଂ ଉତ୍କଳ ମଣ୍ଡପର ଅନ୍‌ଲାଇନ ବୁକିଂ କରାଯାଇପାରିବ। ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ମଧ ମଣ୍ଡପ ୱେବ୍‌ସାଇଟରେ ସୂଚନା ପ୍ରଦାନ କରାଯିବ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଆୟୋଜନ କରାଯାଇଥିବା 'ମୋ ସ୍ୱପ୍ନର ଓଡ଼ିଶା-୨୦୩୬' ଚିତ୍ରକଳା ପ୍ରତିଯୋଗିତାର ସମୁଦାୟ ୫୬ଜଣ ବିଜେତାଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଛି। ଏଥିସହ ସଂସ୍କୃତି ବିଭାଗ ପକ୍ଷରୁ କରାଯାଇଥିବା 'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମରେ ଭାଗନେଇଥିବା ୧୫ଜଣ ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସମସ୍ତ ବିଜେତା ଓ ସ୍ୱେଚ୍ଛାସେବୀଙ୍କୁ ପ୍ରୋତ୍ସାହିତ କରିବା ସହିତ ବିକଶିତ ଓଡ଼ିଶା-୨୦୩୬ ଗଠନ କରିବା ଦିଗରେ ଯୁବପିଢ଼ିଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ରଶେଖର ହୋତା, ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ଦେବଯାନୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି କ୍ୱାର୍ଟର୍ସରୁ ହଟିବ ଜବରଦଖଲ

## ପୋଲିସ ସହାୟତାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ହେବ ଉଚ୍ଛେଦ

ଭୁବନେଶ୍ୱର,୧୦।୯(ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରାବାସରୁ ଅଣଛାତ୍ରଙ୍କୁ ବିଦା କରିବା ପରଠାରୁ କ୍ୟାମ୍ପସରେ ଉତ୍ତେଜନା ଲାଗି ରହିଛି। କ୍ୟାମ୍ପସରେ ଥିବା ବସ୍ତି ଉଚ୍ଛେଦ ସହ ଜବରଦଖଲ ହୋଇଥିବା କ୍ୱାର୍ଟର୍ସ ଏବଂ ଭଡ଼ାରେ ରହୁଥିବା ବ୍ୟକ୍ତିବିଶେଷଙ୍କୁ ସେଠାରୁ ବାହାର କରିବାକୁ ପୂର୍ବତନ ଛାତ୍ରଙ୍କ ସମେତ କେତେଜଣ ଛାତ୍ରୀଛାତ୍ର ମଙ୍ଗଳବାର କୁଳପତିଙ୍କୁ ଘେରିଥିଲେ। ତୁରନ୍ତ କ୍ୟାମ୍ପସରୁ ଜବରଦଖଲକାରୀଙ୍କୁ ବାହାର କରିବା ପାଇଁ ବୁଧବାର ମଧ ଛାତ୍ରୀଛାତ୍ର କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତେବେ ଗୁରୁବାରଠାରୁ ଅବୈଧ ଭାବେ ଅକ୍ତିଆର ହୋଇଥିବା ସମସ୍ତ କ୍ୱାର୍ଟର୍ସକୁ ଜବରଦଖଲ ମୁକ୍ତ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁଯାୟୀ, ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କୁ ଦିଆଯାଇଥିବା କ୍ୱାର୍ଟର୍ସକୁ ଭଡ଼ାରେ ଲଗାଯାଇଛି। ଚାକିରି ସରିବା ପରେ ମଧ ବହୁ କର୍ମଚାରୀ କ୍ୟାମ୍ପସରେ ରହୁଛନ୍ତି। ସେହିପରି ଅନେକ କ୍ୱାର୍ଟର୍ସକୁ ବେଆଇନ ଭାବେ କବ୍‌ଜା କରି କେତେଜଣ କର୍ମଚାରୀ ଏବଂ ବାହାର ଲୋକ ମଧ ରହୁଛନ୍ତି। ସେହିପରି କ୍ୟାମ୍ପସରେ ବସ୍ତି ରହିଛି। ବସ୍ତିବାସିନ୍ଦା ଏବଂ ବାହାର ଲୋକଙ୍କ ପାଇଁ ଏଠାରେ ନିଶା କାରବାର ବଢ଼ୁଛି। ଛାତ୍ରୀଛାତ୍ର ନିଜକୁ ଏଠାରେ ଅସୁରକ୍ଷିତ ଭାବୁଛନ୍ତି। ଯେଉଁମାନେ ଏଠାରେ ପାଠପଢ଼ା ସହିତ ସମ୍ପୃକ୍ତ ନାହାନ୍ତି, ସେମାନଙ୍କୁ ମଧ ତୁରନ୍ତ ବାହାର କରାଯାଉ ବୋଲି ଛାତ୍ରୀଛାତ୍ର ଦାବି କରି ଧାରଣା ଦେଇଛନ୍ତି। ଅପରପକ୍ଷରେ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଧାରଣାରତ ଛାତ୍ରୀଛାତ୍ରଙ୍କୁ କହିଛନ୍ତି, କ୍ୟାମ୍ପସରେ ଅବୈଧ ଭାବେ ରହୁଥିବା ସମସ୍ତଙ୍କୁ ବାହାର କରାଯିବ। ଜବରଦଖଲ କ୍ୱାର୍ଟର୍ସକୁ ଖାଲି କରିବାକୁ ନୋଟିସ ଦିଆଯାଇଛି। ଗୁରୁବାର କ୍ୱାର୍ଟର୍ସ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ଜୋନ୍ ଏସିପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ପଞ୍ଚାୟତସ୍ତରୀୟ ପଲ୍ଲୀରୁ ପ୍ରଶାସନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ବାଲିଅନ୍ତା,୧୦।୯(ନୀଳମାଧବ ସାହୁ)

**ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଔଷଧ ବଣ୍ଟନ**

ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ପଞ୍ଚାୟତର ପ୍ରାଚୀ କଲ୍ୟାଣ ମଣ୍ଡପରେ ପଞ୍ଚାୟତସ୍ତରୀୟ ପଲ୍ଲୀରୁ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଶିବିର ଖୋଲାଯାଇ ଲୋକମାନଙ୍କୁ ଆବଶ୍ୟକ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଭୁବନେଶ୍ୱର ଉପଜିଲାପାଳ ମନୋରଞ୍ଜନ ସାହୁ, ବ୍ଲକ ଅଧ୍ୟକ୍ଷା ବାସନ୍ତି ଖଟୁଆ, ୧୬ ନଂ ଜିଲା ପରିଷଦ ସଭ୍ୟ ମହେଶ୍ୱର ଦାସ,ବିଡିଓ ରଶ୍ମିତା ନାଥ, ସ୍ଥାନୀୟ ସରପଞ୍ଚ ହୃଷୀକେଶ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ଅପରାଜିତା ସ୍ୱାଇଁ, ଅତିରିକ୍ତ ତହସିଲଦାର, ସିଡିପିଓ ଖୋଲନା ସାହୁ ଓ ଅତିରିକ୍ତ ଶ୍ରମ ଅଧିକାରୀ ଦେବଶ୍ରୀ ବେହେରା, ଯୋଗାଣ ଅଧିକାରୀ ଶ୍ରଦ୍ଧାଞ୍ଜଳି ସେଠୀ, ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସର ପୂଜାରାଣୀ ବରାଳଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଏହି ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମରେ ୧୦୨ଟି ଅଭିଯୋଗ ରହିଥିଲା। ବିଶେଷକରି ଭତ୍ତା, ରାଶନ କାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ବନ୍ଧୀୟ ଲିଖିତ ଆକାରରେ ହିତାଧିକାରୀମାନେ ଅଧିକାରୀଙ୍କ ପାଖରେ ଦାଖଲ କରିଥିଲେ। ଏଥିସହ ଭିଙ୍ଗାରପୁର ବ୍ରିଜ ନିକଟ ଏକ ଅସୁରକ୍ଷିତ କୋଠା ଭଙ୍ଗାଯିବା ନିମନ୍ତେ ସ୍ଥାନୀୟ ଲୋକେ ଲିଖିତ ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୧୨ଟି ଲାଇନ ଡିପାର୍ଟମେଣ୍ଟ ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲାଯାଇ ଲୋକମାନଙ୍କୁ ସଚେତନ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଜୟ କୁମାର ସୁନ୍ଦରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାସ୍ତାରେ ମାରଣାସ୍ତ୍ର ବୁଲାଇ ବୁଲେଟ ଚାଳକଙ୍କ ଆତଙ୍କ

ବାରଙ୍ଗ,୧୦।୯(ଲିଙ୍ଗରାଜ ରାଉତ)

ଗୋଡିସାହି ଫାଣ୍ଡି ଅଞ୍ଚଳରେ ବୁଧବାର ଜଣେ ବୁଲେଟ ଚାଳକ ରାସ୍ତାରେ ବିକଟାଳ ଶବ୍ଦ କରି ଗାଡ଼ି ଚଳାଇବା ସହ ଅନ୍ୟ ଚାଳକମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଚାଳକ ହେଲେ ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଗ୍ରାମର ଚିନ୍ମୟ ଶ୍ରୀଚନ୍ଦନ(୨୭)। ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୪୯୪/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଚିନ୍ମୟ ଓଆର ୦୨ ଏଭି ୮୪୬୪ ନମ୍ବର ବୁଲେଟ ଯୋଗେ ବିକଟାଳ ଶବ୍ଦ କରି ଗାଡ଼ି ଚଳାଇବା ସହ ରାସ୍ତାରେ ଚକ୍କର ମାରିଥିଲା। ରାସ୍ତାରେ ଯାଉଥିବା ବାଇକ୍ ଚାଳକଙ୍କୁ ଆକ୍ରମଣ କରିଥିଲେ। ଉକ୍ତ ରାସ୍ତାରେ ଆସୁଥିବା ଓଡ଼ି ୦୨ଏକ୍ସ ୪୨୭୧ ନମ୍ବର ଏକ ଟ୍ରାଭେରା ଗାଡ଼ିର ଆଗକାଚକୁ ମଧ ଭାଙ୍ଗି ଦେଇଥିଲେ। ପରେ ୨ଟି ମୋଟର ସାଇକେଲ ଭାଙ୍ଗି ଦେଇଥିଲେ।

# ତୋରଣରେ ଅମରେଶ୍ୱର ମହାଦେବ ମନ୍ଦିର



### ଶୃଙ୍ଖଳିତ ଦର୍ଶନ, ସୁରକ୍ଷାକୁ ଗୁରୁତ୍ୱ



ସୁଉଚ୍ଚ ଆକର୍ଷଣୀୟ ତୋରଣରେ ମା'ଙ୍କର ଆବାହନ କରାଯିବ। ମା'ଙ୍କ ନିକଟରେ ସବୁଦିନ ପ୍ରାତଃରେ ମୁଖ୍ୟ ପଣ୍ଡିତ ଆଲୋକ ରଞ୍ଜନ ଦାସଙ୍କ ଦ୍ୱାରା ସୂର୍ଯ୍ୟ ପୂଜା, ଷୋଡ଼ଶ ଉପଚାର ପୂଜା କରାଯିବ। ଏହା ସହ ଚଣ୍ଡୀପାଠ ଏବଂ ସ୍ତୋତ୍ର ପାଠ କରାଯିବ। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି।

–ପ୍ରଶାନ୍ତ ଜେନା, ସଭାପତି

### ୮୦ ଫୁଟ ଉଚ୍ଚର ରାବଣ ପ୍ରତିକୃତି ଦାହ କରାଯିବ



ଏଥର ପୂଜାରେ ପୂର୍ବବର୍ଷ ତୁଳନାରେ ଅଧିକ ଲୋକଙ୍କ ସମାଗମ ହୋଇପାରେ। ପୂଜାଠାରୁ ଆରମ୍ଭ କରି ରାବଣ ପୋଡି ଓ ଭସାଣି ଉତ୍ସବ ପର୍ଯ୍ୟନ୍ତ ଶୃଙ୍ଖଳା ରକ୍ଷା ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ଏଥିପାଇଁ ୨୦୦ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ପାର୍କିଂ ଓ ଅନ୍ୟାନ୍ୟ ଦିଗପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଛି। ତେବେ ୮୦ ଫୁଟ ଉଚ୍ଚର ରାବଣ ପ୍ରତିକୃତି ଦାହ କରାଯିବ।

– ଯାଦବ ଜେନା, ସମ୍ପାଦକ




ଭୁବନେଶ୍ୱର,୧୦।୯(ଅନୁରାଧା ମହାରଣା)

**କୋରଡ଼କଣ୍ଟା ଦୁର୍ଗାପୂଜା ସମିତି**

ଜଗଜ୍ଜନନୀ ମା' ଦୁର୍ଗାଙ୍କ ଆବାହନ ପାଇଁ ରାଜଧାନୀ ଭୁବନେଶ୍ୱର ସମେତ ଉପକଣ୍ଠ ଅଞ୍ଚଳ ଚଳଚଞ୍ଚଳ ହେବାରେ ଲାଗିଛି। କୋରଡ଼କଣ୍ଟା ଦୁର୍ଗାପୂଜା ସମିତି ପକ୍ଷରୁ ଏଥର ୧୪ତମ ବାର୍ଷିକ ଶାରଦୀୟ ଦୁର୍ଗୋତ୍ସବ ଅନୁଷ୍ଠିତ ହେବ। ଏଥର ରାଜସ୍ଥାନ ଜୈସାଲମେରର ପ୍ରସିଦ୍ଧ ଅମରେଶ୍ୱର ମହାଦେବ ମନ୍ଦିର ଆକୃତିର ତୋରଣ ଶ୍ରଦ୍ଧାଳୁଙ୍କ ମନ ଜିଣିବ। ଏହାର ଉଚ୍ଚତା ୮୫ଫୁଟ୍ ରହିବ। ଷଷ୍ଠୀରେ ବିଲ୍ୱବରଣ ଓ ମହାସପ୍ତମୀରେ ମା'ଙ୍କ ଚକ୍ଷୁଦାନ କରାଯିବ। ମହାଷ୍ଟମୀରେ ଚଣ୍ଡୀପାଠ, ହୋମ, ପୁଷ୍ପାଞ୍ଜଳି, ସନ୍ଧିପୂଜା ଆଦି ଅନୁଷ୍ଠିତ ହେବ। ମହାନବମୀରେ ଅନ୍ୟାନ୍ୟ ପୂଜା ସହ କୁମାରୀ ପୂଜନ କରାଯିବ। ବିଜୟା ଦଶମୀରେ ଅପରାଜିତା ପୂଜା ହେବ। ତେବେ ଏଠାରେ ରାବଣପୋଡ଼ି ମୁଖ୍ୟ ଆକର୍ଷଣ ରହିବ। କୁଆଖାଇ ନଦୀପଠାସ୍ଥିତ କୋରଡ଼କଣ୍ଟା ଖେଳପଡ଼ିଆରେ ୮୦ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ପ୍ରତିକୃତି ଦାହ କରାଯିବ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି। ସେହିପରି ଭସାଣରେ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରାଯିବ। ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ଭଜନ, ମେଲୋଡି ସହ ନୃତ୍ୟ କାର୍ଯ୍ୟକ୍ରମ ରହିଛି। କୁନି ପ୍ରତିଭାମାନଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯିବ। ଦୁର୍ଗାପୂଜା ସମିତିର ସହ ସମ୍ପାଦକ ମିଥୁନ ନାୟକ, କୋଷାଧ୍ୟକ୍ଷ ବାବାଜି ମହାଣା, ସଦସ୍ୟ ଦିଲୀପ କୁମାର ଜେନା, ଦିବ୍ୟରଞ୍ଜନ ଜେନା, ଦୁର୍ଗାପ୍ରସାଦ ଜେନା ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂଜା ଆୟୋଜନ ଆଗେଇ ଚାଲିଥିବା ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ଅବଧି ବୃଦ୍ଧି

### ସୁରକ୍ଷା କାର୍ଯ୍ୟ ପାଇଁ ୨ ଟ୍ରେନ୍ ସେବା ବାତିଲ

ଭୁବନେଶ୍ୱର,୧୦।୯(ଅନୁରାଧା ମହାରଣା)

ପାର୍ବଣ ଋତୁରେ ଯାତ୍ରା ସୁବିଧା ଯୋଗାଇବା ଏବଂ ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ ପାଇଁ ପରିଚାଳିତ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ଚଳାଚଳ ଅବଧି ବୃଦ୍ଧି କରାଯାଇଛି। ଶନିବାର ପୁରୀରୁ ଛାଡୁଥିବା ୦୮୪୩୯ ପୁରୀ-ପାଟନା ସାପ୍ତାହିକ ସ୍ୱତନ୍ତ୍ରକୁ ନଭେମ୍ବର ୨୯ ପର୍ଯ୍ୟନ୍ତ ବଢ଼ାଯାଇଛି। ରବିବାର ପାଟନାରୁ ଛାଡୁଥିବା ୦୮୪୪୦ ପାଟନା-ପୁରୀ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନକୁ ନଭେମ୍ବର ୩୦ ପର୍ଯ୍ୟନ୍ତ ବଢ଼ାଯାଇଛି। ଶନିବାର ଭୁବନେଶ୍ୱରରୁ ଛାଡୁଥିବା ୦୨୮୧୧ ଭୁବନେଶ୍ୱର ଯଶ୍‌ବନ୍ତପୁର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍‌କୁ ନଭେମ୍ବର ୨୯ ପର୍ଯ୍ୟନ୍ତ ବଢ଼ାଯାଇଥିବାବେଳେ ସୋମବାର ଯଶ୍‌ବନ୍ତପୁରରୁ ଛାଡୁଥିବା ୦୨୮୧୨ ଯଶ୍‌ବନ୍ତପୁର-ଭୁବନେଶ୍ୱର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍‌କୁ ଡିସେମ୍ବର ୧ ପର୍ଯ୍ୟନ୍ତ ବଢ଼ାଯାଇଛି। ଅନ୍ୟପକ୍ଷରେ ପେନଡ଼ୁରୁଟି-ସିମାଚଳମ ଅପ୍ ଲାଇନ ମଧ୍ୟରେ ବାଲାଷ୍ଟ କ୍ଲିନିଂ ମେଶିନ (ବିସିଏମ) କାମ ପାଇଁ ଟ୍ରାଫିକ ଅବରୋଧ ହେତୁ ୨ଟି ଟ୍ରେନ ବାତିଲ କରାଯାଇଛି। ୧୧ ଓ ୧୩ ତାରିଖରେ ବ୍ରହ୍ମପୁରରୁ ଛାଡିବାକୁ ଥିବା ୧୮୫୨୫ ବ୍ରହ୍ମପୁର - ବିଶାଖାପାଟଣା ଏକ୍ସପ୍ରେସ ବାତିଲ ରହିବ। ସେହିପରି ବିଶାଖାପାଟଣାରୁ ଛାଡିବାକୁ ଥିବା ୧୮୫୨୬ ବିଶାଖାପାଟଣା – ବ୍ରହ୍ମପୁର ଏକ୍ସପ୍ରେସ୍ ୧୨ ତାରିଖରେ ବାତିଲ ରହିବ।

### ବିଧାୟକ, ଏମ୍‌ପିଙ୍କୁ ଧନ୍ୟବାଦ ସଭା ପାଇଁ ପ୍ରସ୍ତୁତି ବୈଠକ

ଟାଙ୍ଗୀ,୧୦।୯(ରଘୁନାଥ ସାହୁ)

ଦୀର୍ଘଦିନ ପରେ ଟାଙ୍ଗୀ ଗ୍ରାମପଞ୍ଚାୟତକୁ ରାଜ୍ୟ ସରକାର ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ଘୋଷଣା କରିଛନ୍ତି। ଏଥିପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଦେଖାଦେଇଛି। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସକ୍ରିୟ ସହଯୋଗ କ୍ରମେ ଟାଙ୍ଗୀ ଏନ୍ଏସି ମାନ୍ୟତା ପାଇଥିବାରୁ ଅଞ୍ଚଳବାସୀଙ୍କ ତରଫରୁ ଆସନ୍ତା ୧୪ ତାରିଖ ଅପରାହ୍ନ ୪ଟାରେ ଚିଲିକା କ୍ଲବରେ ଧନ୍ୟବାଦ ସଭା ଅନୁଷ୍ଠିତ ହେବ। ଏହି ସଭାରେ ଗ୍ରାମପଞ୍ଚାୟତର ସମସ୍ତ ଦଳୀୟ କର୍ମୀ, ସମର୍ଥକ, ବୁଦ୍ଧିଜୀବୀ ଉପସ୍ଥିତ ରହି ବିଧାୟକ ଏବଂ ଏମ୍‌ପିଙ୍କୁ କୃତଜ୍ଞତା ଜଣାଇବା ପାଇଁ ବୁଧବାର ସରପଞ୍ଚ କିଶୋର କୁମାର ବେହେରାଙ୍କ ସଭାପତିତ୍ୱ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ କାର୍ଯ୍ୟକର୍ତ୍ତା ସୁରେନ୍ଦ୍ର କୁମାର ମହାପାତ୍ର, ରଘୁନାଥ ସାହୁ, ବିଜୟ କୁମାର ରାଉତ, ଗଙ୍ଗାଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ବିନାୟକ ବେହେରା, ସୁନିଲ ମହାନ୍ତି, ମନୋଜ ମହାପାତ୍ର, ନରେନ୍ଦ୍ର ମହାପାତ୍ର, ବିଶ୍ୱରଞ୍ଜନ ଦାସ, କୃଷ୍ଣଚନ୍ଦ୍ର ସାହୁ, ରାମଚନ୍ଦ୍ର ପରିଡା, ଲକ୍ଷ୍ମୀଧର ବେହେରା, ସୁନୀଲ କୁମାର ଜେନାଙ୍କ ସମେତ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

### ରାସ୍ତାରେ ମାରଣାସ୍ତ୍ର ବୁଲାଇ ବୁଲେଟ ଚାଳକଙ୍କ ଆତଙ୍କ

ବାରଙ୍ଗ,୧୦।୯(ଲିଙ୍ଗରାଜ ରାଉତ)

ଗୋଡିସାହି ଫାଣ୍ଡି ଅଞ୍ଚଳରେ ବୁଧବାର ଜଣେ ବୁଲେଟ ଚାଳକଙ୍କ ରାସ୍ତାରେ ବିକଟାଳ ଶବ୍ଦ କରି ଗାଡ଼ି ଚଳାଇବା ସହ ଅନ୍ୟ ଚାଳକମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଚାଳକ ହେଲେ ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଗ୍ରାମର ଚିନ୍ମୟ ଶ୍ରୀଚନ୍ଦନ(୨୭)। ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୪୯୪/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଚିନ୍ମୟ ଓଆର ୦୨ ଏଭି ୮୪୬୪ ନମ୍ବର ବୁଲେଟ ଯୋଗେ ବିକଟାଳ ଶବ୍ଦ କରି ଗାଡ଼ି ଚଳାଇବା ସହ ରାସ୍ତାରେ ଚକର ମାରିଥିଲା। ଏପରିକି ରାସ୍ତାରେ ଯାଉଥିବା ବାଇକ ଚାଳକମାନଙ୍କୁ ଆକ୍ରମଣ କରିବାକୁ ପଛାଇ ନଥିଲେ। ସେ ଗାଡି ଆଗ ଲେଗଗାର୍ଡରେ ରଖିଥିବା ଏକ ମାରଣାସ୍ତ୍ର କାଢି ପ୍ରାୟ ଅଧଘଣ୍ଟା ଧରି ତ୍ରିଶୂଳିଆ ବାଙ୍କୀ ମୁଖ୍ୟ ରାସ୍ତାରେ ଉତ୍ପାତ କରିଥିଲେ। ଏହି ସମୟରେ ଉକ୍ତ ରାସ୍ତାରେ ଆସୁଥିବା ଏକ ଟ୍ରାଭେରା ଗାଡ଼ିର ଆଗକାଚ ଏବଂ ୨ଟି ମୋଟର ସାଇକେଲ ଭାଙ୍ଗି ଦେଇଥିଲେ। ପରେ ସ୍ଥାନୀୟ ଲୋକେ ଚିନ୍ମୟଙ୍କୁ କାବୁ କରି ଗୋଡିସାହି ଫାଣ୍ଡି ପୋଲିସକୁ ହସ୍ତାନ୍ତର କରିଥିଲେ। ଏନେଇ ଥାନାରେ ମାମଲା (ନଂ.୪୯୪/୨୫) ରୁଜୁ ହୋଇଛି।

# ଡ୍ରେନ୍ ସଫା କରାଯାଉନି, ଷ୍ଟ୍ରିଟ୍‌ଲାଇଟ ଜଳୁନି

ଖୋର୍ଦ୍ଧା,୧୦।୯(ପ୍ରଭାତ ପାଣିଗ୍ରାହୀ)

**ପୌରାଧ୍ୟକ୍ଷାଙ୍କୁ ସମସ୍ୟା ଜଣାଇଲେ ବିଡିଏ କଲୋନିବାସୀ**

ଖୋର୍ଦ୍ଧା ପୌରାଞ୍ଚଳରେ ଡ୍ରେନ ସମସ୍ୟା ସୁଧୁରୁନି। ଦୀର୍ଘଦିନ ଧରି ଡ୍ରେନ ପୁନରୁଦ୍ଧାର ଓ ମରାମତି ଅଭାବରୁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଡ୍ରେନ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଭାସୁଛି। କେତେକ ସ୍ଥାନରେ ଆଦୌ ଡ୍ରେନ ନିର୍ମାଣ କରାଯାଇନ ଥିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଭଳି ସମସ୍ୟାରେ ସନ୍ତୁଳି ହେଉଛନ୍ତି ୧୧ ନମ୍ବର ୱାର୍ଡ ବିଡିଏ କଲୋନି ବାସିନ୍ଦା। ମୁଖ୍ୟରାସ୍ତାରେ ଡ୍ରେନ ନିର୍ମାଣ ହୋଇ ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଆଣ୍ଠୁଏ ଉଚ୍ଚରେ ପ୍ରଭାବିତ ହେଉଛି। ଏଥିଯୋଗୁ ସ୍ଥାନୀୟ ବାସିନ୍ଦା ହଇରାଣ ହେଉଛନ୍ତି। ତୁରନ୍ତ ଡ୍ରେନ ନିର୍ମାଣ ପାଇଁ ଏକାଧିକ ବରିଷ୍ଠ ନାଗରିକ ବୁଧବାର ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତିଙ୍କୁ ଅଭିଯୋଗପତ୍ର ଦେଇଛନ୍ତି। ସେହିଭଳି କଲୋନୀର ଅନେକ ଷ୍ଟ୍ରିଟ୍‌ଲାଇଟ ଜଳୁ ନ ଥିବାରୁ ସନ୍ଧ୍ୟା ହେଲେ ଅନ୍ଧାର ରହୁଛି। ଏହାର ସୁଯୋଗରେ କଲୋନିରେ ଲୁଟପାଟ୍ ବଢିଚାଲିଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କଲୋନୀବାସୀ ଦାବି କରିଛନ୍ତି।

ଏହି କଲୋନି ପରିସରରେ ଅନେକ ବେସରକାରୀ ଅନୁଷ୍ଠାନ, ପୌର ପାଳିକା ଡାକ୍ତରଖାନା, କଲ୍ୟାଣମଣ୍ଡପ, ଜନସେବା କେନ୍ଦ୍ର, ବ୍ୟାଙ୍କ, ଅଙ୍ଗନୱାଡ଼ି କେନ୍ଦ୍ର, ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ରାତି ପାହିଲେ ଶତାଧିକ ଲୋକ ଯାତାୟତ କରୁଛନ୍ତି। ତେବେ ଲଘୁଚାପ ବର୍ଷା ଯୋଗୁ ଦୁଇ ସପ୍ତାହ ହେଲା ମୁଖ୍ୟରାସ୍ତାରେ ପାଣି ଜମି ରହିଛି। ଛାତ୍ରୀଛାତ୍ରଙ୍କ ଠାରୁ ବରିଷ୍ଠ ନାଗରିକ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅପରିଷ୍କାର ପାଣିରେ ଲୋକେ ଯିବାକୁ ବାଧ ହେଉଛନ୍ତି। ବର୍ଷା ଜଳ ନିଷ୍କାସନର ବ୍ୟବସ୍ଥା ନଥିବାରୁ ମଶାବଂଶ ବୃଦ୍ଧି ପାଉଥିବା ବେଳେ ପାଣିରେ ସାପ ଭାସୁଛନ୍ତି। ତେଣୁ ଲୋକେ ଏକ ପ୍ରକାର ଆଶଙ୍କା ମଧ୍ୟରେ ଗତି କରୁଛନ୍ତି। ତୁରନ୍ତ ଜମି ରହିଥିବା ବର୍ଷାଜଳ ନିଷ୍କାସନ ସହ ମୁଖ୍ୟରାସ୍ତାରେ ଡ୍ରେନ ନିର୍ମାଣ ପାଇଁ କଲୋନୀ ବାସିନ୍ଦା ପୌରାଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଧପନ୍ତରିଆ ମୁକୁଳା ଡ୍ରେନ ମରାମତି ଓ ସଫା କରିବା ପାଇଁ ମଧ ଦାବି କରାଯାଇଛି। ଡ୍ରେନ ନିୟମିତ ସଫା ହେଉ ନ ଥିବାରୁ ଅଳିଆ ଆବର୍ଜନା ଜମା ହୋଇ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ସ୍ଥାନୀୟ କାଉନସିଲର ସୃଷ୍ଟି ମାଝି କହିଛନ୍ତି, କଲୋନୀ ବାସିନ୍ଦାଙ୍କ ଅଭିଯୋଗ ଉପରେ ମୁଁ ପୂର୍ବରୁ ପୌରାଧ୍ୟକ୍ଷା ଏବଂ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲି। ସେହିପରି ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି, ବିଡିଏ କଲୋନୀ ବାସିନ୍ଦାଙ୍କ ଅଭିଯୋଗ ପାଇଛି। ଖୁବଶୀଘ୍ର ଉକ୍ତ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବି।


ପୌରାଧ୍ୟକ୍ଷାଙ୍କୁ ବିଡିଏ କଲୋନିର ବରିଷ୍ଠ ନାଗରିକ ଭେଟି ଅଭିଯୋଗ ଜଣାଉଛନ୍ତି।

## ଲୋକଙ୍କ ପାଖରେ ପହଞ୍ଚିବ ପୌର ପ୍ରଶାସନ: ପୌରାଧ୍ୟକ୍ଷା

ଖୋର୍ଦ୍ଧା,୧୦।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରରେ ଡ୍ରେନ ଓ ପରିମଳ ଏକ ମୁଖ୍ୟ ସମସ୍ୟା ପାଲଟିଛି। ୨୨ଟି ୱାର୍ଡ ବିଶିଷ୍ଟ ଏହି ପୌରାଞ୍ଚଳରେ ଦୈନିକ ଅଳିଆ ଆବର୍ଜନା ଉଠାଇବା, ଡ୍ରେନ ସଫା ପାଇଁ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏଥିସହ ୧୭ଜଣ ୱାର୍ଡସାଥି, ୪ଜଣ ୱାର୍ଡ ସୁପରଭାଇଜର ନିୟୋଜିତ ଅଛନ୍ତି। ସ୍ୱଚ୍ଛତା ପାଇଁ ଏମାନେ ସହରବାସୀଙ୍କୁ ବୁଝାଇବା ସହ ଘର ବର୍ଜ୍ୟବସ୍ତୁ କେବଳ ଅଳିଆ ଗାଡ଼ିରେ ଦେବା ପାଇଁ ଅନୁରୋଧ କରାଯାଉଛି ବୋଲି ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି। ସହରରେ ସାହି ଗଳିକନ୍ଦିରୁ ଅଳିଆ ଉଠୁ ନ ଥିବା ଏବଂ କେତେକ ସ୍ଥାନରେ ଅଳିଆ ପଡ଼ିରହୁଥିବା ଅଭିଯୋଗ ଆସୁଛି। ଡ୍ରେନ ପୋତି ହୋଇଗଲାଣି। ଡ୍ରେନ ମରାମତି ଏବଂ ଏହାର ପନରୁଦ୍ଧାର ଜରୁରୀ ହୋଇପଡିଛି। ଏଥିଲାଗି ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଉଛି। ଏକ ଡିପିଆର୍ ପ୍ରସ୍ତୁତ ପାଇଁ ୧କୋଟି ଟଙ୍କା ବ୍ୟୟରେ ଏକ୍ସପର୍ଟ ସଂସ୍ଥାମାନଙ୍କଠାରୁ ଟେଣ୍ଡର ଆହ୍ୱାନ କରାଯାଇଛି। ଏତଦ୍‌ବ୍ୟତୀତ ପୂର୍ତ୍ତ ବିଭାଗ ସହ ଆଲୋଚନା କରାଯାଇ ଏକ ସମ୍ପୂର୍ଣ୍ଣ ନକ୍ସା ପ୍ରସ୍ତୁତ ହେବା ପରେ ସ୍ଥାୟୀ ସମାଧାନ ପାଇଁ ପ୍ରଚେଷ୍ଟା କରାଯିବ। ଏଣିକି ଲୋକଙ୍କୁ ସମସ୍ୟା ସମାଧାନ ପାଇଁ ପୌର କାର୍ଯ୍ୟାଳୟକୁ ଆସିବାକୁ ପଡିବ ନାହିଁ। ଖୁବଶୀଘ୍ର ସ୍ଥାନୀୟ ଜନପ୍ରତିନିଧି ଏବଂ ପୌର ଅଧିକାରୀଙ୍କୁ ନେଇ ପ୍ରତି ୱାର୍ଡରେ ଜନଶୁଣାଣି କରାଯିବ। ଗୋଟିଏ ସ୍ଥାନରେ ସହରବାସୀଙ୍କ ଅଭିଯୋଗର ତ୍ୱରିତ ସମାଧାନ କରାଯାଇପାରିବ। ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ପୌର ପ୍ରଶାସନ ପ୍ରତିଶ୍ରୁତିବଦ୍ଧ। ଏ କ୍ଷେତ୍ରରେ ଲୋକଙ୍କ ସହଯୋଗ ଓ ସହଭାଗିତା ଜରୁରୀ ବୋଲି ପୌରାଧ୍ୟକ୍ଷା ମହାନ୍ତି ପ୍ରକାଶ କରିଛନ୍ତି।



ନେପାଳରେ ଶାନ୍ତି ପ୍ରତିଷ୍ଠା କାମନା କରି ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ୨୨ ଗ୍ରାମ୍ ବ୍ରାଉନସୁଗାର ଜବତ: ୨ ଗିରଫ

ଖୋର୍ଦ୍ଧା,୧୦।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ପୋଲିସ ଏକ ମୋରମ ମୁଣ୍ଡିଆ ନିକଟରେ ବୁଧବାର ୨୨ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଣିଆଟାଙ୍ଗୀ ଗ୍ରାମର ସୁଦୀପ୍ତ ସାମନ୍ତରାୟ ଓ ପ୍ରତାପ ଭଞ୍ଜ। ସେମାନଙ୍କଠାରୁ ୨ଟି ମୋବାଇଲ ଫୋନ୍, ଏକ ସ୍କୁଟି ଓ ୭୫୦ ଟଙ୍କା ଜବତ କରାଯାଇଛି।

ସୂଚନା ଅନୁସାରେ, ସୁଦୀପ୍ତ ତାଙ୍କ ସହଯୋଗୀ ପ୍ରତାପ ସହ ମୁଣ୍ଡିଆ ନିକଟରେ ବ୍ରାଉନସୁଗାର ବିକ୍ରି କରୁଥିବା ବିଶେଷ ସୂତ୍ରରୁ ପୋଲିସ ଖବର ପାଇ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଏସ୍ଆଇ ଜୟନ୍ତ କୁମାର ଭଞ୍ଜଙ୍କ ନେତୃତ୍ୱରେ ଉକ୍ତ ମୋରମ ମୁଣ୍ଡିଆ ନିକଟରେ ଚଢାଉ କରିଥିଲେ। ଦୁଇଜଣଙ୍କଠାରୁ ବ୍ରାଉନସୁଗାର, ଟଙ୍କା, ମୋବାଇଲ ଓ ସ୍କୁଟି ଜବତ କରିବା ସହ ଏନେଇ ଏକ ମାମଲା (ନଂ. ୨୬୭/୨୫) ରୁଜୁ କରି ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ୨ହଜାର ଲିଟରରୁ ଊର୍ଦ୍ଧ୍ୱ ମଦ ବୋଝେଇ ଗାଡ଼ି ଜବତ

ଜଟଣୀ,୧୦।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଅଞ୍ଚଳ ପାଲଟିଛି ବେଆଇନ ନିଶା ବେପାରୀଙ୍କ ଆଡାସ୍ଥଳୀ। ଏହି ଥାନା ଅଧୀନ ବିଭିନ୍ନ ସାହିବସ୍ତି ଏବଂ ଗଳିକନ୍ଦି ସମେତ ମୁଖ୍ୟ ଅଞ୍ଚଳରେ ନିଶା କାରବାର ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ବୁଧବାର ଜଟଣୀ ଥାନା ଅଞ୍ଚଳରୁ ବେଆଇନ ଭାବେ ମଦ ଚାଲାଣ ହେଉଥିବା ସନ୍ଦେହରେ ଏକ ମିନିଟ୍ରକ (ନଂ. ଓଡି ୦୨ ବିୱାଇ ୨୧୫୩) ଭର୍ତ୍ତି ଦେଶୀ ମଦ ଗାଡ଼ିକୁ ସ୍ଥାନୀୟ ସୀତାରାମ ଛକ ଫ୍ଲାଏ ଓଭରବ୍ରିଜ ଉପରୁ ଜଟଣୀ ପୋଲିସ ଜବତ କରିଛି। ଜଟଣୀ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ସୂଚନା ମୁତାବକ, ଉକ୍ତ ଜବତ ଦେଶୀ ମଦ ଭର୍ତ୍ତି ଗାଡିଟି ଦିଗ ପରିବର୍ତ୍ତନ କରି ଜଟଣୀ ଦେଇ ପିପିଲି ଅଭିମୁଖେ ଯାଉଥିଲା ବେଳେ ବିଶେଷ ସୂତ୍ରରୁ ଖବର ପାଇ ତାହାକୁ ଜବତ କରାଯାଇଛି। ଗାଡ଼ିରେ ୨ହଜାର ଲିଟରରୁ ଊର୍ଦ୍ଧ୍ୱ ମଦ ଥିଲା। ଗାଡ଼ି ଚାଳକଙ୍କୁ ଥାନରେ ଅଟକ ରଖି ତଦନ୍ତ କରାଯାଉଛି।

## ସତ୍ୟସାଇ ସଙ୍ଗଠନ ପକ୍ଷରୁ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ


ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଟାଙ୍ଗୀ,୧୦।୯(ରଘୁନାଥ ସାହୁ)

ଟାଙ୍ଗୀ ସତ୍ୟସାଇ ସଂଗଠନ ପକ୍ଷରୁ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଖୋର୍ଦ୍ଧା ଜିଲା ସତ୍ୟସାଇ ସେବା ସଂଗଠନର ସଭାପତି ବ୍ରଜସୁନ୍ଦର ମିଶ୍ର, ଜିଲା ସ୍ୱାସ୍ଥ୍ୟସେବା ନିର୍ବାହକ ଡାକ୍ତର ମଧୁସୂଦନ ସେନାପତି, ଆବାହକ ସିଏଚ୍ ବିଜୟ କୁମାର ପ୍ରମୁଖ ଯୋଗଦେଇ ସତ୍ୟସାଇଙ୍କ ଦିବ୍ୟବିଭୂତି ପ୍ରସାଦ ସହ ସାଇବାବାଙ୍କ ଫଟୋଚିତ୍ର ପ୍ରଦାନ କରି ଶିକ୍ଷୟିତ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବେହେରା ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

## ୨ ବାଇକ୍ ମଧ୍ୟରେ ଧକ୍କା: ଟ୍ରାକ୍ଟର ଭିତରେ ପଶି ୩ ଗୁରୁତର

ବେଗୁନିଆ,୧୦।୯(ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ବାଘମାରୀ- ବେଗୁନିଆ ମଝିରେ ଥିବା ପେଟ୍ରୋଲ ପମ୍ପ ନିକଟରେ ବୁଧବାର ରାତିରେ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ୨ ଜଣ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଅନ୍ୟ ଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାକୁ ପଠାଯାଇଛି। ସୂଚନା ଅନୁସାରେ ବାଘମାରୀ ପଟୁ ଏକ ବାଇକ୍ ଯୋଗେ ମା', ବାପା ଏବଂ ପୁଅ ମିଶି ୩ ଜଣ ନୟାଗଡ଼ ଅଭିମୁଖେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ପଲସର ବାଇକ୍ ସହିତ ସେମାନଙ୍କ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଜୋର୍ ଥିଲା ଯେ, ପାର୍ଶ୍ୱରେ ଯାଉଥିବା ଏକ ଟ୍ରାକ୍ଟର ଭିତରେ ଉଭୟ ବାଇକ୍ ପଶିଯାଇଥିଲା। ଖବର ପାଇ ସ୍ଥାନୀୟ ଲୋକେ ଘଟଣାସ୍ଥଳରୁ ଆହତ ଅବସ୍ଥାରେ ସମସ୍ତଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଘଟଣାସ୍ଥଳରେ ବେଗୁନିଆ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ଚପଲ ପିନ୍ଧି ଶ୍ରୀମନ୍ଦିରରେ ଯୁବକଙ୍କ ପ୍ରବେଶ ଉଦ୍ୟମ

ପୁରୀ,୧୦।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାରଠାରେ ବୁଧବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ଯୁବକ ଶ୍ରୀମନ୍ଦିର ଭିତରକୁ ଚପଲ ପିନ୍ଧି ପ୍ରବେଶ ପାଇଁ ଉଦ୍ୟମ କରିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ, ବୁଧବାର ଭୋର ସମୟରେ ଶ୍ରୀମନ୍ଦିର ସିଂହଦ୍ୱାର ବନ୍ଦଥିବା ସମୟରେ ଜଣେ ଯୁବକ ଚପଲ ପିନ୍ଧି ଶ୍ରୀମନ୍ଦିର ଭିତରକୁ ପଶିବାକୁ ଚେଷ୍ଟା କରିଥିଲେ। ତେବେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଓ ଜେଟିପି କର୍ମଚାରୀ ଯୁବକଙ୍କୁ ଅଟକାଇଥିଲେ। ଯୁବକଙ୍କୁ ଅଟକାଇବା ବେଳେ ପୋଲିସ ସହ ସେ ଯୁକ୍ତିତର୍କ କରିଥିଲେ। ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଶେଷରେ ସୁରକ୍ଷା ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀ ଓ ଜେଟିପି ସମ୍ପୃକ୍ତ ଯୁବକଙ୍କୁ ସିଂହଦ୍ୱାର ଥାନାରେ ଜିମା ଦେଇଥିଲେ।

ଯୁବକ ଜଣଙ୍କ ଢେଙ୍କାନାଳ ଗଁଦିଆ ଗ୍ରାମର ଲାଲୁ ପ୍ରସାଦ ସାହୁ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଯୁବକ ଜଣଙ୍କ କ'ଣ ପାଇଁ ଚପଲ ପିନ୍ଧି ଶ୍ରୀମନ୍ଦିର ଭିତରକୁ ପ୍ରବେଶ ଉଦ୍ୟମ କରୁଥିଲେ ସେନେଇ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ସିଂହଦ୍ୱାର ଥାନା ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷରେ ପୋଲିସ ପକ୍ଷରୁ ଯୁବକଙ୍କୁ ପଚରାଉଚରା ପରେ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି।

## ଶରଧାପୁର ଫୁଟ୍‌ବଲ ଲିଗ୍: ସେମିରେ ଯୋଗମାୟା କ୍ଲବ

ଖୋର୍ଦ୍ଧା,୧୦।୯(ପ୍ରଭାତ ପାଣିଗ୍ରାହୀ)

ଶରଧାପୁର ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୨ୟ ଫୁଟବଲ ଲିଗ୍ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଯୋଗମାୟା କ୍ଲବ ତରତୁଆ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ସ୍ଥାନୀୟ ଖେଳପଡ଼ିଆରେ ତରତୁଆର ରାଇଜିଂ ଷ୍ଟାର ଏବଂ ଯୋଗମାୟା କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ ଉଭୟ କ୍ଲବ ମଧ୍ୟରେ କଡ଼ା ଟକ୍କର ହୋଇଥିଲା, କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟ ଶେଷ ଦଶ ମିନିଟରେ ଯୋଗମାୟା କ୍ଲବ ୨ଟି ଗୋଲ ଦେଇ ଆଗରେ ରହିଥିବାବେଳେ ବିପକ୍ଷ କ୍ଲବ ପକ୍ଷରୁ କୌଣସି ଖେଳାଳି ଗୋଲ ଦେଇପାରି ନ ଥଲେ। ଯୋଗାମାୟା ୨-୦ ବ୍ୟବଧାନରେ ବିଜୟୀ ହୋଇ ୩ୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ରେ ସାଗିର ଅହମ୍ମଦ ରେଫେରି ଭାବେ ଦାୟିତ୍ୱ ତୁଲାଇଥିବାବେଳେ ଇଜାଜ ହୁସେନ, ସୈକତ ଅହମ୍ମଦ ପରିଚାଳନାରେ ସହଯୋଗ କରିଥିଲେ। ଅତିଥି ଭାବେ ଅନୁଷ୍ଠାନର ସଭାପତି ମହମ୍ମଦ ଜମିଲୁର ରେହମାନ, ଅଲ୍ଲୀ ଅହମ୍ମଦ, ଲକ୍ଷ୍ମୀଧର ବଡଜେନା, ଲକ୍ଷ୍ମୀଧର ଘଡେଇ, ମୀନକେତନ ବଡଜେନା, ଜାପାନ ନାୟକଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଗୁରୁବାର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆୟୋଜକ ଟିମ୍ ଶରଧାପୁର ସ୍ପୋର୍ଟସ ଆସୋସିଏଶନ ବନାମ ଡାଇନାମିକ୍ କ୍ଲବ ଜଟଣୀ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ସମ୍ପାଦକ ଏସ୍.ଇ.ହୁଦା ସୂଚନା ଦେଇଛନ୍ତି।


ମ୍ୟାଚ୍ ଅବସରରେ ଅତିଥି ଓ ରେଫରିଙ୍କ ସହ ଉଭୟ ଦଳର ଖେଳାଳିମାନେ।

## ରାଜଧାନୀ କଲେଜରେ ଗଣ୍ଡଗୋଳ

ଭୁବନେଶ୍ୱର,୧୦।୯(ସତ୍ୟଜିତ୍ ରାଉତ)

- କ୍ୟାମ୍ପସରେ ପଶି ଛାତ୍ର, ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କଲେ ଅଣଛାତ୍ର
- ପ୍ରତି ଆକ୍ରମଣ କଲେ ଛାତ୍ର ଗୋଷ୍ଠୀ, ୪ ଆହତ

ରାଜଧାନୀ ମହାବିଦ୍ୟାଳୟରେ ବୁଧବାର ଗଣ୍ଡଗୋଳ ହୋଇଛି। ଅଣଛାତ୍ର ଓ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଅଣଛାତ୍ର ଗୋଷ୍ଠୀ କଲେଜ କ୍ୟାମ୍ପସ ଭିତରେ ପଶି ଜଣେ ଛାତ୍ର ଓ ସୁରକ୍ଷା କର୍ମୀଙ୍କୁ ପ୍ରଥମେ ଆକ୍ରମଣ କରିବାରୁ ଛାତ୍ରମାନେ ଏକାଠି ହୋଇ ପ୍ରତି ଆକ୍ରମଣ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ବେଳେ ଆକ୍ରମଣରେ ୪ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡିଛି। ଏହି ଘଟଣାରେ ଖଣ୍ଡଗିରି ଥାନା ପୋଲିସ ଟିମ୍ ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ଜଣେ ଛାତ୍ରଙ୍କୁ କେତେଜଣ ଅଣଛାତ୍ର ଆକ୍ରମଣ କରିବା ସମୟରେ କଲେଜ ସୁରକ୍ଷାକର୍ମୀ ପ୍ରତିରୋଧ କରିଥିଲେ। ଏଥିସହ କଲେଜ ଭିତରକୁ ନ ପଶିବାକୁ ସେ ଅଣଛାତ୍ରମାନଙ୍କୁ ବାରଣ କରିଥିଲେ। ଅଣଛାତ୍ରମାନେ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରିଥିଲେ। ଛାତ୍ରମାନେ ବିରୋଧ କରି ପ୍ରତି ଆକ୍ରମଣ କରିଥିଲେ। ଘଟଣାକୁ ନେଇ କଲେଜ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ପୋଲିସ ଟିମ୍ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଉଭୟ ପକ୍ଷରୁ ଏତଲାକ୍ରମେ ଖଣ୍ଡଗିରି ପୋଲିସ ପୃଥକ ମାମଲା ରୁଜୁ କରିଛି। ରାତିରେ ଉଭୟ ପକ୍ଷ ମଧ୍ୟରେ ଥାନାରେ ଆପୋସ ସମାଧାନ ହୋଇଛି।

## ଅନାସ୍ଥା ଭୋଟ ଫଳ ପ୍ରକାଶ ନ ହେବା ଯାଏ ଉନ୍ନୟନ କାର୍ଯ୍ୟ ବନ୍ଦ ଦାବି

ବୋଲଗଡ଼,୧୦।୯(ଦେବବ୍ରତ ହୋତା)

**ବିଡିଓଙ୍କୁ ଭେଟିଲେ ୱାର୍ଡମେମ୍ବର**

ବୋଲଗଡ଼ ବ୍ଲକ ଦଳେଇସାହି ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ ହୋଇ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଫଳାଫଳ ଘୋଷଣା ହୋଇ ନ ଥିବା ବେଳେ ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ବନ୍ଦ ରଖିବା ପାଇଁ ବୁଧବାର ଉକ୍ତ ପଞ୍ଚାୟତର ସମିତି ସଭ୍ୟାଙ୍କ ସମେତ ୧୩ ଜଣ ୱାର୍ଡମେମ୍ବର ଓ ଗ୍ରାମବାସୀ ବିଡିଓଙ୍କୁ ଭେଟି ଦାବି କରିଛନ୍ତି।

ସୂଚନା ମୁତାବକ, ୧୮ ୱାର୍ଡ ବିଶିଷ୍ଟ ଦଳେଇସାହି ଗ୍ରାମପଞ୍ଚାୟତର ୧୨ଜଣ ୱାର୍ଡମେମ୍ବର ଖୋର୍ଦ୍ଧା ଉପଜିଲାପାଳଙ୍କୁ ଭେଟି ସରପଞ୍ଚ ସତ୍ୟଭାମା ଦେଈଙ୍କ ମନୋମୁଖୀ କାର୍ଯ୍ୟ ପ୍ରତିବାଦରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ପ୍ରଶାସନ ମାଧ୍ୟମରେ ସେପ୍ଟେମ୍ବର ୩ ତାରିଖରେ ଏହି ପଞ୍ଚାୟତର ସ୍ୱତନ୍ତ୍ର ଅଧିବେଶନ ଡାକି ୱାର୍ଡମେମ୍ବର ଓ ସରପଞ୍ଚଙ୍କ ଉପସ୍ଥିତିରେ ଆଲୋଚନା ପରେ ଅନାସ୍ଥା ଭୋଟ ଅନୁଷ୍ଠିତ ହୋଇଥିଲା। ତେବେ ପୂର୍ବରୁ ସରପଞ୍ଚଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ପିଟିଶନ ଦାଖଲ ହୋଇଥିବାବେଳେ ଏହାର ବିଚାର କରି କୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଭୋଟ ଫଳାଫଳ ପ୍ରକାଶ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବାଲଟ ବାକ୍ସକୁ ଜଉମୁଦ ଅବସ୍ଥାରେ ଜିଲା ସ୍ୱତନ୍ତ୍ର କୋଷାଗାରରେ ସଂରକ୍ଷିତ ରଖାଯାଇଛି। ଏ ସଂକ୍ରାନ୍ତରେ ବିଡିଓ ସୁମନସୁଧା କୁଣ୍ଡୁ କହିଛନ୍ତି, ପୂର୍ବରୁ ଚାଲିଥିବା ଉନ୍ନୟନ କାର୍ଯ୍ୟ ଅନିୟମିତତା ନେଇ ୱାର୍ଡମେମ୍ବରମାନେ ଅଭିଯୋଗ କରିଥିବା କାରଣରୁ କାର୍ଯ୍ୟ ସ୍ଥଗିତ ରହିଛି। ପ୍ରଶାସନର ତଦନ୍ତ ପରେ ଏହି ସବୁ କାର୍ଯ୍ୟ କରାଯିବ। ତେବେ ଅନାସ୍ଥା ଭୋଟ୍ ଫଳାଫଳ ଘୋଷିତ ନ ହେବା ପର୍ଯ୍ୟନ୍ତ କୌଣସି ନୂତନ କାର୍ଯ୍ୟ ଆରମ୍ଭ କରାଯିବ ନାହିଁ।


ୱାର୍ଡମେମ୍ବରମାନେ ବିଡିଓଙ୍କୁ ଦାବି ଜଣାଉଛନ୍ତି।

**ପୂର୍ବ ଶତ୍ରୁତାରୁ ଜାଳିଦେଲେ ଘର, ବାଇକ୍**

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ଟାଙ୍ଗୀ ଥାନା ଅଧୀନ କନ୍ହେଇପୁର ଗାଁ ବିଶ୍ୱାଳ ସାହିର ଡମ୍ବରୁଧର ବିଶ୍ୱାଳଙ୍କ ବାଇକ୍ ଓ ଘର ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଜାଳି ଦେଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଡମ୍ବରୁଧରଙ୍କ ପରିବାରବର୍ଗ ଶୋଇଥିବା ବେଳେ ମଙ୍ଗଳବାର ରାତି ପ୍ରାୟ ସାଢେ ଗୋଟେରେ ଉଠିଥିବା ବେଳେ ତାଙ୍କ ବାଇକ୍ ହୁତୁହୁତୁ ହୋଇ ଜଳୁଥିବା ଫେଖି ପରିବାର ଲୋକଙ୍କୁ ଡାକ ପକାଇଥିଲେ। ପରିବାର ଲୋକେ ନିଆଁକୁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ। ହେଲେ ବାଇକ୍ ଟାଙ୍କି ଫାଟି ନିଆଁ ହୁଳା ଘରେ ପଡିବାରୁ ଘର ମଧ ଜଳି ଯାଇଥିଲା। ଖବର ପାଇ ଚୌଦ୍ୱାର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଲା ବେଳକୁ ଘର ସମସ୍ତ ଜିନିଷ ଓ ବାଇକ୍ ପୋଡ଼ି ପାଉଁଶ ହୋଇଯାଇଥିଲା। ଥାନା ଏସ୍ଆଇ ହେମନ୍ତ ସାମଲ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରୁଛି।

## ସଂକ୍ଷେପରେ

### ଯୁବତୀଙ୍କୁ ଅପହରଣ, ବଳାତ୍କାର ଅଭିଯୋଗ: ଯୁବକ ଗିରଫ

ମଙ୍ଗୁଳି-ଜଗତପୁର,୧୦।୯(ମାନସ ସାମଲ)

ଯୁବତୀଙ୍କୁ ଅପହରଣ ଓ ବଳାତ୍କାର କରିବା ଅଭିଯୋଗରେ ଟାଙ୍ଗୀ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଯୁବକ ହେଲେ ଟାଙ୍ଗୀ ଥାନା ଅଧୀନ ହାଟିଙ୍ଗ ଗ୍ରାମର ଦେବରାଜ ପିଙ୍ଗୁଆ (୨୨)। ପୋଲିସ ସୂଚନା ମୁତାବକ, ଟାଙ୍ଗୀ ଥାନା ଅଞ୍ଚଳର ଜଣେ ଯୁବତୀ ଜେଜବାପା ଘରେ ଦୀର୍ଘ ୩ବର୍ଷ ହେବ ରହୁଥିଲେ। ଦେବରାଜ ଗତ ୬ ତାରିଖ ରାତିରେ ଧମକ ଦେଇ ଅପହରଣ କରି ନେଇ ଜୋରଜବରଦସ୍ତି ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀଙ୍କ ଜେଜବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୨୯୬/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ସମବାୟ ନିବନ୍ଧକଙ୍କୁ ଦାବିପତ୍ର

**କନ୍ଦରପୁର କୃଷକ ସମବାୟ ସମିତି**

କଟକ ସଦର,୧୦।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କୃଷକ ସେବା ସମବାୟ ସମିତି ଦ୍ୱାରା ପରିଚାଳିତ ମିନି ବ୍ୟାଙ୍କରେ ଆର୍ଥିକ ଅନିୟମିତତା ଯୋଗୁ ଜମାକାରୀଙ୍କ ୮୩ ଲକ୍ଷ ଟଙ୍କା ହଡ଼ପ କରାଯାଇଥିଲା। ତଦନ୍ତ ପରେ ଜମାକାରୀଙ୍କ ଦାବିକୁ ସମ୍ମାନ ଜଣାଇ ସହକାରୀ ସମବାୟ ନିବନ୍ଧକଙ୍କ ନିର୍ଦ୍ଦେଶରେ ସମବାୟ ସମିତି ଗଚ୍ଛିତ ପାଣ୍ଠିରୁ ହଡପ ଅର୍ଥ ଫେରାଇ ଦିଆଯାଇଥିଲା। ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ସମ୍ପୂର୍ଣ୍ଣ ଅର୍ଥ ସମବାୟ ସମିତିକୁ ଫେରିନାହିଁ। ଅଦାଲତରେ ମାମଲା ବିଳମ୍ବ ହେଉଥିବାରୁ ଅର୍ଥ ଫେରସ୍ତରେ ଅନିଶ୍ଚିତତା ଦେଖାଦେଇଛି। ଅର୍ଥ ଫେରସ୍ତ ପ୍ରକ୍ରିୟାକୁ ସକ୍ରିୟ କରିବା ପାଇଁ ମଙ୍ଗଳବାର ସମବାୟ ସମିତି ବରିଷ୍ଠ ସଦସ୍ୟ ଗୋକୁଳ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ସମବାୟ ନିବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହାଛଡା ରାସ୍ତା ସମ୍ପ୍ରସାରଣ ପାଇଁ ସମବାୟ ସମିତି କୋଠା ଭଙ୍ଗା ଯାଇଥିଲା। ଏଥିରୁ ବାହାରିଥିବା ଗ୍ରିଲ ଓ ଅନ୍ୟାନ୍ୟ ସାମଗ୍ରୀକୁ କାହାରିକୁ ନ ଜଣାଇ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ନିବନ୍ଧକଙ୍କ ଅନୁପସ୍ଥିତିରେ ଯୁଗ୍ମ ନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି ଦାବି ପତ୍ର ଗ୍ରହଣ କରିଥିଲେ। ଏହା ଉପରେ ତଦନ୍ତ କରାଯିବ ବୋଲି ପ୍ରତିନିଧି ମଣ୍ଡଳକୁ ସୁବୁଦ୍ଧି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିନିଧି ମଣ୍ଡଳୀରେ ସମବାୟ ସମିତି ଡାଇରେକ୍ଟର ଉଲ୍ଲାସ ଚନ୍ଦ୍ର ହାତୀ, ପ୍ରଦୀପ୍ତ କୁମାର ସ୍ୱାଇଁ, ବାବୁଲି ସାହୁ, କିଶୋର ସାହୁ ସାମିଲ ହୋଇଥିଲେ। ଗ୍ରିଲ ବିକ୍ରି ସମ୍ପର୍କରେ ସମବାୟ ସମିତି ପରିଚାଳନା ନିର୍ଦ୍ଦେଶକ ଧୀରେନ ଦାଶଙ୍କୁ ପଚାରିବାରୁ କାର୍ଯ୍ୟକାରୀ କମିଟି ନିଷ୍ପତ୍ତିରେ କରାଯାଇଛି ବୋଲି କହିଥିଲେ।

# ପୂଜାମଣ୍ଡପ, ତୋରଣ ପାଇଁ ସୁରକ୍ଷା ପ୍ରମାଣପତ୍ର ବାଧ୍ୟ



ଶହୀଦ ଭବନଠାରେ ବୁଧବାର ଜିଲା ପ୍ରଶାସନର ଶାରଦୀୟ ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୦।୯(କାର୍ତ୍ତିକ ସାହୁ)

**ଜିଲା ପ୍ରଶାସନର ଶାରଦୀୟ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ**

- **ବର୍ଦ୍ଧିତ ଅବଧି ସତ୍ତ୍ୱେ ଆବେଦନ କରିଛନ୍ତି ୧୧୭ ପୂଜା କମିଟି**
- **ସିଙ୍ଗଲ ୱିଣ୍ଡୋ ସିଷ୍ଟମ ଆବେଦନ ପାଇଁ ପୁଣି ଶନିବାରକୁ ଅନୁମତି**

ସହରର ବିଭିନ୍ନ ସ୍ଥାନରେ କେବଳ ଆବେଦନ କରିଥିବା ପୂଜା କମିଟିଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଗେଟ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯିବ। ବର୍ଦ୍ଧିତ ଅବଧି ସତ୍ତ୍ୱେ ୧୧୭ଟି ପୂଜା କମିଟି ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ଆବେଦନ କରିଛନ୍ତି। ବିଭିନ୍ନ ପୂଜା କମିଟି ଓ ଶାନ୍ତି କମିଟିର ଅନୁରୋଧକ୍ରମେ ଆସନ୍ତା ୧୩ ତାରିଖ (ଶନିବାର) ବାରବାଟୀ ପ୍ୟାଲେସଠାରେ ପୂର୍ବାହ୍ନ ୧୧ଟାଠାରୁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଗୋଟିଏ ଦିନ ପାଇଁ ପୁନର୍ବାର କାର୍ଯ୍ୟକ୍ଷମ ରଖିବାକୁ ଜିଲାପାଳ ଅନୁମୋଦନ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଶହୀଦ ଭବନଠାରେ ବୁଧବାର ଅପରାହ୍ନରେ ଆୟୋଜିତ ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଧକ୍ଷତା କରି ସତର୍କତା ସହ ପାର୍ବଣ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସହରର ସମସ୍ତ ରାସ୍ତାଘାଟ ମରାମତି, ଡ୍ରେନେଜ ସଫେଇ, ଗଛ ଓ ବୁଦା କଟେଇ ଆଦି କାର୍ଯ୍ୟ ଆସନ୍ତା ୨୩ ତାରିଖ ସୁଦ୍ଧା ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରଯାଇଥିବା କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋତା କହିଛନ୍ତି। ରାସ୍ତାରେ ଓହଳି ରହିଥିବା କେବୁଲ ତାର ଓ ବୈଦ୍ୟୁତିକ ତାର ହଟାଇବା ପାଇଁ ୧୫ ତାରିଖରେ ଏକ ବୈଠକ ରଖାଯାଇଥିବା କମିଶନର କହିଛନ୍ତି। ମୃଣ୍ମୟୀ ପ୍ରତିମାଗୁଡିକର ବିସର୍ଜନ ନିମନ୍ତେ ଦେବୀଗଡ଼ାଠାରେ ତିନିଟି ଅସ୍ଥାୟୀ ଜଳାଶୟ ନିର୍ମାଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ପୂଜା ସମୟରେ ପରିଚ୍ଛନ୍ନତା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ମେୟର ସୁବାସ ଚନ୍ଦ୍ର ସିଂହ ଦୁର୍ଗାପୂଜା ନିମନ୍ତେ ମହାନଗର ନିଗମ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦେଇଥିଲେ। କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ ସଭା ପରିଚାଳନା କରିଥିଲେ। କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସମ୍ପାଦକ ଭିକାରୀ ଦାସ ଏବଂ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ନିଜସ୍ୱ ମତ ରଖିଥିଲେ। ଡେପୁଟି ମେୟର ଦମୟନ୍ତୀ ମାଝୀଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ନୟନ କିଶୋର ମହାନ୍ତି, ସୁକାନ୍ତ ବିଶ୍ୱାଳ, ମଧୁସୂଦନ ସାହୁ, ସୁରେଶ ମହାପାତ୍ର, ଅମରେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ଓ ଅତିରିକ୍ତ ଜିଲାପାଳ ଶିବ ଟପୋ ଧନ୍ୟବାଦ ଦେଇଥିଲେ।

## ଶୈଳବାଳାରେ ଜ୍ୟୋତିର୍ବିଦ୍ୟା ଆଲୋଚନାଚକ୍ର

କଟକ,୧୦।୯(କାର୍ତ୍ତିକ ସାହୁ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ଓ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଓଡ଼ିଶା ଶାଖାର ମିଳିତ ଆନୁକୂଲ୍ୟରେ ଏକ ଜ୍ୟୋତିର୍ବିଦ୍ୟା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସାହିତ୍ୟ ଓ ସଂସ୍କୃତିରେ ଜ୍ୟୋତିର୍ବିଦ୍ୟା ଶୀର୍ଷକ ଆଲୋଚନାଚକ୍ରରେ ମହାବିଦ୍ୟାଳୟ ଅଧକ୍ଷ ଜୀବନବଲ୍ଲଭ ଜେନା ପୌରୋହିତ୍ୟ କରିଥିଲେ। ପଣ୍ଡିତ ଦୋଳଗୋବିନ୍ଦ ପଣ୍ଡା, ପଣ୍ଡିତ କମଳଲୋଚନ ମହାନ୍ତି ଓ ଇଂ ହରିହର ସେଠୀ ଆଲୋଚ୍ୟ ପ୍ରସଙ୍ଗ ଜରିଆରେ ବାସ୍ତୁବିଦ୍ୟା, ହସ୍ତରେଖା ବିଦ୍ୟା ପ୍ରୟୋଗ ଉପରେ କହିଥିଲେ। ଡ. ଚିତ୍ତରଞ୍ଜନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଜାତୀୟ କାର୍ଯ୍ୟକାରୀ ସଦସ୍ୟ ଡ. ନାରାୟଣ ମହାନ୍ତି, ସଂଘ ଓଡ଼ିଶା ଶାଖା ସଭାପତି ପ୍ରଫେସର ଶିବବ୍ରତ ଦାସ, ସମ୍ପାଦକ ଡ. ବିପ୍ଳବ ଗୁରୁ, ଉପସଭାପତି ଡ. ସରୋଜ କୁମାର ଦାସ, କୋଷାଧ୍ୟକ୍ଷ ଡ. ବିଶ୍ୱମୋହନ ଜେନା, ଡ. ଦୀନେଶ ପଟ୍ଟନାୟକ ପ୍ରମୁଖ ଆଲୋଚନା କରିଥିଲେ। ଡ. ବିକାଶ କୁମାର ମହାରଣା ଧନ୍ୟବାଦ ଦେଇଥିଲେ।

## ଗୋଡ଼ିପାଟଣା ଗଣେଶ ମେଳଣ ଉଦ୍‌ଯାପିତ



ଭସାଣିରେ ସାମିଲ ହୋଇଥିବା ମେଢ଼।

ଚୌଦ୍ୱାର,୧୦।୯(ଆଶୁତୋଷ ଦାସ)

ଗତ ଇନ୍ଦୁ ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା ଚୌଦ୍ୱାର ପ୍ରସିଦ୍ଧ ଗୋଡ଼ିପାଟଣା ଗଣେଶ ମେଳଣ ଓ ଭସାଣି ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପୌରପାଳିକାର ୪ଟି ୱାର୍ଡ ଓ ଗ୍ରାମାଞ୍ଚଳ ୨ଟି ପଞ୍ଚାୟତ ସାହିବସ୍ତିରେ ନିର୍ମିତ ଗଣେଶ, ହରପାର୍ବତୀ, ନିତାଇଗୌର, ଦୁର୍ଗା, ଲକ୍ଷ୍ମୀନାରାୟଣ ଆଦି ୨୩ଟି ପ୍ରତିମା ମଙ୍ଗଳବାର ସକାଳରୁ ମଣ୍ଡପରୁ ବାହାରି ଶୋଭାଯାତ୍ରାରେ ସାହି ପରିକ୍ରମା କରିବା ସହିତ ଗୋଡ଼ିପାଟଣାସ୍ଥିତ ମେଳନ ପଡିଆରେ ଏକତ୍ରିତ ହୋଇଥିଲେ। ପରେ ମେଢ଼ଗୁଡ଼ିକ ଶୋଭାଯାତ୍ରା କରି କ୍ରମାନ୍ୱୟରେ ଯାଇ ମହାନଦୀ କୂଳ ଚଷାପଡ଼ା ଘାଟ ନିକଟରେ ପ୍ରଶାସନ ପକ୍ଷରୁ ନିର୍ମିତ ଅସ୍ଥାୟୀ ପୋଖରୀରେ ବିସର୍ଜିତ ହୋଇଥିଲେ। ଭାଜପା ବରିଷ୍ଠ ନେତା ନୟନ କିଶୋର ମହାନ୍ତି ଅତିଥି ଭାବେ ଯୋଗଦେଇ ମେଢ କମିଟିକୁ ସମ୍ବର୍ଦ୍ଧନା କରିବା ସହିତ ଯାତ୍ରା କମିଟି ପକ୍ଷରୁ ପ୍ରକାଶିତ ବାର୍ଷିକ ମୁଖପତ୍ର 'ଶ୍ରୀ ଗଣେଶ' ପତ୍ରିକା ଉନ୍ମୋଚନ କରିଥିଲେ। ବିଧାୟକ ସୌଭିକ ବିଶ୍ୱାଳ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଇଂ.ପ୍ରଦୀପ କୁମାର ବେହେରା, ସନ୍ତୋଷ ମହାନ୍ତି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଚୌଦ୍ୱାର ଥାନା ଏସିପି ଇନଚାର୍ଜ ବିଶ୍ୱରଞ୍ଜନ ସାହୁଙ୍କ ନେତୃତ୍ୱରେ ପୋଲିସ ବହୁ ଅଧିକାରୀଙ୍କ ସମେତ ୮ ପ୍ଲାଟୁନ ଫୋର୍ସ ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ପୂଜା କମିଟି ସଭାପତି ନରେନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ସୁଧାକର ମହାପାତ୍ର, ସମ୍ପାଦକ ରବୀନ୍ଦ୍ର ମହାପାତ୍ର, ସୁଶାନ୍ତ ମହାପାତ୍ର, ପୁରୁଷୋତ୍ତମ ବେହେରା, ଶାନ୍ତି କମିଟି ସଭାପତି ହରିହର ଭୁୟାଁ, ସାଧାରଣ ସମ୍ପାଦକ ଅଜୟ କୁମାର ବେହେରା, ହୃଷିକେଶ ଭୁୟାଁ, ବ୍ରଜେନ୍ଦ୍ର ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ।

# ଉତ୍ସର୍ଗ କଲେ ପେସାରେ ନିଶ୍ଚୟ ସଫଳ ହେବେ




ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ସମାରୋହରେ ହରିଚରଣ ମୁଖାର୍ଜୀ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଉଛି।

କଟକ,୧୦।୯(କାର୍ତ୍ତିକ ସାହୁ)

ଆମ ପୂର୍ବପୁରୁଷମାନଙ୍କ ଯେଉଁ ପାରମ୍ପରିକ ମୂଲ୍ୟବୋଧ ଥିଲା, ତାହାକୁ ଯଥାର୍ଥ ଭାବେ ପ୍ରତିପାଦନ କରିବାକୁ ହେବ ବୋଲି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ କହିଛନ୍ତି। ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହରିଚରଣ ମୁଖାର୍ଜୀ ସ୍ମାରକୀ ଟ୍ରଷ୍ଟ ପୁରସ୍କାର ପ୍ରଦାନ ସମାରୋହରେ ମୁଖ୍ୟଅତିଥି ଭାବେ ମୁଖ୍ୟ ବିଚାରପତି ଜଷ୍ଟିସ ଟଣ୍ଡନ ଯୋଗଦେଇ ଯୁବ ଆଇନଜୀବୀଙ୍କୁ ପେସାରେ କେବେବି ନିରୁତ୍ସାହିତ ନ ହେବାକୁ ପ୍ରେରଣା ଯୋଗାଇଛନ୍ତି। ଯୁବ ଆଇନଜୀବୀ ସବୁବେଳେ ନିଜ ପେଶା ପ୍ରତି ନିଷ୍ଠାବାନ ରହିବା ସହ ନିଜକୁ ଉତ୍ସର୍ଗ କରିଦେଲେ ପେଶାରେ ନିଶ୍ଚୟ ସଫଳ ହେବେ ବୋଲି ମୁଖ୍ୟ ବିଚାରପତି ଜଷ୍ଟିସ ଟଣ୍ଡନ କହିଛନ୍ତି। ଏହି ଅବସରରେ ୨୦୨୨-୨୩ ବର୍ଷ ପାଇଁ ଯୁବ ଆଇନଜୀବୀ ସତ୍ୟସ୍ମୃତି ମହାନ୍ତି, ୨୦୨୩-୨୪ ପାଇଁ ଶାଶ୍ୱତ ଆଚାର୍ଯ୍ୟ ଓ ୨୦୨୪-୨୫ ପାଇଁ ବିନି ମିଶ୍ରଙ୍କୁ ହରିଚରଣ ମୁଖାର୍ଜୀ ସ୍ମାରକୀ ପୁରସ୍କାର ମୁଖ୍ୟ ବିଚାରପତି ପ୍ରଦାନ କରିଛନ୍ତି। ହାଇକୋର୍ଟ ବାର୍ ଆସୋସିଏଶନ୍ ସଭାପତି ମନୋଜ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ସମ୍ପାଦକ ଅଭିଜିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ଉପସଭାପତି ସିଦ୍ଧାର୍ଥ ଦାସ, ହରିଚରଣ ମୁଖାର୍ଜୀ ସ୍ମାରକୀ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ବରିଷ୍ଠ ଆଇନଜୀବୀ ଗୌତମ ମୁଖାର୍ଜୀ, ପାର୍ଥ ମୁଖାର୍ଜୀ ଓ ଅଙ୍କିତା ମୁଖାର୍ଜୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷକ ପ୍ରଶିକ୍ଷଣରେ ସହାୟକ ହେବ ଜାତୀୟ ଶିକ୍ଷାନୀତି

କଟକ,୧୦।୯(କାର୍ତ୍ତିକ ସାହୁ)

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ଆନୁକୂଲ୍ୟରେ ଜାତୀୟ ଶିକ୍ଷାନୀତି ୨୦୨୦ କାର୍ଯ୍ୟକାରିତା ନେଇ ଦିନିକିଆ କର୍ମଶାଳା ରାଧାନାଥ ଟ୍ରେନିଂ କଲେଜରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା କଟକର ରାଧାନାଥ ଟ୍ରେନିଂ କଲେଜ, ଭୁବନେଶ୍ୱରର ନଳିନୀ ଦେବୀ ମହିଳା ମହାବିଦ୍ୟାଳୟ, ଅନୁଗୋଳ ଓ କନ୍ଧମାଳର ଶିକ୍ଷା ପ୍ରଶିକ୍ଷଣ ମହାବିଦ୍ୟାଳୟ ଏଥିରେ ଅଂଶ ଗ୍ରହଣ କରି ଅଗ୍ରାଧିକାର ଭିତ୍ତିରେ ବିଦ୍ୟାଳୟ ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣରେ ଜାତୀୟ ଶିକ୍ଷା ନୀତିକୁ କାର୍ଯ୍ୟକାରିତା କରିବା ଦିଗରେ ମତବ୍ୟକ୍ତ କରିଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର କାର୍ଯକାରୀ ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ କର୍ମଶାଳାକୁ ଉଦ୍‌ଘାଟନ କରି ଶିକ୍ଷା, ଶିକ୍ଷକ, ଶିକ୍ଷକ ତାଲିମର ମାନ ବୃଦ୍ଧି ଦିଗରେ ଜାତୀୟ ଶିକ୍ଷାନୀତି ସହାୟକ ହେବ ବୋଲି କହିଥିଲେ। ପ୍ରଫେସର ହୃଷୀକେଶ ସେନାପତି ଶିକ୍ଷା ସମ୍ପର୍କିତ ଗବେଷଣାର ସକ୍ରିୟତା ଓ ସ୍ନାତକୋତ୍ତର ସ୍ତରରେ ଗବେଷଣା ପ୍ରକଳ୍ପର ମାନ ବୃଦ୍ଧି ନେଇ ମତ ଦେଇଥିଲେ। ପ୍ରତିଷ୍ଠାନର ଶିକ୍ଷା ବିଭାଗ ମୁଖ୍ୟ ତଥା ଏମଓୟୁ ସମିତିର ଆବାହକ ପ୍ରଫେସର ଲକ୍ଷ୍ମୀଧର ବେହେରା ସ୍ୱାଗତ ଭାଷଣ ସହ କର୍ମଶାଳାର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ।

## ନନ୍ଦନକାନନରେ ମଣିପୁରୀ ହରିଣ ଛୁଆ ଜନ୍ମ

ତ୍ରିଶୁଳିଆ,୧୦।୯(ତୁଷାର କାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୬ ନମ୍ବର(ଖ) ଖୁଆଡ଼ରେ ରହୁଥିବା ମଣିପୁରୀ ହରିଣର ଗୋଟିଏ ଛୁଆ ବୁଧବାର ଜନ୍ମ ହୋଇଛି। ଉଭୟ ସୁସ୍ଥ ଥିବା ଜଣାପଡିଛି। ସାଧାରଣତଃ ଏହି ପ୍ରଜାତିର ହରିଣ ମଣିପୁର, ବର୍ମା ଓ ଥାଇଲାଣ୍ଡର ସରସତିଆ ଅଞ୍ଚଳରେ ଦେଖିବାକୁ ମିଳେ। ସେମାନଙ୍କର ଉଚ୍ଚତା ପ୍ରାୟ ୧୨୦ ସେ.ମି। ଏହି ପ୍ରଜାତିର ହରିଣ ୨୪୫ ରୁ ୨୭୩ ଦିନ ପର୍ଯ୍ୟନ୍ତ ଗର୍ଭଧାରଣ କରିବା ସହ ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ଛୁଆ ଜନ୍ମ କରିଥାନ୍ତି। ଏହା ଏକ ବିପଦଗ୍ରସ୍ତ ପ୍ରାଣୀ। ଆଖିର ଭ୍ରୂଲତା ପାଖରୁ ଏକ ଯୋଜା ଶିଙ୍ଘ ବାହାରିଥାଏ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ କହିଛନ୍ତି।

## ସରିଲା ଚାଉଳିଆଗଞ୍ଜ ଖୁଦୁରୁକୁଣୀ ମେଳଣ

କଟକ,୧୦।୯(ଶିଳ୍ପା ପ୍ରିୟଦର୍ଶିନୀ)

**ପାରମ୍ପରିକ ବାଦ୍ୟରେ ଭସାଣିଯାତ୍ରା**

ଚାଉଳିଆଗଞ୍ଜ ପ୍ରସିଦ୍ଧ ଖୁଦୁରୁକୁଣୀ ମେଳଣ ଶେଷ ହୋଇଛି। ୧୭ଟି ପୂଜା ମଣ୍ଡପରେ ମା' ପୂଜାର୍ଚ୍ଚନା କରାଯିବା ସହ ଭସାଣି ଉତ୍ସବ ଜାକଜମକରେ ପାଳନ କରାଯାଇଛି । ବୁଧବାର ୩ଟା ସୁଦ୍ଧା ମେଢ଼ ଚାଉଳିଆଗଞ୍ଜ ନୂଆ ତାଳଦଣ୍ଡା କେନାଲରେ ଏକାଠି ହେବା ପରେ ନମ୍ବର ଅନୁଯାୟୀ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଚାଉଳିଆଗଞ୍ଜ ଖେଳ ପଡ଼ିଆରୁ ମେଢ଼ ବାହାରି ମଡ ସାହି, ସାହି ଛକ, ଥଟାରି ସାହି, ଗାନ୍ଧୀ ଛକ, ନୀଳାଦ୍ରୀ ବିହାର, କୈବଲ୍ୟବିହାର, ଅପର୍ଣ୍ଣାନଗର ମୁଖ୍ୟରାସ୍ତା, ଦୁର୍ଗାଛକ, ତଳସାହିରେ ପହଞ୍ଚିଥିଲା। ଏହା ମଧ୍ୟରେ ସମସ୍ତ ମେଢ଼ ପକ୍ଷରୁ ରଙ୍ଗ ବେରଙ୍ଗ ଆଲୋକ ସଜା ସହ ଭସାଣି ଶୋଭାଯାତ୍ରା ପାଇଁ ପାରମ୍ପରିକ ବାଦ୍ୟ ମୁଖ୍ୟ ଆକର୍ଷଣ ପାଲଟିଥିଲା। ଅନ୍ୟପଟେ ଶାନ୍ତିଶୃଙ୍ଖଳାରେ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



କଟକ ଚାଉଳିଆଗଞ୍ଜରେ ବୁଧବାର ଅନୁଷ୍ଠିତ ଖୁଦୁରୁକୁଣୀ ଭସାଣି ଶୋଭାଯାତ୍ରା।

# ଅପରେଶନ ସିନ୍ଦୂର ତୋରଣ ମୁଖ୍ୟ ଆକର୍ଷଣ



**ଧରାବତରଣ କରିବେ ମା'**

କଟକ,୧୦।୯(ଶିଳ୍ପା ପ୍ରିୟଦର୍ଶିନୀ)



**ଖାନନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି**

ମା'ଙ୍କ ଆଗମନ ପାଇଁ କଟକ ସହର ଚଳଚଞ୍ଚଳ ହୋଇପଡିଛି। ମହାଆଡ଼ମ୍ବରରେ ଦୁର୍ଗାପୂଜା ପାଳନ ନେଇ ଖାନ୍‌ନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଚଳିତଥର ଅପରେଶନ ସିନ୍ଦୂରର ତୋରଣ ପୂଜା କମିଟି ପକ୍ଷରୁ ଦଶହରାରେ ଭେଟି ଦିଆଯାଉଛି। ତୋରଣର ଉଚ୍ଚତା ୫୦ ଫୁଟ୍ ଓ ଚଉଡା ୪୦ ଫୁଟ୍ ରହିବ। କଟକର କାରିଗର ଏହାର ନିର୍ମାଣରେ ଲାଗିଛନ୍ତି। ମା'ଙ୍କ ମୂର୍ତ୍ତି ୯ ଫୁଟ୍ ଓ ମେଢ଼କୁ ମିଶାଇଲେ ୨୦ ଫୁଟ୍ ରହିବ। ଏହାସହ ପାର୍ଶ୍ୱରେ ଦେବଦେବୀ ମୂର୍ତ୍ତି ପୂଜା ପାଇବେ। ୧୯୫୨ରୁ ଏହି ପୂଜା କମିଟିରେ ପ୍ରଥମ କରି ପଞ୍ଚମୁଖୀ ମହାଦେବଙ୍କ ପୂଜା କରାଯାଇଥିଲା। ପରେ କିଛିବର୍ଷ ବଗଳାମୁଖୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା ଏବଂ ୧୯୬୨ରୁ ଶାରଦୀୟ ଦୁର୍ଗାପୂଜା କରାଯାଇ ଆସୁଛି। ମା'ଙ୍କ ସୁନାର ମୁକୁଟ ୨୦୧୮ରେ କରାଯାଇଥିଲା। ସୁନା ଅଳଙ୍କାର ମଧ୍ୟରେ ଚିକ୍, ନୋଥ, ଟିକା, କାନଫୁଲ ସମେତ ପାର୍ଶ୍ୱ ଦେବଦେବୀଙ୍କ ଅଳଙ୍କାର ମଧ ସୁନାର ରହିଛି। ଏହାସହ ୨୦୧୧ରେ ଚାନ୍ଦି ମେଢ଼ କରାଯାଇଥିଲା। ଚାନ୍ଦିର ମେଢ଼ ସମେତ ଅନ୍ୟାନ୍ୟ ଅଳଙ୍କାର ପ୍ରାୟ ୩ କୁଇଣ୍ଟାଲର ରହିଛି। ଚଳିତବର୍ଷ ଆଉ ୧୦ କେଜି ଓଜନର ଚାନ୍ଦିର ଅଳଙ୍କାର କରାଯାଇଛି। ଚଳିତବର୍ଷ ପୂଜା ପାଇଁ ୨୦ ଲକ୍ଷ ଟଙ୍କା ବଜେଟ ରହିଛି। ମହାଷଷ୍ଠୀରେ ବିଲ୍ୱବରଣ ପରେ କଳସ ପୂଜା କରାଯିବ, ପରେ ମହାସପ୍ତମୀ ଚକ୍ଷୁଦାନ କରାଯିବ। ମହାଷ୍ଟମୀରେ ଶ୍ରଦ୍ଧାଳୁଙ୍କ ପାଇଁ ଖିରି ଭୋଗ ବଣ୍ଟାଯିବ। ଏହାସହ ମହାନବମୀ ପୂଜାର୍ଚ୍ଚନା କରାଯାଇ ଦଶମୀରେ ଦହିପଖାଳ ଭୋଗ ବଣ୍ଟାଯିବ। ଶ୍ରଦ୍ଧାଳୁଙ୍କ ସୁରୁଖୁରୁରେ ଦର୍ଶନ ଓ ପାଞ୍ଚରାତି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଯୁବକ ସଂଘ ସଦସ୍ୟମାନେ ପରିଚାଳନା କରିବେ। ଭସାଣିରେ ଚଳିତବର୍ଷ ବଲାଙ୍ଗୀର ବାଜା, ସାଲେପୁର ବାଦ୍ୟ ଓ ବ୍ରହ୍ମପୁର ବ୍ୟାଣ୍ଡ ପାର୍ଟି ସମେତ ପାରମ୍ପରିକ ବାଦ୍ୟରେ ନିୟମ ମୁତାବକ ମେଢ଼ ଦେବୀଗଡା ଘାଟରେ ବିସର୍ଜନ କରାଯିବ। ପୂଜା କମିଟିରେ ୫୫ଜଣ ସଦସ୍ୟ ରହିଛନ୍ତି। ସଭାପତି ଭାବେ ସୁବାସ ଚନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ଭାବେ ପ୍ରଫୁଲ୍ଲ ସାହୁ, କୋଷାଧ୍ୟକ୍ଷ ଭାବେ ଲକ୍ଷ୍ମୀଧର ସାହୁ ରହିଛନ୍ତି।

**ଖିରି ଭୋଗ କରାଯାଇ ବଣ୍ଟାଯାଏ**



"ମହାଷ୍ଟମୀରେ ମା'ଙ୍କ ପାଖରେ ଖିରି ଭୋଗ ବଣ୍ଟନ କରାଯିବ। ସୁରକ୍ଷା ବ୍ୟବସ୍ଥା ନେଇ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଯୁବକ ସଂଘ ସମେତ କମିଟି ସମସ୍ତ ସଦସ୍ୟ ଶ୍ରଦ୍ଧାଳୁଙ୍କ ଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯେପରି କୌଣସି ବାଧା ସୃଷ୍ଟି ନ ହେବ ପରିଚାଳନା କରିବେ। ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ଛୋଟ ପିଲାଙ୍କୁ ଗୁରୁତ୍ୱ ଦିଆଯିବ।

**ସୁବାସ ଚନ୍ଦ୍ର ବେହେରା, ସଭାପତି**

**ଅପରେଶନ ସିନ୍ଦୂର ତୋରଣ**



"ଖାନ୍‌ନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ପ୍ରତ୍ୟେକ ବର୍ଷ ଭଳିକିଭଳି ତୋରଣ ଦଶହରାରେ ଭେଟି ଦେଇ ଆସିଥିବାବେଳେ ଚଳିତଥର ଅପରେଶନ ସିନ୍ଦୂରର ତୋର କରାଯାଉଛି। ଏହା ପୂଜା କମିଟିର ମୁଖ୍ୟ ଆକର୍ଷଣ ପାଲଟିବ। ସେହିପରି ଚଳିତବର୍ଷ ପୋଲିସ ପ୍ରଶାସନର ନିୟମକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ନିଶାମୁକ୍ତ ଭସାଣି ପାଇଁ କମିଟି ପକ୍ଷରୁ ବୈଠକ କରାଯାଇ ସଚେତନତା କରାଯାଉଛି। ଏହାସହ ଡିଜେମୁକ୍ତ ଭସାଣି କରାଯିବ ଏବଂ ହାତବାଜାକୁ ଅଧିକ ଗୁରୁତ୍ୱ ଦିଆଯାଇଛି ।

**ପ୍ରଫୁଲ୍ଲ ସାହୁ, ସାଧାରଣ ସମ୍ପାଦକ**

## ଚପଲ ପିନ୍ଧି ଶ୍ରୀମନ୍ଦିର ପ୍ରବେଶ ଉଦ୍ୟମ

**ପୁରୀ,୧୦।୯(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ସିଂହଦ୍ୱାରଠାରେ ବୁଧବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ଯୁବକ ଶ୍ରୀମନ୍ଦିର ଭିତରକୁ ଚପଲ ପିନ୍ଧି ପ୍ରବେଶ ପାଇଁ ଉଦ୍ୟମ କରିଥିବା ଦେଖିବାକୁ ମିଳିଛି। ବୁଧବାର ଭୋର୍ ସମୟରେ ଶ୍ରୀମନ୍ଦିର ସିଂହଦ୍ୱାର ବନ୍ଦଥିବା ସମୟରେ ଜଣେ ଯୁବକ ଚପଲ ପିନ୍ଧି ଶ୍ରୀମନ୍ଦିରକୁ ପଶିବାକୁ ଚେଷ୍ଟା କରିଥିଲେ। ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଓ ଜେଟିପି କର୍ମଚାରୀ ତାଙ୍କୁ ଅଟକାଇବାରୁ ସେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଶେଷରେ ସୁରକ୍ଷା ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀ ଓ ଜେଟିପି ସମ୍ପୃକ୍ତ ଯୁବକଙ୍କୁ ସିଂହଦ୍ୱାର ଥାନା ଜିମା ଦେଇଥିଲେ। ଯୁବକ ଜଣଙ୍କ ଢେଙ୍କାନାଳ ଗଁଦିଆ ଗ୍ରାମର ଲାଲୁପ୍ରସାଦ ସାହୁ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଇଡ୍‌କୋ ଅଞ୍ଚଳବାସୀ ଦେବେ ହୋଲ୍ଡିଂ ଟ୍ୟାକ୍ସ

**ଭୁବନେଶ୍ୱର,୧୦।୯(ଅନୁରାଧା ମହାରଣା)**

**ବିଏମ୍‌ସିର ୩୪ତମ ସାଧାରଣ ବୈଠକ**

- ବଡ଼ ବୋର୍ଡ ଲଗାଇଲେ ଟିକସ ଦେବେ ବ୍ୟବସାୟିକ ପ୍ରତିଷ୍ଠାନ
- ୨୦ ସୁଦ୍ଧା ରାସ୍ତା ମରାମତି ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୩୪ତମ ସାଧାରଣ ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲ୍‌ରେ ଆୟୋଜିତ ଏହି ବୈଠକରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ସିଟି ଇଞ୍ଜିନିୟର ନାରଦ ଚନ୍ଦ୍ର ରଥ, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ ଓ କୈଳାସ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ବିଭିନ୍ନ ନିଷ୍ପତ୍ତି ଓ ତା'ର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ବିଭିନ୍ନ ଉପବିଭାଗ ଓ କର୍ପୋରେଟରଙ୍କ ପକ୍ଷରୁ ଆସିଥିବା ପ୍ରସ୍ତାବଗୁଡ଼ିକୁ ବୈଠକରେ ଉପସ୍ଥାପନ କରାଯାଇ ନିଷ୍ପତ୍ତି ନିଆଯାଇଥିଲା। ଚଳିତ ପାର୍ବଣ ଋତୁ ପାଇଁ ବିଏମ୍‌ସି ଅଞ୍ଚଳରେ ଥିବା ରାସ୍ତାଗୁଡ଼ିକର ମରାମତି ୨୦ ତାରିଖ ମଧ୍ୟରେ ସାରିବାକୁ ବିଏମ୍‌ସି ଇଞ୍ଜିନିୟରିଂ ଉପବିଭାଗ ସମେତ ଆର୍‌ଆଣ୍ଡ୍‌ବି, ପିଡବ୍ଲ୍ୟୁଡି, ଇଡ୍‌କୋ ଆଦି ସଂଯୁକ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ବିଦ୍ୟୁତ୍ ଆଲୋକ ମରାମତି କାମ ମଧ୍ୟ ତୁରନ୍ତ ସାରିବାକୁ କୁହାଯାଇଛି। ଏଣିକି ଇଡ୍‌କୋ ଅଞ୍ଚଳରେ ବସବାସ କରୁଥିବା ଏବଂ ବ୍ୟବସାୟିକ ପ୍ରତିଷ୍ଠାନ କରିଥିବା ଲୋକେ ବିଏମ୍‌ସିକୁ ହୋଲ୍ଡିଂ ଟିକସ ଦେବେ। ସେହି ଅଞ୍ଚଳର ଉନ୍ନୟନମୂଳକ କାମ କରିବ ବିଏମ୍‌ସି। ସେହିପରି ବସ୍ତି ଅଞ୍ଚଳରେ ବସବାସ କରୁଥିବା ଲୋକେ ମଧ୍ୟ ୟୁଜର୍ସ ଫି ଦେବାକୁ ପ୍ରସ୍ତାବ ଆଗତ ହୋଇଛି। ପଡ଼ିଆ ଜମିରେ ଚାରା ରୋପଣ କରି ଭୁବନେଶ୍ୱରକୁ ସବୁଜ ସୁନ୍ଦର ସହର କରିବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଆବାସିକ ସଂଗଠନ, କମ୍ପାନୀଙ୍କୁ ଆହ୍ୱାନ କରାଯିବ। ସମସ୍ତ ଚାରା ବିଏମସି ମାଗଣାରେ ଯୋଗାଇ ଦେବ। ଶୃଙ୍ଖଳା ବର୍ଜ୍ୟ ପରିଚାଳନା ପାଇଁ ୩ଟି ପ୍ରଶାସନିକ ମଣ୍ଡଳରେ ୬ଟି ଡବ୍ଲ୍ୟୁଟିଏସ୍ ବା ବର୍ଜ୍ୟ ପରିବହନ ଷ୍ଟେଶନ ପ୍ରତିଷ୍ଠା ହେବ। ଏଠାରେ ବର୍ଜ୍ୟଗୁଡ଼ିକୁ କମ୍ପ୍ରେସ କରାଯାଇ ସେଠାରୁ ସିଧାସଳଖ ଟିଟିଏସ୍ କିମ୍ବା ସିମେଣ୍ଟ କାରଖାନାକୁ ଯିବ। ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକୁ ୪ X ୬ ଫୁଟ ବିଶିଷ୍ଟ ବୋର୍ଡ ଲଗାଇପାରିବେ। ମାତ୍ର ତା'ଠାରୁ ଅଧିକ ବା ବଡ ବୋର୍ଡ ଲଗାଇଲେ ସେମାନଙ୍କୁ ଟିକସ ଦେବାକୁ ପଡିବ। ବିଏମସି ଅଞ୍ଚଳରେ ଥିବା ସମସ୍ତ ରାସ୍ତାର ମାପ କରାଯିବ। ଆଗାମୀ ଦିନରେ ଘରକୁ ଘର ବୁଲି ବର୍ଜ୍ୟ ସଂଗ୍ରହ କରୁଥିବା ଗାଡ଼ିଗୁଡ଼ିକ ସଂପୃକ୍ତ ଏଜେନ୍ସିମାନେ ଦେବେ। ଏଥିସହ ତେଲ, ଡ୍ରାଇଭର ଓ ହେଲ୍‌ପର, ରକ୍ଷଣାବେକ୍ଷଣ ଖର୍ଚ୍ଚ ଇତ୍ୟାଦି ବର୍ଜ୍ୟ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ଏଜେନ୍ସିମାନେ ଭରଣା କରିବା ନେଇ ଆଲୋଚନା ହୋଇଛି।

## ରାଜଧାନୀ କଲେଜରେ ଅଣଛାତ୍ରଙ୍କ ଆତଙ୍କରାଜ୍

**କ୍ୟାମ୍ପସରେ ପଶି ଛାତ୍ର, ସୁରକ୍ଷା କର୍ମୀଙ୍କୁ ଆକ୍ରମଣ: ୪ ଆହତ**



ରାଜଧାନୀ କଲେଜରେ ଗଣ୍ଡଗୋଳ ସମୟ ଦୃଶ୍ୟ।

**ଭୁବନେଶ୍ୱର,୧୦।୯(ସତ୍ୟଜିତ୍ ରାଉତ)**

ରାଜଧାନୀ ମହାବିଦ୍ୟାଳୟରେ ବୁଧବାର ଗଣ୍ଡଗୋଳ ହୋଇଛି। ଅଣଛାତ୍ର ଓ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଅଣଛାତ୍ର ଗୋଷ୍ଠୀ କଲେଜ କ୍ୟାମ୍ପସ ଭିତରେ ପଶି ଜଣେ ଛାତ୍ର ଓ ସୁରକ୍ଷା କର୍ମୀଙ୍କୁ ପ୍ରଥମେ ଆକ୍ରମଣ କରିବାରୁ ଛାତ୍ରମାନେ ଏକାଠି ହୋଇ ପ୍ରତି ଆକ୍ରମଣ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ବେଳେ ଆକ୍ରମଣରେ ୪ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡିଛି। ଏହି ଘଟଣାରେ ଖଣ୍ଡଗିରି ଥାନା ପୋଲିସ ଟିମ୍ ତଦନ୍ତ କରୁଛି।
ମିଳିଥିବା ସୂଚନା ଅନୁଯାୟୀ, ଜଣେ ଛାତ୍ରଙ୍କୁ କେତେଜଣ ଅଣଛାତ୍ର ଆକ୍ରମଣ କରିବା ସମୟରେ କଲେଜ ସୁରକ୍ଷାକର୍ମୀ ପ୍ରତିରୋଧ କରିଥିଲେ। ଏଥିସହ କଲେଜ ଭିତରକୁ ନ ପଶିବାକୁ ସେ ଅଣଛାତ୍ରମାନଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଅଣଛାତ୍ରମାନେ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରିଥିଲେ। ଏହାପରେ ଛାତ୍ରମାନେ ବିରୋଧ କରି ପ୍ରତି ଆକ୍ରମଣ କରିଥିଲେ। ଘଟଣାକୁ ନେଇ କଲେଜ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ପୋଲିସ ଟିମ୍ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏନେଇ ଉଭୟ ପକ୍ଷରୁ ଏତଲାକ୍ରମେ ଖଣ୍ଡଗିରି ପୋଲିସ ପୃଥକ ମାମଲା ରୁଜୁ କରିଛି। ରାତିରେ ଉଭୟ ପକ୍ଷ ମଧ୍ୟରେ ଥାନାରେ ଆପୋସ ସମାଧାନ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।




ବିଭିନ୍ନ ଦାବି ନେଇ ସୂଚନା ଅଧିକାର ଅଭିଯାନର କର୍ମକର୍ତ୍ତାମାନେ ବୁଧବାର ରାଜ୍ୟ ସୂଚନା କମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସେକେଣ୍ଡ ହ୍ୟାଣ୍ଡ କାର ବିକ୍ରି ଆଳରେ ୬ଲକ୍ଷ ଠକେଇ

**ଦମ୍ପତିଙ୍କ ସମେତ ୩ ଗିରଫ**

**ଭୁବନେଶ୍ୱର,୧୦।୯(ସତ୍ୟଜିତ୍ ରାଉତ):** ସେକେଣ୍ଡ ହ୍ୟାଣ୍ଡ୍ କାର ବିକ୍ରି ଆଳରେ ୬ଲକ୍ଷ ଠକେଇ ଅଭିଯୋଗରେ ନୟାପଲ୍ଲୀ ପୋଲିସ ବୁଧବାର ଠକ ଦମ୍ପତିଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଆସ୍କା ଅଞ୍ଚଳର ଅକ୍ଷୟ କୁମାର ଗୌଡ଼ (୩୯), ତାଙ୍କ ସ୍ତ୍ରୀ ଉଷାରାଣୀ ବାରିକ (୩୮) ଏବଂ କେନ୍ଦ୍ରାପଡା ଜିଲା ମାର୍ଶାଘାଇର ସଙ୍ଗୀତା ବାରିକ (୨୯)। କୋର୍ଟଚାଲାଣ ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ନୟାପଲ୍ଲୀ ଆଇଆର୍‌ସି ଭିଲେଜ ଅଞ୍ଚଳର ତନ୍ମୟ କୁମାର ଶତପଥୀ ଠକେଇର ଶିକାର ହୋଇଥିଲେ। ଅଭିଯୁକ୍ତ ଦମ୍ପତି ଜାଗମରା ସମ୍ପର୍କ ବିହାରରେ ମା' ପାଟଖଣ୍ଡ ଅଟୋମୋବାଇଲ୍ସ ପ୍ରାଇଭେଟ୍ ଲିମିଟେଡ୍ ନାମରେ ଏକ ସେକେଣ୍ଡ ହ୍ୟାଣ୍ଡ୍ ସଂସ୍ଥା କରିଥିଲେ। ସଙ୍ଗୀତା ନିଜକୁ ଉକ୍ତ ସଂସ୍ଥାର ସେଲ୍ସ ମ୍ୟାନେଜର ପରିଚୟ ଦେଇ ଭଲ ସେକେଣ୍ଡ ହ୍ୟାଣ୍ଡ୍ ହ୍ୟୁଣ୍ଡାଇ କ୍ରେଟା କାର କିଣିବା ପାଇଁ ତନ୍ମୟଙ୍କୁ ପ୍ରବର୍ତ୍ତାଇଥିଲେ। ତନ୍ମୟ ଏଥିପାଇଁ ୬ ଲକ୍ଷ ଟଙ୍କା ଦେଇଥିବାବେଳେ ଅଭିଯୁକ୍ତମାନେ ବିଭିନ୍ନ ଆଳ ଦେଖାଇ ଦିନ ଗଡ଼ାଇ ଚାଲିଥିଲେ।

# ଦୁଇ ଅଭିଯୁକ୍ତଙ୍କୁ ଆଜୀବନ ଜେଲଦଣ୍ଡ

**ଭୁବନେଶ୍ୱର,୧୦।୯(ସତ୍ୟଜିତ୍ ରାଉତ)**

**ଅପହରଣ କରି ୧୦ ଲକ୍ଷରେ ମୁଣ୍ଡଜାମିନ ମାମଲା**

ଏୟାରଫିଲ୍ଡ ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ଅପହରଣ କରି ୧୦ଲକ୍ଷ ଟଙ୍କାରେ ମୁଣ୍ଡଜାମିନ ମାମଲାରେ ଭୁବନେଶ୍ୱର ଅତିରିକ୍ତ ଦୌରା ଜଜ୍ (୩) ବୁଧବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତଦ୍ୱୟ ରଘୁନାଥ ମହାରଣା ଓ କାଳୁ ଚରଣ ମହାରଣାଙ୍କୁ ଆଜୀବନ ଜେଲଦଣ୍ଡ ହୋଇଛି। ଏଥିସହ ଉଭୟଙ୍କୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଅନାଦାୟ ଅଧିକ ବର୍ଷେ ଜେଲରେ ରହିବାକୁ ହେବ ବୋଲି ବିଚାରପତି ହିମାଂଶୁ ଶେଖର ମଲ୍ଲିକ ତାଙ୍କ ରାୟରେ ଶୁଣାଇଛନ୍ତି।
ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ଜୁନ୍ ୧ ଅପରାହ୍ନ ପ୍ରାୟ ୫ଟା ୫୦ରେ ସ୍ଥାନୀୟ ଅଞ୍ଚଳର ବୈରାଗୀ ବାରିକଙ୍କ ସାନପୁଅ ରବୀନ୍ଦ୍ର କୌଣସି କାମରେ ପୋଖରୀପୁଟ ଅଞ୍ଚଳକୁ ଯାଇଥିଲେ। ପୋଖରୀପୁଟ ପେଟ୍ରୋଲ ପମ୍ପ ନିକଟସ୍ଥ କାର୍ଗିଲ ବସ୍ତି ରାସ୍ତାରୁ ରବୀନ୍ଦ୍ରଙ୍କୁ ରଘୁନାଥ, କାଳୁ ଓ ସହଯୋଗୀମାନେ ଅପହରଣ କରିନେବା ପରେ ମୁଣ୍ଡଜାମିନ ରଖି ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ସେମାନେ ରବୀନ୍ଦ୍ରଙ୍କ ବାପା ବୈରାଗୀଙ୍କୁ ଭିନ୍ନଭିନ୍ନ ମୋବାଇଲ ନମ୍ବରରୁ କଲ୍ କରି ଟଙ୍କା ମାଗିଥିଲେ। ଅଭିଯୋଗ ଆଧାରରେ ଏୟାରଫିଲ୍ଡ ଥାନା ପୋଲିସ ଆଇପିସି ଦଫା ୩୬୪(ଏ)ରେ ମାମଲା (ନଂ.୧୨୬/୨୦୧୫) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଟିମ ମଧୁସୂଦନ ପାର୍କ ନିକଟରୁ ଜୁନ୍ ୨ରେ ରବୀନ୍ଦ୍ରଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ପ୍ରଦୀପ୍ତ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ। ତେବେ ଦୀର୍ଘଦିନ ହେବ ସାକ୍ଷ୍ୟ ପ୍ରମାଣ ସଂଗ୍ରହ କରାଯାଇ ବିଚାର ପ୍ରକ୍ରିୟା ଶେଷ ହୋଇଥିଲେ ମଧ୍ୟ କୋର୍ଟଙ୍କ ଦ୍ୱାରା ଧାର୍ଯ୍ୟ ଦିନଗୁଡ଼ିକରେ ଅଭିଯୁକ୍ତଦ୍ୱୟ ଅନୁପସ୍ଥିତ ରହୁଥିବାରୁ ରାୟ ପ୍ରକାଶ ବିଳମ୍ବିତ ହେଉଥିଲା। ଫଳରେ କୋର୍ଟ ଉଭୟଙ୍କ ନାଁରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ। ସୋମବାର ପୋଲିସ ଟିମ୍ ଉଭୟଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିଲା।

## ଅଭିଯୁକ୍ତଙ୍କୁ ଉଠାଇନେଲା ପଶ୍ଚିମବଙ୍ଗ ପୋଲିସ

**ଭୁବନେଶ୍ୱର,୧୦।୯(ସତ୍ୟଜିତ୍ ରାଉତ)**

**୪ କୋଟି ଠକେଇ**

ଶେୟାର ମାର୍କେଟ ଓ ଟ୍ରେଡିଂ ନାଁରେ ୪ କୋଟି ଟଙ୍କା ଠକେଇ ମାମଲାରେ ପଶ୍ଚିମବଙ୍ଗ ପୋଲିସ ଭୁବନେଶ୍ୱର ବରମୁଣ୍ଡାରେ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଉଠାଇନେଇଛି। ଅଭିଯୁକ୍ତ ଜଣକ ହେଲେ ହରିହର ମହାପାତ୍ର। ଖଣ୍ଡଗିରି ଥାନା ପୋଲିସ ସହାୟତାରେ ପଶ୍ଚିମବଙ୍ଗର ପ୍ରଗତି ମୈଦାନ ଥାନା ଟିମ୍ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିଯୁକ୍ତ ହରିହର କିଛିଦିନ ହେବ ଜଣେ ବ୍ୟକ୍ତିଙ୍କୁ ଠକେଇ କରିଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ହରିହର ଭୁବନେଶ୍ୱରରେ ଥିବା ଜଣାପଡିବା ପରେ ମୈଦାନ ଥାନାର ଏକ ଟିମ୍ ଖଣ୍ଡଗିରି ଥାନା ପୋଲିସ ସହ ଯୋଗାଯୋଗ କରିଥିଲା। ତେବେ ଗିରଫ ହରିହରଙ୍କୁ ପ୍ରଗତି ମୈଦାନ ଥାନା ଟିମ୍ ଖଣ୍ଡଗିରି ଥାନାକୁ ନେଇ ପଚରାଉଚରା କରିବା ପରେ ପଶ୍ଚିମଙ୍ଗ ନେଇଯାଇଥିବା ସୂଚନା ମିଳିଛି।

## ସୁସ୍ଥ ଜୀବନଶୈଳୀ ପାଇଁ ସନ୍ତୁଳିତ ଆହାର ଆବଶ୍ୟକ

**ବାରଙ୍ଗ,୧୦।୯(ଲିଙ୍ଗରାଜ ରାଉତ)**

**ରାଷ୍ଟ୍ରୀୟ ପୋଷଣମାସ ଉପଲକ୍ଷେ ଜାତୀୟ କର୍ମଶାଳା**

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ପୋଷଣ ମାସ- ୨୦୨୫ ଉପଲକ୍ଷେ ମଙ୍ଗଳବାର ଏକ ଦିନିକିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏକ ସୁସ୍ଥ ଜୀବନଶୈଳୀ ବଞ୍ଚିବାକୁ ହେଲେ ମଣିଷକୁ ପ୍ରଥମେ ସନ୍ତୁଳିତ ଆହାର ଆବଶ୍ୟକ। ଏଥିରେ ସୂକ୍ଷ୍ମ ପୋଷକତତ୍ତ୍ୱ ଏବଂ ସମସ୍ତପ୍ରକାର ଭିଟାମିନ ରହିବା ବାଞ୍ଛନୀୟ ବୋଲି ମତ ପ୍ରକାଶ ପାଇଛି। ଭୁବନେଶ୍ୱର ଏମ୍ସର ଡାଏଟିସିଆନ ଅନୁପମା ସାମଲ ଯୋଗଦେଇ ସନ୍ତୁଳିତ ଆହାର, ସୂକ୍ଷ୍ମ ପୋଷକତତ୍ତ୍ୱ ଓ ଦୈନନ୍ଦିନ ଜୀବନଚର୍ଯ୍ୟା ପାଇଁ ମନୁଷ୍ୟର ଆବଶ୍ୟକ ହେଉଥିବା ଭିଟାମିନ ପରିପୂରକ ଉପରେ ଆଲୋକପାତ କରିଥିଲେ। ଏଥିସହ ଶିଶୁ ମେଦବହୁଳତା ଓ ଏହାର ହ୍ରାସ ଉପରେ ମଧ୍ୟ ପରାମର୍ଶ ଦେଇଥିଲେ। ବିଭାଗୀୟ ଡିନ୍ ପ୍ରଫେସର ଏସ୍ କୁମାର ସ୍ୱାମୀ ପୋଷଣକୁ କୃଷି, ଉତ୍ପାଦନ ଓ ସାମାଜିକ ସୁସ୍ଥତା ସହ ଯୋଡ଼ିଥିଲେ। କୃଷି ବିଭାଗ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର କଣ୍ଟେଇ ନୃତ୍ୟ, ଲୋକନୃତ୍ୟ ପ୍ରଦର୍ଶନ ସାଙ୍ଗକୁ ଚିତ୍ରାଙ୍କନ ଓ ଝୋଟି ମୁରୁଜ ଅଙ୍କନ ଜରିଆରେ ପୋଷଣ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ସହକାରୀ ପ୍ରାଧ୍ୟାପକ ମିସ ଚିନ୍ମୟୀ ପଟ୍ଟନାୟକ, ଡ. କୃଷ୍ଣ ମିଶ୍ର, ଡ. ରଞ୍ଜନା ଆଚାର୍ଯ୍ୟ ଓ ମିସ ଅନ୍ୱେଷା ସାହୁ ପ୍ରମୁଖ ଉପସ୍ଥିଥିଲେ। ପ୍ରୀତି ମହାନ୍ତି ନୃତ୍ୟ ପ୍ରଦର୍ଶନ କରିଥିଲେ। ଲୋକକଳା ମାଧ୍ୟମରେ ପୋଷଣ ସଚେତନତାର ଏହିପରି ସଫଳ ଉପସ୍ଥାପନ କରିଥିବାରୁ କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ କୁମାର ଶର୍ମା, ବିଭାଗୀୟ ଡିନ୍‌ଏସ କୁମାର ସ୍ୱାମୀ ପ୍ରମୁଖ ଆୟୋଜକଙ୍କୁ ପ୍ରଶଂସା କରିଥିଲେ।

**ପୂର୍ବ ତଟ ରେଳପଥ**

ବିଜ୍ଞପ୍ତି ସଂ. eT-Central-WAT-34-2025 ତା.01.09.2025ରିଖ

**କାର୍ଯ୍ୟର ନାମ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ / ୱାଲ୍ଟିୟର ପରିସୀମା ଅଧିନସ୍ଥ KK-I ଲାଇନ୍‌ରେ (1) ବର୍ତ୍ତମାନର 1675 ସ୍ଲିପରଗୁଡ଼ିକ ନିମନ୍ତେ ଗାଲ୍ଭାନାଇଜ୍‌ଡ H-ବିମ୍ ସ୍ଲିପର ଯେଉଁଥିରେ ଚେକ୍ ରେଲ୍ ଓ ଗାର୍ଡ ରେଲ୍ ସହିତ 8 ଡିଗ୍ରୀ କର୍ଭରେ ବ୍ରିଜ୍‌ଗୁଡ଼ିକ ସହ H-ବିମ୍ ସ୍ଲିପରଗୁଡ଼ିକର ଡିଜାଇନ, ଡ୍ରଇଙ୍ଗ, ପ୍ରୁଫ୍ ଚେକିଙ୍ଗ, ଫ୍ୟାବ୍ରିକେସନ ଏବଂ ଫିକ୍ସିଙ୍ଗ ଅନ୍ତର୍ଭୁକ୍ତ। (2) ଚେକ୍ ରେଲ୍ ଓ ଗାର୍ଡ ରେଲ୍ ସହିତ 8 ଡିଗ୍ରୀ କର୍ଭରେ ବ୍ରିଜ୍ ନଂ.: 401, 481, 487 ଓ 543ରେ ଚ୍ୟାନେଲ ସ୍ଲିପରଗୁଡ଼ିକ ନିମନ୍ତେ TRF-1200 ସଂଖ୍ୟକ ଦ୍ୱାରା କୋଟଭଲସା-ମାଲିଗୁଡ଼ା ମଧ୍ୟରେ ବ୍ରିଜ୍‌ଗୁଡ଼ିକରେ ଥିବା ବ୍ରିଜ୍ ସ୍ଲିପର ନବୀକରଣ (TBSR) ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 5,95,29,557.56, **EMD :** ₹ 4,47,700/-, **କାର୍ଯ୍ୟ ଶେଷ ହେବା ଅବଧି :** 12 (ବାର) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.09.2025ରିଖ, 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ୱାଲ୍ଟିୟର
PR-575/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଜି)/ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବ ନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ., ଇ-ଟେଣ୍ଡର ନଂ. ଏବଂ ତାରିଖ ଓ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ୪୨-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫ । ଏଇଏନ୍/I/ଟାଟାଙ୍କ ଅଧୀନରେ ସାଲଗାଜୋରି-ଟାଟାନଗର ମଧ୍ୟରେ ଆର୍‌ୟୁବିର ନିର୍ମାଣ ଦ୍ୱାରା ୦୧ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲ୍‌ସି ନଂ. ୧୪୦)ର ଅପସାରଣ ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୧୧,୦୮,୫୬୮.୯୯ । ଇଏମ୍‌ଡି: ₹୨୨,୨୦୦/-। ୨. ୪୪-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫ । ଗୁଆଁଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନୟନ/ଆଧୁନିକୀକରଣ । ଟେଣ୍ଡର ମୂଲ୍ୟ: ₹୪୯,୨୩,୭୦୬.୩୭ । ଇଏମ୍‌ଡି: ₹୯୮,୫୦୦/-। ୩. ୪୭-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫ । ଚକ୍ରଧରପୁର ଡିଭିଜନରେ ପୁରୁଣା ଏୟାର କଣ୍ଡିସନରଗୁଡ଼ିକୁ ୫ ଷ୍ଟାର ମାନ୍ୟତାପ୍ରାପ୍ତ ଶକ୍ତିଦକ୍ଷ ଏୟାର କଣ୍ଡିସନର ଦ୍ୱାରା ପ୍ରତିବଦଳ କରିବା ଏବଂ ନୂଆ ଏସି ଯୋଗାଇବା ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ (୨ୟ ଆହ୍ୱାନ)। ଟେଣ୍ଡର ମୂଲ୍ୟ: ₹୩୦,୧୨,୮୭୯.୨୨। ଇଏମ୍‌ଡି: ₹୬୦,୩୦୦/- । ୪. ୪୮-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫ । ଏଡିଇଏନ୍/ଡାଙ୍ଗୋଆପୋଷିଙ୍କ କ୍ଷେତ୍ରାଧିକାର ଅଧୀନରେ ଆର୍‌ୟୁବିର ନିର୍ମାଣ ଦ୍ୱାରା ୦୨ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲ୍‌ସି ନଂ. ଆର୍‌ବିକେ-୬୩ ଓ ଆର୍‌ବିକେ-୫୧)ର ଅପସାରଣ ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୨୫,୮୧,୬୭୪.୮୬ । ଇଏମ୍‌ଡି: ₹୫୧,୬୦୦/-। ୫. ୫୦-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫ । ଚକ୍ରଧରପୁର ମଣ୍ଡଳରେ କୌଣସି ସ୍ଥାନୀୟ ଯୋଗାଣ ଉପଲବ୍ଧତା ବିନା ୫୮ ଗୋଟି ଏଲସି ଗେଟ୍‌ଗୁଡ଼ିକରେ ଭରସାଯୋଗ୍ୟ ଶକ୍ତି ଯୋଗାଣ, ଆଲୋକୀକରଣ ଓ ୱାୟାରିଂ । ଟେଣ୍ଡର ମୂଲ୍ୟ: ₹୨,୭୧,୬୫,୧୧୯.୧୪ । ଇଏମ୍‌ଡି: ₹୨,୮୫,୮୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ପ୍ରତ୍ୟେକ ପାଇଁ ଶୂନ୍ୟ । ବନ୍ଦ ହେବା/ଖୋଲାଯିବା ତାରିଖ: କ୍ର.ସଂ. ୧, ୨ ଓ ୩ ପାଇଁ ତା୦୭।୧୦।୨୦୨୫ରିଖ ୧୫.୦୦ ଘଟିକା ଏବଂ ୪ ଓ ୫ ପାଇଁ ତା୧୩।୧୦।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବ ଜରୁରୀ। (PR-612)

**BERHAMPUR UNIVERSITY**
BHANJA BIHAR, BERHAMPUR-7, GANJAM, ODISHA-760007
Lt.No.350/RCoE/BU/2025 Date : 10.09.2025
**ADVERTISEMENT FOR RESEARCH POSITION**
Application in plane paper along with biodata and attested copies of the certificate are invited for the appointment of the Post of Research Assistant (02 No.) for the center of excellence in nano science and technology for the development of sensors (CoENSTds) on a temporary basis for a duration of 01 year or till the complication of the project on or before date: 24.09.2025 by speed post. The applications are to be submitted to "The Coordinator" CoENSTds, Department of Physics, Berhampur university, Bhanja Bihar, 760007, Berhampur, Odisha. Short listed candidates will be called for interview by E- mail only. No TA/DA will be provided for attending the interview.
The details of the required qualifications and experiences are available on the university website- www.buodisha.edu.in. Any modification in the advertisement will be reflected only in the University website.
Sd./- Coordinator of CoENSTds
Berhampur University

**GOVERNMENT OF ODISHA** No. O-727
**OFFICE OF THE SUPERINTENDING ENGINEER**
RURAL WORKS DIVISION-II, DHENKANAL, KAMAKHYANAGAR
E-Mail: rw.kamakhyanagar@yahoo.co.in
**e-Procurement Notice No. 08/ Building Work / 2025-26**

| | | |
|---|---|---|
| 1. | Name of the Work | Building Work |
| 2. | Total No. of Works | 02 (Two) Nos. |
| 3. | Tender Cost | Rs.30.34 & 12.61 Lakhs |
| 4. | Class of Contractor | D, C & B equivalent |
| 5. | Period of Completion | 2 Calendar Months |
| 6. | Availability of Tender Online for Bidding | 12.09.2025 at 11.00 A.M. to 19.09.2025 upto 5.00 P.M. |
| 7. | Last date & time of seeking tender clarification | 18.09.2025 upto 4.00 P.M. |
| 8. | Date & time of opening of tender | 20.09.2025 at 11.00 A.M. |

Other details can be seen from the website: http://tendersorissa.gov.in.
Sd./- Superintending Engineer
Rural Works Division-II, Dkl
Kamakhyanagar
OIPR-25094/11/0032/2526

**GOVERNMENT OF ODISHA**
**e-Procurement Notice, Angul (R&B) Division**
**Bid Identification No. 32 of 2025-26**
No. B-502 e-mail ID: angulrbdivision@yahoo.co.in

| | | |
|---|---|---|
| 1. | Number of Works | 03 (Three) Number of road works<br>01 (One) Number of building work<br>02 (Two) Number of electrical works |
| 2. | Approximate Estimated Cost | Varies from 12.00 lakh to 49.00 lakh |
| 3. | Period of Completion | Varies from 02 (Two) to 06 (Six) Calendar Months |
| 4. | Date & Time of availability of bid document in the portal | Dt.12.09.2025 at 10.00 A.M. |
| 5. | Last date/time for receipt of bid in the portal | Dt.22.09.2025 upto 5.00 P.M. |
| 6. | Date of Opening Bid | Dt.23.09.2025 at 11.00 A.M. |
| 7. | Name and address of the Office Inviting Bid | Superintending Engineer, Angul (R&B) Division, Angul |

8. The bidders must participate in ONLINE bidding only.
Further details can be seen from the e-procurement portal https://tendersodisha.gov.in.
Sd./- Superintending Engineer
Angul (R&B) Division
OIPR-34074/11/0032/2526

**JHARKHAND URJA SANCHARAN NIGAM LIMITED**
(CIN No.:U40108JH2013SGC001704)
Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002
(E-mail: cetjusnl@gmail.com)

**e-TENDER NOTICE**

NIT No. – 390/PR/ JUSNL/ 2025-26
E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | Design, Engineering, Supply of Materials/ Equipments, Erection, Testing and Commissioning of 132/33 KV, 2 x 80 MVA Grid sub -station including construction of Control Room Building & approach road as well as other civil works at Sindri (Hurl) on turnkey basis |
| Estimated cost (Rs.) | Rs. 72,77,80,287.00 (including GST) |
| Earnest Money Deposit | Rs. 1,45,55,610.00 On line mode |
| Completion Period | 18 Months |
| e-Tender fee | Rs. 20,000.00 + 18% GST On line mode. |
| Start Date & Time of Download the Tender Documents | 15.09.2025 at 11:00 AM |
| Start Date and time of upload of BID | 15.09.2025 at 11:00 AM |
| End date and time of upload of BID | 08.10.2025 upto 04:00 PM |
| BID Opening date for technical part | 09.10.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned (6202162568) during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570 (कॉल सेन्टर) पर दर्ज करायें।

Sd/-
General Manager
C&M (NWBP)
PR 361530 Jharkhand Urja Sancharan Nigam Ltd (25-26)_D

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯
**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖା**ରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୫.୦୯.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୨୬.୦୯.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଶୁକଳ ଶାଖା, ସା: ଆଲିଶ, ପୋ: ଶୁକଳ, ଭାୟା: ସାକ୍ଷୀଗୋପାଳ, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: ଅଙ୍କିତା ଜେନା, ମୋ.: ୮୨୭୦୩୩୧୧୬** | | |
| ୧. | **ମମତା ପରିଡା,** ସା: ଆଲିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୩୮୭୮୯ | ଟ.୨୮,୦୦୦/- + ସୁଧ ଏବଂ ଦେୟ | ୧୫.୭୩ |
| ୨. | **ନନ୍ଦ କିଶୋର ବେହେରା,** ସା: ଆଲିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୩୯୫୫୭ | ଟ.୧,୧୫,୦୦୦/- + ସୁଧ ଏବଂ ଦେୟ | ୨୯.୩୦ |
| ୩. | **ବନ୍ଧୁ ପତି,** ସା: ଆଲିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୪୨୦୭୬ | ଟ.୫୧,୦୦୦/- + ସୁଧ ଏବଂ ଦେୟ | ୧୮.୧୦ |
| | **ସାତପାଟଣା ଶାଖା, ସା/ପୋ: ସାତପାଟଣା, ଦଶପଲ୍ଲା, ଜିଲ୍ଲା: ନୟାଗଡ, ଶାଖା ପ୍ରବନ୍ଧକଙ୍କ ନାମ: ପବିତ୍ର ମାଝୀ, ମୋ.: ୭୭୩୫୧୪୮୭୪୦** | | |
| ୧. | **ସୁଷମା ରଣା,** ସା: ଖମାର ସାହି, ଦଶପଲ୍ଲା, ଜିଲ୍ଲା: ନୟାଗଡ / ୦୪୦୦୦୬୧୦୦୩୩୫୪୮ | ଟ.୪୧,୦୦୦/- + ସୁଧ ଏବଂ ଦେୟ | ୧୯.୩୦ |
| ୨. | **କିଶୋର ରଣା,** ସା: ପୁରୁଣା ଦଶପଲ୍ଲା, ପୋ: ସୁବଳୟା, ଜିଲ୍ଲା: ନୟାଗଡ / ୦୪୦୦୦୬୧୦୦୩୩୭୯୧ | ଟ.୨୦,୦୦୦/- + ସୁଧ ଏବଂ ଦେୟ | ୧୧.୦୦ |
| | **ମୈତ୍ରୀ ବିହାର ଶାଖା, ମୈତ୍ରୀ ବିହାର, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଉମେଶ ଚନ୍ଦ୍ର ନାୟକ, ମୋ.: ୬୩୭୧୦୦୬୯୫୮** | | |
| ୧. | **ଲକ୍ଷ୍ମୀଧର ସାହୁ,** ସା: ଦାଡ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୬୯୫୪ | ଟ.୮୯,୦୦୦/- + ସୁଧ ଏବଂ ଦେୟ | ୨୧.୦୦ |
| ୨. | **ଲକ୍ଷ୍ମୀଧର ସାହୁ,** ସା: ଦାଡ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୬୮୩୧ | ଟ.୩୨,୦୦୦/- + ସୁଧ ଏବଂ ଦେୟ | ୯.୨୭ |
| ୩. | **ଲକ୍ଷ୍ମୀଧର ସାହୁ,** ସା: ଦାଡ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୮୦୧୯ | ଟ.୧,୪୦,୦୦୦/- + ସୁଧ ଏବଂ ଦେୟ | ୨୮.୮୦ |
| ୪. | **ଲକ୍ଷ୍ମୀଧର ସାହୁ,** ସା: ଦାଡ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୮୪୩୯ | ଟ.୪୫,୦୦୦/- + ସୁଧ ଏବଂ ଦେୟ | ୨୩.୬୦ |
| | **ମିରଗାନ୍‌ଗୁଡା ଶାଖା, ନବରଙ୍ଗପୁର କଲେଜ ବିପରୀତ, ମିରଗାନ୍‌ଗୁଡା, ଶାଖା ପ୍ରବନ୍ଧକଙ୍କ ନାମ: ସଂଗ୍ରାମ କେଶରୀ ପାତ୍ର, ମୋ.: ୭୯୦୪୯୮୪୧୦୭** | | |
| ୧. | **ଭାସ୍କର ମାଳି,** ସା: ଏକମ୍ବା, ପୋ: ନନ୍ଦାହାଣ୍ଡି, ନବରଙ୍ଗପୁର / ୨୮୪୯୦୬୧୦୦୧୪୭୫୨ | ଟ.୪୨,୦୦୦/- + ସୁଧ ଏବଂ ଦେୟ | ୧୧.୭୦ |
| ୨. | **ଧରଣୀଧର ଶବର,** ୟୁନିଟ୍-୧୩ (ଓ) ବିଏନ୍ ଏନ୍‌ସିସି, ନବରଙ୍ଗପୁର / ୨୮୪୯୦୬୧୦୦୧୫୭୮୦ | ଟ.୪୫,୦୦୦/- + ସୁଧ ଏବଂ ଦେୟ | ୧୭.୯୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**
୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାରଗୁଡ଼ିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୦.୦୯.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

**ଗୋ ଚାଲାଣ ଅଭିଯୁକ୍ତ ଗିରଫ**

ତିଗିରିଆ,(ଜାଫର ଖାଁ): ତିଗିରିଆ ତଥା ଆଖପାଖ ଅଞ୍ଚଳରେ ଗୋ ଚାଲାଣ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବଡ଼ମ୍ବା ଥାନା କାଞ୍ଜିଆପାଳ ଗ୍ରାମର ହାସନ ଖାଁ ଓରଫ କୁନୁ (୩୫)। ଏବେ ସେ ଆଠଗଡ଼ ଥାନା ଅନ୍ତର୍ଗତ କନ୍ତଲୋରେ ରହୁଛନ୍ତି। ଏହା ପୂର୍ବରୁ ଗତ ମେ ୧୯ରେ କୁନୁଙ୍କୁ ଗୋ ଚାଲାଣ ଅଭିଯୋଗରେ ତିଗିରିଆ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତାଙ୍କ ନାମରେ ବଡ଼ମ୍ବା ଥାନାରେ ମଧ ଏ ସମ୍ପର୍କିତ ଅଭିଯୋଗ ରହିଛି।

## ସଂକ୍ଷେପରେ

### ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ

ତିଗିରିଆ,୧୦ା୯(ଜାଫର ଖାଁ): ତିଗିରିଆ ଥାନା ପାଞ୍ଚଗାଁ ପଞ୍ଚାୟତ ଅନ୍ତର୍ଗତ ଶେଷଗାଁ ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଛି। ଫଳରେ ୩ ବାଇକ୍ ଆରୋହୀଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ଅନ୍ୟ ଦୁଇଜଣଙ୍କ ମଧ୍ୟରୁ ଜଣେ ଗୁରୁତର ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ବୁଧବାର ଏହି ଥାନା ଅନ୍ତର୍ଗତ ହରିଡାପଶି ଗ୍ରାମର ଜଣେ ଯୁବକ ଢେଙ୍କାନାଳ ଜିଲାର ବାଲିଆମ୍ବା ଗ୍ରାମର ୨ଜଣ ଯୁବକଙ୍କ ସହ ମିଶି ଗୋଟିଏ ବାଇକ୍‌ରେ ପାଞ୍ଚଗାଁରୁ ଆଠଗଡ଼ ଅଭିମୁଖେ ଯାଉଥିଲେ। ଶେଷଗାଁ ନିକଟରେ ଥିବା ବିଦ୍ୟାଳୟ ମୋଡ଼ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା।

### ରାସ୍ତାରେ ମାରଣାସ୍ତ୍ର ବୁଲାଇ ବୁଲେଟ ଚାଳକଙ୍କ ଆତଙ୍କ

ବାରଙ୍ଗ,୧୦ା୯(ଲିଙ୍ଗରାଜ ରାଉତ): ଗୋଡିସାହି ଫାଣ୍ଡି ଅଞ୍ଚଳରେ ବୁଧବାର ଜଣେ ବୁଲେଟ ଚାଳକ ରାସ୍ତାରେ ବିକଟାଳ ଶବ୍ଦ କରି ଗାଡ଼ି ଚଳାଇବା ସହ ଅନ୍ୟ ଚାଳକମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଚାଳକ ହେଲେ ଚନ୍ଦକା ଥାନା ଦାରୁଠେଙ୍ଗ ଗ୍ରାମର ଚିନ୍ମୟ ଶ୍ରୀଚନ୍ଦନ(୨୭)। ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୪୯୪/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଚିନ୍ମୟ ଓଆର ୦୨ ଏଭି ୮୪୬୪ ନମ୍ବର ବୁଲେଟ ଯୋଗେ ବିକଟାଳ ଶବ୍ଦ କରି ଗାଡ଼ି ଚଳାଇବା ସହ ରାସ୍ତାରେ ଚକ୍କର ମାରିଥିଲା। ଏପରିକି ରାସ୍ତାରେ ଯାଉଥିବା ବାଇକ୍ ଚାଳକମାନଙ୍କୁ ଆକ୍ରମଣ କରିବାକୁ ପଛାଇ ନଥିଲେ। ସେ ଗାଡି ଆଗ ଲେଗଗାର୍ଡରେ ରଖିଥିବା ଏକ ମାରଣାସ୍ତ୍ର କାଢି ପ୍ରାୟ ଅଧଘଣ୍ଟା ଧରି ତ୍ରିଶୂଳିଆ ବାଙ୍କୀ ମୁଖ୍ୟ ରାସ୍ତାରେ ଉତ୍ପାତ କରିଥିଲେ। ଏହି ସମୟରେ ଉକ୍ତ ରାସ୍ତାରେ ଆସୁଥିବା ଓଡ଼ି ୦୨ଏକ୍ସ ୪୨୭୧ ନମ୍ବର ଏକ ଟ୍ରାଭେରା ଗାଡ଼ିର ଆଗକାଚକୁ ମଧ ଭାଙ୍ଗି ଦେଇଥିଲେ। ପରେ ୨ଟି ମୋଟର ସାଇକେଲ ଭାଙ୍ଗି ଦେବାରୁ ଚାଳକମାନେ ଭୟରେ ଗାଡି ଛାଡ଼ି ପଳାଇଥିଲେ। ଏଥିସହ ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ସ୍ଥାନୀୟ ଲୋକେ ଏକାଠି ହୋଇ ଚିନ୍ମୟଙ୍କୁ କାବୁ କରି ଗୋଡିସାହି ଫାଣ୍ଡି ପୋଲିସକୁ ହସ୍ତାନ୍ତର କରିଥିଲେ।

# ବଢୁଛି ୨ଚକିଆ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା

■ ୨୦୨୪ରେ ହେଲ୍‌ମେଟ ପିନ୍ଧି ନ ଥିବାରୁ ୧୬୯୬ ଜଣଙ୍କ ମୃତ୍ୟୁ

■ ଧରାହୋଇଛନ୍ତି ୭,୮୯,୦୧୫ ବିନା ହେଲ୍‌ମେଟ ଚାଳକ

**କଟକ,୧୦ା୯(କାର୍ତ୍ତିକ ସାହୁ):**

ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସରକାର ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ତଥାପି ଅନେକ ଗାଡ଼ିଚାଳକ ସଡ଼କ ସୁରକ୍ଷା ନିୟମ ସମ୍ପର୍କରେ ଅବଗତ ଥିଲେ ମଧ ଏହାକୁ ପାଳନ କରୁନାହାନ୍ତି। ଫଳରେ ଅକାଳରେ ଅନେକ ଜୀବନ ଚାଲିଯାଉଛି। ରାଜ୍ୟ ପରିବହନ ପ୍ରାଧିକରଣ ତଥ୍ୟ ଅନୁଯାୟୀ ୨୦୨୪ ବର୍ଷରେ ରାଜ୍ୟରେ ୨ଚକିଆ ଯାନଜନିତ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇଛି। ଏଥିସହ ହେଲ୍‌ମେଟ ପିନ୍ଧି ନ ଥିବାରୁ ସେହି ବର୍ଷ ୧୬୯୬ ଜଣକ ମୃତ୍ୟୁ ଘଟିଛି।

ସୂଚନାନୁସାରେ, ସଡ଼କ ଦୁର୍ଘଟଣା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏହାକୁ ହ୍ରାସ କରିବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ରାଜ୍ୟ ପରିବହନ ପ୍ରାଧିକରଣ ଦୁଇଚକିଆ ଯାନରେ ଚାଳକ, ଆରୋହୀ ଉଭୟ ହେଲ୍‌ମେଟ ପିନ୍ଧିବା ବାଧ୍ୟତାମୂଳକ କରିଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ସଚେତନତା ସହ ଏନ୍‌ଫୋର୍ସମେଣ୍ଟକୁ ଗୁରୁତ୍ୱ ଦିଆଯାଇଛି। ତେବେ ଦୁର୍ଭାଗ୍ୟର ବିଷୟ ହେଉଛି, ୨୦୨୪ରେ ହେଲ୍‌ମେଟ ନିୟମ ଉଲ୍ଲଂଘନ କରିଥିବା ଅର୍ଥାତ୍ ବିନା ହେଲ୍‌ମେଟ ଚାଳକ ୭,୮୯,୦୧୫ ଜଣ ଧରାପଡ଼ିଛନ୍ତି। ସଡ଼କ ସୁରକ୍ଷା ନିୟମ ପାଳନର ସବୁଠୁ ପ୍ରାଥମିକସ୍ତର ହେଉଛି ଦୁଇ ଚକିଆରେ ୨ରୁ ଅଧିକ ନ ଯିବା ଏବଂ ଉଭୟ ଚାଳକ ଓ ଆରୋହୀ ହେଲ୍‌ମେଟ ନିଶ୍ଚୟ ପିନ୍ଧିବା। ଏକଥା ପ୍ରାୟ ସମସ୍ତେ ଜାଣିଛନ୍ତି। କିନ୍ତୁ ହେଲ୍‌ମେଟ ପିନ୍ଧିବାରେ ଅବହେଳା କରିବା ମହଙ୍ଗା ସାବ୍ୟସ୍ତ ହେଉଛି। ୨୦୨୪ରେ ରାଜ୍ୟରେ ଦୁଇଚକିଆ ଯାନଜନିତ ୫୪୯୦ ଦୁର୍ଘଟଣା ଘଟିଥିବା ବେଳେ ୩୦୧୭ ଜୀବନହାନି ଘଟିଛି। ତନ୍ମଧ୍ୟରୁ ହେଲ୍‌ମେଟ ପିନ୍ଧି ନ ଥିବାରୁ ୧୬୯୬ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେହିଭଳି ଯଦି ଗତ ୩ବର୍ଷର ତଥ୍ୟରୁ ଜଣାଯାଏ ରାଜ୍ୟରେ ସଡ଼କ ଦୁର୍ଘଟଣା ମୃତକଙ୍କ ମଧ୍ୟରୁ କେବଳ ଯଦି ହେଲ୍‌ମେଟ ପିନ୍ଧିଥାନ୍ତେ ତେବେ ୫୧୬୦ଜଣଙ୍କ ଜୀବନ ରକ୍ଷା ପାଇଯାଇଥାନ୍ତା।

ସଡ଼କ ଦୁର୍ଘଟଣାରେ ଜୀବନ ରକ୍ଷା କ୍ଷେତ୍ରରେ ହେଲମେଟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଥିପାଇଁ ପୋଲିସ ପ୍ରଶାସନ ସହଯୋଗରେ ବାଣିଜ୍ୟ ଓ ପରିବହନ ବିଭାଗ ନିୟମିତ ଭାବରେ ଏନ୍‌ଫୋର୍ସମେଣ୍ଟରେ ହେଲ୍‌ମେଟ ଚେକିଂକୁ ଗୁରୁତ୍ୱ ଦେଇଥାଏ। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅନେକ ସମୟରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କ ଦ୍ୱାରା ନିୟମ ଉଲ୍ଲଂଘନକାରୀଙ୍କୁ ସେମାନଙ୍କ ମାନସିକତା ପରିବର୍ତ୍ତନ କରିବାକୁ କାଉନସେଲିଂ କରାଯାଇଛି। ହେଲ୍‌ମେଟର ମୂଲ୍ୟ ଓ ହେଲମେଟର ବୋଝ ଆମ ଜୀବନ ତୁଳନାରେ କିଛି ବି ନୁହେଁ। ତଥାପି ଅନେକ ଲୋକ ଏହା ଜାଣି ବି ଏହାର ବ୍ୟବହାର କରିବାରେ ଅବହେଳା ଦେଖାଇବା ଦୃଷ୍ଟିକୁ ଆସୁଛି। ତେଣୁ ଆଗକୁ ହେଲ୍‌ମେଟ ବ୍ୟବହାର ଉପରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି ଏବଂ ଏନ୍‌ଫୋର୍ସମେଣ୍ଟ ବୃଦ୍ଧି ଉପରେ ବାଣିଜ୍ୟ ଓ ପରିବହନ ବିଭାଗ ନିଷ୍ପତ୍ତି ନେଇଛି। ସଡ଼କ ଦୁର୍ଘଟଣା ମୃତ୍ୟୁସଂଖ୍ୟା ହ୍ରାସ ପାଇଁ ଦୁର୍ଘଟଣାର କାରଣଗୁଡ଼ିକର ଅନୁଧ୍ୟାନ କରି ସେହି ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

## ବାର୍ହା ଆକ୍ରମଣରେ ମନ୍ଦିର ପୂଜକ ଆହତ

**ବାଙ୍କୀ,୧୦ା୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାର୍ହା ଆକ୍ରମଣରେ ବୁଧବାର ସକାଳେ ଜଣେ ମନ୍ଦିର ପୂଜକ ଆହତ ହୋଇଛନ୍ତି। ସେ ହେଲେ ବାଙ୍କୀ ବ୍ଲକ ଅନ୍ତର୍ଗତ ବରପୁଟ-ବାଣିଆ ଦେବଗିରୀ ପୀଠର ମନ୍ଦିର ପୂଜକ ପ୍ରଭାତ ରଞ୍ଜନ ତ୍ରିପାଠୀ। ଭୋର ସମୟରେ ତ୍ରିପାଠୀ ମନ୍ଦିରକୁ ପୂଜା କରିବାକୁ ଯାଉଥିବା ବେଳେ ଦେବଗିରୀ ପାହାଡ଼ ଉପରୁ ଏକ ବାରାହା ଆସି ଅତର୍କିତ ଭାବେ ଆକ୍ରମଣ କରିଥିଲା। ଫଳରେ ସେ ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଚିକିତ୍ସା କରାଇଥିଲେ। ତାଙ୍କ ମୁଣ୍ଡ କାନ୍ଧରେ ଆଘାତ ଲାଗିଛି।

## ଜରାନିବାସରେ ଶୁଖିଲା ଖାଦ୍ୟ ବଣ୍ଟନ କଲେ ସେନାଅଧିକାରୀ

**ସାଲେପୁର,୧୦ା୯(ଅରବିନ୍ଦ ଭୂୟାଁ):** ମିର୍ଜାପୁର ପଞ୍ଚାୟତର କାନପୁର (ଗୁଆଳିପୁର) ସେନାଅଧିକାରୀ ସୟଦ ଜଲ୍ଲାଲୁଦ୍ଦିନ ସାଲେପୁର ନିକଟସ୍ଥ ନଇଗୁଆଁ ରୋଡ଼ରେ ଥିବା ଜରାନିବାସରେ ଶୁଖିଲା ଖାଦ୍ୟ ଚୁଡ଼ା, ଚିନି, ବିସ୍କୁଟ ଆଦି ବଣ୍ଟନ କରିଛନ୍ତି। ବୃଦ୍ଧାବୃଦ୍ଧଙ୍କୁ ଖାଦ୍ୟ ବଣ୍ଟନ କରି ଆତ୍ମତୃପ୍ତି ଅନୁଭବ କରିଥିବା ସୟଦ ଜଲ୍ଲାଲୁଦ୍ଦିନ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ସୟଦ ମାଦଉଦ୍ଦିନ, ସୟଦ ଜମାଲ ଉଦ୍ଦିନ ଏବଂ ଜରାନିବାସର ବିଚିତ୍ର ରାଉତ ଉପସ୍ଥିତ ଥିଲେ।

## ଚାରା ରୋପଣ ହିଁ ପୃଥିବୀର ତାପମାତ୍ରା ହ୍ରାସ କରିପାରିବ



ଛାତ୍ରମାନେ ଚାରା ରୋପଣ କରୁଛନ୍ତି।

**ମା' ପାଇଁ ବୃକ୍ଷଟିଏ, ଜାତୀୟ ସେବା ଯୋଜନା ଶିବିର କାର୍ଯ୍ୟକ୍ରମ**

**ତିଗିରିଆ,୧୦ା୯(ଜାଫର ଖାଁ):** ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ ସ୍ନାତକ ବିଜ୍ଞାନ ଓ କଳା ମହାବିଦ୍ୟାଳୟରେ ସପ୍ତାହ ବ୍ୟାପୀ ବର୍ଷାତକାଳୀନ ସ୍ୱତନ୍ତ୍ର ଶିବିର ସହ ମା ପାଇଁ ବୃକ୍ଷଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଜଗବନ୍ଧୁ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରା ରୋପଣ ହିଁ ପୃଥିବୀର ତାପମାତ୍ରା ହ୍ରାସ କରିପାରିବ ବୋଲି ମତବ୍ୟକ୍ତ କରିଛନ୍ତି। ଏଥିସହ ପ୍ରତ୍ୟେକ ଶିବିରାର୍ଥୀ ବର୍ଷକ ଭିତରେ ୧୦ଟି ଲେଖାଏଁ ଚାରା ରୋପଣ କରିବା ପାଇଁ ଦାସ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ସିପ୍ରା ମହାପାତ୍ର ଓ ଅଧାପକ ସୁଧାକର ମୁଦୁଲିଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରେ ବଉଳ, ଆମ୍ବ, ପିଆଶାଳ, ପିଜୁଳି, ଚାକୁଣ୍ଡା, କରଞ୍ଜ, ପେସ୍ତା ବାଦାମ ଇତ୍ୟାଦି ୨୦୦ ଚାରା ରୋପଣ କରିଥିଲେ। ଶିବିରରେ ଅଧାପକ ଦେବରାଜ ପଣ୍ଡା, ଅଧାପକ ବିଜୟ ମିଶ୍ର ଚାରା ରୋପଣର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କାର୍ଯ୍ୟକ୍ରମ ସଂଯୋଜକ ଡ. ମନୋରଞ୍ଜନ ମହାନ୍ତି ଚାରା ରୋପଣ ଆବଶ୍ୟକତା ଏବଂ ବ୍ୟକ୍ତିତ୍ୱ ବିକାଶ ଉପରେ ଶିବିରାର୍ଥୀମାନଙ୍କୁ ଦିଗଦର୍ଶନ ଦେଇଥିଲେ। ସେହିପରି ନିଜିଗଡ ସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ସ୍ନାତକ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ଦ୍ୱାରା ଚାରା ରୋପଣ କାର୍ଯ୍ୟକ୍ରମ ଅଧକ୍ଷ ବିଜୟ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

# ପାୱାର ଗ୍ରୀଡ୍ ପକ୍ଷରୁ ଏସ୍‌ସିବିକୁ ସିଟି ସ୍କାନ୍, ଅଲ୍ଟ୍ରାସାଉଣ୍ଡ ପ୍ରଦାନ



ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ପ୍ରଦାନ କରାଯାଇଥିବା ସିଟି ସ୍କାନ୍ ମେଶିନ।

**କଟକ,୧୦ା୯(ଶିଳ୍ପା ପ୍ରିୟଦର୍ଶିନୀ):** ପାୱାର ଗ୍ରୀଡ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ ଓଡ଼ିଶା ପ୍ରୋଜେକ୍ଟ ପକ୍ଷରୁ ଏସ୍‌ସିବି ମେଡିକାଲକୁ ଗୋଟିଏ ୬୪-ସ୍ଲାଇସ ବିଶିଷ୍ଟ ସିଟି ସ୍କାନ ମେଶିନ ଓ ୨ଟି ଉଚ୍ଚମାନର ରଙ୍ଗୀନ ଡପଲର୍ ଅଲଟ୍ରାସାଉଣ୍ଡ ସିଷ୍ଟମ ପ୍ରଦାନ କରାଯାଇଛି। ଏହି ଅତ୍ୟାଧୁନିକ ଚିକିତ୍ସା ଉପକରଣଗୁଡିକର ମୂଲ୍ୟ ୮.୩୬ କୋଟି ଟଙ୍କା ରହିଛି। ଏହି ଅବସରରେ ଏସ୍‌ସିବି ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପାୱାର ଗ୍ରୀଡ ପକ୍ଷରୁ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଆନୁଷ୍ଠାନିକ ଭାବେ ମେଶିନଗୁଡିକ ହସ୍ତାନ୍ତର କରାଯାଇଛି। କାର୍ଯ୍ୟକ୍ରମରେ ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷା ପ୍ରଫେସର ଡା. ଲୁସି ଦାସ, ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ, ପ୍ରଫେସର ଡା. ପୂଜା ମିଶ୍ର, ଆକାଉଣ୍ଟ ଅଧିକାରୀ ମାନସ କୁମାର ପାତ୍ର, ପାୱାରଗ୍ରୀଡ ମୁଖ୍ୟ ମହାପ୍ରବନ୍ଧକ ଓଡିଶା ପ୍ରୋଜେକ୍ଟ ଅଶୋକ କୁମାର ନାୟକ, ମୁଖ୍ୟ ମହାପ୍ରବନ୍ଧକ ଓଡିଶା ପ୍ରୋଜେକ୍ଟ ଜି.ଏସ. ଆର. ରାଓ, ସାଧାରଣ ପରିଚାଳକ ଅଜିତ ପରିଡା, ପାୱାର ଗ୍ରୀଡ୍ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ଏସ୍‌ସିବିର ହସ୍ପିଟାଲ ମ୍ୟାନେଜର ଉପସ୍ଥିତ ଥିଲେ।

## ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠରେ ବକ୍ତୃତା ପ୍ରତିଯୋଗିତା

ବାଙ୍କୀ,୧୦ା୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡ଼ା ବ୍ଲକ ଅନ୍ତର୍ଗତ ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠରେ ଶକ୍ତି ସଂକଟ ଓ ଏହାର ସଂରକ୍ଷଣ ସମ୍ପର୍କରେ ବୁଧବାର ଏନର୍ଜି କ୍ଲବ ତରଫରୁ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୁରୁଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ସୁଶ୍ରୀ ସ୍ନେହା ମୁଦୁଲି ପ୍ରଥମ, ଇଶାନୀ ସାହୁ ଦ୍ୱିତୀୟ ଓ ଅଭୀଲିପ୍ସା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ଗୌରାଙ୍ଗ ଚରଣ ରାଉତ, ପ୍ରମୋଦ କୁମାର ମୁଦୁଲି ଓ ପ୍ରମୋଦ ସୂତାର ପରିଚାଳନା କରିଥିଲେ।

# ସାର ଅଭାବରୁ ପାଚିଲାଣି ଧାନଗଛ

■ ଉଚ୍ଚା ଦରରେ ବ୍ୟବସାୟୀଙ୍କଠାରୁ କିଣି କ୍ଷତିଗ୍ରସ୍ତ ହେଉଛନ୍ତି

■ କ୍ଷୁଦ୍ର ଓ ନାମମାତ୍ର ଚାଷୀ ସାର କିଣିପାରୁନାହାନ୍ତି

■ ପ୍ୟାକ୍ସରୁ ରିହାତି ଦରରେ ମିଳୁନି ସାର

ସାଲେପୁର,୧୦ା୯(ଅରବିନ୍ଦ ଭୂୟାଁ): ସାଲେପୁର ବ୍ଲକ ଅଞ୍ଚଳରେ ଖରିଫ ଋତୁରେ ୧୩ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମିରେ ଚାଷୀମାନେ ପାରମ୍ପରିକ ଓ ଉନ୍ନତମାନର ବିହନରେ ଧାନଚାଷ କରିଛନ୍ତି। ଏହି ବ୍ଲକରେ ୧୩ ସେବା ସମବାୟ ସମିତି(ପ୍ୟାକ୍ସ)ଥିଲେ ମଧ ସେଗୁଡ଼ିକ ବିଭିନ୍ନ ପ୍ରକାର ସାର ରିହାତି ଦରରେ ଉଠାଇ ଚାଷୀମାନଙ୍କୁ ଦେଉ ନ ଥିବା ଅଭିଯୋଗ ହୋଇଛି। ଏବେ ଚାଷୀମାନେ ବାଧ୍ୟ ହୋଇ ୟୁରିଆ, ଡିଏପି.୧୮-୪୬, ପଟାସ, ଗ୍ରୋମୋର ସାର ଉଚ୍ଚା ଦରରେ ବ୍ୟବସାୟୀମାନଙ୍କଠାରୁ କିଣୁଛନ୍ତି। ମାତ୍ର ସାଲେପୁର ବ୍ଲକ ଅଧୀନରେ ଥିବା ୧୩ ସେବା ସମବାୟ ସମିତି ସେମାନଙ୍କ ଦାୟିତ୍ୱ ଭୁଲି ସାର ଉଠାଇ ନାହାନ୍ତି। ଫଳରେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁ ଅନେକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ସାର କିଣିବାକୁ ସାହସ କରିପାରୁନାହାନ୍ତି। ଅପରପକ୍ଷେ ସାର ଅଭାବରୁ ଧାନଗଛ ପାଚିଗଲାଣି ବୋଲି ପୂର୍ବତନ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ସାଲେପୁର ବ୍ଲକ କୃଷି ଅଧିକାରୀ ସୂର୍ଯ୍ୟକାନ୍ତ ସେଠୀ କହିଛନ୍ତି ଯେ, ସାଲେପୁର ଅଞ୍ଚଳରେ ଧାନଚାଷ ହୋଇଥିବା ୧୩ ହଜାର ୨୦୦ ଏକର ପାଇଁ ୧୪୦୦ ଟନ୍ ସାର ଆବଶ୍ୟକ। ମାତ୍ର ବର୍ତ୍ତମାନ ସୁଦ୍ଧା କେବଳ ୧୪ ଟନ୍ ସାର ପହଞ୍ଚିଛି। ଏହା ସମସ୍ତ ପ୍ୟାକ୍ସକୁ ଦିଆଯିବ। କିଛି ସମବାୟ ସମିତିକୁ ସାର ଦିଆଯାଇଥିବା ବେଳେ ଆଉ କିଛି ସମବାୟ ସମିତିର ପିଓଏସ୍ ମେଶିନ ଖରାପ ଥିବାରୁ ସେମାନେ ସାର ନେଇପାରିନାହାନ୍ତି। ଆବଶ୍ୟକ ଅନୁଯାୟୀ ସାର ଖୁବ୍‌ଶୀଘ୍ର ପ୍ୟାକ୍ସଗୁଡ଼ିକୁ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ସାଲେପୁର ବ୍ଲକରେ ଥିବା ପ୍ୟାକ୍ସଗୁଡ଼ିକୁ ରିହାତି ଦରରେ ଯୁଦ୍ଧକାଳୀନ ଭିତ୍ତିରେ ସାର ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି।


**BERHAMPUR UNIVERSITY**
BHANJA BIHAR, BERHAMPUR-7, GANJAM, ODISHA-760007
Lt.No.350/RCoE/BU/2025 Date : 10.09.2025

**ADVERTISEMENT FOR RESEARCH POSITION**

Application in plane paper along with biodata and attested copies of the certificate are invited for the appointment of the Post of Research Assistant (02 No.) for the center of excellence in nano science and technology for the development of sensors (CoENSTds) on a temporary basis for a duration of 01 year or till the complication of the project on or before date: 24.09.2025 by speed post. The applications are to be submitted to "The Coordinator" CoENSTds, Department of Physics, Berhampur university, Bhanja Bihar, 760007, Berhampur, Odisha. Short listed candidates will be called for interview by E- mail only. No TA/DA will be provided for attending the interview.
The details of the required qualifications and experiences are available on the university website- www.buodisha.edu.in. Any modification in the advertisement will be reflected only in the University website.

Sd./- Coordinator of CoENSTds
Berhampur University

GOVERNMENT OF ODISHA No. O-727
**OFFICE OF THE SUPERINTENDING ENGINEER**
RURAL WORKS DIVISION-II, DHENKANAL, KAMAKHYANAGAR
E-Mail: rw.kamakhyanagar@yahoo.co.in
**e-Procurement Notice No. 08/ Building Work / 2025-26**

1. Name of the Work : Building Work
2. Total No. of Works : 02 (Two) Nos.
3. Tender Cost : Rs.30.34 & 12.61 Lakhs
4. Class of Contractor : D, C & B equivalent
5. Period of Completion : 2 Calendar Months
6. Availability of Tender Online for Bidding : 12.09.2025 at 11.00 A.M. to 19.09.2025 upto 5.00 P.M.
7. Last date & time of seeking tender clarification : 18.09.2025 upto 4.00 P.M.
8. Date & time of opening of tender : 20.09.2025 at 11.00 A.M.

Other details can be seen from the website: http://tendersorissa.gov.in.

Sd./- Superintending Engineer
Rural Works Division-II, Dkl
Kamakhyanagar
OIPR-25094/11/0032/2526

GOVERNMENT OF ODISHA
**e-Procurement Notice, Angul (R&B) Division**
**Bid Identification No. 32 of 2025-26**
No. B-502 e-mail ID: angulrbdivision@yahoo.co.in

1. Number of Works : 03 (Three) Number of road works, 01 (One) Number of building work, 02 (Two) Number of electrical works
2. Approximate Estimated Cost : Varies from 12.00 lakh to 49.00 lakh
3. Period of Completion : Varies from 02 (Two) to 06 (Six) Calendar Months
4. Date & Time of availability of bid document in the portal : Dt.12.09.2025 at 10.00 A.M.
5. Last date/time for receipt of bid in the portal : Dt.22.09.2025 upto 5.00 P.M.
6. Date of Opening Bid : Dt.23.09.2025 at 11.00 A.M.
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in ONLINE bidding only.

Further details can be seen from the e-procurement portal https://tendersodisha.gov.in.

OIPR-34074/11/0032/2526
Sd./- Superintending Engineer
Angul (R&B) Division

**ପୂର୍ବ ତଟ ରେଳପଥ**
ବିଜ୍ଞପ୍ତି ସଂ. eT-Central-WAT-34-2025
ତା.01.09.2025ରିଖ

**କାର୍ଯ୍ୟର ନାମ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ / ୱାଲ୍ଟିୟର ପରିସୀମା ଅଧୀନସ୍ଥ KK-I ଲାଇନ୍‌ରେ (1) ବର୍ତ୍ତମାନର 1675 ସ୍ଲିପରଗୁଡ଼ିକ ନିମନ୍ତେ ଗାଲ୍ଭାନାଇଜ୍ଡ H-ବିମ୍ ସ୍ଲିପର ଯେଉଁଥିରେ ଚେକ୍ ରେଲ୍ ଓ ଗାର୍ଡ ରେଲ୍ ସହିତ 8 ଡିଗ୍ରୀ କର୍ଭରେ ବ୍ରିଜ୍‌ଗୁଡ଼ିକ ସହ H-ବିମ୍ ସ୍ଲିପରଗୁଡ଼ିକର ଡିଜାଇନ, ଡ୍ରଇଙ୍ଗ, ପ୍ରୁଫ୍ ଚେକିଙ୍ଗ, ଫ୍ୟାବ୍ରିକେସନ ଏବଂ ଫିକ୍ସିଙ୍ଗ ଅନ୍ତର୍ଭୁକ୍ତ। (2) ଚେକ୍ ରେଲ୍ ଓ ଗାର୍ଡ ରେଲ୍ ସହିତ 8 ଡିଗ୍ରୀ କର୍ଭରେ ବ୍ରିଜ୍ ନଂ.: 401, 481, 487 ଓ 543ରେ ଚ୍ୟାନେଲ ସ୍ଲିପରଗୁଡ଼ିକ ନିମନ୍ତେ TRF-1200 ସଂଖ୍ୟକ ଦ୍ୱାରା କୋଟଭଲସା-ମାଲିଗୁଡ଼ା ମଧ୍ୟରେ ବ୍ରିଜ୍‌ଗୁଡ଼ିକରେ ଥ୍ରୁ ବ୍ରିଜ୍ ସ୍ଲିପର ନବୀକରଣ (TBSR) ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 5,95,29,557.56, **EMD :** ₹ 4,47,700/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.09.2025ରିଖ, 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକାକୋରିୟରଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ୱାଲ୍ଟିୟର
PR-575/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଜି)/ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବ ନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। କ୍ର.ସଂ., ଇ-ଟେଣ୍ଡର ନଂ. ଏବଂ ତାରିଖ ଓ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ୪୨-ଇଏଲ-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫ । ଏଇଏନ୍/I/ଟାଟାଙ୍କ ଅଧୀନରେ ସାଲ୍‌ଗାଜୋରି-ଟାଟାନଗର ମଧ୍ୟରେ ଆରୟୁବିର ନିର୍ମାଣ ଦ୍ୱାରା ୦୧ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲ୍‌ସି ନଂ. ୧୪୦)ର ଅପସାରଣ ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୧୧,୦୮,୫୬୮.୯୯ । ଇଏମ୍‌ଡି: ₹୨୨,୨୦୦/-। ୨. ୪୪-ଇଏଲ-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫। ଗୁଆଠାରେ ବିଦ୍ୟମାନ ଗୁଡ୍‌ସ ଶେଡ଼ର ଭିତ୍ତିଭୂମିର ଉନ୍ନୟନ/ଆଧୁନିକୀକରଣ । ଟେଣ୍ଡର ମୂଲ୍ୟ: ₹୪୯,୨୩,୭୦୬.୩୭ । ଇଏମ୍‌ଡି: ₹୯୮,୫୦୦/-। ୩. ୪୭-ଇଏଲ-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫ । ଚକ୍ରଧରପୁର ଡିଭିଜନରେ ପୁରୁଣା ଏୟାର କଣ୍ଡିସନରଗୁଡ଼ିକୁ ୫ ଷ୍ଟାର ମାନ୍ୟତାପ୍ରାପ୍ତ ଶକ୍ତିଦକ୍ଷ ଏୟାର କଣ୍ଡିସନର ଦ୍ୱାରା ପ୍ରତିବଦଳ କରିବା ଏବଂ ନୂଆ ଏସି ଯୋଗାଇବା ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ (୨ୟ ଆହ୍ୱାନ)। ଟେଣ୍ଡର ମୂଲ୍ୟ: ₹୩୦,୧୨,୮୭୯.୨୨। ଇଏମ୍‌ଡି: ₹୬୦,୩୦୦/- । ୪. ୪୮-ଇଏଲ-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫ । ଏଡିଇଏନ୍/ଡାଙ୍ଗୋଆପୋଷିଙ୍କ କ୍ଷେତ୍ରାଧିକାର ଅଧୀନରେ ଆରୟୁବିର ନିର୍ମାଣ ଦ୍ୱାରା ୦୨ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲ୍‌ସି ନଂ. ଆର୍‌ବିକେ-୭୩ ଓ ଆର୍‌ବିକେ-୫୧)ର ଅପସାରଣ ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୨୫,୮୧,୬୭୪.୮୬ । ଇଏମ୍‌ଡି: ₹୫୧,୬୦୦/-। ୫. ୫୦-ଇଏଲ-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫ । ଚକ୍ରଧରପୁର ମଣ୍ଡଳରେ କୌଣସି ସ୍ଥାନୀୟ ଯୋଗାଣ ଉପଲବ୍ଧତା ବିନା ୫୮ ଗୋଟି ଏଲ୍‌ସି ଗେଟ୍‌ଗୁଡ଼ିକରେ ଭରସାଯୋଗ୍ୟ ଶକ୍ତି ଯୋଗାଣ, ଆଲୋକୀକରଣ ଓ ୱାୟରିଂ । ଟେଣ୍ଡର ମୂଲ୍ୟ: ₹୨,୭୧,୬୫,୧୧୯.୧୪ । ଇଏମ୍‌ଡି: ₹୨,୮୫,୮୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ପ୍ରତ୍ୟେକ ପାଇଁ ଶୂନ୍ୟ । ବନ୍ଦ ହେବା/ଖୋଲାଯିବା ତାରିଖ: କ୍ର.ସଂ. ୧, ୨ ଓ ୩ ପାଇଁ ତା୦୭।୧୦।୨୦୨୫ରିଖ ୧୫.୦୦ ଘଟିକା ଏବଂ ୪ ଓ ୫ ପାଇଁ ତା୧୩।୧୦।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବ ଜରୁରୀ। (PR-612)

**JHARKHAND URJA SANCHARAN NIGAM LIMITED**
(CIN No.:U40108JH2013SGC001704)
Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002
(E-mail: cetjusnl@gmail.com)

**e-TENDER NOTICE**
NIT No. – 390/PR/ JUSNL/ 2025-26

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | Design, Engineering, Supply of Materials/ Equipments, Erection, Testing and Commissioning of 132/33 KV, 2 x 80 MVA Grid sub -station including construction of Control Room Building & approach road as well as other civil works at Sindri (Hurl) on turnkey basis |
| Estimated cost (Rs.) | Rs. 72,77,80,287.00 (including GST) |
| Earnest Money Deposit | Rs. 1,45,55,610.00 On line mode |
| Completion Period | 18 Months |
| e-Tender fee | Rs. 20,000.00 + 18% GST On line mode. |
| Start Date & Time of Download the Tender Documents | 15.09.2025 at 11:00 AM |
| Start Date and time of upload of BID | 15.09.2025 at 11:00 AM |
| End date and time of upload of BID | 08.10.2025 upto 04:00 PM |
| BID Opening date for technical part | 09.10.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570 (कॉल सेन्टर) पर दर्ज करायें।

PR 361530 Jharkhand Urja Sancharan Nigam Ltd (25-26)_D

Sd/-
General Manager
C&M (NWBP)

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯
**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖା**ରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୫.୦୯.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୨୬.୦୯.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଶୁକଳ ଶାଖା, ସା: ଆଳିଶ, ପୋ: ଶୁକଳ, ଭାୟା: ସାକ୍ଷୀଗୋପାଳ, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: ଅଙ୍କିତା ଜେନା, ମୋ.: ୮୨୭୦୩୩୩୧୧୬** | | |
| ୧. | **ମମତା ପରିଡା,** ସା: ଆଳିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୩୮୭୮୯ | ଟ.୨୮,୦୦୦/- + ସୁଧ ଏବଂ ଦେୟ | ୧୫.୭୩ |
| ୨. | **ନନ୍ଦ କିଶୋର ବେହେରା,** ସା: ଆଳିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୩୯୫୫୭ | ଟ.୧,୧୫,୦୦୦/- + ସୁଧ ଏବଂ ଦେୟ | ୨୯.୩୦ |
| ୩. | **ବନ୍ଧୁ ପତି,** ସା: ଆଳିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୪୨୦୭୬ | ଟ.୫୧,୦୦୦/- + ସୁଧ ଏବଂ ଦେୟ | ୧୮.୧୦ |
| | **ସାତପାଟଣା ଶାଖା, ସା/ପୋ: ସାତପାଟଣା, ଦଶପଲ୍ଲା, ଜିଲ୍ଲା: ନୟାଗଡ, ଶାଖା ପ୍ରବନ୍ଧକଙ୍କ ନାମ: ପବିତ୍ର ମାଝୀ, ମୋ.: ୭୭୩୫୧୪୮୭୪୦** | | |
| ୧. | **ସୁଷମା ରଣା,** ସା: ଖମାର ସାହି, ଦଶପଲ୍ଲା, ଜିଲ୍ଲା: ନୟାଗଡ / ୦୪୦୦୦୬୧୦୦୩୩୫୪୮ | ଟ.୪୧,୦୦୦/- + ସୁଧ ଏବଂ ଦେୟ | ୧୯.୩୦ |
| ୨. | **କିଶୋର ରଣା,** ସା: ପୁରୁଣା ଦଶପଲ୍ଲା, ପୋ: ସୁବଳୟା, ଜିଲ୍ଲା: ନୟାଗଡ / ୦୪୦୦୦୬୧୦୦୩୩୭୯୧ | ଟ.୨୦,୦୦୦/- + ସୁଧ ଏବଂ ଦେୟ | ୧୧.୦୦ |
| | **ମୈତ୍ରୀ ବିହାର ଶାଖା, ମୈତ୍ରୀ ବିହାର, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଉମେଶ ଚନ୍ଦ୍ର ନାୟକ, ମୋ.: ୬୩୭୧୦୦୬୯୫୮** | | |
| ୧. | **ଲକ୍ଷ୍ମୀଧର ସାହୁ,** ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୬୯୫୪ | ଟ.୮୯,୦୦୦/- + ସୁଧ ଏବଂ ଦେୟ | ୨୧.୦୦ |
| ୨. | **ଲକ୍ଷ୍ମୀଧର ସାହୁ,** ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୬୮୩୧ | ଟ.୩୨,୦୦୦/- + ସୁଧ ଏବଂ ଦେୟ | ୯.୨୭ |
| ୩. | **ଲକ୍ଷ୍ମୀଧର ସାହୁ,** ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୮୦୧୯ | ଟ.୧,୪୦,୦୦୦/- + ସୁଧ ଏବଂ ଦେୟ | ୨୮.୮୦ |
| ୪. | **ଲକ୍ଷ୍ମୀଧର ସାହୁ,** ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୮୪୩୯ | ଟ.୪୫,୦୦୦/- + ସୁଧ ଏବଂ ଦେୟ | ୨୩.୬୦ |
| | **ମିରଗାନ୍‌ଗୁଡା ଶାଖା, ନବରଙ୍ଗପୁର କଲେଜ ବିପରୀତ, ମିରଗାନ୍‌ଗୁଡା, ଶାଖା ପ୍ରବନ୍ଧକଙ୍କ ନାମ: ସଂଗ୍ରାମ କେଶରୀ ପାତ୍ର, ମୋ.: ୭୯୦୪୯୮୪୧୦୭** | | |
| ୧. | **ଭାସ୍କର ମାଳି,** ସା: ଏକମ୍ବା, ପୋ: ନନ୍ଦାହାଣ୍ଡି, ନବରଙ୍ଗପୁର / ୨୮୪୯୦୬୧୦୦୧୪୭୫୨ | ଟ.୪୨,୦୦୦/- + ସୁଧ ଏବଂ ଦେୟ | ୧୧.୭୦ |
| ୨. | **ଧରଣୀଧର ଶବର,** ୟୁନିଟ୍-୧୩ (ଓ) ବିଏନ୍ ଏନ୍‌ସିସି, ନବରଙ୍ଗପୁର / ୨୮୪୯୦୬୧୦୦୧୫୭୮୦ | ଟ.୪୫,୦୦୦/- + ସୁଧ ଏବଂ ଦେୟ | ୧୭.୯୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**
୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦** ଦିନ ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୦.୦୯.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

# ଅବରୋଧମୁକ୍ତ ହେଲା ଭୂୟାଁଣି ଦେବୀଙ୍କ ପୀଠ

ବୋଲଗଡ଼,୧୦।୯
(ଦେବବ୍ରତ ହୋତା)

ବୋଲଗଡ଼ ଟାଉନ ନିକଟସ୍ଥ ମନୋରମ ପର୍ଯ୍ୟଟନସ୍ଥଳୀ ତଥା ପ୍ରସିଦ୍ଧ ଶକ୍ତିପୀଠ ମା' ଭୂୟାଁଣି ଦେବୀଙ୍କ ମନ୍ଦିର ଗୃହ ସବୁ ବୁଧବାର ଅବରୋଧମୁକ୍ତ ହୋଇଛି। ସ୍ଥାନୀୟ ଗଡ଼ଭିତର ସାହି ବାସିନ୍ଦା, ନୂତନ ମନ୍ଦିର ପରିଚାଳନା କମିଟି ଉଦ୍ୟମରେ ତଥା ଖୋର୍ଦ୍ଧା ଉପଜିଲାପାଳଙ୍କ ନିର୍ଦ୍ଦେଶରେ ବୋଲଗଡ଼ ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଶର୍ମା ମାଜିଷ୍ଟ୍ରେଟ କ୍ଷମତାପ୍ରାପ୍ତ ହୋଇ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଏନେଇ ସେ ମନ୍ଦିର ପରିସରରେ ଥିବା ବିଭିନ୍ନ ଗୃହର ତାଲା ଭାଙ୍ଗି ଏହା ଭିତରେ ଥିବା ସରଞ୍ଜାମ ସବୁର ତାଲିକା ପ୍ରସ୍ତୁତ କରି ପରିଚାଳନା କମିଟିକୁ ହସ୍ତାନ୍ତର କରିଛନ୍ତି। ଏହି ପୀଠଟି ଜଣେ ବ୍ୟକ୍ତିଙ୍କ ହେପାଜତରେ ଦୀର୍ଘବର୍ଷ ଧରି ପରିଚାଳିତ ହୋଇ ଆସୁଥିବା ବେଳେ ଏଠାରେ ବିବାହ, ବ୍ରତ ଓ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ସହ ସଭାସମିତି, ଭୋଜିଭାତ ଆଦି କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା କରାଯାଇଥିଲା। ଏଥିସହ ଠାକୁରାଣୀଙ୍କ ଯାତ୍ରା ମଧ୍ୟ ଏଠାରେ ଅନୁଷ୍ଠିତ ହୋଇଆସୁଥିଲା। ତେବେ ଗ୍ରାମବାସୀ ପରିଚାଳନା କମିଟି ମାଧ୍ୟମରେ ଏହାର ଦାୟିତ୍ୱ ନେବା ପାଇଁ ସଂପୃକ୍ତ ବ୍ୟକ୍ତିଙ୍କୁ ଯୋଗାଯୋଗ କରିବାରେ ସେ ଏହି ପୀଠ ହସ୍ତାନ୍ତର ପାଇଁ ସହମତି ପ୍ରକାଶ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଏଥିରେ ବ୍ୟତିକ୍ରମ ହେବା କାରଣରୁ ଗ୍ରାମବାସୀ ଓ ପରିଚାଳନା କମିଟି ତହସିଲଦାରଙ୍କୁ ଏହାର ଅଧିକାର ପାଇଁ ଅବଗତ କରାଇଥିଲେ। ଏନେଇ ବୁଧବାର ତହସିଲଦାର ଓ ପୋଲିସ ସମେତ ତହସିଲ କର୍ମଚାରୀଙ୍କ ଉପସ୍ଥିତିରେ ପୀଠରେ ଥିବା ଗୃହର ତାଲା ଭଙ୍ଗାଯାଇ ନୂତନ ତାଲା ପକାଇ କମିଟି ସମ୍ପାଦକଙ୍କୁ ହସ୍ତାନ୍ତର କରାଯାଇଛି।



ଭୂୟାଁଣି ଦେବୀଙ୍କ ପୀଠକୁ ଅବରୋଧମୁକ୍ତ କରାଯିବା ଅବସରରେ ଅତିରିକ୍ତ ତହସିଲଦାର, ପୋଲିସ ଏବଂ ଅନ୍ୟମାନେ।

# ୧୩ ଲିଟର ଦେଶୀମଦ ଜବତ: ୨ ଗିରଫ

ଟାଙ୍ଗୀ,୧୦।୯(ରଘୁନାଥ ସାହୁ)

ଟାଙ୍ଗୀ ଅବକାରୀ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୩ ଲିଟର ୬୦୦ ମିଲି ଚୋରା ଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ନିରାକାରପୁର ଥାନା ଅନ୍ତର୍ଗତ ବଡପୋଖରିଆ ଗ୍ରାମର ଶଶିଶେଖର ମଙ୍ଗରାଜ ଓ ବୋଡଙ୍ଗରା ପାଟଣାର ଦୁଷ୍ମନ୍ତ ପ୍ରଧାନ। ଅବକାରୀ ଥାନା ଇନ୍ସପେକ୍ଟର ରମେଶ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ପୋଲିସ ଚଢ଼ାଉ କରିଥିଲା। ଏ ନେଇ ଦୁଇଟି କେସ୍ (ନଂ.୧୦୮/୨୫ ଓ ୧୦୯/୨୫) ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୂଚନା ଦେଇଛନ୍ତି।

# ସବ୍‌ଜୋନସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା





ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କୃଷ୍ଣପ୍ରସାଦ,୧୦।୯
(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସବଜୋନସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ମୋରଡ଼ାସ୍ଥିତ ବଟେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅମିନ କୁମାର ବିଶ୍ୱାଳଙ୍କ ପୌରାହିତ୍ୟରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାକୁ ଅବସର ସେନା ଅଧିକାରୀ ବିପିନ ବିହାରୀ ପଲେଇ ଉଦଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଦ୍ୟାଧର ପଲେଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଇଞ୍ଜିନିୟର ପ୍ରତାପ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ହରିହର ଦାଶ, ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ, ଶଙ୍କର୍ଷଣ ପଲେଇ ପ୍ରମୁଖ ଯୋଗଦେଇଥିଲେ। କୃଷ୍ଣପ୍ରସାଦ ସବଜୋନ ସମ୍ପାଦକ କ୍ରୀଡା ଶିକ୍ଷକ ପ୍ରକାଶ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୬ଟି ଉଚ୍ଚ ବିଦ୍ୟାଳୟର ୩୦୦ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବ୍ଲକ କ୍ରୀଡ଼ା ଜୋନ ସମ୍ପାଦକ ଅଜିତ କୁମାର ବାରିକ, ସୁବାସ ପ୍ରଧାନ, ବିପିନ ପ୍ରଧାନ, ଆୟୋଜକ ବିଦ୍ୟାଳୟର ଖେଳ ଶିକ୍ଷକ ଅଶୋକ କୁମାର ପ୍ରଧାନ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପ୍ରମୋଦ କୁମାର ପଣ୍ଡା, ରାଜକିଶୋର ଦାସ, ଦିଲ୍ଲୀପ ପଟ୍ଟନାୟକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।

# ବଚସାକୁ କେନ୍ଦ୍ରକରି ଛାତ୍ରଙ୍କୁ ଅପହରଣ: ୨ ସହପାଠୀ ଅଟକ

ଖୋର୍ଦ୍ଧା,୧୦।୯
(ପ୍ରଭାତ ପାଣିଗ୍ରାହୀ)

ସାମାନ୍ୟ ବଚସାକୁ କେନ୍ଦ୍ର କରି ସହପାଠୀଙ୍କୁ ଅନ୍ୟ ଦୁଇଜଣ ସାଙ୍ଗ ମିଶି ଫିଲ୍ମ ଷ୍ଟାଇଲରେ ବାଇକ୍‌ରେ ଆସି ଉଠାଇନେଲେ। ପୋଲିସ ଭୟରେ ପୁଣି ଉକ୍ତ ଛାତ୍ରଙ୍କୁ ଆଣି ଛାଡ଼ିଚାଲିଗଲେ। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଆଦର୍ଶ ଥାନା ପୋଲିସ ଉକ୍ତ ଛାତ୍ର ୨ଜଣଙ୍କୁ ଥାନାରେ ଅଟକ ରଖିଛି। ସିସିଟିଭିରେ ଏହି ଘଟଣାର ଚିତ୍ର କଏଦ ହୋଇଛି।

ଅଭିଯୋଗ ଅନୁସାରେ, ମଳିପଡା ଗ୍ରାମର ବିଦ୍ୟାଧର ମହାରଣାଙ୍କ ପରିବାର ପଲ୍ଲା ହନୁମାନ ମନ୍ଦିର ନିକଟ ଜନୈକ ବ୍ୟକ୍ତିଙ୍କ ଘରେ ଭଡ଼ାରେ ରହୁଛନ୍ତି। ତାଙ୍କ ପୁଅ ପିତାପଲ୍ଲୀ ଛକସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ +୩ ପ୍ରଥମ ବର୍ଷରେ ପଢୁଛନ୍ତି। କୌଣସି କାରଣକୁ ନେଇ ମଙ୍ଗଳବାର ଜଣେ ସହପାଠୀଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ସମ୍ପୃକ୍ତ ସହପାଠୀ ଉତ୍‌କ୍ଷିପ୍ତ ହୋଇ ବୁଧବାର ଅପରାହ୍ନ ୫ଟାରେ ଅନ୍ୟ ଜଣେ ସାଙ୍ଗ ସହ ମିଶି ତାଙ୍କୁ ହନୁମାନ ମନ୍ଦିର ନିକଟରେ ଥିବା ଏକ ଭେରାଇଟି ଷ୍ଟୋର ଆଗରୁ ଜୋର ଜବରଦସ୍ତ ଉଠାଇ ନେଇଥିଲେ। ସେଠାରେ ଥିବା ସ୍ଥାନୀୟ ଲୋକେ ସେମାନଙ୍କୁ ଧରିବାକୁ ଚେଷ୍ଟା କରିବା ବେଳେ ଛାତ୍ରମାନେ ଫେରାର ହୋଇଯାଇଥିଲେ। ଖବର ପାଇ ବିଦ୍ୟାଧର ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜକୁ ଆଧାର କରି ଉକ୍ତ ଛାତ୍ରଙ୍କୁ ଚିହ୍ନଟ କରି ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ଏନେଇ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ କହିଛନ୍ତି, ଉଭୟ ଛାତ୍ରଙ୍କ ମଧ୍ୟରେ କୌଣସି କାରଣରୁ ବଚସାକୁ ନେଇ ସେମାନେ ରାଗରେ ସାଙ୍ଗଜଣଙ୍କୁ ଉଠାଇ ନେଇ ପରବର୍ତ୍ତୀ ସମୟରେ ଛାଡ଼ିଦେଇଥିବା ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି। ଅପହରଣ ପାଇଁ ନୁହେଁ, ବରଂ ଦୁହେଁ ରାଗର ବଶବର୍ତ୍ତୀ ହୋଇ ତାଙ୍କୁ ଉଠାଇ ନେଇଥିବା ଜଣାପଡ଼ିଛି।

# ୩ ମାସ ପରେ ବି ନିଖୋଜ ଯୁବକଙ୍କ ପତ୍ତା ମିଳୁନି

କୃଷ୍ଣପ୍ରସାଦ,୧୦।୯
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବ୍ରାହ୍ମଣଦେଓ ଗ୍ରାମର ଚନ୍ଦନ କୁମାର ବିଶ୍ୱାଳ(୧୯) ତିନି ମାସ ହେବ ନିଖୋଜ ଅଛନ୍ତି। ଏ ନେଇ ଅଭିଯୋଗ ପରେ କୃଷ୍ଣପ୍ରସାଦ ପୋଲିସ ଏକ ମାମଲା (ନଂ.୧୧୩/୨୫) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଚନ୍ଦନ ଚଳିତ ବର୍ଷ ଯୁକ୍ତ୨ ପରୀକ୍ଷାରେ ଫେଲ ହୋଇଥିଲେ। ଏହା ପରେ ସେ ଗତ ମେ' ୨୧ ତାରିଖ ମଧ୍ୟରାତ୍ରିରୁ କେଉଁଆଡ଼େ ପଳାଇଛନ୍ତି। ପରିବାର ଏବଂ ସମ୍ପର୍କୀୟ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ଅନୁସନ୍ଧାନ ମିଳିନ ଥିଲା। ଏନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି। ପୋଲିସ ପକ୍ଷରୁ ଚନ୍ଦନଙ୍କ ନିଖୋଜ ନେଇ ତାଙ୍କ ଫଟୋର ପୋଷ୍ଟର ବିଭିନ୍ନ ସ୍ଥାନରେ ଲଗାଯାଇଛି। କେହି ବି ଚନ୍ଦନଙ୍କ ସନ୍ଧାନ ପାଇଲେ କୃଷ୍ଣପ୍ରସାଦ ପୋଲିସ କିମ୍ବା ସ୍ଥାନୀୟ ଥାନାକୁ ଜଣାଇବା ପାଇଁ ପୋଲିସ ପକ୍ଷରୁ କୁହାଯାଇଛି। ପୋଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତ କହିଛନ୍ତି ଯେ, ରାଜ୍ୟର ବିଭିନ୍ନ ସ୍ଥାନ ଏବଂ ରାଜ୍ୟ ବାହାରେ ଖୋଜାଖୋଜି କରାଯାଉଛି। ଖୁବ୍‌ଶୀଘ୍ର ଚନ୍ଦନଙ୍କୁ ଉଦ୍ଧାର କରାଯିବ।

# ୪ କୋଟି ଠକେଇ: ଭୁବନେଶ୍ୱରରୁ ଅଭିଯୁକ୍ତଙ୍କୁ ଉଠାଇନେଲା ପଶ୍ଚିମବଙ୍ଗ ପୋଲିସ

ଭୁବନେଶ୍ୱର,୧୦।୯(ସତ୍ୟଜିତ୍ ରାଉତ)

ଶେୟାର ମାର୍କେଟ ଓ ଟ୍ରେଡିଂ ନାଁରେ ୪ କୋଟି ଟଙ୍କା ଠକେଇ ମାମଲାରେ ପଶ୍ଚିମବଙ୍ଗ ପୋଲିସ ଭୁବନେଶ୍ୱର ବରମୁଣ୍ଡାରେ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଉଠାଇନେଇଛି। ଅଭିଯୁକ୍ତ ଜଣକ ହେଲେ ହରିହର ମହାପାତ୍ର। ଖଣ୍ଡଗିରି ଥାନା ପୋଲିସ ସହାୟତାରେ ପଶ୍ଚିମବଙ୍ଗର ପ୍ରଗତି ମୈଦାନ ଥାନା ଟିମ୍ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ହରିହର ଜଣେ ବ୍ୟକ୍ତିଙ୍କୁ ଠକେଇ କରିଥିବା ନେଇ ଅଭିଯୋଗ ହୋଇଥିଲା। ହରିହର ଭୁବନେଶ୍ୱରରେ ରହି ଏହି ଠକେଇ କରିଥିଲେ ବୋଲି ଜଣାପଡିବା ପରେ ମୈଦାନ ଥାନାର ଏକ ଟିମ୍ ଏଠାକୁ ଆସି ଖଣ୍ଡଗିରି ଥାନା ପୋଲିସ ସହ ଯୋଗାଯୋଗ କରିଥିଲା। ହରିହରଙ୍କୁ ଖଣ୍ଡଗିରି ଥାନାକୁ ନେଇ ପଚରାଉଚରା କରାଯିବା ପରେ ପୋଲିସ ପଶ୍ଚିମବଙ୍ଗ ନେଇଯାଇଛି।

# ଅଙ୍ଗନୱାଡି କର୍ମୀଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବୋଲଗଡ଼,୧୦।୯(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ବୋଲଗଡ଼ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଜରିଆରେ ସମୁଦାୟ ୨୨୫ ଅଙ୍ଗନୱାଡ଼ି କର୍ମୀଙ୍କ ପାଇଁ ତିନିଦିନିଆ ତାଲିମ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ମିଶନ ଶକ୍ତି ସଭାଗୃହରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅନ୍ତର୍ଗତ 'ପୋଷଣ ଭି ପଢ଼ାଇ ଭି' କାର୍ଯ୍ୟକ୍ରମକୁ ବିଡିଓ ସୁମନସୁଧା କୁଣ୍ଠୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ବୋଲଗଡ଼, ମାଣିକାଗୋଡ଼ା, ଖଙ୍ଗୁରିଆ, ଭୀମପଡ଼ା ବଡକୁମାରୀ ଆଦି ଅଞ୍ଚଳକୁ ନେଇ ଗଠିତ ସେକ୍ଟରରୁ ୧୧୩ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ତାଲିମ ଗ୍ରହଣ କରିଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୁଷମା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅଙ୍ଗନୱାଡ଼ି ସୁପରଭାଇଜର ବିନୋଦିନୀ ପ୍ରଧାନ, ଶର୍ମିଷ୍ଠା ବାରିକ, ଲିଲି ଗ୍ରେସ ଲାକ୍ରା, ନମିତା ମଙ୍ଗରାଜ, ପ୍ରଭାତୀ ପରିଡ଼ା ଓ ପୋଷଣ ବ୍ଲକ ସଂଯୋଜକ ପ୍ରମୁଖ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁପୋଷଣମୁକ୍ତ ଭାରତ ଗଠନ ସହ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଓ ଉଚ୍ଚ ମାନର ଗୁଣାତ୍ମକ ଶିକ୍ଷା ପ୍ରଦାନ ଆଦି ସନ୍ଦର୍ଭରେ ୬ବର୍ଷରୁ କମ ବୟସର ଶିଶୁଙ୍କୁ ପୁଷ୍ଟି ସହିତ ପାଠପଢ଼ା ଉପରେ ଗୁରୁତ୍ୱ ନେଇ କର୍ମୀଙ୍କୁ ତାଲିମ ପ୍ରଦାନ କରାଯାଉଛି।





# ଗ୍ୟାସ୍‌ଟାଙ୍କି ଲିକ୍‌ରୁ ଅଗ୍ନିକାଣ୍ଡ

**ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ: ଜଣେ ଆହତ**

ବୋଲଗଡ଼,୧୦।୯(ଦେବବ୍ରତ ହୋତା): ବୋଲଗଡ ବ୍ଲକ ଦଳେଇସାହି ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ସରୋଜ କୁମାର ସ୍ୱାଇଁଙ୍କ ଘରେ ବୁଧବାର ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ ଲିକ୍‌ହୋଇ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ିଯାଇଛି। ଏଥିରେ ସରୋଜଙ୍କ ସ୍ତ୍ରୀ ଜ୍ୟୋତିର୍ମୟୀ ଆହତ ହୋଇ ନୟାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ଜ୍ୟୋତିର୍ମୟୀ ରୋଷେଇ କରୁଥିବା ବେଳେ ଗ୍ୟାସ ସିଲିଣ୍ଡର ପାଇପରୁ ଗ୍ୟାସ ଲିକେଜ ହୋଇ ନିଆଁ ବ୍ୟାପିଯାଇଥିଲା। ଏଥିରେ ଅନେକ ଦାମୀ ଉପକରଣ ସହ ଝିଅ ବିବାହ ପାଇଁ ରଖିଥିବା ଖଟ, ଚେୟାର, ଆଲମିରା, କାଠସିନ୍ଦୁକ, ସୋଫା ସେଟ ଆଦି ପୋଡ଼ି ନଷ୍ଟ ହୋଇଯାଇଛି। ସରୋଜ ଜଣେ ବ୍ୟବସାୟୀ ହୋଇଥିବାରୁ ଘରେ ରଖିଥିବା ଅନେକ ଷ୍ଟକ୍ ସାମଗ୍ରୀ ମଧ୍ୟ ଜଳିଯାଇଛି। ଖବର ପାଇ ବୋଲଗଡ଼ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଜ୍ୟୋତିର୍ମୟୀଙ୍କ ଡାହାଣ ହାତ ଓ ଡାହାଣ ପଟ ଗୋଡ଼ରେ ନିଆଁଲାଗି ପୋଡ଼ିଯାଇଛି। ପୋଡ଼ି ଯାଇଥିବା ସାମଗ୍ରୀର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୃଷ୍ଣପ୍ରସାଦ,୧୦।୯(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ସାମାଜିକ ସୁରକ୍ଷା ବିଭାଗ ଏବଂ କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ ସହାୟତାରେ ଚିଲିକା ନୂଆପଡ଼ା ନାରାୟଣ ବିଦ୍ୟାପୀଠ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ ଉଦଘାଟନ କରିଥିଲେ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ବ୍ରହ୍ମଗିରି ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ପୁରୀ ସାଂସଦଙ୍କ ପ୍ରତିନିଧି ହରିହର ଦାଶ, କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ସିଆଣ୍ଡି ପଞ୍ଚାୟତ ସମିତିସଭ୍ୟ ଲଳିତ କୁମାର ତରେଇ, ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ, ଭାଜପା ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଅସ୍ଥିଶଲ୍ୟ, ଦୃଷ୍ଟିଶକ୍ତି, ଶ୍ରବଣ ଶକ୍ତି, ମାନସିକ ଅଗ୍ରସର ବ୍ୟକ୍ତିମାନେ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ଉପସ୍ଥିତ ବିଶେଷଜ୍ଞଙ୍କଠାରୁ ନିଜ ସ୍ୱାସ୍ଥ୍ୟଗତ ସମସ୍ୟା ସଂକ୍ରାନ୍ତ ପରାମର୍ଶ ଲୋଡ଼ିଥିଲେ। ଶିବିରରେ ମୋଟ ୨୬୪ ଜଣଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ଏ ସମ୍ପର୍କରେ ଜିଲାସ୍ତରରେ ବିଚାର ବିମର୍ଶ ପରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ସାମାଜିକ ସୁରକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ପାତ୍ର, ବ୍ଲକ ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, କନିଷ୍ଠ ଯନ୍ତ୍ରୀ ଅମିୟ କୁମାର ପଣ୍ଡା, ଜିତେନ୍ଦ୍ର ଦାସ, ବେଗା ହାଁସଦା, ସନ୍ମୟ ଭୂଷଣ ପରିଡା, ସିପି ପ୍ରଭାତ କୁମାର ଜେନା, ଏପିଓ ଅଭିନ୍ନ କୁମାର ପଲାଇ, ଏସିପି ସୌଭାଗ୍ୟ କୁମାର ବଳିୟାରସିଂହ, ରାଜସ୍ୱ ସହାୟକ କାଶୀମ ମହମ୍ମଦ, ରଶ୍ମିରଞ୍ଜନ ପଟ୍ଟନାୟକ, ଆଲୋକ କୁମାର ଖୁଣ୍ଟିଆ, ରତ୍ନାକର ମାଝୀ ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ।


**BERHAMPUR UNIVERSITY**
BHANJA BIHAR, BERHAMPUR-7, GANJAM, ODISHA-760007
Lt.No.350/RCoE/BU/2025 Date : 10.09.2025

**ADVERTISEMENT FOR RESEARCH POSITION**

Application in plane paper along with biodata and attested copies of the certificate are invited for the appointment of the Post of Research Assistant (02 No.) for the center of excellence in nano science and technology for the development of sensors (CoENSTds) on a temporary basis for a duration of 01 year or till the complication of the project on or before date: 24.09.2025 by speed post. The applications are to be submitted to "The Coordinator" CoENSTds, Department of Physics, Berhampur university, Bhanja Bihar, 760007, Berhampur, Odisha. Short listed candidates will be called for interview by E- mail only. No TA/DA will be provided for attending the interview.
The details of the required qualifications and experiences are available on the university website- www.buodisha.edu.in. Any modification in the advertisement will be reflected only in the University website.

Sd./- Coordinator of CoENSTds
Berhampur University



GOVERNMENT OF ODISHA No. O-727
**OFFICE OF THE SUPERINTENDING ENGINEER**
RURAL WORKS DIVISION-II, DHENKANAL, KAMAKHYANAGAR
E-Mail: rw.kamakhyanagar@yahoo.co.in
**e-Procurement Notice No. 08/ Building Work / 2025-26**

| | |
|---|---|
| 1. Name of the Work | : Building Work |
| 2. Total No. of Works | : 02 (Two) Nos. |
| 3. Tender Cost | : Rs.30.34 & 12.61 Lakhs |
| 4. Class of Contractor | : D, C & B equivalent |
| 5. Period of Completion | : 2 Calendar Months |
| 6. Availability of Tender Online for Bidding | : 12.09.2025 at 11.00 A.M. to 19.09.2025 upto 5.00 P.M. |
| 7. Last date & time of seeking tender clarification | : 18.09.2025 upto 4.00 P.M. |
| 8. Date & time of opening of tender | : 20.09.2025 at 11.00 A.M. |

Other details can be seen from the website: http://tendersorissa.gov.in.

Sd./- Superintending Engineer
Rural Works Division-II, Dkl
Kamakhyanagar
OIPR-25094/11/0032/2526



**GOVERNMENT OF ODISHA**
**e-Procurement Notice, Angul (R&B) Division**
**Bid Identification No. 32 of 2025-26**
No. B-502 e-mail ID: angulrbdivision@yahoo.co.in

| | |
|---|---|
| 1. Number of Works | : 03 (Three) Number of road works<br>01 (One) Number of building work<br>02 (Two) Number of electrical works |
| 2. Approximate Estimated Cost | : Varies from 12.00 lakh to 49.00 lakh |
| 3. Period of Completion | : Varies from 02 (Two) to 06 (Six) Calendar Months |
| 4. Date & Time of availability of bid document in the portal | : Dt.12.09.2025 at 10.00 A.M. |
| 5. Last date/time for receipt of bid in the portal | : Dt.22.09.2025 upto 5.00 P.M. |
| 6. Date of Opening Bid | : Dt.23.09.2025 at 11.00 A.M. |
| 7. Name and address of the Office Inviting Bid | : Superintending Engineer, Angul (R&B) Division, Angul |

8. The bidders must participate in ONLINE bidding only.
Further details can be seen from the e-procurement portal https://tendersodisha.gov.in.

OIPR-34074/11/0032/2526
Sd./- Superintending Engineer
Angul (R&B) Division



**ପୂର୍ବ ତଟ ରେଳପଥ**
ବିଜ୍ଞପ୍ତି ସଂ. eT-Central-WAT-34-2025
ତା.01.09.2025ରିଖ

**କାର୍ଯ୍ୟର ନାମ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ / ୱାଲ୍ଟିୟର ପରିସୀମା ଅଧିନସ୍ଥ KK-I ଲାଇନ୍‌ରେ (1) ବର୍ତ୍ତମାନର 1675 ସ୍ଲିପରଗୁଡ଼ିକ ନିମନ୍ତେ ଗାଲ୍ଭାନାଇଜ୍ଡ H-ବିମ୍ ସ୍ଲିପର ଯେଉଁଥିରେ ଚେକ୍ ରେଲ୍ ଓ ଗାର୍ଡ ରେଲ୍ ସହିତ 8 ଡିଗ୍ରୀ କର୍ଭରେ ବ୍ରିଜ୍‌ଗୁଡ଼ିକ ସହ H-ବିମ୍ ସ୍ଲିପରଗୁଡ଼ିକର ଡିଜାଇନ, ଡ୍ରଇଙ୍ଗ, ପ୍ରୁଫ୍ ଚେକିଙ୍ଗ, ଫ୍ୟାବ୍ରିକେସନ ଏବଂ ଫିକ୍ସିଙ୍ଗ ଅନ୍ତର୍ଭୁକ୍ତ। (2) ଚେକ୍ ରେଲ୍ ଓ ଗାର୍ଡ ରେଲ୍ ସହିତ 8 ଡିଗ୍ରୀ କର୍ଭରେ ବ୍ରିଜ୍ ନଂ.: 401, 481, 487 ଓ 543ରେ ଚ୍ୟାନେଲ ସ୍ଲିପରଗୁଡ଼ିକ ନିମନ୍ତେ TRF-1200 ସଂଖ୍ୟକ ଦ୍ୱାରା କୋଟଭଲସା-ମାଲିଗୁଡ଼ା ମଧ୍ୟରେ ବ୍ରିଜ୍‌ଗୁଡ଼ିକରେ ଥ୍ରୁ ବ୍ରିଜ୍ ସ୍ଲିପର ନବୀକରଣ (TBSR) ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 5,95,29,557.56, EMD : ₹ 4,47,700/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.09.2025ରିଖ, 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକକୋରିୟରଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ୱାଲ୍ଟିୟର
PR-575/Q/25-26



**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଜି)/ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବ ନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ., ଇ-ଟେଣ୍ଡର ନଂ. ଏବଂ ତାରିଖ ଓ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ୪୨-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫ । ଏଇଏନ୍/I/ଟାଟାଙ୍କ ଅଧୀନରେ ସାଲଗାଜୋରି-ଟାଟାନଗର ମଧ୍ୟରେ ଆରୟୁବିର ନିର୍ମାଣ ଦ୍ୱାରା ୦୧ ଗୋଟି ମ୍ୟାନଡ ଲେଭଲ କ୍ରସିଂ (ଏଲସି ନଂ. ୧୪୦)ର ଅପସାରଣ ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୧୧,୦୮,୫୬୮.୯୯ । ଇଏମ୍‌ଡି: ₹୨୨,୨୦୦/-। ୨. ୪୪-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫ । ଗୁଆଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନୟନ/ଆଧୁନିକୀକରଣ । ଟେଣ୍ଡର ମୂଲ୍ୟ: ₹୪୯,୨୩,୭୦୬.୩୭ । ଇଏମ୍‌ଡି: ₹୯୮,୫୦୦/-। ୩. ୪୭-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫ । ଚକ୍ରଧରପୁର ଡିଭିଜନରେ ପୁରୁଣା ଏୟାର କଣ୍ଡିସନରଗୁଡ଼ିକୁ ୫ ଷ୍ଟାର୍ ମାନ୍ୟତାପ୍ରାପ୍ତ ଶକ୍ତିଦକ୍ଷ ଏୟାର କଣ୍ଡିସନର ଦ୍ୱାରା ପ୍ରତିବଦଳ କରିବା ଏବଂ ନୂଆ ଏସି ଯୋଗାଇବା ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ (୨ୟ ଆହ୍ୱାନ)। ଟେଣ୍ଡର ମୂଲ୍ୟ: ₹୩୦,୧୨,୮୭୯.୨୨। ଇଏମ୍‌ଡି: ₹୬୦,୩୦୦/- । ୪. ୪୮-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫ । ଏଡିଇଏନ୍/ଡାଙ୍ଗୋଆପୋଷିଙ୍କ କ୍ଷେତ୍ରାଧିକାର ଅଧୀନରେ ଆରୟୁବିର ନିର୍ମାଣ ଦ୍ୱାରା ୦୨ ଗୋଟି ମ୍ୟାନଡ ଲେଭଲ କ୍ରସିଂ (ଏଲସି ନଂ. ଆର୍‌ବିକେ-୬୩ ଓ ଆର୍‌ବିକେ-୫୧)ର ଅପସାରଣ ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୨୫,୮୧,୬୭୪.୮୬ । ଇଏମ୍‌ଡି: ₹୫୧,୬୦୦/-। ୫. ୫୦-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫ । ଚକ୍ରଧରପୁର ମଣ୍ଡଳରେ କୌଣସି ସ୍ଥାନୀୟ ଯୋଗାଣ ଉପଲବ୍ଧତା ବିନା ୫୮ ଗୋଟି ଏଲସି ଗେଟ୍‌ଗୁଡ଼ିକରେ ଭରସାଯୋଗ୍ୟ ଶକ୍ତି ଯୋଗାଣ, ଆଲୋକୀକରଣ ଓ ୱାୟାରିଂ । ଟେଣ୍ଡର ମୂଲ୍ୟ: ₹୨,୭୧,୬୫,୧୧୯.୧୪ । ଇଏମ୍‌ଡି: ₹୨,୮୫,୮୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ପ୍ରତ୍ୟେକ ପାଇଁ ଶୂନ୍ୟ । ବନ୍ଦ ହେବା/ଖୋଲାଯିବା ତାରିଖ: କ୍ର.ସଂ. ୧, ୨ ଓ ୩ ପାଇଁ ତା୦୭।୧୦।୨୦୨୫ରିଖ ୧୫.୦୦ ଘଟିକା ଏବଂ ୪ ଓ ୫ ପାଇଁ ତା୧୩।୧୦।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବ ଜରୁରୀ। (PR-612)



**JHARKHAND URJA SANCHARAN NIGAM LIMITED**
(CIN No.:U40108JH2013SGC001704)
Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002
(E-mail: cetjusnl@gmail.com)

**e-TENDER NOTICE**

NIT No. – 390/PR/ JUSNL/ 2025-26
E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | Design, Engineering, Supply of Materials/ Equipments, Erection, Testing and Commissioning of 132/33 KV, 2 x 80 MVA Grid sub -station including construction of Control Room Building & approach road as well as other civil works at Sindri (Hurl) on turnkey basis |
| Estimated cost (Rs.) | Rs. 72,77,80,287.00 (including GST) |
| Earnest Money Deposit | Rs. 1,45,55,610.00 On line mode |
| Completion Period | 18 Months |
| e-Tender fee | Rs. 20,000.00 + 18% GST On line mode. |
| Start Date & Time of Download the Tender Documents | 15.09.2025 at 11:00 AM |
| Start Date and time of upload of BID | 15.09.2025 at 11:00 AM |
| End date and time of upload of BID | 08.10.2025 upto 04:00 PM |
| BID Opening date for technical part | 09.10.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचायें। कृपया अपनी शिकयतों को 18003456570 (कॉल सेन्टर) पर दर्ज करायें।

Sd/-
General Manager
C&M (NWBP)
PR 361530 Jharkhand Urja Sancharan Nigam Ltd (25-26)_D



**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯
**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୫.୦୯.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୨୬.୦୯.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଶୁକଳ ଶାଖା, ସା: ଆଳିଶ, ପୋ: ଶୁକଳ, ଭାୟା: ସାକ୍ଷୀଗୋପାଳ, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: ଅଙ୍କିତା ଜେନା, ମୋ.: ୮୨୭୦୩୩୩୧୧୬** | | |
| ୧. | ମମତା ପରିଡା, ସା: ଆଳିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୩୮୭୮୯ | ଟ.୭୮,୦୦୦/- + ସୁଧ ଏବଂ ଦେୟ | ୧୫.୭୩ |
| ୨. | ନନ୍ଦ କିଶୋର ବେହେରା, ସା: ଆଳିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୩୯୫୫୭ | ଟ.୧,୧୫,୦୦୦/- + ସୁଧ ଏବଂ ଦେୟ | ୨୯.୩୦ |
| ୩. | ବନ୍ଧୁ ପତି, ସା: ଆଳିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୪୨୦୭୬ | ଟ.୫୧,୦୦୦/- + ସୁଧ ଏବଂ ଦେୟ | ୧୮.୧୦ |
| | **ସାତପାଟଣା ଶାଖା, ସା/ପୋ: ସାତପାଟଣା, ଦଶପଲ୍ଲା, ଜିଲ୍ଲା: ନୟାଗଡ, ଶାଖା ପ୍ରବନ୍ଧକଙ୍କ ନାମ: ପବିତ୍ର ମାଝୀ, ମୋ.: ୭୭୩୫୧୪୮୭୪୦** | | |
| ୧. | ସୁଷମା ରଣା, ସା: ଖମାର ସାହି, ଦଶପଲ୍ଲା, ଜିଲ୍ଲା: ନୟାଗଡ / ୦୪୦୦୦୬୧୦୦୩୩୫୪୮ | ଟ.୪୧,୦୦୦/- + ସୁଧ ଏବଂ ଦେୟ | ୧୯.୩୦ |
| ୨. | କିଶୋର ରଣା, ସା: ପୁରୁଣା ଦଶପଲ୍ଲା, ପୋ: ସୁବଳୟା, ଜିଲ୍ଲା: ନୟାଗଡ / ୦୪୦୦୦୬୧୦୦୩୩୭୯୧ | ଟ.୨୦,୦୦୦/- + ସୁଧ ଏବଂ ଦେୟ | ୧୧.୦୦ |
| | **ମୈତ୍ରୀ ବିହାର ଶାଖା, ମୈତ୍ରୀ ବିହାର, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଉମେଶ ଚନ୍ଦ୍ର ନାୟକ, ମୋ.: ୬୩୭୧୦୦୬୯୫୮** | | |
| ୧. | ଲକ୍ଷ୍ମୀଧର ସାହୁ, ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୬୯୫୪ | ଟ.୮୯,୦୦୦/- + ସୁଧ ଏବଂ ଦେୟ | ୨୧.୦୦ |
| ୨. | ଲକ୍ଷ୍ମୀଧର ସାହୁ, ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୬୮୩୧ | ଟ.୩୨,୦୦୦/- + ସୁଧ ଏବଂ ଦେୟ | ୯.୨୭ |
| ୩. | ଲକ୍ଷ୍ମୀଧର ସାହୁ, ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୮୦୧୯ | ଟ.୧,୪୦,୦୦୦/- + ସୁଧ ଏବଂ ଦେୟ | ୨୮.୮୦ |
| ୪. | ଲକ୍ଷ୍ମୀଧର ସାହୁ, ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୮୪୩୯ | ଟ.୪୫,୦୦୦/- + ସୁଧ ଏବଂ ଦେୟ | ୨୩.୬୦ |
| | **ମିରଗାନ୍‌ଗୁଡା ଶାଖା, ନବରଙ୍ଗପୁର କଲେଜ ବିପରୀତ, ମିରଗାନ୍‌ଗୁଡା, ଶାଖା ପ୍ରବନ୍ଧକଙ୍କ ନାମ: ସଂଗ୍ରାମ କେଶରୀ ପାତ୍ର, ମୋ.: ୭୯୦୪୯୮୪୧୦୭** | | |
| ୧. | ଭାସ୍କର ମାଳି, ସା: ଏକମ୍ବା, ପୋ: ନନ୍ଦାହାଣ୍ଡି, ନବରଙ୍ଗପୁର / ୨୮୪୯୦୬୧୦୦୧୪୭୫୨ | ଟ.୪୨,୦୦୦/- + ସୁଧ ଏବଂ ଦେୟ | ୧୧.୭୦ |
| ୨. | ଧରଣୀଧର ଶବର, ୟୁନିଟ୍-୧୩ (ଓ) ବିଏନ୍ ଏନ୍‌ସିସି, ନବରଙ୍ଗପୁର / ୨୮୪୯୦୬୧୦୦୧୫୭୮୦ | ଟ.୪୫,୦୦୦/- + ସୁଧ ଏବଂ ଦେୟ | ୧୭.୯୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**
୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାରଗୁଡ଼ିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦** ଦିନ ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୦.୦୯.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

**ରକ୍ତଦାନ ଶିବିର, ୨୭ ୟୁନିଟ୍ ରକ୍ତ ସଂଗ୍ରହ**

ପିପିଲି, (ଦୁର୍ଗା ମାଧବ ମିଶ୍ର): ଜଇସିପାଟଣା ଛକ ନିକଟରେ ବୁଧବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସାମାଜିକ କର୍ମୀ ତଥା ରକ୍ତଦାତା ଗଜେନ୍ଦ୍ର ବେହେରାଙ୍କ ଜନ୍ମ ଦିବସ ଉପଲକ୍ଷେ ନେକ୍ସସ ଓ ହେଲ୍ଥ ଫାଉଣ୍ଡେଶନ ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା। ସାମାଜିକ କର୍ମୀ ରଶ୍ମିତା ଦାସ, ଶିବ ଶଙ୍କର ରଥ, ପୂର୍ଣ୍ଣିମା ପ୍ରଧାନ, ଗଣେଶ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଫାଉଣ୍ଡେଶନର ସଭାପତି ସୁବ୍ରତ ମଲ୍ଲିକ, ସଦସ୍ୟ ସର୍ବଜିତ ମିଶ୍ର, ଶ୍ରୀକାନ୍ତ ସାହୁ, ଦେବରଞ୍ଜନ ସାହୁ, ସ୍ମିତିରଞ୍ଜନ ଦାସ, ଏସ୍‌କେ ସାହେଲ, ରଶ୍ମିରଞ୍ଜନ ପରିଡା, ସୁଧାଂଶୁ ଶେଖର ପ୍ରଧାନ, ମହମ୍ମଦ ଇବ୍ରାମ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେଣ୍ଟ୍ରାଲ ବ୍ଲଡ ବ୍ୟାଙ୍କ କଟକ ରକ୍ତ ସଂଗ୍ରହ କରିଥିଲା।

# ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ଅବଧି ବୃଦ୍ଧି

ଭୁବନେଶ୍ୱର,୧୦।୯ (ଅନୁରାଧା ମହାରଣା)

ପାର୍ବଣ ଋତୁରେ ଯାତ୍ରା ସୁବିଧା ଯୋଗାଇବା ଏବଂ ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ ପାଇଁ ପରିଚାଳିତ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ଚଳାଚଳ ଅବଧି ବୃଦ୍ଧି କରାଯାଇଛି। ଶନିବାର ପୁରୀରୁ ଛାଡୁଥିବା ୦୮୪୩୯ ପୁରୀ–ପାଟନା ସାପ୍ତାହିକ ସ୍ୱତନ୍ତ୍ରକୁ ନଭେମ୍ବର ୨୯ ପର୍ଯ୍ୟନ୍ତ ବଢ଼ାଯାଇଛି। ରବିବାର ପାଟନାରୁ ଛାଡୁଥିବା ୦୮୪୪୦ ପାଟନା–ପୁରୀ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନକୁ ନଭେମ୍ବର ୩୦ ପର୍ଯ୍ୟନ୍ତ ବଢ଼ାଯାଇଛି। ଶନିବାର ଭୁବନେଶ୍ୱରରୁ ଛାଡୁଥିବା ୦୨୮୧୧ ଭୁବନେଶ୍ୱର ଯଶ୍‌ବନ୍ତପୁର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍‌କୁ ନଭେମ୍ବର ୨୯ ପର୍ଯ୍ୟନ୍ତ ବଢ଼ାଯାଇଥିବାବେଳେ ସୋମବାର ଯଶ୍‌ବନ୍ତପୁରରୁ ଛାଡୁଥିବା ୦୨୮୧୨ ଯଶ୍‌ବନ୍ତପୁର–ଭୁବନେଶ୍ୱର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍‌କୁ ଡିସେମ୍ବର ୧ ପର୍ଯ୍ୟନ୍ତ ବଢ଼ାଯାଇଛି।

## ସୁରକ୍ଷା କାର୍ଯ୍ୟ ପାଇଁ ୨ ଟ୍ରେନ୍ ସେବା ବାତିଲ

ଅନ୍ୟପକ୍ଷରେ ପେନଡ଼ୁରୁଟି–ସିମାଚଳମ ଅପ୍ ଲାଇନ ମଧ୍ୟରେ ବାଲାଷ୍ଟ କ୍ଲିନିଂ ମେଶିନ (ବିସିଏମ) କାମ ପାଇଁ ଟ୍ରାଫିକ ଅବରୋଧ ହେତୁ ୨ଟି ଟ୍ରେନ ବାତିଲ କରାଯାଇଛି। ୧୧ ଓ ୧୩ ତାରିଖରେ ବ୍ରହ୍ମପୁରରୁ ଛାଡିବାକୁ ଥିବା ୧୮୫୨୫ ବ୍ରହ୍ମପୁର – ବିଶାଖାପାଟଣା ଏକ୍ସପ୍ରେସ ବାତିଲ ରହିବ। ସେହିପରି ବିଶାଖାପାଟଣାରୁ ଛାଡିବାକୁ ଥିବା ୧୮୫୨୬ ବିଶାଖାପାଟଣା – ବ୍ରହ୍ମପୁର ଏକ୍ସପ୍ରେସ୍ ୧୨ ତାରିଖରେ ବାତିଲ ରହିବ।

# ଅସନ୍ତୋଷ ବ୍ୟକ୍ତ କଲା ବରିଷ୍ଠ ନାଗରିକ ମଞ୍ଚ



ବୈଠକରେ ଯୋଗ ଦେଇଥିବା ସଦସ୍ୟ ଓ କର୍ମକର୍ତ୍ତାମାନେ।

## ଏନ୍‌ଏସି ପାଇଁ ସତ୍ୟବାଦୀ ବିକାଶ ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ

ସାକ୍ଷୀଗୋପାଳ,୧୦।୯ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ପୁରୀ ଏମ୍‌ପି ସମ୍ବିତ ପାତ୍ର ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସତ୍ୟବାଦୀର ସ୍ୱାର୍ଥ ଉପରେ ଗୁରୁତ୍ୱ ଦିଅନ୍ତୁ। ଦୀର୍ଘ ଦଶନ୍ଧି ଧରି ସତ୍ୟବାଦୀର ସ୍ୱାର୍ଥପ୍ରତି ସେ ଠିକ୍ ନିର୍ଣ୍ଣୟ ନେବାରେ ରାଜନୈତିକସ୍ତରରେ ଯେଭଳି ଅବହେଳା ପ୍ରଦର୍ଶନ କରାଯାଇଛି, ତାହାର ପୁନରାବୃତ୍ତି ନ ହେଉ କି ସେହି ସମାନ ଦୁର୍ଦ୍ଦଶା ଲୋକଙ୍କ ଅନୁଭବ ନ ହେଉ। ପଞ୍ଚସଖା ଲାଇବ୍ରେରୀ ମଧ୍ୟରେ ବୁଧବାର ଆୟୋଜିତ ସତ୍ୟବାଦୀ ବିକାଶ ପରିଷଦର ଏକ ସ୍ୱତନ୍ତ୍ର ବୈଠକରେ ଏଭଳି ମତ ପ୍ରକାଶ ପାଇଥିଲା। ଆଲୋଚନାରେ ସତ୍ୟବାଦୀ ବିକାଶ ପରିଷଦର ଅନ୍ୟତମ ସଙ୍ଗଠନ ସତ୍ୟବାଦୀ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ, ଉପସଭାପତି ବିରେନ୍ଦ୍ର ଭୂଷଣ ହୋତା, ସମ୍ପାଦକ ଆଇନଜୀବୀ ଅମର ନନ୍ଦ, ବରିଷ୍ଠ ଶିକ୍ଷାବିତ୍ ଜୟନ୍ତ କୁମାର ତ୍ରିପାଠୀ ଓ ବନମାଳୀ ବେହେରା, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ମହାପାତ୍ର, ବୁଦ୍ଧନାଥ ମଲିକ, ଧାଡ଼ିଆ ପ୍ରଧାନ, ସଦସ୍ୟା ମିନାକ୍ଷୀ ଶତପଥୀଙ୍କ ସମେତ ଶତାଧିକ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଯୋଗ ଦେଇଥିଲେ। ସତ୍ୟବାଦୀ ଏନ୍‌ଏସି ହେବ ବୋଲି ପୂର୍ବ ସରକାର ଘୋଷଣା କରିଥିଲେ। ବର୍ତ୍ତମାନ ସରକାର କେଉଁ ଉଦ୍ଦେଶ୍ୟରେ ସତ୍ୟବାଦୀକୁ ଏନ୍‌ଏସିରୁ ବାଦ୍ ଦେଲେ ଏହା ବଡ଼ ଆଶ୍ଚର୍ଯ୍ୟ ଓ ଚକିତ କରୁଛି ବୋଲି ସଭାପତି ବରାଳ ପ୍ରକାଶ କରିଛନ୍ତି। ସେହିଭଳି ଉପସଭାପତି ହୋତା ପୁରୀ ଏମପି ଓ ବିଧାୟକ ଉଭୟ ନେତା ଏହି ସମସ୍ୟା ପ୍ରତି ଯତ୍ନବାନ ହୋଇ ସରକାରୀ ଭାବେ ସେମାନଙ୍କ ପ୍ରତିକ୍ରିୟା ରଖନ୍ତୁ ବୋଲି କହିଥିଲେ। ତୁରନ୍ତ ସତ୍ୟବାଦୀକୁ ଏନ୍‌ଏସି ଘୋଷଣା କରା ନ ଗଲେ ମଞ୍ଚର ଶତାଧିକ ବରିଷ୍ଠ ନାଗରିକ ସାକ୍ଷୀଗୋପାଳ ମନ୍ଦିର ଠାରୁ ବସ୍ତ୍ରଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ନିରବ ପଦଯାତ୍ରା କରି ଆଗାମୀ ଦିନରେ ଏହି ଉଦାସୀନତାର ଜବାବ ମାଗିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମ୍ପାଦକ ଆଇନଜୀବୀ ଅମର ନନ୍ଦ ଧନ୍ୟବାଦ ଦେଇଥିଲେ।

# ପୁନର୍ଗଠିତ ହେବ ମିଶନଶକ୍ତିର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

ପିପିଲି,୧୦।୯ (ଦୁର୍ଗା ମାଧବ ମିଶ୍ର)

## ଉଠିଲା ରହିତାଦେଶ

ମିଶନ ଶକ୍ତିର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଠାରୁ ଆରମ୍ଭ କରି ଜିଲା ସଂଘ ପର୍ଯ୍ୟନ୍ତ ପୁନଃଗଠନ ପ୍ରକ୍ରିୟା ଉପରେ ହାଇକୋର୍ଟ ଜାରି କରିଥିବା ରହିତାଦେଶକୁ ଗତ ୩ ତାରିଖ ଦିନ ଉଠାଇ ଦେବାପରେ ଏହାର ପୁନଃଗଠନ ପାଇଁ ସରକାର ତୁରନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେବେ ଆଜି ବିଡିଓଙ୍କର ସଭାପତିତ୍ୱରେ ବ୍ଲକ କନ୍‌ଫରେନ୍ସ ହଲରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପିପିଲି ବ୍ଲକ ଏବଂ ପୌରାଞ୍ଚଳର ସମସ୍ତ ଅଙ୍ଗନୱାଡି ଦିଦି, ବିଏଲ୍‌ସି, ବିପିଏମ୍‌ମାନେ ଯୋଗ ଦେଇଥିଲେ। ପିପିଲି ସିଡିପିଓ ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ। ପିପିଲି ବ୍ଲକରେ ମୋଟ ୨୫୬୫ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଥିବାବେଳେ ଏପ୍ରିଲ ମାସରେ ହାଇକୋର୍ଟ ଷ୍ଟେ ଅର୍ଡର ଦେବାପୂର୍ବରୁ ୪ଶହ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୋଇଯାଇଛି। ସେଥିମଧ୍ୟରୁ ୨୪ଟି ଅନ୍‌ଲାଇନରେ ଏଣ୍ଟ୍ରି ହୋଇଛି। ହାଇକୋର୍ଟରେ ଷ୍ଟେ ଥିବା ୪୬ ଗୋଷ୍ଠୀ ମଧ୍ୟରୁ ପିପିଲିର ୪ଗୋଷ୍ଠୀ ଅନ୍ତର୍ଭୁକ୍ତ। ଅବଶିଷ୍ଟ ୨୧୬୧ଟି ସ୍ୱୟଂ ସହାୟକ ଗୋଷ୍ଠୀର ପୁନଃଗଠନ ଆସନ୍ତା ୧୬ତାରିଖ ମଧ୍ୟରେ ସରିବ। ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତର ସି.ଆର୍.ପିମାନଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ଦାଣ୍ଡମୁକୁନ୍ଦପୁର, ଚନ୍ଦ୍ରାଦେଇପୁର ଏବଂ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ସି.ଆର୍.ପି ନ ଥିବାରୁ ଏହି ୩ ପଞ୍ଚାୟତରେ ଅଙ୍ଗନୱାଡି ଦିଦିମାନେ ଗୋଷ୍ଠୀ ପୁନଃଗଠନ କରିବେ। ପ୍ରତ୍ୟେକ ପଞ୍ଚାୟତର ଏମ୍‌ବିକେମାନେ ଏହାର ତତ୍ତ୍ୱାବଧାନ କରିବେ। ଯଦି କେଉଁ ପଞ୍ଚାୟତରେ ସମସ୍ୟା ଦେଖାଦେବ, ତେବେ ସିଆର୍‌ପିମାନେ ବିଏଲ୍‌ସିଙ୍କୁ, ବିଏଲ୍‌ସିମାନେ ବିପିଏମ୍‌ଙ୍କୁ ଓ ବିପିଏମ୍ ବିଡିଓଙ୍କୁ ଅବଗତ କରାଇବା ପରେ ବିଡିଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ତେବେ ପୁନଃଗଠନ ହେଉଥିବା ଗୋଷ୍ଠୀର ସମୟସୀମା ୩ବର୍ଷ। ବିଡିଓଙ୍କ ବୈଠକ ପରେ ଆଜିଠାରୁ ସିଆର୍‌ପିମାନେ ନିଜ ନିଜ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପିପିଲି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହାକୁ ବିରୋଧ କରିଛନ୍ତି। ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ଷ୍ଟେ ଥିବାରୁ ପିପିଲି ବ୍ଲକସ୍ତରୀୟ ମହିଳା ସଂଘର ସଭାପତି ପ୍ରମୋଦିନୀ ଦଳାଇ, ସମ୍ପାଦିକା ନିରୁପମା ମହାପାତ୍ର ଏବଂ କୋଷାଧ୍ୟକ୍ଷ ଉମାମଣୀ ରଥ ପିପିଲି ବିଡିଓଙ୍କୁ ସ୍ୱୟଂ ସହାୟିକା ଗୋଷ୍ଠୀକୁ ପୁନଃଗଠନ ନ କରିବା ପାଇଁ ଦାବି କରିଛନ୍ତି।

# ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତାରେ ପୁରୀ ବକ୍ସିଂ ଏକାଡେମୀର ୭ ପ୍ରତିଯୋଗୀ

ପୁରୀ,୧୦।୯ (ଅଜିତ୍ କୁମାର ମହାନ୍ତି)

ଜିଲାସ୍ତରୀୟ ଉଷୁ ପ୍ରତିଯୋଗିତା ପିପିଲିସ୍ଥିତ ଜବାହର ବିଦ୍ୟାପୀଠ ଠାରେ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ପୁରୀ ବକ୍ସିଂ ଏକାଡେମୀର ୭ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନିତ ହୋଇଛନ୍ତି। ୧୭ ବର୍ଷରୁ କମ୍ ବାଳକ ବର୍ଗରେ ଆଶିଷ କୁମାର ବେହେରା, ଲୋକନାଥ ବେହେରା, ବି. ପ୍ରବୀଣ ରାଓ, ବୁଦ୍ଧିମାନ ଦାସ, ବସନ୍ତ କୁମାର ବେଜ, ମନୋଜ କୁମାର ସାହୁ ୧୭ବର୍ଷରୁ କମ୍ ବାଳିକା ବର୍ଗରେ ପ୍ରିୟଙ୍କା ସାହୁ ମନୋନୀତ ହୋଇଛନ୍ତି। ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ କେନ୍ଦୁଝରରେ ରାଜ୍ୟ ବିଦ୍ୟାଳୟସ୍ତରୀୟ ଉଷୁ ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତାରେ ଖେଳାଳିମାନଙ୍କ ସଫଳତା କାମନା କରି ପୁରୀ ବକ୍ସିଂ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁ, ସୂର୍ଯ୍ୟପ୍ରସାଦ ଦାସ, କ୍ରୀଡ଼ା ଶିକ୍ଷକ ନିରଞ୍ଜନ ମିଶ୍ର, ରଞ୍ଜନ ରେଡ୍ଡି, ପ୍ରଫୁଲ ମିଶ୍ର, ବିଶ୍ୱଭୂଷଣ ପଣ୍ଡା, ପ୍ରଦୀପ ଦାସ, ସଞ୍ଜୟ କୁମାର ଅଗ୍ରୱାଲ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ୧୭ରୁ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ ଆରମ୍ଭ

ପୁରୀ,୧୦।୯ (ଅଜିତ୍ କୁମାର ମହାନ୍ତି)

ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ନିମନ୍ତେ ଜିଲାସ୍ତରୀୟ ସମନ୍ୱୟ ବୈଠକ ଆଭାସୀ ମାଧ୍ୟମରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଜିଲା ସମାଜ ମଙ୍ଗଳ ତଥା ମିଶନ ଶକ୍ତି, ସୂଚନା ଓ ଗଣଯୋଗାଯୋଗ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅଭିଯାନ ଜିଲା ମୁଖ୍ୟ ଚିକିତ୍ସାଳୟ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଉପକେନ୍ଦ୍ର)ରେ ଆସନ୍ତା ୧୭ରୁ ଆରମ୍ଭ ହୋଇ ୨ ଅକ୍ଟୋବର ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଅଭିଯାନରେ ନାରୀମାନଙ୍କ ପାଇଁ ଅନେକ କାର୍ଯ୍ୟକ୍ରମ କରାଯିବ, ଯେମିତିକି ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟ ସେବା ସହିତ ସବୁ ବୟସର ଝିଅମାନଙ୍କର (ବିଶେଷକରି କିଶୋରୀ ମାନଙ୍କ) ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମାଧ୍ୟମରେ କରାଯିବ। ଏଥିସହିତ ରକ୍ତ ପରୀକ୍ଷା, ରକ୍ତଦାନ ଶିବିର, ଅଣସଂକ୍ରାମକ ରୋଗ ପରୀକ୍ଷା, ରକ୍ତହୀନତାର ପରୀକ୍ଷା, ରକ୍ତ ଶର୍କରା ପରୀକ୍ଷା, ରକ୍ତ ଶିକୁଳି ପରୀକ୍ଷା, ଗର୍ଭବତୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଇତ୍ୟାଦି ଏହି ଶିବିରରେ ଆୟୋଜନ କରାଯିବ। କେବଳ ଜିଲାସ୍ତରରେ ନୁହେଁ, ଏହି ଶିବିର ସମସ୍ତ ୧୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪୪ଟି ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୫ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୨୪୧ଟି ଉପସ୍ୱାସ୍ଥ୍ୟ ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ୫ଟି ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୭ଟି ଉପସ୍ୱାସ୍ଥ୍ୟ ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ କରାଯିବ। ଆଭାସୀ ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅକ୍ଷୟ କୁମାର ଶତପଥି କାର୍ଯ୍ୟକ୍ରମକୁ ସଫଳତାର ସହ କରିବା ପାଇଁ ଆହ୍ୱାନ ଦେଇଥିଲେ।

# ପାଣି ଟାଙ୍କି ଉପରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

## ଉଦ୍ଧାର ଲାଗି ପହଞ୍ଚିଲା ଅଗ୍ନିଶମ ବିଭାଗ

ଗୋପ,୧୦।୯ (ଭାରତୀ ଭୂଷଣ ଉପାଧ୍ୟାୟ)

ଜଣେ ବିବାହିତ ଯୁବକ ବୁଧବାର ବିଳମ୍ବିତ ରାତିରେ ଗୋପ ବ୍ଲକ ଅନ୍ତର୍ଗତ ବଡ଼ତରା ପଞ୍ଚାୟତ ଶଙ୍ଖୁଆ ଗ୍ରାମ ନିକଟରେ ଥିବା ବସୁଧା ପାଣି ଟାଙ୍କି ଉପରେ ଚଢ଼ି ଆତ୍ମହତ୍ୟା କରିବାକୁ ଧମକ ଦେଉଥିବା ଜଣାପଡିଛି। ଖବରପାଇ ଗୋପ ଅଗ୍ନିଶମ ବିଭାଗର ଅଧିକାରୀ ମନୋଜ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ଆତ୍ମହତ୍ୟା ଉଦ୍ୟମ କରୁଥିବା ଯୁବକ ଜଣଙ୍କ ଶଙ୍ଖୁଆ ଗ୍ରାମର ମଣ୍ଟୁ କାଣ୍ଡି(୩୨) ବୋଲି ଜଣାପଡ଼ିଛି। ପ୍ରକାଶ ଯେ, କୌଣସି ସମସ୍ୟାକୁ ନେଇ ସନ୍ଧ୍ୟାରେ ମଣ୍ଟୁ ପରିବାର ମଧ୍ୟରେ ପାଟିତୁଣ୍ଡ କରିଥିଲା। ପରେ ଅତ୍ୟଧିକ ନିଶାସକ୍ତ ଅବସ୍ଥାରେ ଗାଁ ନିକଟରେ ଥିବା ଏହି ପାଣି ଟାଙ୍କି ଉପରେ ଆତ୍ମହତ୍ୟା କରିବା ପାଇଁ ଚଢ଼ି ଯାଇଥିଲା। ସଙ୍ଗେ ସଙ୍ଗେ ପରିବାର ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳର ଲୋକମାନେ ସମ୍ପୃକ୍ତ ଯୁବକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଯୁବକ ଜଣଙ୍କ ତଳକୁ ଆସି ନ ଥିଲେ। ପରିବାର ଲୋକେ ବଡ଼ତରା ସରପଞ୍ଚଙ୍କ ସହଯୋଗୀ ବିବେକାନନ୍ଦ ମିଶ୍ରଙ୍କୁ ଅବଗତ କରିଥିଲେ। ପରେ ମିଶ୍ର ଦମକଳ କେନ୍ଦ୍ରକୁ ଫୋନ୍ କରିବା ପରେ ସଙ୍ଗେ ସଙ୍ଗେ ଅଗ୍ନି କର୍ମଚାରୀମାନେ ପହଞ୍ଚି ପ୍ରାୟ ୭୦/୮୦ ଉଚ୍ଚ ବିଶିଷ୍ଟ ବସୁଧା ପାଣି ଟାଙ୍କି ଉପରେ ଚଢ଼ିଥିବା ଯୁବକଙ୍କୁ ବୁଝାଶୁଝା କରୁଥିଲେ ମଧ୍ୟ ଯୁବକ ଜଣଙ୍କ ଟାଙ୍କି ଉପରେ ଥିବା ଜଣାପଡ଼ିଛି। ଏପରି ଏକ ଖବରକୁ ନେଇ ଅଗ୍ନିଶମ ବିଭାଗ ଅଧିକାରୀ ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଆମେ ଯୁବକଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରୁଛୁ। ଖବର ଲେଖାହେବା ବେଳକୁ ଯୁବକ ଜଣଙ୍କ ପାଣି ଟାଙ୍କିର ଉପରେ ବସିଥିଲେ। ଘଟଣାସ୍ଥଳରେ ଗ୍ରାମବାସୀ ଉପସ୍ଥିତ ରହି ଯୁବକଙ୍କୁ ବଞ୍ଚାଇବା ଲାଗି ଉଦ୍ୟମ କରୁଥିଲେ।


**JHARKHAND URJA SANCHARAN NIGAM LIMITED**
(CIN No.:U40108JH2013SGC001704)
Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002
(E-mail: cetjusnl@gmail.com)

**e-TENDER NOTICE**

NIT No. – 390/PR/ JUSNL/ 2025-26

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | Design, Engineering, Supply of Materials/ Equipments, Erection, Testing and Commissioning of 132/33 KV, 2 x 80 MVA Grid sub -station including construction of Control Room Building & approach road as well as other civil works at Sindri (Hurl) on turnkey basis |
| Estimated cost (Rs.) | Rs. 72,77,80,287.00 (including GST) |
| Earnest Money Deposit | Rs. 1,45,55,610.00 On line mode |
| Completion Period | 18 Months |
| e-Tender fee | Rs. 20,000.00 + 18% GST On line mode. |
| Start Date & Time of Download the Tender Documents | 15.09.2025 at 11:00 AM |
| Start Date and time of upload of BID | 15.09.2025 at 11:00 AM |
| End date and time of upload of BID | 08.10.2025 upto 04:00 PM |
| BID Opening date for technical part | 09.10.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned (6202162568) during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570 (कॉल सेन्टर) पर दर्ज करायें।

Sd/-
General Manager
C&M (NWBP)

PR 361530 Jharkhand Urja Sancharan Nigam Ltd (25-26)_D


# ରାସ୍ତା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ପଞ୍ଚାୟତବାସୀ

ଯୋଗେଶ୍ୱରପୁର,୧୦।୯ (ରଶ୍ମିରଞ୍ଜନ ସାହୁ)

ଦୀର୍ଘ ବର୍ଷେ ହେବ ନୟାହାଟରୁ ଶିଖରଘାଟ ରାସ୍ତା ମରାମତି କିମ୍ବା ନୂତନ ଭାବେ ନିର୍ମାଣ ନ ହେବା ଫଳରେ ନୟାହାଟ ବଜାରଠାରୁ ପ୍ରାଚୀନଦୀ ପର୍ଯ୍ୟନ୍ତ ଦୀର୍ଘ ୨ କି.ମି. ରାସ୍ତା ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଯାତାୟାତରେ ବାଧାପ୍ରାପ୍ତ ହେଉଛି। ଏହି ରାସ୍ତା ଉପରେ ପୁରୀ, କଟକ, ଜଗତ୍‌ସିଂହପୁରର ଜନସାଧାରଣ ପ୍ରତିଦିନ ଯାତାୟାତ କରିଥାନ୍ତି। ପାରାଦୀପ ଓ ଜଗତ୍‌ସିଂହପୁରରୁ ଆସୁଥିବା ଯାତ୍ରୀବାହୀ ବସ୍ କାକଟପୁର ମା'ମଙ୍ଗଳା ପୁରୀ ଜଗନ୍ନାଥ ଦର୍ଶନ ଲାଗି ଆସୁଥିବା ଭକ୍ତମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପିଚୁ ରାସ୍ତାଟି ଏବେ ମାଟି ରାସ୍ତାରେ ପରିଣତ ହୋଇଥିବା ବେଳେ ସ୍କୁଲ, କଲେଜ ପିଲା ଏବଂ ଗର୍ଭବତୀଙ୍କ ପାଇଁ ଆସୁଥିବା ୧୦୮ ଆମ୍ବୁଲାନ୍ସ ଉକ୍ତ ରାସ୍ତାରେ ଯିବା ପାଇଁ ନିରାପଦ ମଣୁନାହାନ୍ତି। ରାସ୍ତାଟି କୋଣାର୍କ ଗ୍ରାମ୍ୟ ଉନ୍ନୟନ ଅଧୀନରେ ଥିବାବେଳେ ବିଭିନ୍ନ ଗଣମାଧ୍ୟମରେ ଫଟୋ ସହ ଖବର ପ୍ରକାଶ ପାଇଲାପରେ ବି ମରାମତି ନ ହେବାରୁ ଧୂମାଳ ଗ୍ରାମବାସୀ ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଜିଲାପାଳ, ଏସପି ଓ କାକଟପୁର ବିଧାୟକଙ୍କୁ ରେଜେଷ୍ଟ୍ରି ଡାକ ଯୋଗେ ଅଭିଯୋଗ ଜଣାଇଛନ୍ତି। ଯଦି ୨୦ ଦିନ ମଧ୍ୟରେ ରାସ୍ତା କାର୍ଯ୍ୟ କରା ନ ଯାଏ ତେବେ ରାସ୍ତାରୋକୋ କରାଯିବ ବୋଲି ସାମାଜିକ କର୍ମୀ ଅଭିମନ୍ୟୁ ସିଂହ ଜଣାଇଛନ୍ତି।

# ୪୧ଟି ପ୍ରକଳ୍ପ ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

ପିପିଲି, ୧୦।୯ (ଦୁର୍ଗାମାଧବ ମିଶ୍ର)

## ଗୋବିନ୍ଦପୁର ନୋଡାଲ ସ୍କୁଲର ବିଜ୍ଞାନମେଳା

ଗୋବିନ୍ଦପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନମେଳା ସହକାରୀ ଶିକ୍ଷକ ସନ୍ତୋଷ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ୪୧ଟି ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି। ବର୍ଷା ଜଳ ସଂରକ୍ଷଣ, ମାଣ୍ଡିଆର ଉପଯୋଗିତା, ଜୈବିକ କୃଷି, ସ୍ୱଚ୍ଛ ଭାରତ, ଜଳ ଓ ବାୟୁ ବିଶୁଦ୍ଧିକରଣ, ସୌର ଶକ୍ତିର ବ୍ୟବହାର, ପରିପାକ କ୍ରିୟା, ପୃଥିବୀର ଆବର୍ତ୍ତନ ଗତି ଆଦି ପ୍ରକଳ୍ପଗୁଡିକରା ପ୍ରଦର୍ଶନ ଉକ୍ତ ବିଜ୍ଞାନ ମେଳାରେ ଦେଖିବାକୁ ମିଳିଥିଲା। ବିଜ୍ଞାନ ଶିକ୍ଷକ ରଶ୍ମିରଞ୍ଜନ ନାୟକ, ନାରାୟଣ ମହାରଣା ଓ ମହେନ୍ଦ୍ର ଡାଙ୍ଗୁଆ ମେଳାରେ ବିଚାରପତି ଭାବେ ଯୋଗଦେଇ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଚିନ୍ତାମଣି ଓଝା, ସଞ୍ଜୀବ ରଥ, ଉମେଶ ଚନ୍ଦ୍ର ନାୟକ, ସସ୍ମିତା ମିଶ୍ର, ବାସନ୍ତୀ ତ୍ରିପାଠୀ, ମିନତୀ ଦିସ, ବେବିରାଣୀ ବେହେରା,ସୁନାମଣି ଦେଇ, ସଂଗୀତ ଶିକ୍ଷୟିତ୍ରୀ ମୋନାଲିସା ରାଉତ ପରିଚାଳନା କରିଥିଲେ।


**BERHAMPUR UNIVERSITY**
BHANJA BIHAR, BERHAMPUR-7, GANJAM, ODISHA-760007
Lt.No.350/RCoE/BU/2025 Date : 10.09.2025

**ADVERTISEMENT FOR RESEARCH POSITION**

Application in plane paper along with biodata and attested copies of the certificate are invited for the appointment of the Post of Research Assistant (02 No.) for the center of excellence in nano science and technology for the development of sensors (CoENSTds) on a temporary basis for a duration of 01 year or till the complication of the project on or before date: 24.09.2025 by speed post. The applications are to be submitted to "The Coordinator" CoENSTds, Department of Physics, Berhampur university, Bhanja Bihar, 760007, Berhampur, Odisha. Short listed candidates will be called for interview by E- mail only. No TA/DA will be provided for attending the interview.
The details of the required qualifications and experiences are available on the university website- www.buodisha.edu.in. Any modification in the advertisement will be reflected only in the University website.

Sd./- Coordinator of CoENSTds
Berhampur University



**GOVERNMENT OF ODISHA** No. O-727
**OFFICE OF THE SUPERINTENDING ENGINEER**
RURAL WORKS DIVISION-II, DHENKANAL, KAMAKHYANAGAR
E-Mail: rw.kamakhyanagar@yahoo.co.in
**e-Procurement Notice No. 08/ Building Work / 2025-26**

1. Name of the Work : Building Work
2. Total No. of Works : 02 (Two) Nos.
3. Tender Cost : Rs.30.34 & 12.61 Lakhs
4. Class of Contractor : D, C & B equivalent
5. Period of Completion : 2 Calendar Months
6. Availability of Tender Online for Bidding : 12.09.2025 at 11.00 A.M. to 19.09.2025 upto 5.00 P.M.
7. Last date & time of seeking tender clarification : 18.09.2025 upto 4.00 P.M.
8. Date & time of opening of tender : 20.09.2025 at 11.00 A.M.

Other details can be seen from the website: http://tendersorissa.gov.in.

Sd./- Superintending Engineer
Rural Works Division-II, Dkl
Kamakhyanagar

OIPR-25094/11/0032/2526



**GOVERNMENT OF ODISHA**
**e-Procurement Notice, Angul (R&B) Division**
**Bid Identification No. 32 of 2025-26**
No. B-502 e-mail ID: angulrbdivision@yahoo.co.in

1. Number of Works : 03 (Three) Number of road works
01 (One) Number of building work
02 (Two) Number of electrical works
2. Approximate Estimated Cost : Varies from 12.00 lakh to 49.00 lakh
3. Period of Completion : Varies from 02 (Two) to 06 (Six) Calendar Months
4. Date & Time of availability of bid document in the portal : Dt.12.09.2025 at 10.00 A.M.
5. Last date/time for receipt of bid in the portal : Dt.22.09.2025 upto 5.00 P.M.
6. Date of Opening Bid : Dt.23.09.2025 at 11.00 A.M.
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in ONLINE bidding only.

Further details can be seen from the e-procurement portal https://tendersodisha.gov.in.

Sd./- Superintending Engineer
Angul (R&B) Division

OIPR-34074/11/0032/2526



**ପୂର୍ବ ତଟ ରେଳପଥ**
ବିଜ୍ଞପ୍ତି ସଂ. eT-Central-WAT-34-2025 ତା.01.09.2025ରିଖ

**କାର୍ଯ୍ୟର ନାମ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ / ୱାଲ୍ଟିୟର ପରିସୀମା ଅଧିନସ୍ଥ KK-I ଲାଇନ୍‌ରେ (1) ବର୍ତ୍ତମାନର 1675 ସ୍ଲିପରଗୁଡ଼ିକ ନିମନ୍ତେ ଗାଲ୍ଭାନାଇଜ୍ଡ H-ବିମ୍ ସ୍ଲିପର ଯେଉଁଥିରେ ଚେକ୍ ରେଲ୍ ଓ ଗାର୍ଡ ରେଲ୍ ସହିତ 8 ଡିଗ୍ରୀ କର୍ଭରେ ବ୍ରିଜ୍‌ଗୁଡ଼ିକ ସହ H-ବିମ୍ ସ୍ଲିପରଗୁଡ଼ିକର ଡିଜାଇନ, ଡ୍ରଇଂ, ପ୍ରୁଫ୍ ଚେକିଂ, ଫ୍ୟାବ୍ରିକେସନ ଏବଂ ଫିକ୍ସିଂ ଅନ୍ତର୍ଭୁକ୍ତ। (2) ଚେକ୍ ରେଲ୍ ଓ ଗାର୍ଡ ରେଲ୍ ସହିତ 8 ଡିଗ୍ରୀ କର୍ଭରେ ବ୍ରିଜ୍ ନଂ.: 401, 481, 487 ଓ 543ରେ ଚ୍ୟାନେଲ ସ୍ଲିପରଗୁଡ଼ିକ ନିମନ୍ତେ TRF-1200 ସଂଖ୍ୟକ ଦ୍ୱାରା କୋଟଭଲସା-ମାଲିଗୁଡ଼ା ମଧ୍ୟରେ ବ୍ରିଜ୍‌ଗୁଡ଼ିକରେ ଥ୍ରୁ ବ୍ରିଜ୍ ସ୍ଲିପର ନବୀକରଣ (TBSR) ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 5,95,29,557.56, EMD : ₹ 4,47,700/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.09.2025ରିଖ, 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ୱାଲ୍ଟିୟର

PR-575/Q/25-26



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଜି)/ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବ ନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ., ଇ-ଟେଣ୍ଡର ନଂ. ଏବଂ ତାରିଖ ଓ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: **୧. ୪୨-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫** । ଏଇଏନ୍/I/ଟାଟାଙ୍କ ଅଧୀନରେ ସାଲ୍‌ଜୋରି–ଟାଟାନଗର ମଧ୍ୟରେ ଆରୟୁବିର ନିର୍ମାଣ ଦ୍ୱାରା ୦୧ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲ୍‌ସି ନଂ. ୧୪୦)ର ଅପସାରଣ ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୧୧,୦୮,୫୬୮.୯୯ । ଇଏମ୍‌ଡି: ₹୨୨,୨୦୦/-। **୨. ୪୪-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫** । ଗୁଆଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନୟନ/ଆଧୁନିକୀକରଣ । ଟେଣ୍ଡର ମୂଲ୍ୟ: ₹୪୯,୨୩,୭୦୬.୩୭ । ଇଏମ୍‌ଡି: ₹୯୮,୫୦୦/-। **୩. ୪୭-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫** । ଚକ୍ରଧରପୁର ଡିଭିଜନରେ ପୁରୁଣା ଏୟାର କଣ୍ଡିସନରଗୁଡ଼ିକୁ ୫ ଷ୍ଟାର୍ ମାନ୍ୟତାପ୍ରାପ୍ତ ଶକ୍ତିଦକ୍ଷ ଏୟାର କଣ୍ଡିସନର ଦ୍ୱାରା ପ୍ରତିବଦଳ କରିବା ଏବଂ ନୂଆ ଏସି ଯୋଗାଇବା ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ (୨ୟ ଆହ୍ୱାନ) । ଟେଣ୍ଡର ମୂଲ୍ୟ: ₹୩୦,୧୨,୮୭୯.୨୨ । ଇଏମ୍‌ଡି: ₹୬୦,୩୦୦/- । **୪. ୪୮-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫** । ଏଡିଇଏନ୍/ଡାଙ୍ଗୋଆପୋଷିଙ୍କ କ୍ଷେତ୍ରାଧିକାର ଅଧୀନରେ ଆରୟୁବିର ନିର୍ମାଣ ଦ୍ୱାରା ୦୨ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲ୍‌ସି ନଂ. ଆର୍‌ବିକେ-୬୩ ଓ ଆର୍‌ବିକେ-୫୧)ର ଅପସାରଣ ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୨୫,୮୧,୬୭୪.୮୬ । ଇଏମ୍‌ଡି: ₹୫୧,୬୦୦/-। **୫. ୫୦-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫** । ଚକ୍ରଧରପୁର ମଣ୍ଡଳରେ କୌଣସି ସ୍ଥାନୀୟ ଯୋଗାଣ ଉପଲବ୍ଧତା ବିନା ୫୮ ଗୋଟି ଏଲ୍‌ସି ଗେଟ୍‌ଗୁଡ଼ିକରେ ଭରସାଯୋଗ୍ୟ ଶକ୍ତି ଯୋଗାଣ, ଆଲୋକୀକରଣ ଓ ୱାୟାରିଂ । ଟେଣ୍ଡର ମୂଲ୍ୟ: ₹୨,୭୧,୬୫,୧୧୯.୧୪ । ଇଏମ୍‌ଡି: ₹୨,୮୫,୮୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ପ୍ରତ୍ୟେକ ପାଇଁ ଶୂନ୍ୟ । ବନ୍ଦ ହେବା/ଖୋଲାଯିବା ତାରିଖ: କ୍ର.ସଂ. ୧, ୨ ଓ ୩ ପାଇଁ ତା୦୭।୧୦।୨୦୨୫ରିଖ ୧୫.୦୦ ଘଟିକା ଏବଂ ୪ ଓ ୫ ପାଇଁ ତା୧୩।୧୦।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । (PR-612)



**ୟୁକୋ ବ୍ୟାଙ୍କ** ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ **ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖା**ରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୫.୦୯.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୨୬.୦୯.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମରେ) |
|---|---|---|---|
| | **ଶୁକଳ ଶାଖା, ସା: ଆଲିଶ, ପୋ: ଶୁକଳ, ଭାୟା: ସାକ୍ଷୀଗୋପାଳ, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: ଅଙ୍କିତା ଜେନା, ମୋ.: ୮୨୭୦୩୩୩୧୧୬** | | |
| ୧. | ମମତା ପରିଡା, ସା: ଆଲିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୩୮୭୮୯ | ଟ.୨୮,୦୦୦/- + ସୁଧ ଏବଂ ଦେୟ | ୧୫.୭୩ |
| ୨. | ନନ୍ଦ କିଶୋର ବେହେରା, ସା: ଆଲିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୩୯୫୫୭ | ଟ.୧,୧୫,୦୦୦/- + ସୁଧ ଏବଂ ଦେୟ | ୨୯.୩୦ |
| ୩. | ବନ୍ଧୁ ପତି, ସା: ଆଲିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୪୨୦୭୬ | ଟ.୫୧,୦୦୦/- + ସୁଧ ଏବଂ ଦେୟ | ୧୮.୧୦ |
| | **ସାତପାଟଣା ଶାଖା, ସା/ପୋ: ସାତପାଟଣା, ଦଶପଲ୍ଲା, ଜିଲ୍ଲା: ନୟାଗଡ, ଶାଖା ପ୍ରବନ୍ଧକଙ୍କ ନାମ: ପବିତ୍ର ମାଝୀ, ମୋ.: ୭୭୩୫୧୪୮୭୪୦** | | |
| ୧. | ସୁଷମା ରଣା, ସା: ଖମାର ସାହି, ଦଶପଲ୍ଲା, ଜିଲ୍ଲା: ନୟାଗଡ / ୦୪୦୦୦୬୧୦୦୩୩୫୪୮ | ଟ.୪୧,୦୦୦/- + ସୁଧ ଏବଂ ଦେୟ | ୧୯.୩୦ |
| ୨. | କିଶୋର ରଣା, ସା: ପୁରୁଣା ଦଶପଲ୍ଲା, ପୋ: ସୁବଲୟା, ଜିଲ୍ଲା: ନୟାଗଡ / ୦୪୦୦୦୬୧୦୦୩୩୭୯୧ | ଟ.୨୦,୦୦୦/- + ସୁଧ ଏବଂ ଦେୟ | ୧୧.୦୦ |
| | **ମୈତ୍ରୀ ବିହାର ଶାଖା, ମୈତ୍ରୀ ବିହାର, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଉମେଶ ଚନ୍ଦ୍ର ନାୟକ, ମୋ.: ୬୩୭୧୦୦୬୯୫୮** | | |
| ୧. | ଲକ୍ଷ୍ମୀଧର ସାହୁ, ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୬୯୫୪ | ଟ.୮୯,୦୦୦/- + ସୁଧ ଏବଂ ଦେୟ | ୨୧.୦୦ |
| ୨. | ଲକ୍ଷ୍ମୀଧର ସାହୁ, ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୬୮୩୧ | ଟ.୩୨,୦୦୦/- + ସୁଧ ଏବଂ ଦେୟ | ୯.୨୭ |
| ୩. | ଲକ୍ଷ୍ମୀଧର ସାହୁ, ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୮୦୧୯ | ଟ.୧,୪୦,୦୦୦/- + ସୁଧ ଏବଂ ଦେୟ | ୨୮.୮୦ |
| ୪. | ଲକ୍ଷ୍ମୀଧର ସାହୁ, ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୮୪୩୯ | ଟ.୪୫,୦୦୦/- + ସୁଧ ଏବଂ ଦେୟ | ୨୩.୬୦ |
| | **ମିରଗାନ୍‌ଗୁଡା ଶାଖା, ନବରଙ୍ଗପୁର କଲେଜ ବିପରୀତ, ମିରଗାନ୍‌ଗୁଡା, ଶାଖା ପ୍ରବନ୍ଧକଙ୍କ ନାମ: ସଂଗ୍ରାମ କେଶରୀ ପାତ୍ର, ମୋ.: ୭୯୦୪୯୮୪୧୦୭** | | |
| ୧. | ଭାସ୍କର ମାଳି, ସା: ଏକମ୍ବା, ପୋ: ନନ୍ଦାହାଣ୍ଡି, ନବରଙ୍ଗପୁର / ୨୮୪୯୦୬୧୦୦୧୪୭୫୨ | ଟ.୪୨,୦୦୦/- + ସୁଧ ଏବଂ ଦେୟ | ୧୧.୭୦ |
